# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଅଗଷ୍ଟ ୨୦/୨୦୨୩ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, August 20/2023 Page 16 ₹ 7.00 | SAMBALPUR

୪୯ଶ ଭାଗ ୨୬୫ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 49 ISSUE 265 ମୂଲ୍ୟ ₹୭/-






KP GROUP
Quality Since 1965
KAMLA PASAND
SILVER COATED ELAICHI
KAMLA PASAND
Anokha Swad
KP GROUP
Quality Since 1965
Anokha Swad
THIS CONTAINS SODIUM SACCHARIN (INS 954) or SUCRALOSE (INS 955) and NEOTAME (INS 961)
NOT RECOMMENDED FOR CHILDREN, NO SUGAR ADDED IN THE PRODUCT.
CONTAINS ARTIFICIAL SWEETENER AND FOR CALORIE CONSCIOUS.
Watch at:
YouTube

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଅଗଷ୍ଟ ୨୦/୨୦୨୩ | Bhubaneswar, Sunday, August 20/2023 | ପୃଷ୍ଠା-୧




**କୋଚିଂ ଦେବେ ସର୍ଦ୍ଦାର ସିଂ**

ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ସବ୍ ଜୁନିୟର ପୁରୁଷ ହକି ଦଳର କ୍ୟାମ୍ପରେ କୋଚିଂ ଦେବେ ପୂର୍ବତନ ଖେଳାଳି ସର୍ଦ୍ଦାର ସିଂ।

୧୪

୧୦

**ଇମ୍ରାନ୍‌ଙ୍କୁ ଜେଲରେ ବିଷ ଦିଆଯାଇପାରେ: ବୁଶ୍ରା**

ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କୁ ଜେଲରେ ବିଷ ଦିଆଯାଇପାରେ ବୋଲି ତାଙ୍କ ସ୍ତ୍ରୀ ବୁଶ୍ରା ବିବି ଆଶଙ୍କା କରିଛନ୍ତି।






ଭାରତରେ ହେବାକୁ ଥିବା ଦିନିକିଆ କ୍ରିକେଟ୍ ବିଶ୍ୱକପ୍ ୨୦୨୩ ନିମନ୍ତେ ଶନିବାର ଗୁରୁଗ୍ରାମରେ ମାସ୍କଟ ଲଞ୍ଚ ଅବସରରେ କ୍ରିକେଟର ଶେଫାଳି ବର୍ମା(ବାମ) ଓ ୟଶ ଧୂଲ୍।

# ଉଡାନ୍ ଯୋଜନା ବିଫଳ

- **୯୩% ରୁଟ୍‌ରେ କାମ କରୁନାହିଁ: ସିଏଜି ରିପୋର୍ଟ**
- **ମୋଦି ସରକାରଙ୍କ ମିଛ ଧରାପଡ଼ିଲା: ଖାର୍ଗେ**

**ନୂଆଦିଲ୍ଲୀ, ୧୯।୮**

ଦେଶର ବିଭିନ୍ନ ଅଞ୍ଚଳକୁ ବିମାନ ସେବା ଯୋଗାଇଦେବା ଲାଗି ଉଡାନ୍ (ଉଡେ ଦେଶ କା ଆମ୍ ନାଗରିକ) ଯୋଜନା କାର୍ଯ୍ୟକାରୀ କରାଯାଇଥିଲା। କେନ୍ଦ୍ରର ଏହି ମହତ୍ତ୍ୱାକାଂକ୍ଷୀ ଯୋଜନା ୯୩ ପ୍ରତିଶତ ରୁଟ୍‌ରେ କାମ କରୁ ନ ଥିବା ସିଏଜି ରିପୋର୍ଟରୁ ଜଣାପଡ଼ିଛି। ୨୦୧୬ ଅକ୍ଟୋବର ୨୧ରେ ଉଡାନ୍ ଯୋଜନା ଆରମ୍ଭ ହୋଇଥିଲା। ଟାୟାର-୨ ଏବଂ ଟାୟାର-୩ ମହାନଗର ଓ ସହରଗୁଡ଼ିକୁ ଆକାଶପଥରେ ସଂଯୋଗ କରିବା ସହ ସାଧାରଣ ନାଗରିକଙ୍କୁ ସ୍ୱଳ୍ପ ମୂଲ୍ୟରେ ଏହି ସେବା ଉପଲବ୍ଧ କରାଇବା ଉକ୍ତ ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ସ୍ଲିପର ପିନ୍ଧୁଥିବା ଲୋକେ ବିମାନରେ ଉଡ଼ିବେ ବୋଲି ମୋଦି ସରକାର ସେତେବେଳେ ପ୍ରତିଶ୍ରୁତି ଦେଇଥିଲେ, ଯାହା ଅନ୍ୟ ପ୍ରତିଶ୍ରୁତି ଭଳି ପୂରଣ ହୋଇପାରିନାହିଁ। ଏପରିକି ଏୟାରଲାଇନ୍ସଗୁଡ଼ିକର ନିରପେକ୍ଷ ଅଡିଟ୍ କରାଯାଇ ନାହିଁ। ବହୁ ପ୍ରଚାରିତ ହେଲିକପ୍ଟର ସେବା ବନ୍ଦ ରହିଛି।

ସିଏଜି (କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ)ଙ୍କ ରିପୋର୍ଟରୁ ଉଡାନ ଯୋଜନାର ବିଫଳତା ଜଣାପଡ଼ିବା ପରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କୁ ଟାର୍ଗେଟ କରିଛନ୍ତି। ସରକାରଙ୍କ ଆଉ ଏକ ମିଥ୍ୟା ପ୍ରତିଶ୍ରୁତି ଓ ଜୁମ୍‌ଲା ପଦାରେ ପଡ଼ିଥିବା ସେ କହିଛନ୍ତି। ଦେଶବାସୀ ଉଡାନ୍ ପରିବର୍ତ୍ତେ ମିଥ୍ୟା ଓ ଜୁମଲା ପାଇଛନ୍ତି। ପ୍ରତିଶ୍ରୁତି ପୂରଣ କରିପାରୁ ନ ଥିବା ବର୍ତ୍ତମାନର ଅକ୍ଷମ ସରକାରଙ୍କୁ ଦେଶବାସୀ କଦାପି କ୍ଷମା ଦେବେ ନାହିଁ ବୋଲି କଂଗ୍ରେସ ଅଧ୍ୟକ୍ଷ କହିଛନ୍ତି।

ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ସମୟରେ ସିଏଜି ରିପୋର୍ଟ ଗୃହରେ ଉପସ୍ଥାପନ କରାଯାଇଥିଲା। ଏଥିରୁ କେବଳ ଉଡାନ୍ ବିଫଳତା ସାମ୍‌ନାକୁ ଆସିନାହିଁ, ଭାଜପା ନେତୃତ୍ୱାଧୀନ ସରକାରରେ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକରେ ବ୍ୟାପକ ଦୁର୍ନୀତି ହୋଇଥିବା ରିପୋର୍ଟ ଦର୍ଶାଇଛି। ଭାରତମାଳା ପରିଯୋଜନା ଫେଜ୍-୧ ଅଧୀନରେ ଜାତୀୟ ରାଜପଥ ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଛି। ଟେଣ୍ଡର ପ୍ରକ୍ରିୟାରେ ନିୟମର ଉଲ୍ଲଂଘନ କରାଯାଇ ଟେଣ୍ଡର କିମ୍ବା ବିଡ୍ ସର୍ତ୍ତାବଳୀ ପୂରଣ କରୁ ନ ଥିବା ବିଫଳ ବିଡରମାନଙ୍କୁ ଜାଲ୍ ଦସ୍ତାବିଜ୍ ଆଧାରରେ ପ୍ରୋଜେକ୍ଟ କାର୍ଯ୍ୟ ପାଇଁ ଚୟନ କରାଯାଇ କାମ ଦିଆଯାଇଥିଲା ବୋଲି ରିପୋର୍ଟରୁ ଜଣାପଡ଼ିଛି। ଦ୍ୱାରକା ଏକ୍ସପ୍ରେସ୍‌ୱେ ପ୍ରୋଜେକ୍ଟରେ ଅଟକଳଠାରୁ ବହୁ ଅଧିକ ଅର୍ଥ ବ୍ୟୟ ହୋଇଛି। ଏକ୍ସପ୍ରେସ୍ ୱେ ନିର୍ମାଣ ଲାଗି କିଲୋମିଟର ପିଛା ୧୮.୨୦ କୋଟି ଟଙ୍କା ବ୍ୟୟକୁ ଆର୍ଥିକ ବ୍ୟାପାର କ୍ୟାବିନେଟ କମିଟି ଅନୁମୋଦନ କରିଥିବାବେଳେ ହରିୟାଣାରେ ଏକ କ୍ୟାରେଜୱେ ନିର୍ମାଣ ଲାଗି ଏନ୍ଏଚ୍ଏଆଇର ନିଷ୍ପତ୍ତି ଯୋଗୁ କିଲୋମିଟର ପିଛା ଖର୍ଚ୍ଚ ୧୫୦.୭୭ କୋଟି ଟଙ୍କାକୁ ବଢ଼ିଯାଇଥିଲା। ସେହିପରି ଦିଲ୍ଲୀ ବଡୋଦରା ଏକ୍ସପ୍ରେସ୍‌ୱେ ପାଇଁ ଏନ୍ଏଚ୍ଏଆଇ ବୋର୍ଡ ୩୨,୮୩୯ କୋଟି ଟଙ୍କା ମଞ୍ଜୁର କରିଥିଲା ଯାହା ଭାରତମାଳା-୧ ପରିଯୋଜନା ପାଇଁ କ୍ୟାବିନେଟ କମିଟିର ଅନୁମୋଦନ ପାଇ ନ ଥିଲା ବୋଲି ସିଏଜି ରିପୋର୍ଟରୁ ଜଣାପଡ଼ିଛି।

ସେହିପରି ବିନା ମଞ୍ଜୁରୀରେ ରେଳ ମନ୍ତ୍ରଣାଳୟ ସରକାରୀ ପାଣ୍ଠି ବିନିଯୋଗ କରିଥିବା ଅଡିଟ୍‌ରୁ ଜଣାପଡ଼ିଥିଲା। ୨୦୨୧-୨୨ ଆର୍ଥିକ ବର୍ଷରେ ମନ୍ତ୍ରଣାଳୟ ୧,୯୩୭ଟି ଘଟଣାରେ ମୋଟ ୨୩,୮୮୫.୪୭ କୋଟି ଟଙ୍କା ବିନା ମଞ୍ଜୁରୀରେ ବ୍ୟୟ କରିଛି। ସେହିପରି ୨୦୨୦-୨୧ ଆର୍ଥିକ ବର୍ଷରେ ☞ପୃଷ୍ଠା-୨

# କଳାପତାକା ପରେ କାଳିମାଡ଼

## ୫-ଟି ସଚିବଙ୍କୁ ବିରୋଧ ବଢୁଛି

**ସାକ୍ଷୀଗୋପାଳ,୧୯।୮**
**(କିଶୋର ମହାପାତ୍ର/ ପ୍ରଶାନ୍ତ ବେହେରା)**

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ତାଙ୍କ ବ୍ୟକ୍ତିଗତ (୫-ଟି) ସଚିବ ଭି.କେ. ପାଣ୍ଡିଆନ୍ ରାଜ୍ୟର ବିଭିନ୍ନ ଜିଲା ଗସ୍ତକରି ଲୋକଙ୍କଠାରୁ ଅଭିଯୋଗ ଗ୍ରହଣ କରୁଛନ୍ତି। ହେଲେ ପାଣ୍ଡିଆନ୍‌ଙ୍କ ଏଭଳି ଗସ୍ତକୁ ବିଭିନ୍ନ ମହଲରୁ ବିରୋଧ ହେଉଛି। ପୂର୍ବରୁ ୫-ଟି ସଚିବଙ୍କ ଗସ୍ତ ସମୟରେ ତାଙ୍କ କାର୍‌କେଡ୍‌କୁ ଅଣ୍ଡାମାଡ଼, କଳାପତାକା ପ୍ରଦର୍ଶନ ଦେଖିବାକୁ ମିଳିଥିଲା। ହେଲେ ଶନିବାର ପୁରୀ ଜିଲା ସତ୍ୟବାଦୀ ନିର୍ବାଚନମଣ୍ଡଳୀ ସ୍ଥିତ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ(ୟୁଜିଏସ୍ଏମ୍) ଖେଳ ପଡ଼ିଆରେ ଏକ ସମାବେଶରେ ଯୋଗ ଦେବାକୁ ଯାଉଥିବା ସମୟରେ ଜଣେ ବ୍ୟକ୍ତି ପାଣ୍ଡିଆନ୍‌ଙ୍କ ଉପରକୁ କାଳିମାଡ଼ କରିଛନ୍ତି। ଏପରିକି ତାଙ୍କ ସହ ଥିବା ପୁରୀ ଜିଲାପାଳ ସମର୍ଥ ବର୍ମାଙ୍କୁ ମଧ୍ୟ କାଳିମାଡ଼ କରାଯାଇଛି। କାଳିମାଡ଼ କରିଥିବା ଭାସ୍କର ସାହୁଙ୍କୁ ପୋଲିସ ତୁରନ୍ତ ନିଜ ହେପାଜତକୁ ନେଇଛି। ଏହି ଘଟଣାକୁ ନେଇ ଏବେ ରାଜନୈତିକ ଆରୋପ ପ୍ରତ୍ୟାରୋପ ବଢ଼ିବାରେ ଲାଗିଛି।



ଶନିବାର ସତ୍ୟବାଦୀର ୟୁଜିଏସ୍ଏମ୍ ଖେଳ ପଡ଼ିଆରେ ଏକ ବିଶାଳ ଜନ ସମାବେଶକୁ ସମ୍ବୋଧିତ କରିବା ପାଇଁ ୫-ଟି ସଚିବ ପଣ୍ଡିଆନଙ୍କ କାର୍ଯ୍ୟକ୍ରମ ରହିଥିଲା। ଏଥିପାଇଁ ଜିଲା ପ୍ରଶାସନ ଓ ଅନ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଦିନରାତି ଏକକରି କାର୍ଯ୍ୟକ୍ରମକୁ ସଫଳ କରିବାକୁ ଚେଷ୍ଟା କରିଥିଲେ। ପୁରୀ କାର୍ଯ୍ୟକ୍ରମ ସାରି ଅପରାହ୍ଣ ୧ଘଟିକା ୫୫ମିନିଟ୍‌ରେ ୫-ଟି ସଚିବ ପାଣ୍ଡିଆନ କଲେଜକୁ ପ୍ରବେଶ କରିଥିଲେ। ସଚିବଙ୍କ କାର ସଭା ମଞ୍ଚଠାରୁ ୨୦୦ ଫୁଟ ଦୂରରେ ଅଟକିଥିଲା। କାର୍‌ରୁ ପାଣ୍ଡିଆନ୍ ବାହାରି ଚାଲିଚାଲି ବାରିକେଡ୍‌ର ଡାହାଣ ପାର୍ଶ୍ୱରେ ଠିଆ ହୋଇଥିବା ମହିଳାଙ୍କ ଠାରୁ ସ୍ୱାଗତ ସହ ବିଭିନ୍ନ ଦାବିପତ୍ର ଗ୍ରହଣ କରିଥିଲେ। ସେହିପରି ଅପରପାର୍ଶ୍ୱରେ ଉପସ୍ଥିତ ଲୋକଙ୍କ ସହ କରମର୍ଦ୍ଦନ କରି ସଭାମଞ୍ଚକୁ ଆସୁଥିବା ସମୟରେ କଣାସ ଅଡାଲ ପଞ୍ଚାୟତ ହରିପୁର ଗ୍ରାମର ଭାସ୍କର ସାହୁ ୪ଇଞ୍ଚର ଏକ ପ୍ଲାଷ୍ଟିକ କାଳି ବୋତଲ ଧରି ପ୍ରଥମେ ସଚିବଙ୍କ ☞ପୃଷ୍ଠା-୨

# ଝାରସୁଗୁଡ଼ା ଡିଏଚ୍ଏଚ୍‌ରେ ଶିଶୁ ବଦଳ ଅଭିଯୋଗ

**ସମ୍ବଲପୁର,୧୯।୮(ଶୁଭାଶିଷ ପାଢ଼ୀ)**

ଝାରସୁଗୁଡ଼ା ଜିଲା ମୁଖ୍ୟ ଡାକ୍ତରଖାନା (ଡିଏଚ୍ଏଚ୍)ରେ ଶନିବାର ଏକ ନବଜାତ ଶିଶୁ ବଦଳ ନେଇ ଅଭିଯୋଗ ହୋଇଛି। ବ୍ରଜରାଜନଗର ରାମପୁରର ଦମ୍ପତି ରାଜକୁମାର ଗିରି ଓ ସ୍ତ୍ରୀ ଦୀପାଞ୍ଜଳିଙ୍କ ଅଭିଯୋଗକ୍ରମେ ପିଲା ଜନ୍ମହେବା ସମୟରେ ପୁଅ ହୋଇଥିବା ଡାକ୍ତରଖାନା ପକ୍ଷରୁ କୁହାଯାଇଥିଲା। ହେଲେ ଘଣ୍ଟାକ ପରେ ମେଡିକାଲ ଷ୍ଟାଫ୍ ଗ୍ରହଣ ଖଣ୍ଡିଆ ଏକ ଶିଶୁ କନ୍ୟାକୁ ଆଣି ଦେଇଥିଲେ। ଆମ ପୁଅକୁ ନ ଦେବା ପର୍ଯ୍ୟନ୍ତ ମେଡିକାଲ ଛାଡ଼ିବାର ପ୍ରଶ୍ନ ଉଠୁନାହିଁ। ଡିଏନ୍ଏ ପରୀକ୍ଷା କରାଯାଇ ସତ୍ୟାସତ୍ୟ ସାମ୍‌ନାକୁ ଅଣାଯାଉ ବୋଲି ସେମାନେ ଦାବି କରିଥିଲେ। ଅନ୍ୟପକ୍ଷେ ସିଡିଏମ୍ଓ ଡୋଲାମଣି ପଟେଲ କହିଛନ୍ତି, ଏହି ଘଟଣାର ତଦନ୍ତ କରାଯାଉଛି। ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ଜଣାପଡ଼ିବ।

ସୂଚନା ଅନୁସାରେ, ରାଜକୁମାର ଶୁକ୍ରବାର ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ ତାଙ୍କ ସ୍ତ୍ରୀ ଦୀପାଞ୍ଜଳିଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। କିଛି ସମୟ ପରେ ପ୍ରସବ ପାଇଁ ଦୀପାଞ୍ଜଳିଙ୍କ ଚିକିତ୍ସା ଆରମ୍ଭ ହୋଇଥିଲା। ଅପରାହ୍ଣ ପ୍ରାୟ ୪ଟା ସମୟରେ ସେ ଶୌଚଯିବା ପାଇଁ ସ୍ତ୍ରୀ ଓ ପ୍ରସୂତି ବିଭାଗର ପାଇଖାନାକୁ ଯାଇଥିଲେ। ଶୌଚଯାଇ ଫେରିବା ସମୟରେ ପାଇଖାନା ସମ୍ମୁଖରେ ପିଲା ଜନ୍ମ ଦେଇଥିଲେ। ରାଜକୁମାରଙ୍କଠାରୁ ☞ପୃଷ୍ଠା-୨

# ଲେହରେ ଗଡ଼ିବ ହାଇଡ୍ରୋଜେନ୍ ବସ୍

## ଦେଶରେ ପ୍ରଥମ

**ନୂଆଦିଲ୍ଲୀ,୧୯।୮**

ଭାରତର ପ୍ରଥମ ହାଇଡ୍ରୋଜେନ୍ ଚାଳିତ ବସ୍ ସେବା ଲେହରୁ ଆରମ୍ଭ ହେବ। ଏହାର ପ୍ରଥମ ବ୍ୟବସାୟିକ ପରୀକ୍ଷଣ ଇତିମଧ୍ୟରେ ଆରମ୍ଭ ହୋଇଛି। ଦେଶର ସର୍ବବୃହତ ଶକ୍ତି ଉତ୍ପାଦନକାରୀ ସଂସ୍ଥା ଜାତୀୟ ତାପଜ ବିଦ୍ୟୁତ୍ ନିଗମ(ଏନ୍‌ଟିପିସି) ଏହି ଯୋଜନାରେ ସହରାଞ୍ଚଳ ପରିବହନ ସେବା ପାଇଁ ଲେହ ପ୍ରଶାସନକୁ ୫ଟି ହାଇଡ୍ରୋଜେନ ଚାଳିତ ବସ୍ ପ୍ରଦାନ କରିଛି। ୧.୭ ମେଗାୱାଟ ଗ୍ରୀନ୍ ହାଇଡ୍ରୋଜେନ୍ ଉତ୍ପାଦନ କଳାଭଳି ଏକ ସୋଲାର ପ୍ଲାଣ୍ଟ ମଧ୍ୟ ଏହି ସଂସ୍ଥା ନିର୍ମାଣ କରିଛି।




ଏଠାରୁ ହାଇଡ୍ରୋଜନ୍ ଚାଳିତ ବସ୍‌ଗୁଡ଼ିକ ଲାଗି ଇନ୍ଧନ ଯୋଗାଯିବ। ଏହାର ଭିତ୍ତିଭୂମି ନିର୍ମାଣ ଲାଗି ଲେହ ପ୍ରଶାସନ ୭.୫ ଏକର ଜମି ଲିଜ୍ ସୂତ୍ରରେ ନେଇଛନ୍ତି। ଅଶୋକ ଲେଲାଣ୍ଡ କମ୍ପାନୀ ଏହି ବସ୍‌ଗୁଡ଼ିକୁ ଯୋଗାଇଛି। ପ୍ରତ୍ୟେକ ବସ୍ ମୂଲ୍ୟ ୨.୫ କୋଟି ଟଙ୍କା ରହିଛି। ଏହି ବସ୍‌ଗୁଡ଼ିକର ଯାତ୍ରୀ ଭଡ଼ା ଡିଜେଲ୍ ଚାଳିତ ବସ୍ ସହ ସମାନ ରହିଛି। ଏହି ବସ୍ ସେବା ପରିଚାଳନାରେ ଯଦି କିଛି କ୍ଷତି ଘଟେ ତେବେ ସେହି କ୍ଷତିକୁ ଏନ୍‌ଟିପିସି ଭରଣା କରିବ ବୋଲି କମ୍ପାନୀର ଜଣେ ଅଧିକାରୀ କହିଛନ୍ତି। ସ୍ୱାଧୀନତା ଦିବସ ଅବସରରେ ଏହି ସେବା ଆରମ୍ଭ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**
ଭାରତରେ ଦଙ୍ଗା




**ଆଜିର ମନ୍ତବ୍ୟ**

"ଦେଶର ସାମ୍ବିଧାନିକ ସଂସ୍ଥାଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଭାଜପା ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍‌) ନିଜ ଲୋକଙ୍କୁ ଥଇଥାନ କରୁଛନ୍ତି।
-ରାହୁଲ ଗାନ୍ଧୀ, କଂଗ୍ରେସ ନେତା

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛାଇତଳିଆ ବେଉଷା,**
**ଛୋକାରୁଣୀ ମାଇପିଙ୍କ ଓଷା,**
**ପାଣିବୁହାନ୍ତିଙ୍କ ମୁଣ୍ଡରେ ଖୋଷା,**
**ମନ୍ଦ ଏ।**

ଅନ୍ଧାରୁଆ ଜାଗାରେ ବେପାର ବଣିଜ କରିବା ସେତେଟା ଲାଭଜନକ ହୋଇ ନ ଥାଏ। ଆଚରଣରେ ତଥା ଉଚ୍ଚାରଣରେ ଅଶ୍ଳୀଳତା ପ୍ରଦର୍ଶନ କରୁଥିବା ମହିଳା ଓଷାବ୍ରତ କରିବାରେ ଲାଭ କିଛି ମିଳିନଥାଏ। ସେହିପରି ମୁଣ୍ଡରେ ପାଣି ବୋହୁଥିବା ମହିଳାଙ୍କ ପକ୍ଷେ ମୁଣ୍ଡରେ ଖୋଷା ପାରିବାରେ କୌଣସି ଯଥାର୍ଥତା ରହି ନ ଥାଏ। ବାସ୍ତବ କ୍ଷେତ୍ରରେ ଏସବୁ ମନ୍ଦ ସାବ୍ୟସ୍ତ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଛୋଟ ଲୋକ ବଡ଼ ପଦ ପାଏ,**
**ହଗି ଗଲେ ଗୀତ ଗାଏ।**

ସାଧାରଣତଃ ନୀଚ ସ୍ତରର ଲୋକ ଉଚ୍ଚ ପଦବୀରେ ଅଧିଷ୍ଠିତ ହେଲେ ଗର୍ବରେ ଫାଟି ପଡ଼ନ୍ତି। ସ୍ଥାନ, କାଳ ଓ ପାତ୍ରକୁ ସେମାନେ ଆଦୌ ଖାତିର କରନ୍ତି ନାହିଁ ବୋଲି ଏଠାରେ ଦର୍ଶାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




# ରାସ୍ତା ଖରାପ: ଷ୍ଟ୍ରେଚରରେ ହସ୍ପିଟାଲ ଯାଇ ମୃତ



ରୋଗୀଙ୍କୁ ଷ୍ଟ୍ରେଚରରେ ବୋହି ନିଆଯାଉଛି।

**କେନ୍ଦୁଝର (ନରେଶ ଚନ୍ଦ୍ର ପଟ୍ଟନାୟକ)/ ଢେଙ୍କିକୋଟ (ନୀଳମଣି ମଣ୍ଡଳ) ୧୯।୮**

### ଗୃହରକ୍ଷୀଙ୍କୁ ସାପ କାମୁଡ଼ିଥିଲା

ସରକାର ବିକାଶକୁ ନେଇ ଡିଣ୍ଡିମ ପିଟୁଛନ୍ତି। ଗ୍ରାମଠୁ ସହର ପକ୍କା ରାସ୍ତା ପାଇଁ ଅନେକ କୋଟି ଖର୍ଚ୍ଚ ହେଉଛି। ମାତ୍ର ଏବେବି ଅନେକ ଗ୍ରାମାଞ୍ଚଳକୁ ଭଲ ରାସ୍ତା ନାହିଁ। ଫଳରେ ଲୋକେ ଜରୁରୀକାଳୀନ ସେବା ପାଇ ନ ପାରି ଅକାଳରେ ଜୀବନ ହରାଉଛନ୍ତି। ଏଭଳି ଅଭିଯୋଗ ଆସିଛି କେନ୍ଦୁଝର ଜିଲା ଘଟଗାଁ ବ୍ଲକ ସନ୍ତରାପୁର ଅଞ୍ଚଳରେ। ଗ୍ରାମକୁ ଆମ୍ବୁଲାନ୍ସ ନ ପହଞ୍ଚି ପାରିବାରୁ ସାପକାମୁଡ଼ାରେ ଗୁରୁତର ହୋଇଥିବା ଜଣେ ଗୃହରକ୍ଷୀଙ୍କୁ ୧ କି.ମି. ପର୍ଯ୍ୟନ୍ତ ଷ୍ଟ୍ରେଚ୍‌ରରେ ବୁହାଯାଇଥିଲା। ଚିକିତ୍ସାଳୟରେ ପହଞ୍ଚିବା ପରେ ତାଙ୍କର ମୃତ୍ୟୁ ହୋଇଯାଇଛି। ସନ୍ତରାପୁର ପଞ୍ଚାୟତ ପରାଭା ସାହିର ପରମାନନ୍ଦ ମହାନ୍ତ (୩୨) ପୋଲିସ ବିଭାଗରେ ଗୃହରକ୍ଷୀ ଭାବେ କାର୍ଯ୍ୟ କରନ୍ତି। ଶୁକ୍ରବାର ରାତିରେ ସେ ଖାଇସାରି ଘରେ ଶୋଇଥିବା ବେଳେ ତାଙ୍କୁ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ତାଙ୍କୁ ତୁରନ୍ତ ଚିକିତ୍ସା ଆବଶ୍ୟକତା ଥିବାରୁ ପରିବାର ଲୋକେ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ଗାଁ ରାସ୍ତା ଖରାପ ଥିବାରୁ ଗାଁଠାରୁ ୧ କିଲୋମିଟର ଦୂରରେ ଆମ୍ବୁଲାନ୍ସ ଅଟକିଥିଲା। ରୋଗୀଙ୍କୁ ବାଧ୍ୟ ହୋଇ ଷ୍ଟ୍ରେଚର୍‌ରେ ବୋହି ଆମ୍ବୁଲାନ୍ସ ପାଖକୁ ନିଆଯାଇଥିଲା। ତେବେ କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାରେ ପହଞ୍ଚିବା ପରେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି ଭାଇ ଭୀମସେନ ମହାନ୍ତ କହିଛନ୍ତି। ଖବର ପାଇ ଢେଙ୍କିକୋଟ ପୋଲିସ ବିଟ୍ ହାଉସ ଅଧିକାରୀ ତରଣୀସେନ ବାଗ ଡାକ୍ତରଖାନାରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଘଟଗାଁ ଥାନାରେ ଏକ ଅପମୃତ୍ୟୁ ମାମଲା( ନଂ. ୫୨/୨୩) ରୁଜୁ ହୋଇଛି।

# ୮୦ ଲକ୍ଷର ହିସାବ ମିଳୁନାହିଁ

**ଢେଙ୍କାନାଳ, ୧୯।୮ (ରତନ ନାୟାର)**

ଚଲୁ କରିଦେଲେ ଷ୍ଟ୍ରିଟ୍ ଲାଇଟ୍ ଲଗାଇବା ପାଇଁ ଆସିଥିବା ଅର୍ଥ। ଏର୍ନେଷ୍ଟ ମନି ଡିପୋଜିଟ୍ (ଇଏମ୍‌ଡି) ବାବଦ ଠିକାଦାରଙ୍କ ଟଙ୍କା ବି ଖାଇଗଲେ। ଏଭଳି ବିଭିନ୍ନ ପର୍ଯ୍ୟାୟରେ ୮୦ ଲକ୍ଷ ଟଙ୍କା କେଉଁବାଟରେ ଖର୍ଚ୍ଚ ହେଲା, ତାହାର ହିସାବ ମିଳୁନାହିଁ। ଢେଙ୍କାନାଳ ସହର ଉପକଣ୍ଠରେ ଜମି ଦୁର୍ନୀତି ଘଟଣାକୁ ନେଇ ଚର୍ଚ୍ଚା ଥମି ନ ଥିବାବେଳେ ଏବେ ପୌରସଂସ୍ଥାରେ ପୁଣି ଏଭଳି ଏକ କେଳେଙ୍କାରି ଆଲୋଡ଼ନ ସୃଷ୍ଟି କରିଛି। ପୌରସଂସ୍ଥାରେ ସ୍ୱତନ୍ତ୍ର ଅଡିଟ୍‌ରୁ ଏଭଳି ଏକ ବଡ଼ ଧରଣର ଆର୍ଥିକ ଅନିୟମିତତା ପଦାକୁ ଆସିଛି। ଏଥିରେ ଅଧସ୍ତନ କର୍ମଚାରୀଙ୍କଠାରୁ ଆରମ୍ଭ କରି ପଦସ୍ଥ ଅଧିକାରୀଙ୍କ ସମ୍ପୃକ୍ତି ଥିବା ସନ୍ଦେହ ଦୃଢ଼ୀଭୂତ ହେବାରେ ଲାଗିଛି।

ପୌର ପରିଷଦ ଗଠନ ପୂର୍ବରୁ ୨୦୨୦-୨୧ ଏବଂ ୨୦୨୧-୨୨ରେ ଢେଙ୍କାନାଳ ପୌରସଂସ୍ଥାର ପ୍ରମୁଖ ରାସ୍ତା, ବିଭିନ୍ନ ୱାର୍ଡରେ ଷ୍ଟ୍ରିଟ୍‌ଲାଇଟ୍ ଲଗାଯାଇଥିଲା। ସେତେବେଳେ ଏକ ସଂସ୍ଥାକୁ ଏହି କାର୍ଯ୍ୟଲାଗି ଅହେତୁକ ଅନୁକମ୍ପା ପ୍ରଦର୍ଶନ କରାଯାଇଥିବା ଚର୍ଚ୍ଚା ହୋଇଥିଲା। ହେଲେ ବିଭାଗୀୟ ଅଧିକାରୀ ତଦନ୍ତ କରିବା ତ ଦୂରର କଥା ଏ ସମ୍ପର୍କରେ ମୁହଁ ମଧ୍ୟ ଖୋଲି ନ ଥିଲେ। ତେବେ ୨୦୨୨ରେ ନୂତନ ପୌର ପରିଷଦ ଗଠନ ହେବା ପରେ ଏହି କାର୍ଯ୍ୟର ସ୍ୱତନ୍ତ୍ର ଅଡିଟ୍ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ହୋଇଥିବା ତଦନ୍ତରୁ ୯ ଲକ୍ଷ ଟଙ୍କାର ଦୁର୍ନୀତି ପଦାକୁ ଆସିଥିଲା। ଏଥିରେ ଜଣେ ଅଧସ୍ତନ କର୍ମଚାରୀଙ୍କ ସମ୍ପୃକ୍ତି ରହିଥିବା ସ୍ପଷ୍ଟ ହୋଇଥିଲା। ତାଙ୍କୁ ପଚରାଉଚରା କରାଯିବା ପରେ ସେ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଫେରାଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

ଏହାପରେ ସହରାଞ୍ଚଳରେ ବିଭିନ୍ନ ପ୍ରକଳ୍ପ ନିର୍ମାଣ ପାଇଁ ହୋଇଥିବା ଟେଣ୍ଡର ପ୍ରକ୍ରିୟାରେ ସାମିଲ ହୋଇଥିବା ଠିକାଦାରମାନେ ଇଏମ୍‌ଡି ବାବଦକୁ ଜମା କରିଥିବା ୫୧ ଲକ୍ଷ ଟଙ୍କା ପୌରସଂସ୍ଥା ଆକାଉଣ୍ଟରେ ପୈଠ ହୋଇ ନ ଥିବା ଜଣାପଡ଼ିଥିଲା। ଏହାକୁ ମଧ୍ୟ କୌଶଳକ୍ରମେ ହଡ଼ପ କରାଯାଇଛି। ଏଥିରେ ମଧ୍ୟ ସମ୍ପୃକ୍ତ କର୍ମଚାରୀଙ୍କ ହାତ ଥିବା ଜଣାପଡ଼ିଛି। ଶନିବାର ଏଥିରେ ଯୋଡ଼ିହୋଇଛି ଆଉ ଏକ ଫର୍ଦ୍ଦ। ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟାରେ ଲାଇଟ୍ କିଣା ବାବଦରେ ଯୋଗାଣକାରୀ ସଂସ୍ଥା ଦାଖଲ କରିଥିବା ୧୭ ଲକ୍ଷ ୫୦ ହଜାର ଟଙ୍କା ଫାଇଲ୍‌ରେ ଚଢ଼ି ନ ଥିବା ଜଣାପଡ଼ିଛି। ପୌର କାର୍ଯ୍ୟାଳୟର ଜଣେ କିରାଣି ଏ ସଂକ୍ରାନ୍ତରେ ନିର୍ବାହୀ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ, ଯାହାକୁ ନେଇ ନିର୍ବାହୀ ଅଧିକାରୀ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ତେବେ ବିଭାଗୀୟ ପଦସ୍ଥ ଅଧିକାରୀଙ୍କ ଅଜାଣତରେ ଏତେବଡ଼ ଆର୍ଥିକ ଅନିୟମିତତା ହେବା ସମ୍ଭବ ନୁହେଁ। ବିଶେଷ କରି ପୌର ପରିଷଦ ଗଠନ ହୋଇ ନ ଥିବା ବେଳେ ଦାୟିତ୍ୱରେ ଥିବା ନିର୍ବାହୀ ଅଧିକାରୀ ଏହା ଜାଣି ନ ପାରିବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୁଙ୍ଖାନୁପୁଙ୍ଖ ତଦନ୍ତ କରାଗଲେ ଅନେକ ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ କର୍ମଚାରୀ ଧରାପଡ଼ିବେ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ଏ ସଂକ୍ରାନ୍ତରେ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତଙ୍କ ପ୍ରତିକ୍ରିୟା ଲୋଡ଼ିବାରେ ସେ କୌଣସି ସୂଚନା ଦେବାକୁ ମନା କରିଦେଇଥିଲେ। ଏପରି କି ଏ ସମ୍ପର୍କରେ ଜାଣି ନ ଥିବା କହି ପ୍ରସଙ୍ଗ ଏଡ଼ାଇ ଯାଇଥିଲେ। ପୌରାଧକ୍ଷା ଜୟନ୍ତୀ ପାତ୍ର କୁହନ୍ତି, ଢେଙ୍କାନାଳ ପୌରସଂସ୍ଥାରେ ଏଭଳି ଅନେକ ଦୁର୍ନୀତି ହୋଇଛି। ବିଧିବଦ୍ଧ ତଦନ୍ତ କରାଗଲେ ଏହାର ରହସ୍ୟ ଉନ୍ମୋଚନ ହେବ। ଏ ନେଇ ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଅବଗତ କରାଇଛି। ଦୁର୍ନୀତିର ତଦନ୍ତ କରାଯିବ। ଯେଉଁମାନେ ଏଥିରେ ସମ୍ପୃକ୍ତ, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଲାଗି ପୌରାଧକ୍ଷ ଦାବି କରିଛନ୍ତି।

### ସବୁ ଜାଣି ଅଜଣା

ଢେଙ୍କାନାଳ ପୌରସଂସ୍ଥାରେ ଷ୍ଟ୍ରିଟ୍‌ଲାଇଟ୍ କିଣାରେ ଦୁର୍ନୀତି ସମ୍ପର୍କରେ ବିଭାଗୀୟ ଅଧିକାରୀ ସବୁକଥା ଜାଣିଛନ୍ତି। ଏପରି କି ଏଥିରେ ସମ୍ପୃକ୍ତ ଜଣେ ତଳିଆ କର୍ମଚାରୀ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଫେରାଇଥିବା ପୌରସଂସ୍ଥାର କର୍ମଚାରୀଙ୍କ ମହଲରେ ଆଲୋଚନା ମଧ୍ୟ ହେଉଛି। ତଥାପି ପୌର କର୍ତ୍ତୃପକ୍ଷ କାହିଁକି ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ପଛଘୁଞ୍ଚା ଦେଉଛନ୍ତି, ତାହା ଚର୍ଚ୍ଚାର ବିଷୟ ପାଲଟିଛି। କେଉଁ ପରିସ୍ଥିତିରେ ଏଭଳି ଏକ ବଡ଼ଧରଣର କେଳେଙ୍କାରିକୁ ଚପାଇଦେବାକୁ ଉଦ୍ୟମ ହେଉଛି ? ଏଥିରେ କୌଣସି ବାହ୍ୟ ଚାପ ଅଛି କି ? ଯଦି ପୂର୍ବ ନିର୍ବାହୀ ଅଧିକାରୀଙ୍କ ସମୟରେ ଦୁର୍ନୀତି ହୋଇଥିଲା, ଏବେ ଏହାକୁ ସାର୍ବଜନୀନ କରିବାରେ କ'ଣ ସମସ୍ୟା ରହିଛି? ଏଭଳି ଅନେକ ପ୍ରଶ୍ନ ଏବେ ଜନମାନସକୁ ଆନ୍ଦୋଳିତ କରୁଛି। ଜିଲାପାଳ ଏଥିରେ ହସ୍ତକ୍ଷେପ କରି ନିରପେକ୍ଷ ତଦନ୍ତ କଲେ ବହୁ ରହସ୍ୟ ଉନ୍ମୋଚିତ ହେବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।




- **ଢେଙ୍କାନାଳ ପୌରସଂସ୍ଥାରେ ବଡ଼ଧରଣର କେଳେଙ୍କାରି**
- **ସ୍ୱତନ୍ତ୍ର ଅଡିଟ୍‌ରୁ ଧରାପଡ଼ିଲା, ପଦସ୍ଥ କର୍ମଚାରୀଙ୍କ ସମ୍ପୃକ୍ତି**
- **ଅଧସ୍ତନ କର୍ମଚାରୀ ଫେରାଇଲେ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା**

## ପ୍ରଥମ ପୃଷ୍ଠାରୁ...

### ଉଡାନ୍ ଯୋଜନା ...

ରେଲୱେ ୨,୭୭୫ଟି ମାମଲାରେ ୮,୧୨୭.୯୭ କୋଟି ଟଙ୍କା ବିନା ମଞ୍ଜୁରୀରେ ବ୍ୟୟ କରିଥିବା ସିଏଜି ରିପୋର୍ଟରୁ ଜଣାପଡ଼ିଛି। ୨୦୧୮-୧୯ରୁ ୨୦୨୦-୨୧ ପର୍ଯ୍ୟନ୍ତ ସିଏଜି ରିପୋର୍ଟରେ ଅନୁରୂପ ତ୍ରୁଟି ଦର୍ଶାଯାଇଥିଲେ ମଧ୍ୟ ଏହାକୁ ରୋକିବା ଦିଗରେ ମନ୍ତ୍ରଣାଳୟ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏହାକୁ ନେଇ ବିରୋଧୀ କଂଗ୍ରେସ ଏବଂ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଭାଜପା ନେତୃତ୍ୱାଧୀନ ସରକାରଙ୍କୁ ସମାଲୋଚନା କରିବା ସହ ଦୁର୍ନୀତି ପାଇଁ ପ୍ରଧାନମନ୍ତ୍ରୀ ଉତ୍ତରଦାୟୀ ହେବାକୁ ଦାବି କରିଛନ୍ତି।

### କଳାପତାକା ପରେ ...

ମୁହଁକୁ ଫୋପାଡ଼ିଥିଲେ। ପରେ ଉକ୍ତ ବୋତଲରେ ଥିବା ଅବଶିଷ୍ଟ କାଳିକୁ ସଚିବଙ୍କ ନିକଟରେ ଥିବା ପୁରୀ ଜିଲାପାଳଙ୍କ ମୁହଁକୁ ମାଡ଼ କରି ପାଣ୍ଡିଆନ ଗୋ ବ୍ୟାକ୍, ଗୋ ବ୍ୟାକ୍ ବୋଲି ଜୋରରେ ଚିତ୍କାର କରିଥିଲେ। ଏହି ସମୟରେ ନିକଟରେ ଥିବା ୫ରୁ ୭ଜଣ ସୁରକ୍ଷା କର୍ମୀ କାଳିମାଡ଼ କରିଥିବା ଭାସ୍କରଙ୍କୁ କାବୁକରି ନେଇଥିଲେ। କାଳିମାଡ଼ରେ ସଚିବ ଓ ଜିଲାପାଳଙ୍କ ଆଖି, ପାଟି, ଦାନ୍ତ, ନାକ, କାନ ସମେତ ମୁହଁ ପୂରା କାଳି ହୋଇଯାଇଥିଲା। ଏପରି କି ଉଭୟେ ପିନ୍ଧିଥିବା ଶାର୍ଟ ମଧ୍ୟ ରଙ୍ଗ ହୋଇଯାଇଥିଲା। ଏହା ସତ୍ତ୍ୱେ ସଚିବ ସେଠାରେ ଉପସ୍ଥିତ ଲୋକଙ୍କ ସହ ମିଶି ସ୍ୱାଗତ ଗ୍ରହଣ କରିଥିଲେ। ପରେ ମଞ୍ଚ ନିକଟରେ ଥିବା ଏକ ଅସ୍ଥାୟୀ ପ୍ରକୋଷ୍ଠରେ ଉଭୟେ ପରିଷ୍କାର ହୋଇଥିଲେ। ଅପରାହ୍ନ ୨ଟା ୨୦ମିନିଟ୍‌ରେ ସଚିବ ମଞ୍ଚାସୀନ ହୋଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶମୂଳକ କଥା କହିଥିଲେ। ସତ୍ୟବାଦୀରୁ ମିଳିଥିବା ସମସ୍ତ ଦାବି ଓ ଅଭିଯୋଗ ପତ୍ରକୁ ସେ ଖୁବ୍ କମ୍ ସମୟ ମଧ୍ୟରେ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସାକ୍ଷୀଗୋପାଳ ମନ୍ଦିର, ସ୍କୁଲ ଓ ମସ୍‌ଜିଦ୍‌କୁ ତୁରନ୍ତ ବିକାଶ ପ୍ରକ୍ରିୟାରେ ସାମିଲ କରାଯିବ ବୋଲି କହିଥିଲେ। କିଛି ଅସମ୍ପୂର୍ଣ୍ଣ ନଦୀ ବ୍ରିଜ୍ ଓ କମ୍ୟୁନିଟି ହଲ୍‌ର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ମହିଳା ସଙ୍ଗଠନ ନିମନ୍ତେ ସେମାନେ ଚିହ୍ନଟ କରିଥିବା ପୁରାତନ ଘରକୁ କାମ କରାଯାଇ ବ୍ଲକ ପ୍ରଶାସନ ଦ୍ୱାରା ପ୍ରଦାନ କରାଯିବ ଯେଉଁଥିରେ ସେମାନେ ବିଭିନ୍ନ ସଭା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ କରିପାରିବେ ବୋଲି ସଚିବ ପାଣ୍ଡିଆନ୍ କହିଥିଲେ।

୫-ଟି ସଚିବଙ୍କ ଉପରକୁ କାଳିମାଡ଼ ଘଟଣା ପରେ ବିଭିନ୍ନ ରାଜନୈତିକ ଆରୋପ ଏବଂ ପ୍ରତ୍ୟାରୋପ ଆରମ୍ଭ ହୋଇଯାଇଛି। ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ କହିଛନ୍ତି, କାଳିମାଡ଼ କରିଥିବା ଅଭିଯୁକ୍ତ ଭାସ୍କର ହେଉଛନ୍ତି ଭାଜପାର ଜଣେ ସକ୍ରିୟ କର୍ମକର୍ତ୍ତା। ସେ ସ୍ଥାନୀୟ ଭାଜପା ନେତାଙ୍କ ନିର୍ଦ୍ଦେଶ ଅନୁଯାୟୀ ଉକ୍ତ ସଭା ତଥା ନବୀନ ପଟ୍ଟନାୟକଙ୍କ ବିକାଶମୂଳକ କାର୍ଯ୍ୟକୁ ଭଣ୍ଡୁର କରିବା ପାଇଁ ଏଭଳି କାଣ୍ଡ ଭିଆଇଛନ୍ତି। ତଦନ୍ତ କରାଗଲେ ସବୁ ଜଣାପଡ଼ିଯିବ। ଏହାର ଜବାବ ରଖି ସତ୍ୟବାଦୀର ଭାଜପା ନେତା ଓମ୍ ପ୍ରକାଶ ମିଶ୍ର କହିଛନ୍ତି, ଭାସ୍କର ହେଉଛନ୍ତି କଣାସ ଅଞ୍ଚଳର ବିଜେଡିର ଜଣେ ଆଗ ଧାଡ଼ିର ସକ୍ରିୟ ନେତା। ଗତ ନିର୍ବାଚନରେ ସେ ସମିତିସଭ୍ୟ ଟିକେଟ ନେବା ପାଇଁ ବିଧାୟକଙ୍କୁ ଅନୁରୋଧ କରିଥିଲେ। ମାତ୍ର ବିଧାୟକ ଏଥିରେ ରାଜି ନ ହେବାରୁ ସେ ସ୍ୱାଧୀନ ଭାବେ ଛିଡ଼ା ହୋଇଥିଲେ। ତେଣୁ ବିଧାୟକ ସାମନ୍ତରାୟଙ୍କ ଉପରେ ଆକ୍ରୋଶ ରଖି ଭାସ୍କର ଏଭଳି କାଣ୍ଡ କରିଥାଇପାରନ୍ତି। ଏହା ଉପରେ ତର୍ଜମା ନ କରି ନିଜ ଭୁଲକୁ ଲୁଚାଇବାକୁ ଯାଇ ବିଧାୟକ ଭାଜପା ଉପରେ ଅଯଥା ଦୋଷ ଲଦୁଛନ୍ତି। ପ୍ରକାଶ ଯେ, ପୂର୍ବରୁ ୫-ଟି ସଚିବ ପାଣ୍ଡିଆନ୍ ବୌଦ୍ଧ, ବଲାଙ୍ଗୀର, କଟକ ଜିଲା ଗସ୍ତ ସମୟରେ ବିରୋଧର ଶିକାର ହୋଇଥିଲେ। ତାଙ୍କ କାର୍‌କେଡକୁ ଅଣ୍ଡାମାଡ଼ କରାଯାଇଥିଲା। ଏପରି କି ବିରୋଧୀ ଦଳଗୁଡ଼ିକ ପକ୍ଷରୁ ବିଭିନ୍ନ ସ୍ଥାନରେ କଳାପତାକା ପ୍ରଦର୍ଶନ କରାଯାଇଥିଲା।

### କାର୍ଯ୍ୟାନୁଷ୍ଠାନ ଦାବି କଲା ଓଏଏସ୍ ଅଫିସର, କର୍ମଚାରୀ ସଂଘ

**ଭୁବନେଶ୍ୱର, ୧୯।୮ (ଅନିଲ ଦାସ)**

୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କୁ କାଳିମାଡ଼ ଘଟଣାକୁ ଓଏଏସ୍ ଅଫିସର ସଂଘ ସମେତ ବିଭିନ୍ନ କର୍ମଚାରୀ ସଂଘ ପକ୍ଷରୁ ନିନ୍ଦା କରାଯିବା ସହ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଏକ ଖବରଦତା ସମ୍ମିଳନୀରେ ରାଜ୍ୟ ଓଏଏସ୍ ସଂଘ ସଭାପତି ଜ୍ୟୋତିରଞ୍ଜନ ମିଶ୍ର ଏଭଳି ଅଶୋଭନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ ଦାବି କରିଛନ୍ତି। କାଳିମାଡ଼ ଘଟଣା ଦୁର୍ଭାଗ୍ୟଜନକ। ଓଡ଼ିଶା ପ୍ରଶାସନିକ ସେବା ସଂଘ ଏହାର ଦୃଢ଼ ନିନ୍ଦା କରୁଛି। ଏଭଳି ଆଚରଣ ଏକ ଅସୁସ୍ଥ ବାତାବରଣ ସୃଷ୍ଟି ସହ ସରକାରୀ କର୍ମଚାରୀଙ୍କୁ ଜନସେବାରେ ନିରୁତ୍ସାହିତ କରି ସେମାନଙ୍କ ମନୋବଳ କମାଇବ ବୋଲି ସେ କହିଛନ୍ତି। ସେହିପରି ଓଡ଼ିଶା ସୂଚନା ସେବା ସଂଘ ଉପସଭାପତି ସୁଚେତା ପ୍ରିୟଦର୍ଶିନୀ କହିଛନ୍ତି, କାଳିମାଡ଼ ଘଟଣାକୁ ସଂଘ ନନ୍ଦା କରୁଛି। ଏହା ଓଡ଼ିଶା ବାସୀଙ୍କୁ ଗଭୀର ଭାବେ ମର୍ମାହତ କରିଛି। ଏଭଳି ଅଶୋଭନୀୟ ଆଚରଣ ଲୋକଙ୍କ ବିକାଶ ପାଇଁ କର୍ତ୍ତବ୍ୟରତ ସରକାରୀ ଅଧିକାରୀମାନଙ୍କ ଦାୟିତ୍ୱ, କର୍ତ୍ତବ୍ୟନିଷ୍ଠା ଓ ପ୍ରତିଶ୍ରୁତିବଦ୍ଧତା ପ୍ରତି କୁଠାରଘାତ ସଦୃଶ ବୋଲି କହିଛନ୍ତି।

### ଲେହରେ ଗଡ଼ିବ ...

ହେବାର ଥିଲା କିନ୍ତୁ ବନ୍ୟା ଏବଂ ଭୂସ୍ଖଳନ ଯୋଗୁ ଏହା ହୋଇପାରିନାହିଁ। ଗତ ଗୁରୁବାର ହାଇଡ୍ରୋଜେନ ଚାଳିତ ଏକ ବସ୍ ଲେହରେ ପହଞ୍ଚିଛି। ତେଣୁ ଏହି ସେବା ଖୁବଶୀଘ୍ର ଆରମ୍ଭ ହେବ ବୋଲି ଏନ୍‌ଟିପିସିର ଜଣେ ଅଧିକାରୀ କହିଛନ୍ତି। ୨୦୨୦ ସ୍ୱାଧୀନତା ଦିବସ ଅଭିଭାଷଣବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲଦାଖକୁ କାର୍ବନମୁକ୍ତ କରିବା ପାଇଁ କହିଥିଲେ। ଯାହା ଦୁଇବର୍ଷ ପରେ ବାସ୍ତବ ରୂପ ନେବାକୁ ଯାଉଛି। ଲଦାଖ ହିମାଳୟ ପର୍ବତମାଳା ଭଳି ଉଚ୍ଚରେ ରହିଥିଲେ ମଧ୍ୟ ସେଠାରେ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହେଉଛି। ଉତ୍ତରପୂର୍ବରେ ସିକିମ 'ଜୈବିକ ରାଜ୍ୟ' ଭାବେ ନିଜର ପରିଚୟ ସୃଷ୍ଟି କରିଥିବାବେଳେ ଲଦାଖ, ଲେହ ଏବଂ କାର୍‌ଗିଲ୍ ମଧ୍ୟ କାର୍ବନମୁକ୍ତ ଅଞ୍ଚଳ ଭାବେ ପରିଚୟ ସୃଷ୍ଟି କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଯଦିଓ ହାଇଡ୍ରୋଜେନ ଇନ୍ଧନର ସେଲ୍‌ଗୁଡ଼ିକ ଶକ୍ତି ପୁନଃ ପ୍ରକ୍ରିୟାକରଣରେ ସହାୟତା କରୁଛି ବୋଲି କୁହାଯାଉଥିଲେ ହେଁ ଏହା ଅଦ୍ୟାବଧି ବିକଶିତ ହୋଇପାରିନାହିଁ। ସେହିପରି ରିଲାଏନ୍ସ କମ୍ପାନୀ ମଧ୍ୟ ହାଇଡ୍ରୋଜେନ୍ ବସ୍ ନିର୍ମାଣ ଲାଗି ପ୍ରସ୍ତୁତ ହେଉଛି କିନ୍ତୁ ଏନ୍‌ଟିପିସି ଏହି ଯୋଜନାରେ ଆଗୁଆ ଅଛି। ସମୁଦ୍ର ପତ୍ତନ ଠାରୁ ୧୧,୫୦୦ ଫୁଟ ଉପରେ ଏହି ଟେକ୍‌ନୋଲୋଜି ପ୍ରଥମ ଥର ଲାଗି ପରୀକ୍ଷଣ ହେବାକୁ ଯାଉଛି, ଯେଉଁଠି ବାୟୁମଣ୍ଡଳରେ ଅମ୍ଳଜାନର ମାତ୍ରା କମ୍ ରହୁଛି। ତେବେ ଏହି ସେବାର ଅସଲ ପରୀକ୍ଷା ଶୀତଋତୁରେ ହେବ ବୋଲି କୁହାଯାଉଛି। କାରଣ ସେତେବେଳେ ଏଠାରେ ତାପମାତ୍ରା ୨୦ ଡିଗ୍ରୀରୁ କମ୍ ରହିଥାଏ। କମ୍ ତାପମାତ୍ରାରେ ଏହି ବସ୍‌ଗୁଡିକର ଯନ୍ତ୍ରାଂଶ କିପରି କାମ କରିବ ତାହା ଆଗାମୀ ଦିନରେ ଜଣାପଡ଼ିବ।

### ଝାରସୁଗୁଡ଼ା ଡିଏଚ୍‌ଏଚ୍‌ରେ ...



ଝାରସୁଗୁଡ଼ା ଜିଲା ଡାକ୍ତରଖାନାରେ ରାଜକୁମାର ଗିରି ଓ ଦୀପାଞ୍ଜଳି।

ଖବର ପାଇ ନର୍ସ ଓ ଅନ୍ୟମାନେ ପହଞ୍ଚିଥିଲେ। ସେମାନେ ନବଜାତକଙ୍କୁ ଉଠାଇନେବା ସହ ଦୀପାଞ୍ଜଳିଙ୍କୁ ସଫାସୁତୁରା କରି ବେଡ୍‌କୁ ନେଇଥିଲେ। ହେଲେ ପ୍ରାୟ ଘଣ୍ଟାକ ପରେ ନର୍ସମାନେ ଏକ ନବଜାତ ଶିଶୁକନ୍ୟାକୁ ଧରି ୱାର୍ଡକୁ ଆସିଥିଲେ। ଏହାକୁ ନେଇ ରାଜକୁମାର ସନ୍ଦେହ କରିଥିଲେ। ସେ ସିଡିଏମ୍‌ଓଙ୍କ ପାଖରେ ଲିଖିତ ଅଭିଯୋଗ କରିଥିଲେ, ଜନ୍ମହେବା ସମୟରେ ନର୍ସମାନେ ପୁଅ ହୋଇଥିବା ସୂଚନା ଦେଇଥିଲେ। ହେଲେ ପରେ ଗ୍ରହଣ ଖଣ୍ଡିଆ ଏକ ଶିଶୁକନ୍ୟାକୁ ଆଣି ଏହା ତୁମର ବୋଲି କହୁଛନ୍ତି। ଆମର ପୁଅ ହୋଇଥିଲା। ସେମାନେ ପୁଅକୁ ବଦଳକରି ଶିଶୁକନ୍ୟାକୁ ଆଣିଦେଇଛନ୍ତି। ଏହାର ତଦନ୍ତ କରାଯାଇ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି କହିଥିଲେ। ଅନ୍ୟପଟେ ମେଡିକାଲରେ ଲାଗିଥିବା ସିସିଟିଭି ଯାଞ୍ଚ ସହ ଶୁକ୍ରବାରଠାରୁ ଯେଉଁ ପିଲା ଜନ୍ମ ହୋଇଛନ୍ତି ସେମାନଙ୍କର ଡିଏନ୍‌ଏ ପରୀକ୍ଷା କରାଗଲେ ସତ୍ୟାସତ୍ୟ ସାମ୍ନାକୁ ଆସିବ ଓ ଅଭିଯୋଗକାରୀ ଦମ୍ପତିଙ୍କୁ ନ୍ୟାୟ ମିଳିବ ବୋଲି ଆଲୋଚନା ହେଉଛି। ସୂଚନାଯୋଗ୍ୟ ଏହି ଦମ୍ପତିଙ୍କ ପୂର୍ବରୁ ଦୁଇଟି ଝିଅ ଅଛନ୍ତି। ପୁଅ ପାଇବା ଆଶାରେ ସେମାନେ ଆଉ ଏକ ସୁଯୋଗ ନେଇଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି କର୍ମକ୍ଷେତ୍ରରେ ସମସ୍ୟାର ସମାଧାନ କରି ଲକ୍ଷ୍ୟ ହାସଲରେ ସମର୍ଥ ହେବେ। ଆପଣଙ୍କୁ ଆନୁଷ୍ଠାନିକ, ସାମାଜିକ କ୍ଷେତ୍ରରେ ସାମିଲ ରହିଥିଲେ ସମ୍ମାନ ଲାଭ କରିପାରନ୍ତି। ପାଖ ପଡ଼ୋଶୀମାନଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ସମସ୍ୟା ହିଁ ଚିନ୍ତାର ମୁଖ୍ୟ କାରଣ ହେବ। ନିଜ ଲୋକମାନଙ୍କ କାର୍ଯ୍ୟକଳାପ ଅସୁବିଧାରେ ପକାଇପାରେ।

**ବୃଷ**
ସ୍ୱାର୍ଥ ହାସଲ ସକାଶେ ବନ୍ଧୁ ଅସୁବିଧାରେ ପକାଇପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ସାହିତ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ। କନ୍ୟା ସନ୍ତାନଙ୍କ କର୍ମନିଯୁକ୍ତି କିମ୍ବା ବୈବାହିକ ସମ୍ବନ୍ଧ ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ଚେଷ୍ଟା କରୁଥିବା କାର୍ଯ୍ୟରେ ସଫଳତା ହାସଲ କରିବେ।

**ମିଥୁନ**
କର୍ମକ୍ଷେତ୍ର ପ୍ରତି ଉଦାସୀନ ହେତୁ ସମସ୍ୟା ବଢ଼ିପାରେ। ଏକ ଭିନ୍ନ ପରିବେଶରେ ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ, ଅନ୍ୟଥା ଚିନ୍ତିତ ରହିବାକୁ ପଡ଼ିପାରେ। ସାମାଜିକ କ୍ଷେତ୍ରରେ ଅପ୍ରିୟ ସତ୍ୟ ପ୍ରକାଶ କରି ସମସ୍ୟାଗ୍ରସ୍ତ ହୋଇ ପାରନ୍ତି।

**କର୍କଟ**
କର୍ମକ୍ଷେତ୍ରରେ ବାରମ୍ବାର ଧୋକା ଖାଇବା ଜନିତ ଟେନ୍‌ସନ୍ ବୃଦ୍ଧି ପାଇପାରେ। ବନ୍ଧୁଙ୍କ ପରାମର୍ଶରେ ସାନ୍ତ୍ୱନା ମିଳିବ, ତଥାପି ସହଜରେ ଅନ୍ୟମାନଙ୍କୁ ବିଶ୍ୱାସ କରିପାରିବେ ନାହିଁ। ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। ଅଭାବ ନ ଥିଲେ ମଧ୍ୟ କେତେକ ସମସ୍ୟା ମଧ୍ୟରେ ଗତି କରୁଥିବା କାରଣରୁ ମନ ଅସ୍ଥିର ରହିବ।

**ସିଂହ**
ଖଳ ଲୋକଙ୍କ କଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବ୍ୟବସାୟରେ ଆଖିଦୃଶିଆ ସଫଳତା ହାସଲ କରିପାରିବେ ନାହିଁ, କିନ୍ତୁ କ୍ଷତି ମଧ୍ୟ ହେବନି। ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ ଓ ନିଜର ଅଭିସନ୍ଧିକୁ ପୂରା କରିବେ। କର୍ମକ୍ଷେତ୍ରରେ ସମସ୍ୟା ସମାଧାନ କରିବାରେ ଅସଫଳ ହେବେ।

**କନ୍ୟା**
ନିଜ କାମ ପଛରେ ପକାଇ ପର ପାଇଁ ହଇରାଣରେ ପଡ଼ିପାରନ୍ତି। କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଆକସ୍ମିକ ଭାବେ ବହୁ ଟଙ୍କା ଖର୍ଚ୍ଚ କରି ଦୁଃଖିତ ହେବେ। ପ୍ରତିବାଦ କାରଣରୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ପୁରାତନ ବନ୍ଧୁଙ୍କ ସହ ଦର୍ଶନ ଯୋଗ।

**ତୁଳା**
ଆଜି କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିକୁ ସଜାଡ଼ି ନେବାରେ ସମର୍ଥ ହେବେ। ଅନୁକୂଳ ଗ୍ରହସ୍ଥିତି କାରଣରୁ ଯାହା ଓ ଯେପରି ଚିନ୍ତା କରୁଛନ୍ତି ଠିକ୍ ସେପରି ହେବ। ସ୍ତ୍ରୀଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ବିଶେଷ ଭାବରେ ଉପକୃତ ହେବେ। କଳା, ସାହିତ୍ୟ, କ୍ରୀଡ଼ା, ସଙ୍ଗୀତ ଓ ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ନିଶ୍ଚିତ ମିଳିବ।

**ବିଛା**
ନିର୍ଦ୍ଦିଷ୍ଟ ସମୟରେ ଯାହା ପାଇବା ପାଇଁ ଆଶା କରୁଥିବେ ତାହା ପାଇବା ମୁସ୍କିଲ ହୋଇପଡ଼ିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି ଯୋଗୁ ମନ ମଧ୍ୟ ଅଶାନ୍ତ ରହିପାରେ। ସାୟାହ୍ନେ ଦୀର୍ଘ ଦିନରୁ ଆଶା କରୁଥିବା ପ୍ରତୀକ୍ଷିତ ଖବର ପାଇ ଖୁସି ହେବେ। ଆଜି ବନ୍ଧୁମାନଙ୍କ ଜରିଆରେ କୌଶଳରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**ଧନୁ**
ନିଜର ମାନସିକ ଅସୁସ୍ଥତା ହିଁ ସମସ୍ତ ଅସୁବିଧାର ମୂଳ କାରଣ ପାଲଟିଯିବ। ଅତି ନିକଟତମ ବ୍ୟକ୍ତିଟି ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହୋଇପାରେ। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବା ସକାଶେ ଚେଷ୍ଟା କରିପାରନ୍ତି। କାମର ଚାପ ବୃଦ୍ଧି ପାଇବା କାରଣରୁ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବେ।

**ମକର**
ବନ୍ଧୁଙ୍କ ସହ ମନ କଥାକୁ ଲୁଚାଇ ସାକ୍ଷାତ୍ ଆଲୋଚନା କରିପାରନ୍ତି। ଘରୋଇ କ୍ଷେତ୍ରରେ ପ୍ରକୃତ ଘଟଣା ନ ବୁଝି ପଡ଼ୋଶୀଙ୍କ କ୍ରୋଧ ପରିସ୍ଥିତିକୁ ବଦଳାଇ ଦେଇପାରେ। ଦୀର୍ଘ ମିଆଦୀ ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ଆଗରୁ ଦେଖାଶୁଣା ନଥିବା ଜଣେ ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି।

**କୁମ୍ଭ**
ହାତକୁ ନେଇଥିବା କାମଟି ବହୁତ ବାଧାବିଘ୍ନ ମଧ୍ୟରେ ସମ୍ପନ୍ନ ହେବ। ପାରିବାରିକ କ୍ଷେତ୍ରରେ ସାଧାରଣ କଥାରେ ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖାଦେଇପାରେ। ବହୁତ ଦିନର କ୍ରନିକ୍ ରୋଗ ପୀଡ଼ା ଯୋଗୁ ମନ ବିଚଳିତ ହୋଇପାରେ। ଦୈହିକ ଦୁର୍ବଳତା ଯୋଗୁ ପ୍ରତ୍ୟେକ କ୍ଷେତ୍ରରେ ନିଜକୁ ଅସହାୟ ମନେକରିପାରନ୍ତି।

**ମୀନ**
ସମସ୍ୟାର ସରଳ ସମାଧାନ କାରଣରୁ ଏକ ପ୍ରକାର ଆଶ୍ୱସ୍ତି ଅନୁଭବ କରିବେ। ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ଅନୁକୂଳ ପରିବେଶରେ ସମ୍ପନ୍ନ ହୋଇଯିବ। କର୍ମକ୍ଷେତ୍ରରେ ଉଦାରତା ଗୁଣରୁ ପ୍ରଶଂସା ପାଇବେ। କଳା, ସାହିତ୍ୟ, ସଙ୍ଗୀତ, ଆଲୋଚନା, ସାମ୍ବାଦିକତା, ଚଳଚ୍ଚିତ୍ର ପ୍ରଭୃତିରୁ ପ୍ରଶଂସିତ ହେବାର ବହୁତ ସମ୍ଭାବନା ଅଛି।

ଆଜି ଶ୍ରାବଣ ଶୁଦ୍ଧଶୁକ୍ଳପକ୍ଷ ଚତୁର୍ଥୀ ରବିବାର, ଅଗଷ୍ଟ ୨୦ ତାରିଖ, ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ, ସଦ୍ଭାବନା ଦିବସ, ବିଶ୍ୱ ମଶକ ଦିବସ, ରାଶି ନକ୍ଷତ୍ର-ହସ୍ତା/କନ୍ୟା, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୩୧ ଗତେ ଘ.୦୯।୪୩ ମଧ୍ୟେ, ଘ.୦୧।୨୪ ଗତେ ଘ.୦୧।୫୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୩୩ ଗତେ ଘ.୦୬।୦୮ ମଧ୍ୟେ ରାହୁକାଳ।

# ମହାନଦୀରେ ହେବ ୨ ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ ଷ୍ଟ୍ରକ୍ଚର

ସୋନପୁର, ୧୯।୮ (ମୃତ୍ୟୁଞ୍ଜୟ ଶତପଥୀ)

ମହାନଦୀର ଖଇରମାଳ ଓ ଗୋଧନେଶ୍ୱର ନିକଟରେ ବହୁପ୍ରତୀକ୍ଷିତ ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ ଷ୍ଟ୍ରକ୍ଚର ନିର୍ମାଣ ହେବ। ଏହି ୨ ପ୍ରକଳ୍ପ ପାଇଁ ପ୍ରାୟ ୧୯୫୦ କୋଟି ଟଙ୍କା ବ୍ୟୟ କରାଯିବ। ଜଳ ସମ୍ପଦ ବିଭାଗର ଏ ସମ୍ପର୍କିତ ପ୍ରସ୍ତାବକୁ ରାଜ୍ୟ ସରକାର ଶୁକ୍ରବାର ଅନୁମୋଦନ କରିଛନ୍ତି। ଖୁବ୍‌ଶୀଘ୍ର ଏହି ୨ ପ୍ରକଳ୍ପ ପାଇଁ ରାଜ୍ୟ ଜଳ ସମ୍ପଦ ବିଭାଗ ଟେଣ୍ଡର ଆହ୍ୱାନ କରିବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ମହାନଦୀ ଗର୍ଭରେ ନିର୍ମାଣ ହେବାକୁ ଥିବା ଏହି ପ୍ରକଳ୍ପ ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲାବାସୀଙ୍କ ପାଇଁ ଅପାର ସମ୍ଭାବନା ସୃଷ୍ଟି କରିବ। ଉପରମୁଣ୍ଡରେ ଛତିଶଗଡ଼ ସରକାର ଏକାଧିକ ବ୍ୟାରେଜ ନିର୍ମାଣ କରିବା ପରେ ଓଡ଼ିଶାର ଜୀବନରେଖା ମହାନଦୀରେ ଅଣମୌସୁମୀ ସମୟରେ ଜଳପ୍ରବାହ ଯଥେଷ୍ଟ ହ୍ରାସ ପାଇଥିଲା। ତେଣୁ ମହାନଦୀ ଓ ଶାଖା ନଦୀଗୁଡ଼ିକରେ ଜଳ ଉପଯୋଗ ଯୋଜନାକୁ ନେଇ ପୂର୍ବରୁ ଓଡ଼ିଶା ସରକାର ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିଥିଲେ। ଓଡ଼ିଶା ସରକାରଙ୍କ ପକ୍ଷରୁ ମହାନଦୀରେ ଏକାଧିକ ବ୍ୟାରେଜ ନିର୍ମାଣ ପାଇଁ ୨୦୧୭ରେ ବିଧିବଦ୍ଧ ଭାବେ ନିଷ୍ପତ୍ତି ନିଆଯାଇଥିଲା। ପ୍ରାଥମିକ ସ୍ତରରେ ସର୍ଭେ ପରେ ଟେକ୍‌ନିକାଲ ଆଡଭାଇଜର କମିଟି(ଟିଏସି)ରେ ଅନୁମୋଦନ ମଧ୍ୟ ମିଳିଥିଲା। ତେବେ କୌଣସି କାରଣରୁ ଏହା ବିଳମ୍ବ ହୋଇଥିଲା। ସୋନପୁର ବିଧାୟକ ତଥା ତତ୍କାଳୀନ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଉପସ୍ଥାପନ କରିଥିବା ବଜେଟରେ ସୁବର୍ଣ୍ଣପୁର ଜିଲାର ଗୋଧନେଶ୍ୱର ଓ ବୌଦ୍ଧ ଜିଲାର ଖଇରମାଳ ବ୍ୟାରେଜ ନିର୍ମାଣ ସମ୍ପର୍କରେ ଘୋଷଣା କରିଥିଲେ।


ମହାନଦୀର ଖଇରମାଳରେ ପ୍ରସ୍ତାବିତ ପ୍ରକଳ୍ପ ନିର୍ମାଣ ସ୍ଥାନ।

- ପ୍ରଶାସନିକ ଅନୁମୋଦନ ମିଳିଲା
- ଖର୍ଚ୍ଚ ହେବ ୧୯୫୦କୋଟି
- ଖୁବ୍‌ଶୀଘ୍ର ଟେଣ୍ଡର ଆହ୍ୱାନ କରିବ ଜଳ ସମ୍ପଦ ବିଭାଗ
- ଗୋଧନେଶ୍ୱର, ଖଇରମାଳ ପ୍ରକଳ୍ପରୁ ଉପକୃତ ହେବେ ସୁବର୍ଣ୍ଣପୁର, ବୌଦ୍ଧ ଜିଲାବାସୀ

ମହାନଦୀ ଓ ତେଲନଦୀର ସଙ୍ଗମସ୍ଥଳ ସୋନପୁର ସହର ରାମେଶ୍ୱରଠାରୁ ସାଢେ ୩ କି.ମି. ଦୂର ବୌଦ୍ଧ ଜିଲାର ଖଇରମାଳରେ ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ ଷ୍ଟ୍ରକ୍ଚର ନିର୍ମାଣ ପାଇଁ ବୌଦ୍ଧ ଜଳ ସମ୍ପଦ ବିଭାଗ ପକ୍ଷରୁ ୯୨୫କୋଟି ୫୯ଲକ୍ଷ ଟଙ୍କାର ଡିପିଆର୍ ପ୍ରସ୍ତୁତ ହୋଇଥିଲା। ସେହିପରି ସୁବର୍ଣ୍ଣପୁର ଜିଲା ସଦର ମହକୁମାଠାରୁ ୨୦ କି.ମି. ଦୂର ବୀରମହାରାଜପୁର ବ୍ଲକର ଗୋଧନେଶ୍ୱରରେ ପ୍ରକଳ୍ପ ନିର୍ମାଣ ପାଇଁ ୧୦୨୪କୋଟି ୮୧ଲକ୍ଷ ଟଙ୍କାର ବ୍ୟୟ ଅଟକଳ ପ୍ରସ୍ତୁତ ହୋଇଛି। ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଏ ସମ୍ପର୍କିତ ପ୍ରସ୍ତାବ ପ୍ରଶାସନିକ ଅନୁମୋଦନ ପାଇଁ ରାଜ୍ୟ ସରକାରଙ୍କୁ ଗତ ମେ ୨୨ ତାରିଖରେ ପଠାଇଥିଲେ। ତେବେ ପ୍ରକଳ୍ପ ପାଇଁ ପ୍ରଶାସନିକ ଅନୁମୋଦନ ମିଳିବାରେ ବିଳମ୍ବ ହୋଇଥିଲା। ଗତ ଜୁଲାଇ ୪ରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ଦିନିକିଆ ସୁବର୍ଣ୍ଣପୁର ଜିଲା ଗସ୍ତରେ ଆସିଥିଲେ। ପାଣ୍ଡିଆନ୍ ମହାନଦୀ ଓ ତେଲନଦୀର ସଙ୍ଗମସ୍ଥଳ ରାମେଶ୍ୱରକୁ ଯାଇ ପ୍ରସ୍ତାବିତ ଖଇରମାଳ ପ୍ରକଳ୍ପ ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ପ୍ରକଳ୍ପ ପାଇଁ ଶୀଘ୍ର ପ୍ରଶାସନିକ ଅନୁମୋଦନ ମିଳିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଗତ ୧୮ ତାରିଖରେ ସରକାରଙ୍କ ଅନୁମୋଦନ ପରେ ଇପିସି(ଇଞ୍ଜିନିୟରିଂ ପ୍ରୋକ୍ୟୁରମେଣ୍ଟ ଆଣ୍ଡ କନ୍‌ଷ୍ଟ୍ରକଶନ) କଣ୍ଟ୍ରାକ୍ଟ ବେସିସ୍‌ରେ ଟେଣ୍ଡର ଆହ୍ୱାନ କରାଯିବ ବୋଲି ଜଣାପଡ଼ିଛି।

ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ ଷ୍ଟ୍ରକ୍ଚରରେ ବିନା ବିସ୍ଥାପନରେ ମହାନଦୀ ଗର୍ଭରେ ବୃହତ୍ ଜଳାଶୟ ସୃଷ୍ଟି କରାଯିବା ଯୋଜନା ରହିଛି। ଗୋଧନେଶ୍ୱର ପ୍ରକଳ୍ପ ଖଇରମାଳଠାରୁ ବଡ଼ ହେବ। ମହାନଦୀ ଓ ତେଲନଦୀର ପାଣି ବର୍ଷାଦିନେ ସମୁଦ୍ରକୁ ବହିଯାଉଥିଲା। ଜଳର ଠିକ୍ ଉପଯୋଗ ହୋଇପାରୁ ନ ଥିଲା। ଖରାଦିନେ ନଦୀ ଶୁଖିଲା ପଡୁଥିଲା। ତେଣୁ ପ୍ରକଳ୍ପ ନିର୍ମାଣ ସମ୍ପୂର୍ଣ୍ଣ ହେଲେ ସ୍ଥାନୀୟ ଅଞ୍ଚଳରେ ଭୂତଳ ଜଳସ୍ତର ବୃଦ୍ଧି ପାଇବା ସହ ଜଳ ସଂରକ୍ଷଣ, ପାନୀୟ ଜଳ, ମତ୍ସ୍ୟଚାଷ ସହ ଜଳ ପର୍ଯ୍ୟଟନ, ଶିଳ୍ପାନୁଷ୍ଠାନକୁ ଜଳ ଯୋଗାଣ ଓ ହୋଟେଲ ଶିଳ୍ପର ସମ୍ଭାବନା ସୃଷ୍ଟି ହେବ। ସୁବର୍ଣ୍ଣପୁର ସହର ସମେତ ଉଲୁଣ୍ଡା ଓ ବୀରମହାରାଜପୁର ବ୍ଲକ ଏବଂ ବୌଦ୍ଧ ଜିଲାର ବୌଦ୍ଧ ସହର, ବୌଦ୍ଧ ଓ କଣ୍ଟାମାଳ ବ୍ଲକର ଲକ୍ଷାଧିକ ଅଧିବାସୀ ଏହି ପ୍ରକଳ୍ପ ଦ୍ୱାରା ଉପକୃତ ହେବେ। ପାନୀୟ ଜଳ ଚାହିଦା ପୂରଣ ସହ ମହାନଦୀ ଓ ତେଲନଦୀ ବେସିନ୍‌ରେ ନିର୍ମାଣ ହୋଇଥିବା ମେଗା ଉଠାଜଳସେଚନ ପ୍ରକଳ୍ପଗୁଡ଼ିକ ରବିଋତୁରେ ଜମିକୁ ଜଳସେଚିତ କରିପାରିବ। ଜଳ ଚାହିଦା ପୂରଣ, କୃଷିରେ ଉପଯୋଗ ଓ ସମୁଦ୍ରକୁ ବହିଯାଉଥିବା ଜଳର ସଂରକ୍ଷଣ ପାଇଁ ଏହି ପ୍ରକଳ୍ପଦ୍ୱୟ ବିଶେଷ ସହାୟକ ହେବେ ବୋଲି ଆଶା କରାଯାଉଛି।

# ବିକାଶକୁ ପ୍ରାଥମିକତା

ଅଶ୍ୱିନୀ ବୈଷ୍ଣବ



ଦେଶ ତଥା ରାଜ୍ୟରେ ରେଳ ଭିତ୍ତିଭୂମି ଏବଂ ଟେଲିକମ୍ ସଂଯୋଗ ବୃଦ୍ଧି କ୍ଷେତ୍ରରେ ବହୁ କାର୍ଯ୍ୟ ଜାରି ରହିଛି। କେନ୍ଦ୍ର ସରକାର ସବୁବେଳେ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ରାଜ୍ୟର ସର୍ବୋତ୍ତମ ବିକାଶ ପାଇଁ କାର୍ଯ୍ୟ କରୁଛନ୍ତି। ରାଜ୍ୟର ବିକାଶ ଆମର ସବୁବେଳେ ପ୍ରାଥମିକତା ରହି ଆସିଛି। ଚଳିତ ବର୍ଷର ବଜେଟରେ ସବୁ ବର୍ଗର ଲୋକଙ୍କୁ ଗୁରୁତ୍ୱ ଦିଆଯାଇଛି। ଗରିବଙ୍କ କଲ୍ୟାଣ ନିମନ୍ତେ ଅନ୍ତ୍ୟୋଦୟ ଯୋଜନାର ଲକ୍ଷ୍ୟ ପୂରଣ ପ୍ରଧାନମନ୍ତ୍ରୀଙ୍କ ପ୍ରାଥମିକତା ରହିଛି। ଓଡ଼ିଶାରେ ରେଳ ଭିତ୍ତିଭୂମି ବିକାଶ ଏବଂ ରେଳ ଲାଇନ୍ ସମ୍ପ୍ରସାରଣ ପାଇଁ ୧୦,୦୧୨ କୋଟି ଟଙ୍କାର ବଜେଟ ଘୋଷଣା କରାଯାଇଛି। ଓଡ଼ିଶାରେ ରେଳ ଭିତ୍ତିଭୂମି ବିକାଶ ପାଇଁ ୨୦୦୯ରୁ ୨୦୧୪ ମଧ୍ୟରେ ବାର୍ଷିକ ହାରାହାରି ୮୩୮କୋଟି ଟଙ୍କା ମଞ୍ଜୁର ହେଉଥିଲା। ୨୦୧୪ ପରଠାରୁ ଏହା ପ୍ରାୟ ୧୨ଗୁଣା ବୃଦ୍ଧି ପାଇ ୧୦,୦୧୨କୋଟିରେ ପହଞ୍ଚିଛି। ପୂର୍ବୋଦୟ ମିଶନକୁ ଆମ ସରକାର ପ୍ରାଥମିକତା ଦେଉଛି। ମୁଁ ବ୍ୟକ୍ତିଗତ ଭାବେ ରେଳ ପ୍ରକଳ୍ପର ବିକାଶକୁ ଅନୁଧ୍ୟାନ କରୁଛି। ଏଥିସହ ଅଧିକାରୀମାନଙ୍କ ସମ୍ପୂର୍ଣ୍ଣ ସହଯୋଗ ଲୋଡ଼ି ପ୍ରକଳ୍ପଗୁଡ଼ିକୁ ତୁରନ୍ତ ଶେଷ କରିବାକୁ ନିର୍ଦ୍ଦେଶ ଦେଉଛି। ଲୋକମାନଙ୍କୁ ବିଶ୍ୱସ୍ତରୀୟ ରେଳ ସେବାର ସୁବିଧା ଯୋଗାଇଦେବାକୁ ସରକାର କାର୍ଯ୍ୟ କରୁଛନ୍ତି। ପୂର୍ବରୁ ଅର୍ଥାତ୍ ୨୦୦୯ରୁ ୨୦୧୪ ମଧ୍ୟରେ ବର୍ଷକୁ ହାରାହାରି ମାତ୍ର ୫୩.୪ କିଲୋମିଟର ରେଳ ଲାଇନ୍ ନିର୍ମାଣ କରାଯାଉଥିଲା। ହେଲେ ୨୦୨୨-୨୩ରେ ଏହି ସଂଖ୍ୟା ୪୫୯ କିଲୋମିଟରରେ ପହଞ୍ଚିଛି। ଏହା ପୂର୍ବାପେକ୍ଷା ୮ଗୁଣା ଅଧିକ ଏବଂ ଏହା ଓଡ଼ିଶାର ରେଳ ବିକାଶରେ ପ୍ରମୁଖ ପରିବର୍ତ୍ତନ ଆଣିପାରିଛି। ସାରା ଦେଶରେ ରେଳ ଷ୍ଟେଶନଗୁଡ଼ିକର ଆଧୁନିକୀକରଣ କରିବା ଉଦ୍ଦେଶ୍ୟରେ ୨୦୨୩ ଅଗଷ୍ଟ ୬ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିତ୍ତିପ୍ରସ୍ତର ସ୍ଥାପନ କରି ଏକ ଐତିହାସିକ ପଦକ୍ଷେପ ନେଇଛନ୍ତି। ଅମୃତ ଭାରତ ଷ୍ଟେଶନ ଯୋଜନାରେ ପ୍ରାୟ ୨୫ହଜାର କୋଟି ଟଙ୍କା ବିନିମୟରେ ୧,୩୦୯ ରେଳ ଷ୍ଟେଶନର ଆଧୁନିକୀକରଣ କରାଯିବ। ପ୍ରାଥମିକ ପର୍ଯ୍ୟାୟରେ ଯାତ୍ରୀମାନଙ୍କ ସୁବିଧା ନିମନ୍ତେ ୫୦୮ ଷ୍ଟେଶନର କାର୍ଯ୍ୟ ଆରମ୍ଭ ହେବ। ଷ୍ଟେଶନ ବିଲ୍ଡିଂର ନବୀକରଣ, ସହରର ଉଭୟ ପାର୍ଶ୍ୱରେ ରେଳ ଷ୍ଟେଶନକୁ ଏକୀଭୂତ କରିବା, ମଲ୍‌ଟିମୋଡାଲ୍ ଇଣ୍ଟିଗ୍ରେଶନ, ଦିବ୍ୟାଙ୍ଗମାନଙ୍କ ପାଇଁ ସୁବିଧା, ସ୍ଥାୟୀ ତଥା ପରିବେଶ ଅନୁକୂଳ ସମାଧାନ, ଆବଶ୍ୟକ ଏବଂ ସୁବିଧା ଅନୁସାରେ ରୁଫ୍ ପ୍ଲାଜା ନିର୍ମାଣ ଏବଂ ଦୀର୍ଘସ୍ଥାୟୀ ଯୋଜନା ପାଇଁ ଷ୍ଟେଶନଗୁଡ଼ିକରେ ସିଟି ସେଣ୍ଟର ପ୍ରତିଷ୍ଠା କରିବା ଅମୃତ ଭାରତ ଯୋଜନାରେ ଅନ୍ତର୍ଭୁକ୍ତ ରହିଛି। ଏହି ଯୋଜନା ଅଧୀନରେ ଓଡ଼ିଶାର କେବିକେ ଏବଂ ମହତ୍ତ୍ୱାକାଂକ୍ଷୀ ଜିଲା ସମେତ ୫୭ଟି ଷ୍ଟେଶନର ପୁନର୍ବିକାଶ ପାଇଁ ଚିହ୍ନଟ ହୋଇଛି। ସେଥିମଧ୍ୟରୁ ପଶ୍ଚିମ ଓଡ଼ିଶାର ୨୦ଟି ଷ୍ଟେଶନ ରହିଛି। ସେଗୁଡ଼ିକ ହେଲା, ରାଉରକେଲା, ବିମଳାଗଡ଼, ରାଜଗାଙ୍ଗପୁର, ପାନପୋସ, ଝାରସୁଗୁଡ଼ା, ଝାରସୁଗୁଡ଼ା ରୋଡ, ବ୍ରଜରାଜନଗର, ବେଲପାହାଡ଼, ସମ୍ବଲପୁର, ସମ୍ବଲପୁର ସହର, ଖରିଆର ରୋଡ, ହୀରାକୁଦ, କେସିଙ୍ଗା, ବରଗଡ଼ ରୋଡ, ବରପାଲି, ବଲାଙ୍ଗିର, ଟିଟିଲାଗଡ଼ ଜଙ୍କସନ୍, କଣ୍ଟାବାଞ୍ଜି, ହରିଶଙ୍କର ରୋଡ୍ ଏବଂ ଭବାନୀପାଟଣା। ସେହିପରି ଉପକୂଳ ଓଡ଼ିଶାର ୧୫ ଷ୍ଟେଶନ ଯଥା, ବାଲେଶ୍ୱର, ଜଳେଶ୍ୱର, ଭଦ୍ରକ, ଯାଜପୁର-କେନ୍ଦୁଝର ରୋଡ୍, ପାରାଦୀପ, ରଘୁନାଥପୁର, କଟକ, ଭୁବନେଶ୍ୱର, ଲିଙ୍ଗରାଜ ଟେମ୍ପଲ ରୋଡ୍, ନୂଆ ଭୁବନେଶ୍ୱର, ଖୋର୍ଦ୍ଧାରୋଡ୍, ମଞ୍ଚେଶ୍ୱର, ପୁରୀ, ସାକ୍ଷୀଗୋପାଳ ଏବଂ ବାଲୁଗାଁ। କେନ୍ଦ୍ର ଓଡ଼ିଶାର ୬ ଷ୍ଟେଶନ ଅନୁଗୋଳ, ତାଳଚେର, ତାଳଚେର ରୋଡ୍, ଢେଙ୍କାନାଳ, ମେରାମୁଣ୍ଡଳୀ ଏବଂ ରେଢ଼ାଖୋଲ ରହିଛି। ଉତ୍ତର ଓଡ଼ିଶାର ୭ ଷ୍ଟେଶନ ଯଥା କେନ୍ଦୁଝରଗଡ଼, ବଡବିଲ୍, ଯାରୋଲି, ବାରିପଦା, ରାଇରଙ୍ଗପୁର, ବେତନଟି ଓ ବାଦାମପାହାଡ଼। ସେହିପରି ଦକ୍ଷିଣ ଓଡ଼ିଶାର ୯ ଷ୍ଟେଶନ ଯଥା ବ୍ରହ୍ମପୁର, ଛତ୍ରପୁର, ପାରଳାଖେମୁଣ୍ଡି, ରାୟଗଡ଼ା, ମୁନିଗୁଡ଼ା, ଗୁଣୁପୁର, କୋରାପୁଟ, ଜୟପୁର ଏବଂ ଦାମନଯୋଡ଼ି ରହିଛି। ବର୍ତ୍ତମାନ ଓଡ଼ିଶାରେ ୫୨ହଜାର କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଚାଲିଛି। ପ୍ରଥମ ପର୍ଯ୍ୟାୟରେ ୭୭୩ କୋଟି ଟଙ୍କା ବ୍ୟୟରେ ଭୁବନେଶ୍ୱର, କଟକ ଏବଂ ପୁରୀ ଷ୍ଟେଶନର ନିର୍ମାଣ କାର୍ଯ୍ୟ ଚାଲିଛି। ଏହିସବୁ କାର୍ଯ୍ୟର ମୁଁ ବ୍ୟକ୍ତିଗତଭାବେ ଅନୁଧ୍ୟାନ କରୁଛି। ଏଥିସହିତ ଏହି କାର୍ଯ୍ୟଗୁଡ଼ିକର ତୁରନ୍ତ ଶେଷ ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛି।

ଗତ ୯ବର୍ଷ ମଧ୍ୟରେ ଓଡ଼ିଶାରେ ଟେଲିକମ୍ ଟାୱାର ସଂଖ୍ୟା ବୃଦ୍ଧି ପାଇଛି। ଯଦି ଆମେ ପୂର୍ବ ରେକର୍ଡ ଦେଖିବା ତେବେ ୨୦୧୪ ବେଳକୁ ଓଡ଼ିଶାରେ ମାତ୍ର ୭,୫୬୨ ଟାୱାର ଥିଲା। ୨୦୨୩ରେ ଏହା ବୃଦ୍ଧି ପାଇ ୨୬,୫୧୨ରେ ପହଞ୍ଚିଲାଣି। ଅଧିକରୁ ଅଧିକ ଟେଲିକମ୍ ଟାୱାରଗୁଡ଼ିକର ପ୍ରତିଷ୍ଠା ଫଳରେ ନେଟୱର୍କ ସମସ୍ୟା ଦୂର ହୋଇଛି। ବିଶେଷକରି ଗ୍ରାମାଞ୍ଚଳରେ ନେଟୱର୍କ କନେକ୍ଟିଭିଟି ସୁଦୃଢ଼ ହୋଇପାରିଛି। ୨୦୧୪ରେ ଓଡ଼ିଶାରେ ମାତ୍ର ୫.୯ ଲକ୍ଷ ବ୍ରଡ୍ ବ୍ୟାଣ୍ଡ ସବ୍‌ସ୍କ୍ରାଇବର ରହିଥିବାବେଳେ ଏବେ ୨.୨ କୋଟିରେ ପହଞ୍ଚିଛି। ଲୋକମାନଙ୍କୁ ଉନ୍ନତମାନର ଟେଲିକମ୍ ସେବା ଯୋଗାଇବା ଉଦ୍ଦେଶ୍ୟରେ ଆମେ ଟାୱାର ସଂଖ୍ୟାକୁ ୨୦୧୪ ତୁଳନାରେ ୩ଗୁଣ ବୃଦ୍ଧି କରିଛୁ। ୨୦୧୪ରେ ୨୨,୯୪୨ ବେସ୍ ଟ୍ରାନ୍ସିଭର ଷ୍ଟେଶନ(ବିଟିଏସ୍) ଥିବାବେଳେ ୨୦୨୩ରେ ଏହା ୮୫,୫୫୬କୁ ବୃଦ୍ଧି ପାଇଛି। ଏହି ସମୟ ମଧ୍ୟରେ ଆମେ ଅପ୍ଟିକାଲ ଫାଇବର କେବଲ୍‌କୁ ମଧ୍ୟ ବୃଦ୍ଧି କରିଛୁ। ୨୦୧୪ରେ ୪୦, ୭୫୬ କି.ମି ଅପ୍ଟିକାଲ୍ ଫାଇବର ବିଛାଯାଇଥିବାବେଳେ ୨୦୨୩ରେ ଏହା ୧,୩୭,୬୫୩ କି.ମି.ରେ ପହଞ୍ଚିଛି। ପ୍ରଧାନମନ୍ତ୍ରୀଙ୍କ ସବ୍‌କା ସାଥ୍ ସବ୍‌କା ବିକାଶ, ସବ୍‌କା ବିଶ୍ୱାସ, ସବ୍‌କା ପ୍ରୟାସ ନୀତି ଦେଶ ତଥା ରାଜ୍ୟର ଭିତ୍ତିଭୂମି ବିକାଶ ଏବଂ ତୃଣମୂଳସ୍ତରରେ ନୀତି(ପଲିସି)ଗୁଡ଼ିକର ଠିକ୍ କାର୍ଯ୍ୟାନ୍ୱୟନ ଉପରେ ଆଧାରିତ। ଗତ ପ୍ରାୟ ଏକ ଦଶନ୍ଧି ହେବ ଓଡ଼ିଶାରେ ଟେଲିକମ୍ ଭିତ୍ତିଭୂମି ବିକାଶ ୩ଗୁଣା ବୃଦ୍ଧି ପାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାର ୭.୪୮୫ ଗ୍ରାମକୁ ଟେଲିକମ୍ ସଂଯୋଗ କରିବା ପାଇଁ ୫,୬୦୦ କୋଟି ଟଙ୍କା ବ୍ୟୟରେ ୫,୩୩୩ ଟାୱାର ନିର୍ମାଣ ପାଇଁ ଅର୍ଥ ମଞ୍ଜୁର କରିଛନ୍ତି।

- ଲେଖକ: ରେଳ ଏବଂ ଟେଲିକମ୍ ମନ୍ତ୍ରୀ

# 'ମାନବ କଲ୍ୟାଣରେ ଜ୍ଞାନର ଉପଯୋଗ କର'






ପରମାଣୁ ଶକ୍ତି ଆୟୋଗ ଅଧ୍ୟକ୍ଷ ଡ. ଅଜିତ କୁମାର ମହାନ୍ତିଙ୍କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରୁଛନ୍ତି। ଉତ୍ସବରେ ଅତିଥିଙ୍କ ସହ ଡିଗ୍ରୀ ଓ ପଦକ ପାଇଥିବା ଛାତ୍ରୀଛାତ୍ର। **(ଫଟୋ: ବିକାଶ ନାୟକ)**

ଭୁବନେଶ୍ୱର, ୧୯।୮ (ଅସମାପିକା ସାହୁ)

**କିଟ୍ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ**

- ୩ଜଣଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ
- ୬,୬୩୮ ଛାତ୍ରୀଛାତ୍ରଙ୍କୁ ସ୍ନାତକ, ସ୍ନାତକୋତ୍ତର ଓ ପିଏଚ୍‌ଡି ଡିଗ୍ରୀ
- ଶ୍ରେଷ୍ଠ ଛାତ୍ରୀ ଭାବେ ବିଦିତା ସାମନ୍ତଙ୍କୁ ପ୍ରତିଷ୍ଠାତା ସ୍ୱର୍ଣ୍ଣ ପଦକ

କିଟ୍ ବିଶ୍ୱବିଦ୍ୟାଳୟର ୧୯ତମ ସମାବର୍ତ୍ତନ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୀକ୍ଷାନ୍ତ ଭାଷଣ ଦେଇଥିଲେ। ଛାତ୍ରୀଛାତ୍ରମାନେ ନିଜ ଜ୍ଞାନକୁ ନିଷ୍ଠାର ସହ ମାନବ କଲ୍ୟାଣରେ ଉପଯୋଗ କରିବା ଉଚିତ। ଈଶ୍ୱର ଆମକୁ ଅନେକ ଭଲ ଗୁଣ ଦେଇ ଧରାପୃଷ୍ଠକୁ ପଠାଇଛନ୍ତି। ଆମେମାନେ ମାନବ କଲ୍ୟାଣରେ ଏହି ସବୁ ଉତ୍ତମ ଗୁଣର ସୁବିନିଯୋଗ କରିବା ଆବଶ୍ୟକ ବୋଲି ରାଜ୍ୟପାଳ କହିଛନ୍ତି।

କିଟ୍ ବିଶ୍ୱବିଦ୍ୟାଳୟ କୁଳାଧିପତି ଅଶୋକ କୁମାର ପରିଡା କହିଲେ, ସ୍ନାତକ ଅର୍ଥ କେବଳ ଡିଗ୍ରୀ ହାସଲ କରିବା ନୁହେଁ, ଏହା ହେଉଛି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦେଖା ଦେଇଥିବା ଗୁଣାତ୍ମକ ପରିବର୍ତ୍ତନ। ଉପକୁଳାଧିପତି ପ୍ରଫେସର ସୁବ୍ରତ ଆଚାର୍ଯ୍ୟ କହିଲେ, ଏହି ବିଶ୍ୱବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହୋଇଥିବା ସ୍ନାତକମାନଙ୍କର ଏକ ଅନନ୍ୟ ସାମାଜିକ ଦାୟିତ୍ୱ ରହିଛି। ସେମାନେ ନିଜ ନିଜ କ୍ଷେତ୍ରରେ ଏକ ଉଦାହରଣ ସୃଷ୍ଟି କରିପାରିବେ ବୋଲି ସେ କହିଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସସ୍ମିତା ସାମନ୍ତ ବିଶ୍ୱବିଦ୍ୟାଳୟର ବାର୍ଷିକ ବିବରଣୀ ଉପସ୍ଥାପନ କରି କିଟ୍ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ହାସଲ କରିଥିବା ବିଭିନ୍ନ ଉଲ୍ଲେଖନୀୟ ସଫଳତା ବିଷୟରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଭାରତ ସରକାରଙ୍କ ପରମାଣୁ ଶକ୍ତି ଆୟୋଗ ଅଧ୍ୟକ୍ଷ ତଥା ପରମାଣୁ ଶକ୍ତି ବିଭାଗ ସଚିବ ଡ. ଅଜିତ କୁମାର ମହାନ୍ତି, ସ୍ୱସ୍ତି ଗ୍ରୁପ୍ ହୋଟେଲ୍ସ ଅଧ୍ୟକ୍ଷ ଜିତେନ୍ଦ୍ର କୁମାର ମହାନ୍ତି ଓ ଟେକ୍ ମହିନ୍ଦ୍ରା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ପରିଚାଳନା ନିର୍ଦ୍ଦେଶକ ଚନ୍ଦର ପ୍ରକାଶ ଗୁର୍ନାନିଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରାଯାଇଥିଲା। ଏଥିସହ ୬,୬୩୮ ଛାତ୍ରୀଛାତ୍ରଙ୍କୁ ସ୍ନାତକ, ସ୍ନାତକୋତ୍ତର ଓ ପିଏଚ୍‌ଡି ଡିଗ୍ରୀ ପ୍ରଦାନ କରାଯାଇଥିଲା। ସାମଗ୍ରିକ ପ୍ରଦର୍ଶନ ପାଇଁ ଶ୍ରେଷ୍ଠ ଛାତ୍ରୀ ଭାବେ ବିଦିତା ସାମନ୍ତଙ୍କୁ ପ୍ରତିଷ୍ଠାତା ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିବାବେଳେ ଅନନ୍ୟା ତ୍ରିପାଠୀଙ୍କୁ ଶ୍ରେଷ୍ଠ ପିଏଚ୍‌ଡି ଛାତ୍ରୀ, ଶ୍ରେଷ୍ଠ ସ୍ନାତକୋତ୍ତର ଛାତ୍ରୀ ସ୍ୱାତୀ ସୁଦେଷ୍ଣା ପଣ୍ଡା ଓ ଶ୍ରେଷ୍ଠ ସ୍ନାତକ ଭାବେ ନିର୍ମଳ କୁମାର ପଣ୍ଡିତଙ୍କୁ ମଧ୍ୟ ପ୍ରତିଷ୍ଠାତା ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିଲା। ସେହିପରି ବିଭିନ୍ନ ପାଠ୍ୟକ୍ରମରେ ଶ୍ରେଷ୍ଠ ବିବେଚିତ ଛାତ୍ରୀଛାତ୍ରଙ୍କୁ କୁଳାଧିପତି ସ୍ୱର୍ଣ୍ଣ ପଦକ, ନନିବାଳା ସ୍ମୃତି ସ୍ୱର୍ଣ୍ଣ ପଦକ, ଶ୍ରୀକୃଷ୍ଣଚନ୍ଦ୍ର ପଣ୍ଡା ସ୍ମୃତି ସ୍ୱର୍ଣ୍ଣ ପଦକ, ଡ. ୱାଡିପରମଗୁରୁ ସ୍ମୃତି ସ୍ୱର୍ଣ୍ଣପଦକ, ପି କେ ବଳ ସ୍ମୃତି ସ୍ୱର୍ଣ୍ଣପଦକ, ପିପିଏଲ୍ ସ୍ୱର୍ଣ୍ଣ ପଦକ ଏବଂ କୁଳପତି ରୌପ୍ୟ ପଦକ ଦିଆଯାଇଥିଲା। କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ଉପସଭାପତି ଉମାପଦ ବୋଷ, ସମ୍ପାଦକ ଆର୍. ଏନ୍. ଦାଶ, କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳପତି ପ୍ରଫେସର ଶରଣଜିତ ସିଂହ, କିମ୍‌ସ ଉପକୁଳପତି ପ୍ରଫେସର ସି.ବି.କେ. ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଓପିଟିସିଏଲ୍‌ରେ ୪୧୨ ଜଣଙ୍କୁ ନିଯୁକ୍ତି

ଭୁବନେଶ୍ୱର, ୧୯।୮ (ଅନିଲ ଦାସ)

- ଉତ୍ତମ ବିଦ୍ୟୁତ୍ ସେବା ପାଇବା ପ୍ରତ୍ୟେକ ନାଗରିକଙ୍କ ଅଧିକାର
- ଏହାକୁ ସୁନିଶ୍ଚିତ କରିବାକୁ ନବନିଯୁକ୍ତଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

ଓଡ଼ିଶା ପାୱାର ଟ୍ରାନ୍ସମିଶନ କର୍ପୋରେଶନ ଲିମିଟେଡ (ଓପିଟିସିଏଲ)ରେ ୪୧୨ ଜଣଙ୍କୁ ନିଯୁକ୍ତି ମିଳିଛି। ସେମାନଙ୍କ ମଧ୍ୟରେ ୧୬୧ ଇଲେକ୍ଟ୍ରିକାଲ ଇଞ୍ଜିନିୟର ଥିବାବେଳେ ୫୪ ଅଫିସ ଆସିଷ୍ଟାଣ୍ଟ ଏବଂ ୧୯୭ ଇଲେକ୍ଟ୍ରିକାଲ ଟେକ୍ନିସିଆନ ଅଛନ୍ତି। ଶନିବାର ଲୋକସେବା ଭବନ କନ୍‌ଭେନଶନ ହଲ୍‌ଠାରେ ଆୟୋଜିତ ଓରିଏଣ୍ଟେଶନ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ ଉତ୍ତମ ବିଦ୍ୟୁତ୍ ସେବା ପାଇବା ପ୍ରତ୍ୟେକ ଜନସାଧାରଣଙ୍କ ଅଧିକାର। ପ୍ରତ୍ୟେକ ଗ୍ରାହକଙ୍କୁ ୨୪ ଘଣ୍ଟିଆ ବିଦ୍ୟୁତ୍ ସେବା ଯୋଗାଇଦେବାକୁ ଆମେ ନିଶ୍ଚିତ କରିବା ଦରକାର। ରାଜ୍ୟ ସରକାର ପ୍ରଶାସନିକ କ୍ଷେତ୍ରରେ ୫-ଟି ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିଛନ୍ତି। ଏହାକୁ ଅନୁକରଣ କରି ନିଜର କର୍ତ୍ତବ୍ୟ ସୁଚାରୁରୂପେ ପାଳନ କରିବାକୁ ମୁଖ୍ୟମନ୍ତ୍ରୀ ନବନିଯୁକ୍ତ ବୃତ୍ତିଧାରୀଙ୍କୁ ପରାମର୍ଶ ଦେଇଛନ୍ତି। ବିଦ୍ୟୁତ୍ ଉତ୍ପାଦନ ବୃଦ୍ଧି ସହ ପରିବହନ ଓ ଯୋଗାଣ ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାର ବହୁ ପୁଞ୍ଜି ବିନିଯୋଗ କରୁଛନ୍ତି। ୨୦୦୦ରେ ମାତ୍ର ୧୬ ଲକ୍ଷ ବିଦ୍ୟୁତ୍ ଗ୍ରାହକ ଥିବାବେଳେ ଏବେ ତାହା ୯୭ ଲକ୍ଷରେ ପହଞ୍ଚିଛି। ପିକ୍ ଆୱାରରେ ବର୍ଷସାରା ୫୩୦୦ ମେଗାୱାଟ୍ ବିଦ୍ୟୁତ୍ ଯୋଗାଇ ଦିଆଯାଉଛି। ଏ କ୍ଷେତ୍ରରେ ଓପିଟିସିଏଲ୍‌ର ଅବଦାନ ଉଲ୍ଲେଖନୀୟ। ୨୦୧୦ରେ ଓପିଟିସିଏଲ୍ ୨୩୦୦ ଜଣଙ୍କୁ ନିଯୁକ୍ତି ଦେଇଥିବା ବେଳେ ଚଳିତ ବର୍ଷ ୩୦୦ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେଇଛି। ରାଜ୍ୟ ସରକାର ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ବଦ୍ଧପରିକର। ଏହି ନିଯୁକ୍ତି ପ୍ରକ୍ରିୟାକୁ ମୁଖ୍ୟମନ୍ତ୍ରୀ ନିଜେ ଦେଖୁଛନ୍ତି ବୋଲି କହିଛନ୍ତି। ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବ କହିଛନ୍ତି, ରାଜ୍ୟର ଲଗାତର ଆର୍ଥିକ ଅଭିବୃଦ୍ଧି ଶକ୍ତି ଆବଶ୍ୟକତାକୁ ବହୁ ମାତ୍ରାରେ ବୃଦ୍ଧି କରିଛି। ୨୪ ଘଣ୍ଟା ଉତ୍ତମ ମାନର ବିଦ୍ୟୁତ୍ ଯୋଗାଇ ଦେବା କ୍ଷେତ୍ରରେ ନବନିଯୁକ୍ତଙ୍କ ପାଇଁ ଏକ ବଡ଼ ଦାୟିତ୍ୱ ରହିବ। ନବନିଯୁକ୍ତ କର୍ମଚାରୀମାନେ ୫-ଟି ମନ୍ତ୍ରକୁ ନେଇ ସଫଳତାରେ ପହଞ୍ଚିବେ। ଉନ୍ନୟନ କମିଶନର ଅନୁ ଗର୍ଗ କହିଛନ୍ତି, ଲୋକଙ୍କୁ ଉତ୍ତମ ବିଦ୍ୟୁତ୍ ସେବା ଯୋଗାଇବା ପାଇଁ ନବନିଯୁକ୍ତ କର୍ମଚାରୀମାନେ କଠିନ ପରିଶ୍ରମ ପୂର୍ବକ ଜ୍ଞାନ ବୃଦ୍ଧି କରିବାକୁ ସେ ପରାମର୍ଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି. କେ. ପାଣ୍ଡିଆନ ଏବଂ ଅନ୍ୟାନ୍ୟ ଅଧିକାରୀ ଯୋଗ ଦେଇଥିଲେ। ଶକ୍ତି ସଚିବ ନିକୁଞ୍ଜ ବିହାରୀ ଧଳ ସ୍ୱାଗତ ଭାଷଣ ଦେଇଥିବା ବେଳେ ଓପିଟିସିଏଲ୍ ସିଏମ୍‌ଡି ଧନ୍ୟବାଦ ଦେଇଥିଲେ।

# ନିଅଣ୍ଟିଆ ବର୍ଷା ବଢ଼ାଇଲା ଚାଷୀଙ୍କ ଚିନ୍ତା

ଭୁବନେଶ୍ୱର, ୧୯।୮ (ଅନିଲ ଦାସ)

**୯ ଜିଲାରେ ସ୍ଥିତି ସାଂଘାତିକ**

ବର୍ଷାକୁ ଚାହିଁ ଚାହିଁ ଅଣଜଳସେଚନ ଅଞ୍ଚଳରେ ଚାଷୀ ଧୈର୍ଯ୍ୟହରା ହେଲେଣି। ଶ୍ରାବଣ ମାସ ଶେଷ ହେବାକୁ ବସିଲାଣି। ବିଲ ଫାଟି ଆଁ କରିଛି। ଧାନତଳି ପାଚିବାକୁ ବସିଲାଣି। ବିଲରେ ଧାନତଳି ରୁଆ ହୋଇପାରିଲା ନାହିଁ। ଧାନଚାଷ ହେବ କି ନାହିଁ ସେହି ଆଶଙ୍କା ଏବେ ଚାଷୀ ମନକୁ ଆନ୍ଦୋଳିତ କରୁଛି। ବିଶେଷକରି ନବରଙ୍ଗପୁର, କେନ୍ଦ୍ରାପଡ଼ା, କଳାହାଣ୍ଡି ଓ ଗଞ୍ଜାମ ଜିଲାରେ ସ୍ଥିତି ସଙ୍ଗିନ ହୋଇଛି। ଏହି ସବୁ ଜିଲାର ଅଧିକାଂଶ ବ୍ଲକରେ ଏଯାଏ ଚାଷ ଆରମ୍ଭ ହୋଇନାହିଁ।

ଜୁଲାଇ ୩୦ ତାରିଖ ଏବଂ ଅଗଷ୍ଟ ୧୬ ଲଘୁଚାପ ଯୋଗୁ କିଛି ଅଞ୍ଚଳରେ ବର୍ଷା ହୋଇଥିଲେ ମଧ୍ୟ ଅନେକ ଜିଲାର ଚାଷୀ ଏବେ ବର୍ଷାକୁ ଚାହିଁ ରହିଛନ୍ତି। ଅନ୍ୟପକ୍ଷରେ ଆସନ୍ତା ୩୦ ଯାଏ ରାଜ୍ୟକୁ କୌଣସି ବଡ଼ ବର୍ଷାର ସୂଚନା ନ ଥିବା ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ହିସାବ କହୁଛି, ଜୁନ୍ ପହିଲାରୁ ଅଗଷ୍ଟ ୧୯ ଯାଏ ରାଜ୍ୟରେ ସ୍ୱାଭାବିକ ଭାବେ ୭୮୬.୫ ମିଲିମିଟର ବର୍ଷା ହେବାକୁ ଥିବାବେଳେ ହୋଇଛି ୭୩୩.୨ ମିଲିମିଟର। ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ୯ ଜିଲାରେ ଏବେ ବି ନିଅଣ୍ଟିଆ ବର୍ଷା ହୋଇଛି। ନବରଙ୍ଗପୁର ଜିଲାରେ ଜୁନ୍ ପହିଲାରୁ ଅଗଷ୍ଟ ୧୯ ମଧ୍ୟରେ ୩୭% କମ୍ ବର୍ଷା ହୋଇଥିବାବେଳେ କେନ୍ଦ୍ରାପଡ଼ା ୩୩, ଗଞ୍ଜାମ ୩୦, କଳାହାଣ୍ଡି ୩୧, ପୁରୀ ୨୨, ଯାଜପୁର ୨୨, ଜଗତ୍‌ସିଂହପୁର ୨୫, ରାୟଗଡ଼ା ୨୩ ଏବଂ ଖୋର୍ଦ୍ଧାରେ ସ୍ୱାଭାବିକଠାରୁ ୨୩% କମ୍ ବର୍ଷା ହୋଇଛି। ନବରଙ୍ଗପୁର ଜିଲାର ୯ ବ୍ଲକ, ଗଞ୍ଜାମର ୨୨ ବ୍ଲକ ଏବଂ କେନ୍ଦ୍ରାପଡ଼ାର ୮ ବ୍ଲକ ଗଭୀର ଭାବେ ପ୍ରଭାବିତ ହୋଇଛି। କେନାଲ ପାଣିରେ କେତେକ ବ୍ଲକର ଅଳ୍ପ କିଛି ଜମିରେ ଚାଷକାର୍ଯ୍ୟ ହେଉଥିବାବେଳେ ଅଧିକାଂଶ ବ୍ଲକରେ ମରୁଡି ସ୍ଥିତି ସୃଷ୍ଟି ହୋଇଛି। ଆସନ୍ତା ୨୩ ଯାଏ ରାଜ୍ୟରେ ଟୋପାଏ ବର୍ଷାର ସୂଚନା ନାହିଁ।

# ତ୍ରୁଟିପୂର୍ଣ୍ଣ ଚିକିତ୍ସାରୁ ପ୍ରସୂତିଙ୍କ ମୃତ୍ୟୁ ଅଭିଯୋଗ

ଯୋଡ଼ା, ୧୯।୮ (ମାନସ ମହାନ୍ତି)

**ଡାକ୍ତରଖାନାରେ ଚାପା ଉତ୍ତେଜନା**

କେନ୍ଦୁଝର ଜିଲା ଯୋଡ଼ା ସହରସ୍ଥିତ ଟାଟା ଷ୍ଟିଲ ଡାକ୍ତରଖାନାରେ ଡାକ୍ତରଙ୍କ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁ ଜଣେ ପ୍ରସୂତିଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତକ ଯୋଡ଼ା ପୌରାଞ୍ଚଳର ସ୍ୱପ୍ନା ମୁଣ୍ଡା(୩୧)। ଏହାର ପ୍ରତିବାଦରେ ଡାକ୍ତରଖାନାରେ ଚାପା ଉତ୍ତେଜନା ଦେଖାଦେଇଛି। ମୃତକଙ୍କ ଆତ୍ମୀୟ ଘଟଣାର ଉପଯୁକ୍ତ ତଦନ୍ତ ସହ ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତରଙ୍କୁ ବଦଳି ଦାବି କରିଛନ୍ତି। ଟାଟା ଷ୍ଟିଲ୍ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଜଣାଇଥିଲେ।

ଯୋଡ଼ା ପୌରପାଳିକାର ୧୦ ନଂ. ୱାର୍ଡ କାଉନ୍‌ସିଲର ପୂଜା ସିଂ ଆଲଦା ଅଭିଯୋଗ କରିଛନ୍ତି, ଗତ ଶନିବାର ତଥା ୧୨ ତାରିଖରେ ଗର୍ଭବତୀ ଥିବା ସ୍ୱପ୍ନା ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଟାଟା ଷ୍ଟିଲ ଡାକ୍ତରଖାନାକୁ ଯାଇଥିଲେ। ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ଅବସ୍ଥା ସ୍ୱାଭାବିକ ଥିଲା। କିନ୍ତୁ ରକ୍ତଚାପ ଅଧିକ ଥିବା ଡାକ୍ତର କହିଥିଲେ। ପରେ ଡାକ୍ତରଙ୍କ ପରାମର୍ଶକ୍ରମେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଗତ ମଙ୍ଗଳବାର ଡାକ୍ତର ତାଙ୍କର ଅସ୍ତ୍ରୋପଚାର କରାଇଥିଲେ। ତାଙ୍କର ୨ ଯମଜ ସନ୍ତାନ ଜନ୍ମଲାଭ କରିଥିଲେ। ଦୁଇ ସନ୍ତାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭଲ ଥିବା ବେଳେ ସ୍ୱପ୍ନାଙ୍କ ଅବସ୍ଥା ବିଗିଡିବାରୁ ଡାକ୍ତର ତାଙ୍କୁ କଟକ ସ୍ଥାନାନ୍ତର କରିଥିଲେ। ପରେ ତାଙ୍କୁ ଟାଟାସ୍ଥିତ ଟିଏମ୍‌ଏଚ୍ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ପ୍ରସୂତିଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକେ କହିଛନ୍ତି। ଚିକିତ୍ସାରେ ଅବହେଳା, ସଙ୍କଟାପନ୍ନ ଅବସ୍ଥା ସମ୍ପର୍କରେ ପରିବାର ଲୋକଙ୍କୁ ନ ଜଣାଇବା, ରକ୍ତଚାପ ଅଧିକ ଥିବା ସତ୍ତ୍ୱେ କାହିଁକି ଅସ୍ତ୍ରୋପଚାର କରାଗଲା ତଥା ଡାକ୍ତରଙ୍କ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁ ମୃତ୍ୟୁ ଘଟିଥିବା ଅଭିଯୋଗ କରି ସ୍ଥାନୀୟ ଶତାଧିକ ମହିଳା, ପୁରୁଷଙ୍କ ସମେତ ପରିବାର ଲୋକେ ଶନିବାର ମେଡିକାଲରେ ପହଞ୍ଚି ପାଟିତୁଣ୍ଡ କରିଥିଲେ। ଯୋଡ଼ା ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲା। ଅପରାହ୍ଣରେ କମ୍ପାନୀର ଏନ୍‌ଆର୍‌ଡି ଟାଟା ଷ୍ଟିଲ୍ ମୁଖ୍ୟ ସଞ୍ଜୟ ଭୂୟାଁ, କାଉନ୍‌ସିଲର ପୂଜା ସିଂ ଆଲଦା, ପୂର୍ବତନ କାଉନ୍‌ସିଲର ସୁରେଶ ବାରିକ, ସନ୍ତୋଷ ବଳ, ଯୋଡ଼ା ଆଇଆଇସି ଜୟନାରାୟଣ ଖଣ୍ଡେଇ, ସ୍ଥାନୀୟ ଓ ପରିବାର ଲୋକଙ୍କୁ ନେଇ ଏକ ଆଲୋଚନା ହୋଇଥିଲା। ଦାବି ପୂରଣ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବାର କମ୍ପାନୀ ପକ୍ଷରୁ ପ୍ରତିଶ୍ରୁତି ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।



ହସ୍ପିଟାଲ ସମ୍ମୁଖରେ ଉତ୍ତ୍ୟକ୍ତ ଲୋକଙ୍କ ଭିଡ଼।

ଧରିତ୍ରୀ DHARITRI
ଭୁବନେଶ୍ୱର, ରବିବାର, ୨୦ ଅଗଷ୍ଟ, ୨୦୨୩

ଆମେ ନିଜକୁ ଭାଗ୍ୟବାନ ମନେକରିବା ଉଚିତ। କାରଣ, ଭଗବାନ ଆମକୁ ସବଳ ବାହୁ ଯୁଗଳ ଦେଇଛନ୍ତି। ଏବଂ ତାହାରି ବଳରେ ଆମେ ଯାହା କିଛି ସୁନ୍ଦର, ମଙ୍ଗଳମୟ ଓ ସତ୍ୟ– ସେସବୁକୁ ଧ୍ୱଂସ ବା ବିପଦ ମୁଖରୁ ରକ୍ଷା କରିବାକୁ ସମର୍ଥ ହେବା। –ଶ୍ରୀମା



# ଭାରତରେ ଦଙ୍ଗା



ଆକାର ପଟେଲ

ଦଙ୍ଗା ଶବ୍ଦର ଅର୍ଥ କହିଲେ ଲୋକଙ୍କ ଦ୍ୱାରା ଶାନ୍ତିର ହିଂସାତ୍ମକ ବିଶୃଙ୍ଖଳାକୁ ବୁଝାଏ। ସାଧାରଣତଃ ସାରା ବିଶ୍ୱରେ ଯେକୌଣସି ସ୍ଥାନରେ ଦଙ୍ଗାକୁ ଦେଶ ବିରୋଧରେ ସମାଜର କ୍ରୋଧ ଭାବେ ବୁଝାଯାଏ। ଉଦାହରଣ ସ୍ୱରୂପ ପ୍ୟାରିସ୍‌ରେ ୧୯୬୮ରେ ସାମ୍ରାଜ୍ୟବାଦ ଓ ପୁଞ୍ଜିବାଦ ବିରୋଧରେ ଛାତ୍ରଙ୍କ ପ୍ରତିବାଦରୁ ଦଙ୍ଗା ହୋଇଥିଲା କିମ୍ବା ରୋଡ୍‌ନୀ କିଙ୍ଗ୍‌ଙ୍କୁ ଆକ୍ରମଣ କରିଥିବା ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦୋଷ ଘୋଷଣା ପରେ ୧୯୯୨ରେ ଲସ୍ ଏଞ୍ଜେଲସ ଦଙ୍ଗା ଦେଖାଦେଇଥିଲା। ୨୦୧୧ରେ ମାର୍କ ଡୁଗାନ ନାମକ ଜଣେ ବ୍ୟକ୍ତିଙ୍କୁ ପୋଲିସ ଗୁଳିକରିବା ପରେ ଇଂଲଣ୍ଡର ବିଭିନ୍ନ ସହରରେ ଦଙ୍ଗା ଘଟି ୫ ଜଣଙ୍କ ମୃତ୍ୟୁ ଘଟିଥିଲା ଏବଂ ୩୦୦୦ ଗିରଫ ହୋଇଥିଲେ। ଚଳିତ ବର୍ଷ ଫ୍ରାନ୍ସରେ ଜଣେ ୧୭ ବର୍ଷୀୟ କିଶୋରଙ୍କୁ ପୋଲିସ ଗୁଳିକରି ହତ୍ୟା କରିବା ପରେ ସେଠାରେ ସୃଷ୍ଟି ହୋଇଥିବା ଦଙ୍ଗାରେ ୩ ଜଣଙ୍କର ମୃତ୍ୟୁ ଘଟିଥିଲା। ତେବେ ଭାରତରେ ଦଙ୍ଗାକୁ ଅନ୍ୟ ନାଗରିକଙ୍କ ଦ୍ୱାରା ନାଗରିକଙ୍କ ବିରୋଧରେ ସଂଗଠିତ ହିଂସା ଭାବେ ଗ୍ରହଣ କରାଯାଉଥିବାରୁ ଏଠାରେ ଦଙ୍ଗା ଶବ୍ଦର ବାସ୍ତବ ସଂଜ୍ଞା ଭିନ୍ନ। ଏଭଳି ହିଂସା ସମୟରେ ଏଠି ଦେଶ ଦୂରେଇଯାଏ ଓ ତାହାକୁ ସ୍ୱୀକୃତି ଦିଏ। ବହୁସଂଖ୍ୟକ ମନରେ ନିଆଁ ଲଗାଇବା, ବଳାତ୍କାର, ଲୁଟ୍ ଏବଂ ହତ୍ୟା କରିବାର ଭାବନା ପ୍ରକାଶ ପାଏ। ଏହାବ୍ୟତୀତ ବହୁ ସମୟରେ ଦେଶର କିଛି ତତ୍ତ୍ୱ ହିଂସାରେ ସକ୍ରିୟ ଭାବେ ଅଂଶଗ୍ରହଣ କରନ୍ତି, ଯାହାର ଉଦାହରଣ ଆମେ ଏବେ ଦେଖିପାରୁଛୁ। ସର୍ବଶ୍ରେଷ୍ଠ ଶାସିତ ରାଜ୍ୟଗୁଡ଼ିକର କ୍ଷୟକ୍ଷତି ନିୟନ୍ତ୍ରଣ କରିବା କ୍ଷମତା ଥିବା ଦେଖାଯାଉ ନାହିଁ। ଏପରିକି ଯେଉଁମାନେ ଆମର ଦକ୍ଷ ମୁଖ୍ୟମନ୍ତ୍ରୀ ଭାବେ ପରିଗଣିତ, ସେମାନେ ଏହି କ୍ଷେତ୍ରରେ ବିଫଳ ହୋଇଛନ୍ତି। ଏହା ମଧ୍ୟ ସତ୍ୟ ଯେ, ରାଜ୍ୟର ନେତୃତ୍ୱ ନେଉଥିବା ବ୍ୟକ୍ତିଙ୍କ ସମେତ ଅନେକେ ହିଂସାକୁ ଯଥାର୍ଥ ମନେକରନ୍ତି। କିଛି ବର୍ଷ ପୂର୍ବେ ଇଣ୍ଡିଆନ ଏକ୍ସପ୍ରେସ୍‌ରେ ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀଙ୍କ ଏକ ସାକ୍ଷାତ୍‌କାର ପ୍ରକାଶ ପାଇଥିଲା। ସେଥିରେ ତାଙ୍କୁ ପଚରାଯାଇଥିଲା: ମୁଜାଫରନଗର ଦଙ୍ଗା ଗତ ସରକାରଙ୍କ ଅଧୀନରେ ଘଟିଥିଲା, କିନ୍ତୁ ୪୪ ମାମଲା ମଧ୍ୟରୁ ୪୩ଟିରେ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ଆପଣଙ୍କ ସରକାର କାହିଁକି କୋର୍ଟରେ ଆବେଦନ କରୁନାହାନ୍ତି? ମୁଖ୍ୟମନ୍ତ୍ରୀ ଉତ୍ତର ଦେଇଥିଲେ, "ମୁଜାଫରନଗର ମାମଲାରେ ଚାର୍ଜଶିଟ ପୂର୍ବ ସରକାର ଦାଖଲ କରିଥିଲେ। ସେହି ସରକାରଙ୍କ ପକ୍ଷପାତ ନୀତି ଏବଂ ବିଫଳତାର ପରିଣାମ ଥିଲା ଦଙ୍ଗା, ଯେଉଁଥିରେ ଜାତି, ବିଶ୍ୱାସ ଓ ଧର୍ମ ଆଧାରରେ ସମଗ୍ର ସମାଜ ବିଭାଜିତ ହୋଇଥିଲା। ଆମ ସରକାରରେ ସେପରି କିଛି ନାହିଁ। ତେବେ ଆବେଦନ ଉପରେ ଯେଉଁ ପ୍ରଶ୍ନ କରୁଛନ୍ତି ତା'ଉପରେ ଆବଶ୍ୟକ ହେଲେ ଆମେ ତାହା କରିବୁ। ଯଦି କୌଣସି ଆବଶ୍ୟକତା ନାହିଁ, ତେବେ କାହିଁକି ଅଦାଲତ ମାମଲାରେ ଆମେ ହସ୍ତକ୍ଷେପ କରିବୁ?" ଏପରି ହିଂସାର ମୂଳ ହେଉଛି ଆମ ସମାଜର ଏକ ବୃହତ୍ ଅଂଶରେ ଥିବା ଏକ ସ୍ଥାୟୀ ଅନ୍ତର୍ନିହିତ ଭାବନା ଏବଂ ରାଜନୀତି ମାଧ୍ୟମରେ ଏହାକୁ ଉତ୍ସାହିତ କରାଯାଉଛି। ବାହ୍ୟଶକ୍ତି ବି ଏହାକୁ ତେଜିଆ'ନ୍ତି, ଯାହାର ଦୃଷ୍ଟାନ୍ତ ହେଉଛି ୧୯୮୪ରେ ଏକ ହତ୍ୟା, ୧୯୯୨ରେ ଭଙ୍ଗାରୁଜା କିମ୍ବା ୨୦୦୨ରେ ଟ୍ରେନ୍‌ରେ ଘଟିଥିବା ଘଟଣା।

ବିଦେଶରେ ଘଟୁଥିବା ଦଙ୍ଗା ଏବଂ ଏଠାକାର ଦଙ୍ଗା ମଧ୍ୟରେ ଆଉ ଏକ ପ୍ରଭେଦ ହେଉଛି ସ୍ୱତପ୍ରବୃତ୍ତତା। ଉପରେ ଦୃଷ୍ଟାନ୍ତ ଭାବେ ଦର୍ଶାଯାଇଥିବା ଦଙ୍ଗାଗୁଡ଼ିକ ଘଟିବାର କେବେ ଆଶା କରାଯାଇ ନ ଥିଲା। କିନ୍ତୁ ଭାରତରେ, ଆମେ ଜାଣିଛୁ ଯେ, ସୁଚିନ୍ତିତ ଭାବେ ଉତ୍ତେଜନା ବଢ଼ିବାର ଏକ ପରିଣାମ ଆସିବ ଓ ଦଙ୍ଗା ଘଟିବ। ଗୋ ପରିବହନ, ଗୋମାଂସ ଅଧିକାର, ବିଭିନ୍ନ ଧର୍ମୀୟ ବିବାହ, ଆସାମରେ ଏନ୍‌ଆର୍‌ସିର ଅବାଧ ଏବଂ ଦ୍ୱନ୍ଦ୍ୱାତ୍ମକ ତଥା ଭୟ ସୃଷ୍ଟିକାରୀ ଘଟଣା, ଛାଡ଼ପତ୍ରର ଅପରାଧୀକରଣ, ଶ୍ରୀନଗରରେ ଆମେ କରୁଥିବା କାମ ଏବଂ ଏପରି ଅନେକ କ୍ଷେତ୍ରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଭାଜପାର ଆଇନକୁ ଏହି ଦୃଷ୍ଟିରେ ଦେଖାଯାଇପାରେ। ଏପରି କାର୍ଯ୍ୟ ଉତ୍ତେଜନାକୁ ଉସୁକାଇଥାଏ। ନିକଟ ଅତୀତରେ ପ୍ରାଧ୍ୟାପକ ତଥା ଭାଷାବିତ୍ ଭିକ୍ଟର କ୍ଲେମ୍ପେରରଙ୍କ ଡାଏରିରୁ ସଂଗୃହୀତ ସ୍ତମ୍ଭ ଭାରତୀୟ ଖବରକାଗଜରେ ପ୍ରକାଶ ପାଇଥିଲା। କ୍ଲେମ୍ପେରର ୧୯୩୦ ଦଶକରେ ଜର୍ମାନୀରେ ତାଙ୍କ ସହ ଅନ୍ୟମାନଙ୍କ ପ୍ରତି ଯାହା ଘଟିଥିଲା ତାହାର ଏକ ରେକର୍ଡ ରଖିଥିଲେ। ସେହିଭଳି ଏବେ ଅର୍ଥନୀତିରେ, ମଣିପୁରରେ କିମ୍ବା ଲଦାଖ ସୀମାରେ ଯାହା ହେଉନା କାହିଁକି ପ୍ରତିଦିନ କିଛି ନା କିଛି ଘଟୁଛି ଓ ତାହା ଲିପିବଦ୍ଧ ହେଉଛି। ପୂର୍ବରୁ ଅଯୋଧ୍ୟା ଘଟଣାରେ ଯେଉଁ ଭାବନା ପ୍ରକାଶ ପାଇଥିଲା ଚଳିତ ମାସରେ କାଶୀ ବିଶ୍ୱନାଥ ମନ୍ଦିରର ପଦକ୍ଷେପ ତାହା ସୃଷ୍ଟି କରିବ। ଅଯୋଧ୍ୟା ମାମଲାକୁ ସମ୍ପତ୍ତି ବିବାଦ ଦୃଷ୍ଟିରୁ ବିଚାରକରି ସୁପ୍ରିମକୋର୍ଟ ଦେଇଥିବା ନିଷ୍ପତ୍ତିକୁ ସେଭଳି ଦୃଷ୍ଟିରେ ରାଜନୀତି ସ୍ତରରେ ଆଲୋଚନା କରାଯାଇ ନାହିଁ। ଏହା ବଦଳରେ ୫ ଶତାବ୍ଦୀ ପୂର୍ବରୁ ନିର୍ମିତ ଏକ ଢାଞ୍ଚା ପ୍ରତି ପ୍ରତିଶୋଧ ଭାବନାକୁ ଦର୍ଶାଯାଇଛି। ବାବର ୧୫୨୬ ମସିହାରେ ଇବ୍ରାହିମ ଲୋଦିଙ୍କୁ ପରାସ୍ତ କରିଥିଲେ ଏବଂ ୫ ବର୍ଷ ପରେ ଆଗ୍ରାରେ ୪୭ ବର୍ଷ ବୟସରେ ଏହା ପୂର୍ବରୁ ନିର୍ମିତ ଅନ୍ୟ ଏକ କୋଠାରେ ମୃତ୍ୟୁବରଣ କରିଥିଲେ। ତେବେ କେତେ ବର୍ଷ ପୂର୍ବରୁ ଢାଞ୍ଚା ନିର୍ମାଣ ହୋଇଥିଲା?

ବର୍ତ୍ତମାନ କାଶୀ ପ୍ରସଙ୍ଗ ଉପରେ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ। ତେବେ ଏହାକୁ ନ୍ୟାୟିକ ସ୍ତରରେ ସମାଧାନ କରିବାକୁ ଯାଉଥିବା ସମୟରେ ଏବଂ ସର୍ଭେ ଶେଷ ହେବା ପରେ ଆମେ କିପରି ପ୍ରସ୍ତୁତ ରହିବୁ ଓ ନିୟନ୍ତ୍ରଣ କରିବୁ ଏବଂ ତାହାକୁ ବିଶ୍ୱ କିଭଳି ଦେଖିବ ତାହା ଧ୍ୟାନ ଆକର୍ଷକ ହେବ। ଆଶା କରାଯାଏ ଯେ, ଦେଶ ସମ୍ଭାବ୍ୟ ପରିଣାମ ପ୍ରତି ସଚେତନ ଅଛି ଏବଂ ଅନ୍ୟ ଏକ ସଙ୍କଟ ପାଖେଇ ଆସୁଥିବାରୁ ଏହାକୁ ହ୍ରାସ କରିବା ପାଇଁ ଯାହା କରିପାରିବ ତାହା କରୁଛି। ଶେଷରେ, ଆମେ ଯେଉଁଠାରୁ ଆରମ୍ଭ କରିଥିଲୁ ଅର୍ଥାତ୍ ଦଙ୍ଗା ଶବ୍ଦର ଅର୍ଥକୁ ଫେରିବା। ଭାରତରେ ଯେତେବେଳେ ସଂଖ୍ୟାଲଘୁ ସମ୍ପ୍ରଦାୟ ଉପରେ ସଂଗଠିତ ହିଂସାରେ ଯାହା ଘଟେ ତାହାକୁ ଆମେ ଦଙ୍ଗା କହିଥାଉ। ଯେତେବେଳେ ଭାରତରେ ସଂଖ୍ୟାଲଘୁ ପ୍ରତିକ୍ରିୟା ପ୍ରକାଶ କରନ୍ତି, ଯାହା ଆମେ ପୁଣି ମଣିପୁରରେ ଦେଖୁଛୁ, ସେହି କ୍ଷେତ୍ରରେ ଏହି ହିଂସାକୁ ଏଠାରେ ଭିନ୍ନ ଶ୍ରେଣୀଭୁକ୍ତ କରାଯାଇ ଅନ୍ୟ ନାମ ଦିଆଯାଇଛି।

Email:aakar.patel@gmail.com

# ଉଚ୍ଚଶିକ୍ଷାରେ ପ୍ରହେଳିକା



ଡ. ସୁବାସ ଚନ୍ଦ୍ର ପାତ୍ର

ଏବେ ଓଡ଼ିଶାର ଉଚ୍ଚଶିକ୍ଷା ଏକ ପ୍ରହେଳିକା ମଧ୍ୟ ଦେଇ ଗତି କରୁଛି। ଅପ୍ରସଙ୍ଗକୁ ପ୍ରସଙ୍ଗ କରିବା ପୂର୍ବକ ଏକ ଧୂମ୍ରକୁଣ୍ଡଳୀ ସୃଷ୍ଟି କରି ଶିକ୍ଷାର ସ୍ଖଳନର ପ୍ରକୃତ କାରଣ ଖୋଜିବା ପରିବର୍ତ୍ତେ ଶିକ୍ଷାନୁଷ୍ଠାନ, ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିବା ପାଇଁ ବିଭାଗ କେତେ ଦାୟୀ ତା'ର ଆତ୍ମ-ସମୀକ୍ଷା କରିବା ପରିବର୍ତ୍ତେ ଛାତ୍ରୀଛାତ୍ରମାନଙ୍କଠୁ ଶିକ୍ଷକମାନଙ୍କ ସମ୍ବନ୍ଧରେ ଯାହା ତାହା ତଥ୍ୟ ମାଗି, ବିନା ଅନୁସନ୍ଧାନରେ ତାହାକୁ ସର୍ବସାଧାରଣରେ ପ୍ରସାରଣ କରି ଶିକ୍ଷାସମାଜକୁ ନିନ୍ଦିତ କରିବାରେ ବିଭାଗ ବ୍ୟସ୍ତ।

ଇଂରାଜୀ ମାଧ୍ୟମ ସ୍କୁଲରେ ପଢୁଥିବା ପିଲାମାନଙ୍କୁ ସ୍କୁଲ ତରଫରୁ ଦିଆଯାଉଥିବା ଡାଇରିରେ ଲେଖାଥାଏ 'ଡୋ ନଟ୍ ସ୍ପିକ୍ ଇଲ୍ ଅଫ୍ ଦି ଟିଚର୍ସ ବିଫୋର ୟୋର ଚିଲ୍‌ଡ୍ରେନ।' (ଆପଣଙ୍କ ପିଲାମାନଙ୍କ ଆଗରେ ସ୍କୁଲର ଶିକ୍ଷକମାନଙ୍କ ସମ୍ବନ୍ଧରେ ଅପଶବ୍ଦ ବ୍ୟବହାର କରନ୍ତୁ ନାହିଁ।) ଅଥଚ ଉଚ୍ଚଶିକ୍ଷା ବିଭାଗ ନିଜ ବିଭାଗର ଶିକ୍ଷକମାନଙ୍କୁ ନିଜେ ନିନ୍ଦିତ କରିବା ପାଇଁ ଶେଷରେ ଛାତ୍ରୀଛାତ୍ରଙ୍କୁ ବ୍ୟବହାର କରିବାକୁ ପଶ୍ଚାତ୍‌ପଦ ହେଲେ ନାହିଁ। ପ୍ରସଙ୍ଗତଃ ଉଲ୍ଲେଖଯୋଗ୍ୟ ଯେ, ଉଚ୍ଚଶିକ୍ଷା ବିଭାଗର କ୍ଲାଉଡ୍-ବେସ୍‌ଡ ଷ୍ଟୁଡେଣ୍ଟ ଫିଡ୍‌ବ୍ୟାକ୍ ମାଧ୍ୟମରେ ଉତ୍କଳ ବିଶ୍ୱବିଦ୍ୟାଳୟ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ରେଭେନ୍‌ସା ବିଶ୍ୱବିଦ୍ୟାଳୟ, ବିଜେବି କଲେଜ, ମହର୍ଷି କଲେଜ, ପୁରୀ ଏସ୍.ସି.ଏସ୍ କଲେଜ, ଭଦ୍ରଖ କଲେଜ ଭଳି କେତେକ ସ୍ୱନାମଧନ୍ୟ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନେ ଏହି ଫର୍ମାଟରେ ଶିକ୍ଷକଙ୍କ ଗୁଣ, ଚରିତ୍ର ଉପରେ ମନ୍ତବ୍ୟ ରଖିବା ସହ କଲେଜ ଭିତ୍ତିଭୂମିର ଅଭାବ ସମ୍ବନ୍ଧରେ ଉଲ୍ଲେଖ କରିଛନ୍ତି। ଅନ୍‌ଲାଇନ ମାଧ୍ୟମରେ ଉଚ୍ଚଶିକ୍ଷା ବିଭାଗ ଛାତ୍ରୀଛାତ୍ରମାନଙ୍କଠୁ ଯେଉଁ ଫିଡ୍‌ବ୍ୟାକ୍ ମାଗିଛନ୍ତି, ତନ୍ମଧ୍ୟରେ ରହିଛି ଶିକ୍ଷକମାନେ ମଦ୍ୟପାନ କରି କଲେଜକୁ ଆସନ୍ତି କି? ଏ ବାବଦରେ କିଛି ଛାତ୍ରୀଛାତ୍ର ଓଡ଼ିଶାର କିଛି ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଶିକ୍ଷକମାନଙ୍କ ନାମ ମଧ୍ୟ ଉଲ୍ଲେଖ କରିଛନ୍ତି। ଯଦି ଶିକ୍ଷାନୁଷ୍ଠାନରେ କାର୍ଯ୍ୟରତ ଶିକ୍ଷକଙ୍କ ଗୁଣ, ଚରିତ୍ର ତଥା ଅନ୍ୟାନ୍ୟ ସମ୍ବେଦନଶୀଳ ବିଷୟରେ ସରକାରଙ୍କ ପାଖରେ କିଛି ଖବର ଥିଲା, ସରକାରଙ୍କ ପ୍ରତି ଜିଲାରେ ଅବସ୍ଥିତ ଗୁଇନ୍ଦା ସଂସ୍ଥା ଦ୍ୱାରା ଗୋପନରେ ତାହା ଅନୁଧ୍ୟାନ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ କାହାର କିଛି କହିବାର ନଥିଲା। ମାତ୍ର ଗଣମାଧ୍ୟମରେ ସନ୍ଦିଗ୍ଧ ଶିକ୍ଷକମାନଙ୍କ ନାମ ପ୍ରକାଶ କରି ଅଧ୍ୟକ୍ଷ ବା ଆଞ୍ଚଳିକ ନିର୍ଦ୍ଦେଶକଙ୍କୁ ଏ ବିଷୟରେ ଅନୁସନ୍ଧାନ କରିବାକୁ କହିବାର ଅର୍ଥ କ'ଣ? ଯେଉଁମାନେ ଏ ବାବଦରେ ନିର୍ଦ୍ଦୋଷ, ସରକାର ସେମାନଙ୍କ ଅପହୃତ ସୁନାମ, ପାରିବାରିକ ଅଶାନ୍ତି, ଦୁଃଖ ବିଷୟରେ କ'ଣ



ପଦକ୍ଷେପ ନେଇ ସେମାନଙ୍କୁ ପୂର୍ବାବସ୍ଥା ଫେରେଇ ଦେଇପାରିବେ?

ଦୁଃଖର କଥା, ସରକାରଙ୍କ ସମୟ ନିର୍ଦ୍ଧାରଣ। ଆଗକୁ ସେପ୍ଟେମ୍ବର ୫। ଗୁରୁଦିବସ। ଯେଉଁ ସମୟରେ ସାରା ଭାରତବର୍ଷ ଶିକ୍ଷକ ସମାଜକୁ ସମ୍ମାନିତ କରିବାକୁ ଆଗ୍ରହୀ ହେବେ, ଠିକ୍ ସେହି ସମୟରେ ଓଡ଼ିଶାରେ ଆରମ୍ଭ ହୋଇଛି ଶିକ୍ଷକ-ଅପବାଦ ପର୍ବ। କାମ ନ ଥିବା ମଣିଷମାନେ ଯାହା କରନ୍ତି। ଏହିବର୍ଷ ପ୍ରଥମ କରି କେନ୍ଦ୍ର ଶିକ୍ଷା ବିଭାଗ, ସାରା ଭାରତବର୍ଷର ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟସ୍ତରୀୟ ଶିକ୍ଷକମାନଙ୍କୁ ସମ୍ମାନିତ କରିବାର ବ୍ୟବସ୍ଥା କରିଛି, ଯାହା ସାଧାରଣତଃ ବିଦ୍ୟାଳୟସ୍ତରୀୟ ଶିକ୍ଷକମାନଙ୍କ ମଧ୍ୟରେ ସୀମିତ ଥିଲା। ଏ ପ୍ରସଙ୍ଗରେ କେନ୍ଦ୍ର ଶିକ୍ଷା ବିଭାଗ ତରଫରୁ ଏକ ନିର୍ଦ୍ଧାରିତ ଫର୍ମାଟ୍‌ରେ ଆବେଦନ କରିବାକୁ ନିବେଦନ କରାଯାଇଥିଲା, ଯାହାର ଶେଷ ତାରିଖ ଥିଲା ଜୁଲାଇ ୩୦। ଓଡ଼ିଶାର ଉଚ୍ଚଶିକ୍ଷା ବିଭାଗର କୌଣସି ମହାବିଦ୍ୟାଳୟ ଅବା ବିଶ୍ୱବିଦ୍ୟାଳୟରୁ ଆବେଦନ କରିଥିବା ଶିକ୍ଷକ ତଥା ଶିକ୍ଷକସମାଜ ଏ ବାବଦରେ ଉତ୍ସୁକ ଥିବାବେଳେ ଉଚ୍ଚଶିକ୍ଷା ବିଭାଗ ନିଜର କୌଣସି ମହାବିଦ୍ୟାଳୟ ବା ବିଶ୍ୱବିଦ୍ୟାଳୟର ଶିକ୍ଷକଙ୍କୁ ରାଜ୍ୟସ୍ତରୀୟ ପୁରସ୍କାରରେ ସମ୍ମାନିତ କରିବା ପରିବର୍ତ୍ତେ ଦୁଇ ପାଞ୍ଚଜଣ ଶିକ୍ଷକଙ୍କ ନାମରେ ସମଗ୍ର ଶିକ୍ଷକସମାଜକୁ ଅପବାଦ ମଧ୍ୟକୁ ଠେଲି ଦେଇଛନ୍ତି।

ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥାହେଲା, ଶିକ୍ଷକମାନଙ୍କ ପାଠପଢ଼ା ସମ୍ବନ୍ଧୀୟ ଦକ୍ଷତା ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଆକଳନ ନିମନ୍ତେ ୟୁଜିସି ତରଫରୁ ଏକ ଫର୍ମାଟ୍ ପ୍ରଚଳିତ ରହିଛି, ଯାହା ଶେଷବର୍ଷର ଛାତ୍ରୀଛାତ୍ର ପୂରଣ କରି ଗୋପନରେ ବିଭାଗ ମୁଖ୍ୟ ଅବା ଅଧ୍ୟକ୍ଷଙ୍କୁ ଦେଇପାରିବେ। ଆଜିର ପ୍ରଗତିଶୀଳ ବାତାବରଣରେ ଏମିତି ବି କୌଣସି ଛାତ୍ର / ଛାତ୍ର ଶିକ୍ଷକମାନଙ୍କ ସମ୍ବନ୍ଧରେ ନିଜର ଦୃଢ଼ମତ ଅଧ୍ୟକ୍ଷ ବା ଗଣମାଧ୍ୟମକୁ ଖୋଲାଖୋଲି ଦେଇପାରୁଛନ୍ତି। ଅଥଚ ଉଚ୍ଚଶିକ୍ଷା ବିଭାଗ ଏ ଫର୍ମାଟ୍ ପାଇଲେ କେଉଁଠୁ? ଏହି ପ୍ରକାର ବ୍ୟବସ୍ଥା ସାରା ଭାରତବର୍ଷର କେଉଁ ପ୍ରଦେଶରେ ପ୍ରଚଳିତ ଅଛି କି? କଥା ହେଉଛି ଧ୍ୟାନ ବିକର୍ଷଣ କରିବାର ପ୍ରୟାସ। ଫର୍ମାଟ୍‌ରେ ଓଡ଼ିଶାର ବିପର୍ଯ୍ୟସ୍ତ ଉଚ୍ଚଶିକ୍ଷାର ମୁଖ୍ୟ କାରଣ ବିଷୟରେ ପିଲାମାନଙ୍କୁ ପଚରା ଯାଇନାହିଁ – ଯେପରି କେଉଁ ବିଭାଗରେ କେତେ ଶିକ୍ଷକ ଅଛନ୍ତି? କଲେଜରେ ନିୟମିତ ଅଧ୍ୟକ୍ଷ ଅଛନ୍ତି କି? ଅତିଥି ଶିକ୍ଷକମାନଙ୍କ ଦ୍ୱାରା ଶିକ୍ଷାଦାନରେ ଅସୁବିଧା ହେଉଛି କି? ପାଠାଗାର, ପରୀକ୍ଷାଗାରମାନଙ୍କରେ ସହାୟକ କର୍ମଚାରୀ ଅଛନ୍ତି କି? ଲାଇବ୍ରେରି ବା ପଠନାଗାରରେ ସବୁ ବହି ଉପଲବ୍ଧ କି? ସରକାରୀ କାର୍ଯ୍ୟନିର୍ଘଣ୍ଟ ବାହାରେ ପଠନାଗାର ଖୋଲିବା ଆବଶ୍ୟକ କି? ଅଗଷ୍ଟରୁ ପାଠପଢ଼ା ଆରମ୍ଭ ହେଉଥିଲା ବେଳେ ନଭେମ୍ବର ପର୍ଯ୍ୟନ୍ତ ଆଡ୍‌ମିଶନ ଚାଲିବା ଉଚିତ କି? ଇତ୍ୟାଦି। ଯେହେତୁ ଏସବୁ ବିଭାଗର ଦୁର୍ବଳତା ତଥା ଅପାରଗତାକେନ୍ଦ୍ରିକ, ଏ ସବୁକୁ ବିଭାଗ ଭାରି ଚତୁରତାର ସହ ଆଡ଼େଇ ଯାଇଛି।

ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଶିକ୍ଷକମାନଙ୍କ ଚରିତ୍ର ପଞ୍ଜିକା ମୂଲ୍ୟାୟନ କରିବା ଏକ ସମ୍ବେଦନଶୀଳ ପ୍ରସଙ୍ଗ। ଯଦି ଏହା ଶୈକ୍ଷିକ ପରିବେଶର ଉନ୍ନତି ପାଇଁ ଉଦ୍ଦିଷ୍ଟ, ପରିକଳ୍ପିତ ଫର୍ମାଟ୍‌କୁ ଉଚ୍ଚଶିକ୍ଷା ବିଭାଗ ୱେବ୍‌ସାଇଟ୍‌ରେ ସମସ୍ତଙ୍କ ମୁକ୍ତ ପଠନ ଓ ମତାମତ ପାଇଁ ଛାଡ଼ି ଦିଆଗଲା ନାହିଁ କାହିଁକି? ଏହାଦ୍ୱାରା ଶିକ୍ଷକ, ଅଭିଭାବକ, ଛାତ୍ରୀଛାତ୍ର, ପୁରାତନ ଛାତ୍ରୀଛାତ୍ର ଏହି ଫର୍ମାଟ୍‌କୁ କିପରି ଅଧିକ ତ୍ରୁଟିଶୂନ୍ୟ, ନିରପେକ୍ଷ, ଉଭୟପକ୍ଷ ପାଇଁ ଗ୍ରହଣୀୟ ହୋଇପାରିବ ତାହା ସେମାନେ ଜଣାଇ ପାରିଥା'ନ୍ତେ। ଗୋପନୀୟ ଭାବରେ ଏହି ପ୍ରକାର ଏକ ସମ୍ବେଦନଶୀଳ ଦସ୍ତାବିଜ୍‌କୁ ଜାରି କରାଗଲା କାହା ସ୍ୱାର୍ଥରେ? ସେମାନେ ତ ଏ କାମ କରୁନାହାନ୍ତି?

ଓଡ଼ିଶାର ସରକାରୀ ବିଶ୍ୱବିଦ୍ୟାଳୟମାନ ପ୍ରଦେଶର ଘରୋଇ ବିଶ୍ୱବିଦ୍ୟାଳୟମାନଙ୍କଠୁ ସର୍ବଭାରତୀୟ ମାନ୍ୟତାର ବହୁ ପଛରେ। ଉଚ୍ଚଶିକ୍ଷା ବିଭାଗ ଅଧୀନରେ ରହିଛି ମହାବିଦ୍ୟାଳୟର ଅଧ୍ୟକ୍ଷ, ଆଞ୍ଚଳିକ ନିର୍ଦ୍ଦେଶକ, ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷ ଓ ଅନ୍ୟାନ୍ୟ ପଦାଧିକାରୀ। ସମସ୍ତେ ଥାଇ ଯଦି ପିଲାମାନଙ୍କୁ ଫିଡ୍‌ବ୍ୟାକ ମାଗିବାକୁ ପଡ଼ିଲା, ତା'ହେଲେ ଏହା ବିଭାଗର ନିଜସ୍ୱ ଅପାରଗତାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁନାହିଁ କି?

ଆଗକୁ ଗୁରୁଦିବସ। ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଯଦି ଶିକ୍ଷାନୁଷ୍ଠାନଗୁଡ଼ିକରେ ପ୍ରଦାନ କରାଯାଉଥିବା ଶିକ୍ଷାର ଗୁଣବତ୍ତା ରକ୍ଷା କରିବାକୁ କିଛି ଅଭିନବ ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି; ଉଭୟ ଶିକ୍ଷକମାନଙ୍କୁ ଗୌରବାନ୍ୱିତ କରିବା ଏବଂ ଛାତ୍ରୀଛାତ୍ରମାନଙ୍କୁ ଅନୁପ୍ରାଣିତ କଲା ଭଳି କିଛି ପଦକ୍ଷେପ ନେବାକୁ ବସିଛନ୍ତି; ତାହା ପ୍ରକାଶ କରନ୍ତୁ। ଶିକ୍ଷକସମାଜକୁ ଅପମାନିତ କରି, ହତୋତ୍ସାହିତ କରି, ଅଯଥାରେ ଛାତ୍ର-ଶିକ୍ଷକମାନଙ୍କ ମଧ୍ୟରେ ବିଭେଦ ତଥା ବିଭାଜନର କାନ୍ଥ ଉଠେଇଲା ଭଳି ଆଲୋଚିତ କାର୍ଯ୍ୟକ୍ରମ ଗ୍ରହଣ କଲେ ଉଚ୍ଚଶିକ୍ଷା ଆହୁରି ବିପର୍ଯ୍ୟସ୍ତ ହେବ।

ପୂର୍ବତନ ଅଧ୍ୟକ୍ଷ, ଜେଲ ରୋଡ଼, ବାଲେଶ୍ୱର
ମୋ: ୯୪୩୭୩୭୬୨୧୯
e-mail : subashbls56@gmail.com

# ଶିକ୍ଷା ଅର୍ଥନୀତିର ପ୍ରବର୍ତ୍ତକ

ବ୍ୟକ୍ତିତ୍ୱ



ରାଜ୍ ଚେଟ୍ଟି

ସାଧାରଣତଃ ଗରିବ ଦେଶଗୁଡ଼ିକର ପରିବାରରେ କେବଳ ଜଣେ ପିଲାକୁ ଉଚ୍ଚଶିକ୍ଷା ଲାଗି ଅଭିଭାବକ ବାଛିଥାଆନ୍ତି। କାରଣ ସବୁ ପିଲାଙ୍କୁ ଶିକ୍ଷା ଦେବା ପରିବାର ପକ୍ଷେ ସମ୍ଭବ ହୋଇ ନ ଥାଏ। ଏ କଥା କହିଛନ୍ତି ଭାରତୀୟ-ଆମେରିକୀୟ ଅର୍ଥନୀତିଜ୍ଞ ରାଜ ଚେଟ୍ଟି। ନିଜ ଘର କଥାକୁ ଉଦାହରଣ ଦେଇ ସେ କହିଛନ୍ତି, ପିତାଙ୍କ ପରିବାର ତାଙ୍କ ପିତାଙ୍କୁ ଏବଂ ମାତାଙ୍କ ପରିବାର କେବଳ ତାଙ୍କ ମାତାଙ୍କୁ ପଢ଼ିବାର ସୁଯୋଗ ଦେଇଥିଲେ। ତାଙ୍କ ମାତାପିତା ଦକ୍ଷିଣ ଭାରତର ଅତି ସ୍ୱଳ୍ପ ଆୟକାରୀ ପରିବାରରୁ ଆସିଥିଲେ ହେଁ ଉଚ୍ଚ ଶିକ୍ଷା ଯୋଗୁ ଆଗକୁ ବଢ଼ିଥିଲେ। ସେହି ଅନୁଯାୟୀ ସେ ହାର୍ଭାର୍ଡକୁ ଆସିବା ପରେ ତାଙ୍କୁ ଯେଉଁ ସୁଯୋଗ ମିଳିଲା ତାହା ତାଙ୍କ ମାତାପିତାଙ୍କ ଯୋଗୁ ସମ୍ଭବ ହେଲା ବୋଲି କହିଛନ୍ତି। ଧନୀ ଓ ଦରିଦ୍ର ଦେଶ ମଧ୍ୟରେ ଦେଖାଦେଉଥିବା ବିଷମତା ଓ ଭୌଗୋଳିକ ସ୍ଥିତି ଆଦି କାରଣ ବ୍ୟକ୍ତିକୁ କେଉଁ ପ୍ରକାର ସୁଯୋଗ ଦେଇଥାଏ, ତାହା ଉପରେ ଆଧାରିତ ତାଙ୍କ ଗବେଷଣା ବାସ୍ତବଧର୍ମୀ ହୋଇପାରିଛି। ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ୱିଲିୟମ୍ ଏ. ଆକ୍‌ମ୍ୟାନ୍ ପ୍ରଫେସର ଅଫ୍ ପବ୍ଲିକ୍ ଇକୋନମିକ୍ସ ପଦବୀରେ ଅବସ୍ଥାପିତ ରାଜ୍ ଚେଟ୍ଟି ଶୀର୍ଷ ହାର୍ଭାର୍ଡ ୟୁନିଭର୍ସିଟି ପୁରସ୍କାର ଜର୍ଜ ଲେଡ୍‌ଲି ପାଇବାକୁ ଯାଉଥିବାରୁ ତାଙ୍କ ବ୍ୟକ୍ତିତ୍ୱ ଏବେ ଚର୍ଚ୍ଚାକୁ ଆସିଛି।

ନଦାରାଜନ 'ରାଜ୍' ଚେଟ୍ଟି ୪ ଅଗଷ୍ଟ ୧୯୭୯ରେ ନୂଆଦିଲ୍ଲୀଠାରେ ଜନ୍ମଗ୍ରହଣ କରିଥିଲେ। ତାଙ୍କୁ ୯ ବର୍ଷ ବୟସ ହୋଇଥିବା ବେଳେ ପରିବାର ୧୯୮୮ରେ ଆମେରିକା ଚାଲିଯାଇଥିଲା। ୧୯୯୭ରେ ରାଜ୍ ୟୁନିଭର୍ସିଟି ସ୍କୁଲ ଅଫ୍ ମିଲ୍‌ୱୌକିରୁ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ୨୦୦୦ ମସିହାରେ ସେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରୁ 'ଏବି' ଡିଗ୍ରୀ ଅର୍ଜନ କରିଥିଲେ। ସେହିଠାରେ ଗବେଷଣା କରି ୨୦୦୩ରେ ପିଏଚ୍.ଡି. ପାଇଥିଲେ। ମାର୍ଟିନ ଫେଲ୍‌ଡଷ୍ଟେନ୍, ଗାରି ଚାମ୍ବରଲେନ୍ ଓ ଲରେନ୍ସ ଏଫ୍. କାଟ୍‌ଜଙ୍କ ତତ୍ତ୍ୱାବଧାନରେ 'କନ୍‌ଜମ୍ପଶନ କମିଟ୍‌ମେଣ୍ଟ, ରିସ୍କ ପ୍ରିଫରେନ୍ସେସ୍ ଆଣ୍ଡ ଅପ୍‌ଟିମାଲ ଅନ୍‌ଏମ୍ପ୍ଲୟମେଣ୍ଟ ଇନ୍ସ୍ୟୁରାନ୍ସ' ଶୀର୍ଷକ ସନ୍ଦର୍ଭ ଉଚ୍ଚ ପ୍ରଶଂସିତ ହୋଇଥିଲା। ୨୦୦୩ରେ ୨୪ ବର୍ଷ ବୟସରେ ସେ ୟୁନିଭର୍ସିଟି ଅଫ୍ କାଲିଫର୍ନିଆର ଅର୍ଥନୀତି ବିଭାଗରେ ଆସିଷ୍ଟାଣ୍ଟ ପ୍ରଫେସର ହୋଇଥିଲେ। ଅର୍ଥଶାସ୍ତ୍ର ଗବେଷଣା ଓ ଅଧ୍ୟୟନରେ ଗଭୀର ପ୍ରବେଶ ଯୋଗୁ ଏହାର ୪ ବର୍ଷ ପରେ ସେ ସେଠାରେ ଆସୋସିଏଟ୍ ପ୍ରଫେସର ପଦବୀକୁ ଉନ୍ନୀତ ହୋଇଥିଲେ। ୨୦୦୯ରେ ସେ ହାର୍ଭାର୍ଡ ଫେରିଥିଲେ। ସେଠାରେ ସେ ଅର୍ଥନୀତିର ବ୍ଲୁମ୍‌ବର୍ଗ ପ୍ରଫେସର ହେବା ସହ ଲାବ୍ ଫର୍ ଇକୋନୋମିକ୍ ଆପ୍ଲିକେଶନ୍ସ ଆଣ୍ଡ ପଲିସିର ନିର୍ଦ୍ଦେଶକ ହୋଇଥିଲେ। ୨୦୧୫ରେ ସେ ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗର ପ୍ରଫେସର ହେବା ତାଙ୍କ କ୍ୟାରିୟରକୁ ବ୍ୟାପକ କରିଥିଲା। ଜୁନ୍ ୨୦୧୮ରେ ତାଙ୍କ ସହ-ଲେଖକ ଜନ୍ ଫ୍ରେଡ୍‌ମ୍ୟାନ୍ ଘୋଷଣା କଲେ ଯେ, ରାଜ୍ ପୁଣି ହାର୍ଭାର୍ଡ ଫେରିବେ। ସେହି ବର୍ଷ ଜୁଲାଇରେ ସେ ଜନ୍ ଫ୍ରେଡ୍‌ମ୍ୟାନ୍ ଓ ନାଥାନେଲ୍ ହେଣ୍ଡ୍ରେନ୍‌ଙ୍କ ସହ ମିଶି 'ଅପର୍ଚ୍ୟୁନିଟି ଇନ୍‌ସାଇଟ୍ସ'ର ପ୍ରତିଷ୍ଠାତା ନିର୍ଦ୍ଦେଶକ ହୋଇଥିଲେ।

ରାଜ୍‌ଙ୍କ ଗବେଷଣା କହେ ଛାତ୍ରୀଛାତ୍ରଙ୍କ ସଫଳତା ଶିକ୍ଷକଙ୍କ ଗୁଣବତ୍ତା ଉପରେ ନିର୍ଭର କରିଥାଏ। ବିଶେଷକରି ସ୍ୱଳ୍ପ-ଆୟକରୀ ବର୍ଗ ପରିବାରର ପିଲାମାନେ କିଭଳି ପ୍ରଭାବିତ ହୋଇଥାଆନ୍ତି ତାହାର ଏକ ନମୁନା ସେ ଦେଖାଇଛନ୍ତି। ଆମେରିକା ଭିତରେ ଅର୍ଥନୈତିକ ଚଳମାନତା କିଭଳି ବ୍ୟାପକ ରହିଛି, ତାହାକୁ ମଧ୍ୟ ସେ ଗବେଷଣାରେ ଦେଖାଇବାକୁ ଚାହିଁଛନ୍ତି। ଜଣେ ବ୍ୟକ୍ତିଙ୍କ ଦକ୍ଷତା ହିଁ ଅର୍ଥନୀତିର ଶିଡ଼ି ଚଢ଼ିବାକୁ ପ୍ରଭାବିତ କରିଥାଏ। ତାଙ୍କ ଗବେଷଣା କହେ- 'ଆମେରିକାନ୍ ଡ୍ରିମ୍' ପ୍ରାପ୍ତ ହେବା ଏତେ ସହଜ ନୁହେଁ। ଉପରକୁ ଉଠିବାରେ ଅନେକ ବାଧାବିଘ୍ନ ଉପୁଜିଥାଏ। ଉଲ୍ଲେଖଯୋଗ୍ୟ, ଆମେରିକାନ୍ ଡ୍ରିମ୍ ହେଉଛି ସେଠାକାର ଏକ ଜାତୀୟ ଲୋକନୀତି। ଗଣତନ୍ତ୍ର, ଅଧିକାର, ସ୍ୱାଧୀନତା ଓ ସମାନତା ଭିତରେ ବ୍ୟକ୍ତିଗତ ପ୍ରଗତି ଓ ସଫଳତା ଲାଗି ସୁଯୋଗ ରହିଥାଏ। କିନ୍ତୁ ପୁଞ୍ଜିବାଦୀ ସମାଜରେ ଥିବା ବାଧାକୁ ପାର କରି ଆଗକୁ ଯିବା କଠିନ ପରିଶ୍ରମ ଦ୍ୱାରା ସମ୍ଭବ ହୁଏ। ୧୯୩୧ରେ ଜେମ୍ସ ଟ୍ରୁସ୍ଲୋ ଆଡାମ୍ସ 'ଆମେରିକାନ୍ ଡ୍ରିମ୍'ର ପରିକଳ୍ପନା କରିଥିଲେ। ତାଙ୍କ ମତରେ ଜୀବନ ପ୍ରତ୍ୟେକଙ୍କ ପାଇଁ ଉତ୍ତମ, ସମୃଦ୍ଧ ଓ ପୂର୍ଣ୍ଣ ହେବା ଉଚିତ। ପ୍ରତ୍ୟେକଙ୍କ ଦକ୍ଷତା ଅନୁଯାୟୀ ସୁଯୋଗ ରହିଛି, ସିଏ ଯେଉଁ ପରିସ୍ଥିତିରେ ଜନ୍ମ ହୋଇଥାନ୍ତୁ ବା ସାମାଜିକ ବର୍ଗକୁ ପ୍ରତିନିଧିତ୍ୱ କରିଥାଅନ୍ତୁ ନା କାହିଁକି। ଏହି ତତ୍ତ୍ୱକୁ ରାଜ୍ ତାଙ୍କ ଗବେଷଣାରେ ସନ୍ନିବେଶିତ କରି 'ଇକୋନୋମିକ୍ ମୋବିଲିଟି' ଉପରେ ଦେଇଥିବା ଅଭିନବ ସୂତ୍ର ତାଙ୍କୁ ଅନ୍ତର୍ଜାତୀୟ ସ୍ତରର ବିଶିଷ୍ଟ ଅର୍ଥନୀତିଜ୍ଞଙ୍କ ଦୃଷ୍ଟି ଆକର୍ଷଣ କରିପାରିଛି। ସର୍ବଦା ଅନୁଭୂତିମୂଳକ ବାସ୍ତବ ବିଷୟବସ୍ତୁକୁ ସେ ଗବେଷଣାର ଆଧାର କରି ଅର୍ଥନୀତିରେ ଭିନ୍ନ ଏକ ଦିଗ ଉନ୍ମୋଚନ କରୁଥିବାରୁ ବହୁ ପୁରସ୍କାର ଓ ସମ୍ମାନର ଅଧିକାରୀ ହୋଇପାରିଛନ୍ତି। ୨୦୦୮ରେ 'ଦି ଇକୋନମିଷ୍ଟ', 'ନ୍ୟୁୟର୍କ ଟାଇମ୍ସ' ପୁରସ୍କାର ଠାରୁ ଏବର ହାର୍ଭାର୍ଡ ୟୁନିଭର୍ସିଟି ଶୀର୍ଷ ସମ୍ମାନ ତାଙ୍କ ଗବେଷଣା କ୍ଷେତ୍ରକୁ ଆହୁରି ବ୍ୟାପକ କରିବ ବୋଲି ଆଶା କରାଯାଉଛି।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଜଣେ ବ୍ରିଗେଡିୟର ଅବସର ପରେ ନିଜକୁ ଏକ ଭିନ୍ନ କାର୍ଯ୍ୟରେ ନିୟୋଜିତ କରିଛନ୍ତି, ଯାହା ବେଶ୍ ପ୍ରେରଣାଦାୟକ। ଆନ୍ଧ୍ରପ୍ରଦେଶର ଏହି ସେନା ଅଧିକାରୀ ଜଣକ ହେଉଛନ୍ତି ପି. ଗଣେଶନ୍। ସେ ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନାର ଦୁର୍ଗମ ଅଞ୍ଚଳଗୁଡ଼ିକୁ ଯାତ୍ରା କରି ତୃଣମୂଳ ସ୍ତରରେ ଲୋକେ ଆବିଷ୍କାର କରିଥିବା ନୂତନ ଯନ୍ତ୍ରପାତିକୁ ଲୋକଲୋଚନକୁ ଆଣୁଛନ୍ତି। ତାଙ୍କର ଏହି ଅଭିଯାନର ନାମ ରଖିଛନ୍ତି 'ଶୋଧ ଯାତ୍ରା'। ୨୦୦୫ରେ ସେ 'ପଲ୍ଲୀ ସୃଜନ' ସଂସ୍ଥା ଗଠନ କରି ତା' ମାଧ୍ୟମରେ ଏହି କାର୍ଯ୍ୟ କରିଆସୁଛନ୍ତି। ଦୀର୍ଘ ୧୮ ବର୍ଷ ମଧ୍ୟରେ ଗଣେଶନ୍ ଏଭଳି ୨୦୦ ଉଚ୍ଚକୋଟୀର ଆବିଷ୍କୃତ ଯନ୍ତ୍ରପାତି ଠାବ କରିଛନ୍ତି, ଯାହା ନିତିଦିନ ଜୀବନରେ ବହୁ କାର୍ଯ୍ୟରେ ଲାଗିପାରୁଛି। ଏସବୁ ଆବିଷ୍କାର ମଧ୍ୟରୁ ୧୩ ଜଣ ରାଷ୍ଟ୍ରପତି ପୁରସ୍କାର, ୨ ଜଣ ପଦ୍ମଶ୍ରୀ ପାଇସାରିଛନ୍ତି। ସେ ମଧ୍ୟ ଆବିଷ୍କାରକଙ୍କୁ ସେମାନଙ୍କ ଯନ୍ତ୍ରପାତି ଅଧିକ ସଂଖ୍ୟାରେ ନିର୍ମାଣ କରିବାକୁ ସାହାଯ୍ୟ କରୁଛନ୍ତି ଏବଂ ଏଯାବତ୍ ସେ ବିଭିନ୍ନ ଉତ୍ସରୁ ସେମାନଙ୍କୁ ପ୍ରାୟ ୪ କୋଟି ଟଙ୍କା ଋଣ କରାଇପାରିଛନ୍ତି। ଆବିଷ୍କୃତ ଯନ୍ତ୍ରପାତିଗୁଡ଼ିକର ପ୍ରତିକୃତି ସିକନ୍ଦରାବାଦ ବାୟୁପୁରିରେ ଥିବା ତାଙ୍କ ବାସଭବନରେ ପ୍ରଦର୍ଶିତ କରୁଛନ୍ତି। ଏଗୁଡ଼ିକ ମଧ୍ୟରୁ ୨୬ଟି ବିକ୍ରି ପାଇଁ ପ୍ରସ୍ତୁତ ହୋଇଗଲାଣି, ୨୪ଟିର ପ୍ୟାଟେଣ୍ଟ ବି ସରିଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୦ ଅଗଷ୍ଟ ୧୯୯୮

- ପାକିସ୍ତାନ ଓ ଇରାନ୍‌କୁ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ରପ୍ତାନି କରୁଥିବା ନେଇ ଉତ୍ତର କୋରିଆର ସ୍ୱୀକାରୋକ୍ତି।
- ଦୂରସଞ୍ଚାର ବିଭାଗକୁ ଏକ କର୍ପୋରେସନରେ ପରିଣତ କରିବା ଲାଗି କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ଭାରତୀୟ ଦୂରସଞ୍ଚାର କର୍ମଚାରୀ ମହାସଂଘ ଓଡ଼ିଶା ଶାଖା ପକ୍ଷରୁ ବିରୋଧ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 5 | | | | | | | |
| | | 1 | | | | | | |
| 4 | | 2 | 1 | | | 7 | 3 | |
| | 1 | 6 | | | | 5 | | |
| | | | | 3 | | | | 4 |
| 2 | 8 | | 6 | | | | | |
| | | | | 5 | 9 | 8 | | |
| | | | | 6 | | | | 9 |
| 8 | 7 | | 3 | | | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 9 | 1 | 5 | 4 | 8 | 6 | 7 | 3 |
| 5 | 4 | 7 | 3 | 6 | 2 | 1 | 9 | 8 |
| 3 | 8 | 6 | 1 | 7 | 9 | 5 | 2 | 4 |
| 6 | 3 | 8 | 2 | 1 | 7 | 9 | 4 | 5 |
| 1 | 5 | 2 | 9 | 8 | 4 | 3 | 6 | 7 |
| 9 | 7 | 4 | 6 | 3 | 5 | 2 | 8 | 1 |
| 7 | 2 | 3 | 8 | 9 | 1 | 4 | 5 | 6 |
| 8 | 6 | 9 | 4 | 5 | 3 | 7 | 1 | 2 |
| 4 | 1 | 5 | 7 | 2 | 6 | 8 | 3 | 9 |

ଗତ କାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କୋପଦୃଷ୍ଟିରେ ଗାନ୍ଧୀ ଅନୁଷ୍ଠାନ

ମହାଶୟ,
ନିଜ ଜୀବନକୁ ତିଳ ତିଳ କରି ଜୀବନସାରା ଇଂରେଜମାନଙ୍କ ବିରୋଧରେ ଲଢ଼ି ଯିଏ ଦେଶ ସ୍ୱାଧୀନ କରିଥିଲେ ଏବଂ ଯାହାଙ୍କୁ ଜାତିର ପିତା ଆଖ୍ୟା ଦିଆଯାଇଛି ସେ କାହିଁକି ଆଜି ଅଲୋଡ଼ା? ତାଙ୍କର ସବୁ ସେବା ଅନୁଷ୍ଠାନକୁ ଭାଙ୍ଗି ତାଙ୍କ ବିଚାର ପ୍ରସ୍ତାବଗୁଡ଼ିକୁ ଅଳିଆ ଭଳି ଫୋପାଡ଼ି ଦେବାର ଉଦ୍ଦେଶ୍ୟ କ'ଣ? ବାରାଣସୀରେ ସର୍ବ ସେବା ସଂଘକୁ ବଳପୂର୍ବକ ପୋଲିସ ଦଖଲ କରି କେଉଁ ଉଦ୍ଦେଶ୍ୟ ସାଧନ କରିବାକୁ କେନ୍ଦ୍ର ସରକାର ଚାହୁଁଛନ୍ତି? ଗାନ୍ଧୀଙ୍କ ଭାବଧାରାକୁ କାହିଁକି ପଦାଘାତ କରାଯାଉଛି? ସ୍ୱାଧୀନତାର ମୂଲ୍ୟ ଓ ଗାନ୍ଧୀଙ୍କ ଭାବଧାରାକୁ ନ ବୁଝି ଆଜି କେନ୍ଦ୍ର ସରକାର ଯାହା କରିଛନ୍ତି ଜନସାଧାରଣ କ୍ଷମା ଦେବେ ତ। ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ତାଙ୍କ ବିଚାର ଧାରାର ବହିଗୁଡ଼ିକ ଯେଭଳି ଗଦା ଯାଇଛି ତାକୁ ଦେଖିଲେ ଉତ୍ତରପ୍ରଦେଶ ସରକାରଙ୍କର ବର୍ବରତା ସହଜରେ ବାରି ହୋଇପଡୁଛି। ଏ ହୀନମନ୍ୟତା କାର୍ଯ୍ୟ କାହା ଦ୍ୱାରା ହେଉଛି ଓ କାହିଁକି? ଏହାକୁ ଦେଶବାସୀ ସହିବେ ତ। ଏହା ବିନାଶ କାଳେ ବିପରୀତ ବୁଦ୍ଧି ନୁହେଁ ତ?

– ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା

## ଚିରନ୍ତନୀ

ମରଣ ଯାତନା ଜରା ବିୟୋଗ ବିଚ୍ଛେଦ
ବ୍ୟଥା ବ୍ୟାଧି
ଜୀବନ-ମିଳନ ସୁଖ ସ୍ନେହ ପ୍ରେମ ଯେ
ଆନନ୍ଦ ଆଦି
ସୃଷ୍ଟି ବିକାଶର ପଥେ ପ୍ରୟୋଜନ ତୁଲ୍ୟ
ସମାନ ଯେ ସକାଳର ମୂଲ୍ୟ।
(ସୃଜନ ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଡିଗ୍ରୀ ମହାବିଦ୍ୟାଳୟ ଏନ୍‌ସିସି ପକ୍ଷରୁ ପୁନିତ ସାଗର ଅଭିଯାନ**

କୋକସରା,(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ): କେନ୍ଦ୍ର ସରକାରଙ୍କ ପକ୍ଷରୁ ଜନହିତକର ଉଦ୍ଦେଶ୍ୟରେ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ପୁନିତ ସାଗର ଅଭିଯାନ କାର୍ଯ୍ୟକ୍ରମ କୋକସରା ଡିଗ୍ରୀ ମହାବିଦ୍ୟାଳୟ ଏନ୍‌ସିସି ପକ୍ଷରୁ କୋକସରା ସଦର ମହକୁମା ପଦ୍ମ ସାଗର ପୋଖରୀରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏନସିସିର ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ର ପୋଖରୀରୁ ମଇଳା ଆବର୍ଜନା ସଫା କରିଛନ୍ତି। ଡିଗ୍ରୀ ମହାବିଦ୍ୟାଳୟ ଏନସିସି ଏଏନଓ କ୍ୟାପଟେନ ଅଶ୍ୱିନୀ କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

## ସଂକ୍ଷେପରେ

### ତୁଷୁରାରେ ତିଜପର୍ବ ପାଳିତ

ଗୁଡ଼ଭେଲା,୧୯।୮(ମନୋଜ କୁମାର ଜୈନ)

ମାରୱାଡି ମହିଳା ସମିତି ଓ ଜାଗୃତି ଶାଖା ପକ୍ଷରୁ ଶନିବାର ବଲାଙ୍ଗୀର ଜିଲା ତୁଷୁରା ଅଗ୍ରେସନ ଭବନରେ ତିଜପର୍ବ ପାଳିତ ହୋଇଯାଇଛି। ଘୋର ତପସ୍ୟା ପରେ ମା' ପାର୍ବତୀ ଭଗବାନ ଶିବଙ୍କୁ ସ୍ୱାମୀଭାବେ ଆଜିର ଦିନରେ ପାଇଥିବାରୁ ଏହି ପର୍ବକୁ ମହିଳାମାନେ ପାଳନ କରିଥାନ୍ତି ବୋଲି ଆୟୋଜକମାନେ ମତ ପ୍ରକାଶ କରିଥିଲେ। ପ୍ରଥମେ ମହିଳା, ଯୁବତୀ ଓ ଶିଶୁମାନେ ଦୋଳି ଖେଳିଥିଲେ। ଏହାପରେ ମହିଳାମାନଙ୍କ ମଧ୍ୟରେ ମ୍ୟୁଜିକ ଚେୟାର, ହାଉଜିଙ୍ଗ ଗେମ, ପିଲୋ ପାସିଙ୍ଗ ଗେମ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

### ବର୍ଷାରେ ଭାଙ୍ଗିଛି ଘର, ମିଳିନି ସହାୟତା



ଲୋଇସିଂହା,୧୯।୮(ସୁଶାନ୍ତ ବାରିକ)

ଅଗଷ୍ଟ ପ୍ରାରମ୍ଭରେ ଲଘୁଚାପଜନିତ ବର୍ଷାରେ ଲୋଇସିଂହା ବ୍ଲକ ଖାରମୁଣ୍ଡା ପଞ୍ଚାୟତ ଖାରମୁଣ୍ଡା ଓ ପରଧିଆପାଲି ଗ୍ରାମର ୩ଜଣଙ୍କ ଘର ଭୁଶୁଡି ପଡିଥିଲା। ସମ୍ପୃକ୍ତ ପରିବାର ବ୍ଲକ ଓ ରାଜସ୍ୱ ବିଭାଗର ସହାୟତା ପାଇଁ ଦ୍ୱାରସ୍ଥ ହୋଇଛନ୍ତି। ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳରେ ତଦନ୍ତ କରି ଫେରିଛନ୍ତି। ହେଲେ ବିପନ୍ନ ପରିବାରକୁ ସହାୟତା ଦୂରେ ଥାଉ ପଲିଥିନ ଖଣ୍ଡିଏ ମିଳିନାହିଁ। ଖାରମୁଣ୍ଡା ଗ୍ରାମର ରାଜେନ୍ଦ୍ର ମହାକୁର ୫ ପ୍ରାଣୀ କୁଟୁମ୍ବଙ୍କୁ ନେଇ ବାପଅଜା ଅମଳ ଘରେ ରହୁଥିଲେ। ଲଗାଣ ବର୍ଷାରେ ତାଙ୍କ ଛପର ଘର ଭାଙ୍ଗି ଯାଇଛି। ଗ୍ରାମର ଅନ୍ୟଜଣଙ୍କ ଘରେ ସେ ଆଶ୍ରୟ ନେଇଛନ୍ତି। ସେହିପରି ଖାରମୁଣ୍ଡାର ରାଜା ବାଗ ଓ ପରଧିଆପାଲିର ବଳରାମ ସାହୁ। ଉଭୟଙ୍କ ଘର ଭାଙ୍ଗି ଯାଇଥିବାରୁ ସେମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିପନ୍ନ ପରିବାରକୁ ସହାୟତା ଅପହଞ୍ଚ ହୋଇ ପଡିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

### ଅନ୍ତେବାସୀଙ୍କୁ ସ୍ୱାସ୍ଥ୍ୟବିଜ୍ଞାନ ସରଞ୍ଜାମ ବଣ୍ଟନ

ଦେଓଗାଁ,୧୯।୮(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ଦେଓଗାଁ ସାଲେପାଲି ଗ୍ରାମ ମଙ୍ଗଳ ପାଠାଗାର ଅଧିନ ବାର୍ଦ୍ଧକ୍ୟ ଆବାସରେ ବିଶ୍ୱଭାରତୀ ଶିକ୍ଷାନିକେତନ ଓ ଶିଶୁ ଯତ୍ନ ଅନୁଷ୍ଠାନ ଅନ୍ତେବାସୀଙ୍କୁ ବଲାଙ୍ଗୀର ଜୁନିୟର ରେଡକ୍ରସ ସୋସାଇଟି ପକ୍ଷରୁ ସ୍ୱାସ୍ଥ୍ୟ ବିଜ୍ଞାନ ସମ୍ବନ୍ଧିତ ସାଜ ସରଞ୍ଜାମ ବଣ୍ଟନ କରାଯାଇଛି। ଜିଲା ଶିକ୍ଷାଧୀଶଙ୍କ କାର୍ଯ୍ୟାଳୟରୁ ଅନ୍ତର୍ଯ୍ୟାମୀ ବିଶ୍ୱାଳ ଓ ହେମନ୍ତ ପଧାନ ଯୋଗଦେଇ ଅନ୍ତେବାସୀ ଛାତ୍ରୀଛାତ୍ରଙ୍କୁ କିଟ୍ ପ୍ରଦାନ କରିଥିଲେ। ଅନୁଷ୍ଠାନ ନିର୍ଦ୍ଦେଶକ କନିୟରଲାଲ ସାମଲ, ଭୁବନେଶ୍ୱର ସାମଲ ତଥା ସଙ୍ଗୀତ ଗୁରୁ ଶିବ ପ୍ରସାଦ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୩ ଅଭିଯୁକ୍ତଙ୍କୁ ସର୍ତ୍ତମୂଳକ ଜାମିନ





ଟ୍ରକରେ ଜରିବସ୍ତାରେ ଥିବା ଚାଉଳ।(ବାମ) ଥାନାରେ କ୍ୱାଲିଟି ଆନାଲସିସି ଟିମ ଚାଉଳର ମାନ ପରୀକ୍ଷା କରୁଛି।

ଲୋଇସିଂହା, ୧୯।୮(ସୁଶାନ୍ତ ବାରିକ)

**ଚାଉଳ ବୋଝେଇ ଟ୍ରକ ଜବତ୍ ଘଟଣା**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ହରଭଙ୍ଗାରୁ ପଦ୍ମପୁରକୁ ଚୋରାଚାଲାଣ ବେଳେ ଶୁକ୍ରବାର ଚାଉଳ ଭର୍ତ୍ତି ଏକ ଟ୍ରକ(ଓଡି ୧୫ ସି ୪୦୬୨)କୁ ସାଲେଭଟାରେ ପୋଲିସ ଧରିଥିଲା। ଟ୍ରକରେ ଥିବା ପଦ୍ମପୁରର ଚିତ୍ତରଞ୍ଜନ ଦାସ ଓ ସରୋଜ ହାତୀ, ପଦ୍ମପୁର ବୁରୋମୁଣ୍ଡା ଗାଁର ଗୌରଚନ୍ଦ୍ର ବାରିକଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଥିଲା। ସେମାନଙ୍କୁ ଶନିବାର ଲୋଇସିଂହା ଜେଏମ୍ଏଫସି କୋର୍ଟ ଚାଲାଣ କରାଯାଇଥିଲା। ହେଲେ ଅଭିଯୁକ୍ତମାନଙ୍କୁ କୋର୍ଟରୁ ସର୍ତ୍ତମୂଳକ ଜାମିନ ମିଳିଛି। ମୁଖ୍ୟ ଅଭିଯୁକ୍ତ ଧରା ନ ପଡିବା ଏବଂ ବଡଧରଣର ଚୋରାଚାଲାଣ ରାକେଟରେ ସମ୍ପୃକ୍ତ ଅଭିଯୁକ୍ତ ଖସିଯିବା ଘଟଣାକୁ ନେଇ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

ଆଗଲପୁର ବ୍ଲକ ହରଭଙ୍ଗାରୁ ଏକ ଟ୍ରକରେ ପଡିଏସ ଚାଉଳ ଚୋରାଚାଲାଣ କରାଯାଉଥିବା ନେଇ ଲୋଇସିଂହା ଆଇଆଇସି ଯାଜ୍ଞସିନୀ ନାୟକଙ୍କୁ ଖବର ମିଳିଥିଲା। ଏହାପରେ ଆଇଆଇସି ନାୟକ ସଦଳବଳ ସାଲେଭଟା-କୁଟାସିଂହା ରାସ୍ତାର ପେଟ୍ରୋଲ ପମ୍ପ ନିକଟରେ ଛକି ରହିଥିଲେ। ସେହି ସମୟରେ ଅସୁଥିବା ଟ୍ରକ ଅଟକାଇ ତଲାସି କରିବାରୁ ଜରିବସ୍ତାରେ ବହୁ ପରିମାଣରେ ଚାଉଳ ଥିବା ଜଣାପଡିଥିଲା। ଏତେ ସଂଖ୍ୟକ ଚାଉଳ ଚାଲାଣ ହେଉଥିଲେ ସୁଦ୍ଧା ଟ୍ରକ କର୍ମଚାରୀ ଆବଶ୍ୟକ କାଗଜ ପତ୍ର ଦେଖାଇ ପରି ନ ଥିଲେ କିମ୍ବା କୌଣସି ସନ୍ତୋଷଜନକ ଉତ୍ତର ଦେଇ ପାରି ନ ଥିଲେ। ତେଣୁ ପୋଲିସ ପଡିଏସ୍ ଚାଉଳ ରିସାଇକ୍ଲିଂ ପାଇଁ ଚୋରାଲାଣ ସନ୍ଦେହରେ ଟ୍ରକକୁ ଜବତ କରି ଥାନକୁ ଆଣିଥିଲା। ଅପରପକ୍ଷେ ପୋଲିସଠାରୁ ସୂଚନା ପାଇ ବ୍ଲକ ଯୋଗାଣ ନିରୀକ୍ଷକ ସୌମ୍ୟରଞ୍ଜନ ମହାନନ୍ଦ ଜବତ ଚାଉଳର ନମୂନା ସଂଗ୍ରହ କରିଥିଲେ। ଶନିବାର ବ୍ଲକ ଯୋଗାଣ ନିରୀକ୍ଷକ ମହାନନ୍ଦଙ୍କ ସମେତ ଜିଲା କ୍ୱାଲିଟି ଆନାଲିସିସି ଟିମ ଥାନାରେ ପହଞ୍ଚି ଜବତ ଚାଉଳ ସଂଗ୍ରହ କରିଛନ୍ତି। ସୋମବାର ରିପୋର୍ଟ ପ୍ରଦାନ କରାଯିବ ବୋଲି ବ୍ଲକ ଯୋଗାଣ ନିରୀକ୍ଷକ ମହାନନ୍ଦ କହିଛନ୍ତି। ଏ ସମ୍ପର୍କରେ ଏସ୍‌ଡିପିଓ ତୋଫାନ ବାଗ କହିଛନ୍ତି ଘଟଣାକୁ ନେଇ ଏକ ମାମଲା(୧୭୭/୨୩)ରୁଜୁ ହୋଇଛି। ହରଭଙ୍ଗା ଗ୍ରାମର ତ୍ରିଲୋଚନ ସାହୁ ଚାଉଳ ଚୋରାଚାଲାଣର ମୁଖ୍ୟ ଅଭିଯୁକ୍ତ ବୋଲି ସେ କହିଥିଲେ। ଅଭିଯୁକ୍ତମାନେ ସର୍ତ୍ତମୂଳକ ଜାମିନ ପାଇବା ସମ୍ପର୍କରେ ପଚାରିବାରୁ ଏ ନେଇ ବୁଝିଲା ପରେ କହି ପାରିବି ବୋଲି କହିଥିଲେ।

# ଦେଓଗାଁ ବ୍ଲକର ଉନ୍ନୟନ ପାଇଁ ୪କୋଟି ମଞ୍ଜୁର

ଦେଓଗାଁ,୧୯।୮(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

**କୃତଜ୍ଞତା ଜଣାଇଲା ବ୍ଲକ ବିଜେଡି**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ଉନ୍ନୟନ ପାଇଁ ରାଜ୍ୟ ସରକାର ୪କୋଟି ଟଙ୍କା ମଞ୍ଜୁର କରିଛନ୍ତି। ନିକଟରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ତଥା ୫-ଟି ସଚିବ ଭି.କେ.ପାଣ୍ଡିଆନଙ୍କ ଦେଓଗାଁ ବ୍ଲକ ଗସ୍ତ ପରେ ଅର୍ଥରାଶି ମଞ୍ଜୁର ହୋଇଛି। ଏହାକୁ ନେଇ ବ୍ଲକ ବିଜେଡି ପକ୍ଷରୁ ଏକ ଦେଓଗାଁରେ ଏକ ଖବରଦାତା ସମ୍ମିଳନୀ କରାଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ବ୍ଲକର ୨୬ପଞ୍ଚାୟତର ୩୨ଟି ଉନ୍ନୟନ ପ୍ରକଳ୍ପ ପାଇଁ ଦେଢ଼ କୋଟି ଟଙ୍କା ମଞ୍ଜୁର ହୋଇଥିବା ବେଳେ ଉକ୍ତ ଅନୁଦାନ ବିଭିନ୍ନ ଗ୍ରାମରେ ଥିବା ମନ୍ଦିର,ପୂଜାସ୍ଥଳୀ, ଚର୍ଚ୍ଚ, କମ୍ୟୁନିଟି ସେଣ୍ଟର ନିର୍ମାଣ କରାଯିବ। ଏହାସହ ଉଚ୍ଚ ଶିକ୍ଷାର ବିସ୍ତାର ପାଇଁ ୨କୋଟି ୫୦ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଏଥିମଧ୍ୟରୁ ଜରାସିଂହା ଯୁକ୍ତ ୨ ଓ ଡିଗ୍ରୀ କଲେଜ ପାଇଁ ୧କୋଟି ଟଙ୍କା ମଞ୍ଜୁର କରାଯାଇଛି। ଦେଓଗାଁ ଯୁକ୍ତ ୨ ଓ ଡିଗ୍ରୀ କଲେଜ ପାଇଁ ୭୫ଲକ୍ଷ ଟଙ୍କା, ବନ୍ଧପଡା, ରାମଚନ୍ଦ୍ରପୁର ଯୁକ୍ତ ୨କଲେଜ ପାଇଁ ୨୫ଲକ୍ଷ ଟଙ୍କା ଲେଖାଏ ମଞ୍ଜୁର ହୋଇଛି। ଅଞ୍ଚଳର ବିକାଶ ପାଇଁ ପ୍ରଥମ ପର୍ଯ୍ୟାୟରେ ସର୍ବମୋଟ ୪କୋଟି ଟଙ୍କା ମଞ୍ଜୁର କରିଥିବାରୁ ବରିଷ୍ଠ ନେତା ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେର, ବ୍ଲକ ବିଜେଡି ସଭାପତି ଶୁଶିଲ କୁମାର ଚାନ୍ଦ, ଜିଲା ପରିଷଦ ସଭ୍ୟ ମମତା କୁମୁରା, ସୁମତି ସେଠ, ବ୍ଲକ ଯୁବ ବିଜେଡି ସଭାପତି ଶୈଳେନ୍ଦ୍ର କୁମାର ସାହୁ, ବ୍ଲକ ସରପଞ୍ଚ ସଂଘ ସଭାପତି ଗୋପାଳ ଚନ୍ଦ୍ର ମିଶ୍ର ପ୍ରମୁଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫ଟି ସଚିବ ଭି.କେ. ପାଣ୍ଡିଆନ, ରାଜ୍ୟ ସଂଗଠନ ସାଧାରଣ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂ, ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂ ଦେଓଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।

# ପର୍ଯ୍ୟାବରଣ ଅନୁକୂଳ କୃଷି କର୍ମଶାଳା





ବଲାଙ୍ଗୀର ଲର୍କପାଲିଠାରେ ପର୍ଯ୍ୟାବରଣ ଅନୁକୂଳ କୃଷି କର୍ମଶାଳାରେ ଉପସ୍ଥିତ ଅଧିକାରୀ।

ବଲାଙ୍ଗୀର,୧୯।୮ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ଲର୍କପାଲି ଆଞ୍ଚଳିକ ସମ୍ପ୍ରସାରଣ ତାଲିମ ପ୍ରତିଷ୍ଠାନ ସଭାଗୃହରେ ଜିଲାସ୍ତରୀୟ ପର୍ଯ୍ୟାବରଣ ଅନୁକୂଳ କୃଷି କର୍ମଶାଳା ଅନୁଷ୍ଠିତ ହୋଇଥିଲା। କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଓଡିଶା ଏଫଇଏସ (ଫାଉଣ୍ଡେସନ ଫର୍ ଇକୋଲୋଜିକାଲ ସିକ୍ୟୁରିଟି)ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କର୍ମଶାଳାରେ ପ୍ରଥମେ ବୃକ୍ଷରେ ଜଳଅର୍ପଣ କରି ଅତିଥିମାନେ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଫଇଏସ ଜିଲା ସଂଯୋଜକ ସୁଜିତ କୁମାର ଶତପଥୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମୁଖ୍ୟଅତିଥିଭାବେ ଜିଲା କୃଷି ଅଧିକାରୀ ସୁବାସ ଚନ୍ଦ୍ର ବେହେରା, ସମ୍ମାନୀତ ଡିପିଡି (ଆତ୍ମା)ର ସୁନନ୍ଦା ସାହୁ, ପାଟଣାଗଡ ଏଡିଓ ବାବୁଲି ଚରଣ ସେଠୀ, କୃଷି ବିଜ୍ଞାନ କେନ୍ଦ୍ର ବରିଷ୍ଠ ବୈଜ୍ଞାନିକ ସତ୍ୟବାନ ଶତପଥୀ, ଟିଁଟିଲାଗଡ ଏଡିଓ ବିଶେଶ୍ୱର ସାହୁ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଏଫଇଏସ ଭୁବନେଶ୍ୱରରୁ କର୍ମକର୍ତ୍ତା କୃଷ୍ଣମୋହନ ମିଶ୍ର, ପରାମର୍ଶଦାତା ତପନ ପାଢୀ ଯୋଗଦେଇ ନିରନ୍ତର କୃଷି ପଦ୍ଧତିର ପରିଚାଳନା, ଜୈବିକ ପଦ୍ଧତିରେ ଅର୍କ ତିଆରି, ଜଳ ପରିଚାଳନା ଉପରେ ଅବଗତ କରିଥିଲେ। ପରେ ଉପସ୍ଥିତ କୃଷି ଅଧିକାରୀ, ସହକାରୀ କୃଷି ଅଧିକାରୀ, କୃଷକ ସାଥୀ, ବିପିଏମମାନଙ୍କୁ ନେଇ ନିରନ୍ତର କୃଷିର ଆହ୍ୱାନ ଓ ସମାଧାନର ଉପାୟ, କାର୍ଯ୍ୟକ୍ରମକୁ ବ୍ୟାପକ କରିବା, ଜିଲାର ବାସ୍ତବିକତା ଦୃଷ୍ଟିରୁ କାର୍ଯ୍ୟକ୍ରମରେ ପରିବର୍ତ୍ତନ ଆବଶ୍ୟକତା, ସମସ୍ତ ବିଭାଗକୁ ଏକତ୍ର କରି କାମ କରିବା ଓ ରାଜ୍ୟଠାରୁ ନୀତିଗତ ଓ କାର୍ଯ୍ୟକ୍ରମ ସମ୍ପର୍କିତ ସହଯୋଗ ଆଦି ବିଷୟବସ୍ତୁ ଉପର ଦଳଗତ ଆଲୋଚନା କରାଯାଇଥିଲା। ଶେଷରେ ଜିଲା ସଂଯୋଜକ ସୁଜିତ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ବ୍ଲକ କୃଷି ଅଧିକାରୀ, ସହକାରୀ ବ୍ଲକ କୃଷି ଅଧିକାରୀ, ବିପିଏମ, ମୃତ୍ତିକା ସଂରକ୍ଷଣ ବିଭାଗ, କୃଷକ ସାଥୀ, କୃଷିମିତ୍ର ଓ ୯ ବ୍ଲକର ମାଷ୍ଟର ଟ୍ରେନର ସହଯୋଗ କରିଥିଲେ।

# ବ୍ଲକ ଅଫିସ ଘେରିଲା କଂଗ୍ରେସ

ଲୋଇସିଂହା,୧୯।୮(ସୁଶାନ୍ତ ବାରିକ)

ବ୍ଲକରେ ପିସି କାରବାର, ଆବାସ ଯୋଜନାରେ ଦୁର୍ନୀତି, ଅତ୍ୟାବଶ୍ୟକ ସାମଗ୍ରୀର ଦର ବୃଦ୍ଧି, ନାରୀ ନିର୍ଯାତନା, ବେକାରୀ ସମସ୍ୟା, ଚାଷୀ ମାରଣନୀତି, ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଶୋଷଣ ଆଦି ପ୍ରସଙ୍ଗକୁ ନେଇ ଲୋଇସିଂହା ବ୍ଲକ କଂଗ୍ରେସ ତରଫରୁ ଶୁକ୍ରବାର ବ୍ଲକ ଘେରାଉ କରାଯାଇଥିଲା। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୯ ଦଫା ଦାବି ସମ୍ବଳିତ ଏକ ସ୍ମାରକ ପତ୍ର ବିଡିଓ ଆକାଶ ରଞ୍ଜନ ସାହୁଙ୍କୁ ପ୍ରଦାନ କରାଯାଇଥିଲା। ଏହି ଉପଲକ୍ଷେ ଆୟୋଜିତ ପ୍ରତିବାଦ ସଭାରେ ବ୍ଲକ କଂଗ୍ରେସ ସଭାପତି ଅରବିନ୍ଦ ସାହୁ ଅଧ୍ୟକ୍ଷତା କରିଥିଲେ। ଏଥିରେ ଜିଲା କଂଗ୍ରେସ ସଭାପତି ଦିଲୀପ କୁମାର ବେହେରା, ବଲାଙ୍ଗୀର ଟାଉନ କଂଗ୍ରେସ ସଭାପତି ବୁଲୁ ଦାନୀ ଯୋଗଦେଇଥିଲେ। ସାରା ଦେଶରେ ନାରୀ ଆଜି ସୁରକ୍ଷିତ ନୁହେଁ। ଏପରିସ୍ଥଳେ ରାଜ୍ୟ ସରକାରଙ୍କ ମା'କୁ ସମ୍ମାନ ଓ କେନ୍ଦ୍ର ସରକାରଙ୍କ ବେଟି ବଚାଓ, ବେଟି ପଢାଅ ସ୍ଲୋଗାନ ପ୍ରହସନ ମନେ ହେଉଛି। ବ୍ଲକରେ ପିସି କାରବାର ଚରମ ସୀମାରେ ପହଞ୍ଚିଛି। ମୋ ଘର ଯୋଜନାରେ ଜନସାଧାରଣଙ୍କୁ ଭକୁଆ ବନା ଯାଉଥିବା ସେ କହିଥିଲେ। ବିଜେଡି-ଭାଜପା ଅଘୋଷିତ ମେଣ୍ଟ ବିକାଶ ବଦଳରେ ବିନାଶ କରି ଚାଲିଛି। ଗଣତନ୍ତ୍ରର ପୁନଃ ପ୍ରତିଷ୍ଠା ପାଇଁ ସଚେତନ ହେବାକୁ ପଡିବ ବୋଲି ବକ୍ତାମାନେ କହିଥିଲେ। ସୋମନାଥ ପଟେଲ, ଶାନ୍ତନୁ ସିଂ, ମୀନକେତନ ଚାନ୍ଦ, ସରପଞ୍ଚ ସଞ୍ଜୟ ଗଡତ୍ୟା ପ୍ରମୁଖ ପ୍ରମୁଖ ପ୍ରତିବାଦ ସଭାରେ ବକ୍ତବ୍ୟ ରଖିଥିଲେ।

# ରୁଗୁଡ଼ିପଡ଼ା ଦୁର୍ଗାପୂଜା ଟ୍ରଷ୍ଟ ସାଧାରଣ ପରିଷଦ ବୈଠକ



ରୁଗୁଡିପଡ଼ା ଦୁର୍ଗାପୂଜା ଟ୍ରଷ୍ଟର ନୂତନ ମନୋନୀତ ସଦସ୍ୟ।

ବଲାଙ୍ଗୀର,୧୯।୮ (ବୀରେନ୍ଦ୍ର କୁମାର ଝାଙ୍କର)

**ଆସନ୍ତା ୩ ବର୍ଷ ପାଇଁ କର୍ମକର୍ତ୍ତା ମନୋନୀତ**

ବଲାଙ୍ଗୀର ରୁଗୁଡିପଡା ଦୁର୍ଗାପୂଜା ମଣ୍ଡପରେ ଦୁର୍ଗାପୂଜା ଟ୍ରଷ୍ଟ ସାଧାରଣ ପରିଷଦ ବୈଠକ ତଥା ଆସନ୍ତା ତିନିବର୍ଷ ପାଇଁ କର୍ମକର୍ତ୍ତା ମନୋନୟନ ଅନୁଷ୍ଠିତ ହୋଇଛି। ସଭାପତି ଚେତନାନନ୍ଦ ପଣ୍ଡାଙ୍କ ସଭାପତିତ୍ୱ ତଥା ହରି ନାରାୟଣ ପୂଜାରୀଙ୍କ ସଂଯୋଜନାକ୍ରମେ ଆୟୋଜିତ ବୈଠକ ପ୍ରାରମ୍ଭରେ ଗତବର୍ଷ ପ୍ରାଣ ହରାଇଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଗତବର୍ଷର ଆୟବ୍ୟୟ ବିବରଣୀ ପ୍ରଦାନ କରାଯିବା ପରେ ଏହାକୁ ସର୍ବସମ୍ମତିକ୍ରମେ ପାରିତ କରାଯାଇଥିଲା। ଆସନ୍ତା ତିନିବର୍ଷ ପାଇଁ ଟ୍ରଷ୍ଟର କର୍ମକର୍ତ୍ତା ମନୋନୟନ ହୋଇଥିଲା। ଚେତନାନନ୍ଦ ପଣ୍ଡା ସଭାପତି, ସଞ୍ଜୀବ କୁମାର ଶତପଥୀ ଉପସଭାପତି ଓ ପ୍ରଦୀପ କୁମାର ପଟ୍ଟନାୟକ ଉପସଭାପତି, ହରି ନାରାୟଣ ପୂଜାରୀ ସାଧାରଣ ସମ୍ପାଦକ, ବିଜୟନନ୍ଦ ବାଗ ଓ ଦେବବ୍ରତ ବରର୍ଗ୍ତି ସହସମ୍ପାଦକ ଏବଂ କୋଷାଧକ୍ଷ ଭାବେ ଦେବାଶିଷ ମାହାକୁର ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିଲେ। ଅଶୋକ ମହାନ୍ତି, ଲକ୍ଷ୍ମୀ ମହାରଣା, ଭାଗିରଥି ମହାକୁର, ପ୍ରଦ୍ୟୁମ୍ନ ପୁରୋହିତ, ସଞ୍ଜୟ କୁମାର ପୂଜାରୀ, ହିମାଂଶୁ ଶେଖର ପାଢୀ, ଶ୍ରୀକାନ୍ତ ରାଉତ, ଅରୁଣ କୁମାର ନାଏକ, ବିଷ୍ଣୁପଦ ହୋତା, ନୟନ ମହାନ୍ତି, ଶିବାନନ୍ଦ ବାଗ, ଚନ୍ଦ୍ରଚୂଡ ପଣ୍ଡା, ସୁଧୀର ନନ୍ଦ, ଜୀବନ ବାଙ୍କ, ସନ୍ତୋଷ ପଣ୍ଡା, ତାପସ ମହାନ୍ତି, ପଙ୍କଜନ୍ମ ପଣ୍ଡା, ଅମିତ କୁମାର ମହାନ୍ତି, ଅଜୟ କୁମାର ରଥ, ବାଳୁ ଦାସ, ବିଭୁତି ଭୂଷଣ ମିଶ୍ର କାର୍ଯ୍ୟକାରୀ ସଦସ୍ୟଭାବେ ମନୋନୀତ ହୋଇଥିଲେ। ଏହି ବୈଠକରେ ରୁଗୁଡିପଡାର ଶତାଧିକ କର୍ମକର୍ତ୍ତା ଉପସ୍ଥିତ ରହି ଆସନ୍ତା ଦୁର୍ଗାପୂଜାକୁ କିଭଳି ଆକର୍ଷଣୀୟ କରାଯିବ ସେ ଉପରେ ସୁଚିନ୍ତିତ ମତାମତ ପ୍ରକାଶ କରିଥିଲେ।

# ଲୁଟ୍ କରି ଫେରାର ହେଉଥିବା ୨ ଗିରଫ

କେସିଙ୍ଗା,୧୯।୮(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ପୋଲିସ ଶନିବାର ଫିଲ୍ମ ଷ୍ଟାଇଲରେ ଲୁଟ୍ କରି ଫେରାର ହେଉଥିବା ୨ ଲୁଟେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଦୁଇଜଣ ହେଲେ କେସିଙ୍ଗା ୱାର୍ଡ ନମ୍ବର ୧୦ର ଅନୁ ସୁନା (୨୨) ଓ କଳମପୁର ଥାନା ମଣ୍ଡଳର ଇନ୍ଦ୍ରମଣୀ ନାଏକ (୨୮) ବୋଲି ପୋଲିସ ପ୍ରକାଶ କରିଛି। ନର୍ଲା ବ୍ଲକ ରାଣୀପଟା ଗ୍ରାମର ବସନ୍ତ ସା (୨୩) କେସିଙ୍ଗା ଷ୍ଟେଶନରୁ ଦାଦାନ ଖଟିବାକୁ ଅନ୍ୟ ରାଜ୍ୟକୁ ଯିବା ପାଇଁ ଆସିଥିଲେ। ଷ୍ଟେଶନ ଭିତରୁ ଟିଫିନ ଖାଇବା ପାଇଁ ବାହାରକୁ ଆସିବା ବେଳେ ଗିରଫ ୨ଜଣ ଯୁବକ ତାଙ୍କୁ ମାଡ଼ପିଟ କରିବା ସହ ୧୧ ଶହ ଟଙ୍କା ଓ ମୋବାଇଲ ଛଡେଇ ନେଇଥିଲେ। ଜଣେ ଯୁବକ ଏହାର ଏକ ଭିଡିଓ ପୋଲିସକୁ ପଠାଇ ୧୧୨ ନମ୍ବରକୁ ଫୋନ କରି ଜଣାଇଥିଲେ। ପୋଲିସ ତତକ୍ଷଣାତ ପଦକ୍ଷେପ ନେଇ ଜଣେ ଯୁବକଙ୍କୁ କେସିଙ୍ଗା ହାଇସ୍କୁଲ ନିକଟରୁ ଗିରଫ କରିଥିଲା। ତାଙ୍କଠାରୁ ସୂଚନା ପାଇ କଳମପୁର ବସରେ ଫେରାର ହେଉଥିବା ଅନ୍ୟ ଜଣଙ୍କୁ ତ୍ରିମୂର୍ତ୍ତି ଛକରୁ ପୋଲିସ ଧରିଥିଲା। ପରେ ଲୁଟର ଶିକାର ହୋଇଥିବା ବସନ୍ତଙ୍କ ଏତଲାକ୍ରମେ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

# ଶାରୀରିକ ଶିକ୍ଷକ ତାଲିମ ଶିବିର

ମୁରିବାହାଲ, ୧୯।୮(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଓ ବଙ୍ଗୋମୁଣ୍ଡା ବ୍ଲକର ଶାରୀରିକ ଶିକ୍ଷକମାନଙ୍କୁ ନେଇ ହଳଦୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିସରରେ ଚାଲିଥିବା କ୍ରୀଡାଙ୍ଗନା ତାଲିମ ଶିବିରର ଶନିବାର ଥିଲା ଦ୍ୱିତୀୟ ଦିବସ। ଶ୍ରୀବତ୍ସ ବେହେରା, ସୁବ୍ରତ କୁମାର ମହାକୁର, ସୁଦାମ ଚରଣ ବଘାର, କେଦାର ବଡ଼ଜେନା ଓ ଶଙ୍କର ମାଝି ଶିବିରରେ ଯୋଗଦେଇ ଶାରୀରିକ ଶିକ୍ଷକମାନଙ୍କୁ ଉତ୍ସାହିତ କରିଥିଲେ। ନୂତନ ଶିକ୍ଷା ପ୍ରଣାଳୀ ଅନୁସାରେ ଆୟୋଜିତ ଶାରୀରିକ ଶିକ୍ଷକମାନଙ୍କ ଦକ୍ଷତା ଶିବିରରେ ବିନୋଦ କୁମାର ମହାପାତ୍ର, ଆଶିଷ ଦେବ ସା ତାଲିମ ପ୍ରଦାନ କରୁଛନ୍ତି। ମୁରିବାହାଲ ବ୍ଲକ କ୍ରୀଡା ସମ୍ପାଦକ କୁବେରଲାଲ ବେହେରା, ଶାରୀରିକ ଶିକ୍ଷକ ଆଶୀର୍ବାଦ ସା, ପ୍ରକାଶ କୁମାର ମହାନ୍ତି, ଅଶ୍ୱିନୀ ସରାଫ, କେଦାରନାଥ ମେହେର, ଶ୍ରୀପତି ଷାଣ୍ଡ, ଅର୍ଜୁନ ମେହେର, ମଞ୍ଜୁରୀ ନନ୍ଦ, ମୋହନ ପ୍ରଧନୀ ଓ ରଞ୍ଜିତ ବରର୍ଗ୍ତି ଶିବିର ପରିଚାଳନାରେ ସହଯୋଗ କରୁଛନ୍ତି। ଧନ୍ୟବାଦ ଅର୍ପଣ କରିଥିଲେ ଖଇରା ହାଇସ୍କୁଲ ପ୍ରଧାନଶିକ୍ଷକ ନାରାୟଣ ମିଶ୍ର। କ୍ରୀଡାଙ୍ଗନା ତାଲିମ ଶିବିରର ଉଦ୍ଦେଶ୍ୟ ହେଲା ଶାରୀରିକ ଶିକ୍ଷକମାନଙ୍କର ମଧ୍ୟମରେ ଖେଳ ଓ ପାଠ ପ୍ରତି ଆକୃଷ୍ଟ ସହ ଛାତ୍ରୀଛାତ୍ରଙ୍କ ଜୀବନ ଶୈଳୀରେ ପରିବର୍ତ୍ତନ ଆଣିବା। ଏଥିସହ ନିଶାମୁକ୍ତ ବିଦ୍ୟାଳୟ, ସାହିତ୍ୟସୃଜନ, ଜିଜ୍ଞାସା କୌଶଳ ସମ୍ବନ୍ଧରେ ତାଲିମ ପ୍ରଦାନ କରାଯାଉଛି। ଶୁକ୍ରବାର ହଳଦୀ ହାଇସ୍କୁଲ ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରକୁ ମୁରିବାହାଲ ଏବିଇଓ କୋଦଣ୍ଡଧର ଭୋଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ଜିଲା କ୍ରୀଡା ନିରୀକ୍ଷକ ଅନ୍ତର୍ଯ୍ୟାମୀ ବିଶ୍ୱାଳ, ବରିଷ୍ଠ ଶାରୀରିକ ଶିକ୍ଷକ ହେମନ୍ତ ପଧାନ ଉପସ୍ଥିତ ଥିଲେ।



ଶିବିରରେ ଯୋଗଦେଇଥିବା ମୁରିବାହାଲ ଓ ବଙ୍ଗୋମୁଣ୍ଡା ବ୍ଲକର ହାଇସ୍କୁଲର ଶାରୀରିକ ଶିକ୍ଷକମାନେ।

# ଶିକ୍ଷକ ନିଯୁକ୍ତି ଦାବିରେ ବିଇଓଙ୍କୁ ଘେରିଲେ

ଲୋଇସିଂହା,୧୯।୮(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତ ଅନ୍ତର୍ଗତ ଅଗଲାପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ତଳନାରେ ଆବଶ୍ୟକ ଶିକ୍ଷକ ନାହାନ୍ତି। ଏଥିଯୋଗୁ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଛି। ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କଲେ ମଧ୍ୟ ସୁଫଳ ମିଳିନାହିଁ। ଏହାର ପ୍ରତିବାଦରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରସାଦି ନାଏକଙ୍କ ନେତୃତ୍ୱରେ ଗ୍ରାମବାସୀ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ(ବିଇଓ) ରୀନା କୁମାରୀ ବେହେରାଙ୍କୁ ତାଙ୍କ କାର୍ଯ୍ୟାଳୟରେ ଫେରାଦ ହୋଇଥିଲେ। ସରପଞ୍ଚଙ୍କ ସହ ଆଲୋଚନା କରି ସୋମବାର ସନ୍ଧ୍ୟା ସୁଦ୍ଧା ପଦକ୍ଷେପ ନିଆଯିବ ବୋଲି ବିଇଓ ବେହେରା ଗ୍ରାମବାସୀଙ୍କୁ କହିଛନ୍ତି। ପ୍ରତିଶ୍ରୁତି ଅନୁଯାୟୀ ପଦକ୍ଷେପ ନିଆ ନ ଗଲେ ମଙ୍ଗଳବାରରୁ ସ୍କୁଲରେ ତାଲା ପଡିବ ବୋଲି ପରିଚାଳନା କମିଟି ଓ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ୮୩ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଚଳିତ ଶିକ୍ଷା ବର୍ଷ ପ୍ରାରମ୍ଭରୁ ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ସମେତ ୩ ଜଣ ଶିକ୍ଷକ ନିୟୋଜିତ ଥିଲେ। ଗତ ଜୁଲାଇ ମାସରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ନରେନ୍ଦ୍ର ରଣା ଲେଭେଲ ୩ ପ୍ରଧାନ ଶିକ୍ଷକ ପଦୋନ୍ନତି ମିଳିଥିବାରୁ ଅନ୍ୟତ୍ର ଯୋଗଦେଇଛନ୍ତି। ଏବେ ବିଦ୍ୟାଳୟରେ ୨ ଜଣ ଶିକ୍ଷକ ଅଛନ୍ତି। ପରିଚାଳନା କମିଟି ସଭାପତି ସାହୁ କହିଛନ୍ତି, ବିଭାଗୀୟ ଅବହେଳାରୁ ଆବଶ୍ୟକ ଶିକ୍ଷକ ନିଯୁକ୍ତ ହୋଇ ପାରୁନାହାନ୍ତି। ବିଇଓ ବେହେରା କହିଛନ୍ତି, ଜିଲାସ୍ତରୀୟ ପଦୋନ୍ନତି ଯୋଗୁ ସ୍କୁଲର ଜଣେ ଶିକ୍ଷକଙ୍କ ପଦୋନ୍ନତି ମିଳିଛି। ଏବେ ସ୍କୁଲରେ ୨ ଜଣ ଶିକ୍ଷକ ଅଛନ୍ତି, ଆଉ ୨ ଜଣ ଶିକ୍ଷକ ଦେବା ପାଇଁ ଚେଷ୍ଟା ଚାଲିଛି।





ଶିକ୍ଷକ ନିଯୁକ୍ତି ଦାବିରେ ବିଇଓ ଅଫିସ ଆସିଥିବା ଗ୍ରାମବାସୀ।

**ବିପଦଶଙ୍କୁଳ ବିଦ୍ୟୁତ୍ ଟ୍ରାନ୍ସଫର୍ମର**

ଘଣ୍ଟାପଡ଼ା,(ପ୍ରଭାତ କୁମାର ସାହୁ): ବୌଦ୍ଧ ଜିଲା ମନମୁଣ୍ଡା ମହୁଲବାହାଲି ଗ୍ରାମରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଉକ୍ତ ଟ୍ରାନ୍ସଫର୍ମରରେ କୌଣସି ସୁରକ୍ଷା ପାଚେରି ନ ଥିବା ବେଳେ ଅତି ନିମ୍ନରେ ଖୋଲାରେ ଫ୍ୟୁଜ ବାକ୍ସ ରହିଛି। ଉକ୍ତ ରାସ୍ତା ଦେଇ ଗାଡ଼ି ମୋଟର ସହ ଲୋକେ ଯିବା ଆସିବା କରିଥାନ୍ତି। ବିଗତ ଦିନରେ ମନମୁଣ୍ଡା ଅଞ୍ଚଳରେ ବିଦ୍ୟୁତ୍‌ଜନିତ ଅନେକ ଅଘଟଣ ଘଟିଥିଲେ ସୁଦ୍ଧା ବିଭାଗ ପକ୍ଷରୁ କୌଣସି ତତ୍ପରତା ଦେଖା ଦେଇନାହିଁ । ଆଗକୁ କୌଣସି ବିପଦ ଘଟିବା ପୂର୍ବରୁ ଏହାର ଚାରିପଟେ ପାଚେରି ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ସଂକ୍ଷେପରେ

### ଖେଳ ପଡିଆର ଶିଳାନ୍ୟାସ



ଅମରପାଲି,୧୯।୮(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟା ପଞ୍ଚାୟତ ଅନ୍ତର୍ଗତ ଟିକରାପଡା ଗ୍ରାମରେ ଶନିବାର ଏକ ନୂତନ ଖେଳ ପଡିଆର ଶିଳାନ୍ୟାସ କରାଯାଇଛି। ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଳାନ୍ୟାସ କରିଛନ୍ତି। ସୁବଳୟା ସରପଞ୍ଚ ପ୍ରମୋଦ ମହାପାତ୍ର, ସମିତି ସଭ୍ୟା ଲିଲି ମେହେର, ଜିଲା ପରିଷଦ ସଭ୍ୟା ପ୍ରତିନିଧି ପ୍ରଫୁଲ୍ଲ ଦନ୍ତା, ଚମ୍ପାମାଳ ସମିତି ସଭ୍ୟ ଲକ୍ଷ୍ମୀନାରାୟଣ ପୁରୋହିତ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଏନେଇ ଏକ ସାଧାରଣ ସଭା ହୋଇଥିଲା। ଉକ୍ତ ଖେଳ ପଡିଆ ଜମିକୁ ଗ୍ରାମର କେତେକ ବ୍ୟକ୍ତି ଜବରଦଖଲ କରିଥିଲେ। ବାରମ୍ବାର ଅନୁରୋଧ ସତ୍ତ୍ୱେ ସେମାନେ ପଡିଆ ଛାଡୁ ନ ଥିଲେ। ଏନେଇ ଗ୍ରାମବାସୀ ବୀରମହାରାଜପୁର ତହସିଲଦାର ବିବୁଧ ଗଡନାୟକଙ୍କୁ ଦାବିପତ୍ର ଦେଇଥିଲେ। ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ଉକ୍ତ ପଡିଆରୁ ଜବର ଦଖଲ ଉଚ୍ଛେଦ କରାଯାଇଥିଲା।

### ଡାକ୍ତରୀ ପାଠ ପଢାରେ ଅର୍ଥ ବାଧକ

ତଳଗାଁ,୧୯।୮(କୁନା ବେହେରା)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଆଡେଣିଗଡ ପଞ୍ଚାୟତ ଗୋଛାସାହି ଗ୍ରାମର ସୁଚିସ୍ମିତା ଜାନିଙ୍କ ଡାକ୍ତରୀ ଶିକ୍ଷା ପାଇଁ ଅର୍ଥ ବାଧକ ସାଜିଛି। ବାପା ଚିତ୍ତରଞ୍ଜନ ଜଣେ ଦିନ ମଜୁରିଆ ହୋଇଥିବାବେଳେ ମା' ଶୁକଦେଇ ଆଶା କର୍ମୀ ଭାବେ କାର୍ଯ୍ୟରତ ଅଛନ୍ତି। ସେମାନଙ୍କର ଗୋଟିଏ ପୁଅ



ମଧ୍ୟ ଅଛି। ସୁଚିସ୍ମିତା ଡାକ୍ତରୀ ପଢିବା ପାଇଁ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ। କେଉଁଝରଠାରେ ଥିବା ସରକାରୀ ମେଡିକାଲ କଲେଜରେ ନାମ ଲେଖାଇବା ପାଇଁ ପତ୍ର ଆସିବା ପରେ ବହୁ କଷ୍ଟରେ ଚିତ୍ତରଞ୍ଜନ ଧାରଉଧାର କରି ୩୭ ହଜାର ଟଙ୍କା ଡିପୋଜିଟ କରି ଝିଅର ନାମ ଲେଖାଇଛନ୍ତି। ଡାକ୍ତରୀ ଶିକ୍ଷା ସମାପ୍ତ ପାଇଁ ୫ ବର୍ଷ ଲାଗୁଥିବା ବେଳେ ଏତେ ଟଙ୍କା କେଉଁଠୁ ଆସିବ ସେ ନେଇ ପୂରା ପରିବାର ଚିନ୍ତାରେ ଅଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଏହି ପରିବାର ନିବେଦନ କରିଛନ୍ତି।

### ଧର୍ମ ପରାୟଣା ମହିଳାଙ୍କ ପରଲୋକ

ବିନିକା, ୧୯।୮(ରାମଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ରଥପଡ଼ାର ଧର୍ମ ପରାୟଣା ମହିଳା ସୁଭାଷିନୀ ମହାକୁରଙ୍କ



(୬୨)ଙ୍କ ଶୁକ୍ରବାର ରାତିରେ ପରଲୋକ ହୋଇଯାଇଛି। ଜଣେ ସରଳ ଓ ପରୋପକାରୀ ମହିଳା ଭାବେ ବେଶ ଜଣାଶୁଣା ସୁଭାଷିନୀଙ୍କର ହୃଦ୍‌ରୋଗ ଥିଲା। ହଠାତ୍ ସ୍ୱାସ୍ଥ୍ୟାବସ୍ଥା ବିଗିଡି ଯିବାରୁ ପରିବାର ଲୋକେ ତୁରନ୍ତ ସମ୍ବଲପୁରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁ ଶଯ୍ୟା ନିକଟରେ ସ୍ୱାମୀ ଶୀତଳ ପ୍ରସାଦ ମହାକୁର, ବଡ଼ପୁଅ ସନ୍ତୋଷ ମହାକୁର ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ଶନିବାର ସ୍ଥାନୀୟ ପାପକ୍ଷୟ ଘାଟରେ ତାଙ୍କର ଅନ୍ତିମ ସତ୍କାର କରାଯାଇଥିଲା। ସାନପୁଅ ବାବୁଲୁ ମହାକୁର ମୁଖାଗ୍ନି ପ୍ରଦାନ ଦେଇଥିଲେ ।

# ବିଦ୍ୟାଳୟରେ ପ୍ରଧାନ ଶିକ୍ଷକଙ୍କ ମଦମାଂସ ଆସର

ବୌଦ୍ଧ,୧୯।୮(ଅଜିତ କୁମାର ବାରିକ)

**ଭିଡିଓ ଭାଇରାଲ ପରେ ଚର୍ଚ୍ଚା**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ମହାଲିକପଡ଼ା ପଞ୍ଚାୟତର ଯାବର ପ୍ରାଥମିକ ବିଦ୍ୟାଳୟ ଶ୍ରେଣୀଗୃହ ଭିତରେ ପ୍ରଧାନ ଶିକ୍ଷକ ତାଙ୍କ ବନ୍ଧୁଙ୍କ ସହ ମଦମାଂସ ଆସର ଜମାଉଥିବା ଭିଡିଓ ଭାଇରାଲ ହେବାରେ ଲାଗିଛି। ଘଟଣା ଶୁକ୍ରବାରର ବୋଲି ଜଣାପଡିଛି। ଏହା ଲୋକଲୋଚନକୁ ଆସିବା ପରେ ଚର୍ଚ୍ଚାର ବିଷୟ ପାଲଟିଛି।

ମିଳିଥିବା ସୂଚନା ମୁତାବକ ଯାବର ପ୍ରାଥମିକ ବିଦ୍ୟାଳରେ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ୨୬ଜଣ ପିଲା ପାଠ ପଢୁଛନ୍ତି। ଶିକ୍ଷାଦାନ ପାଇଁ ୨ଜଣ ନିୟମିତ ଗଣଶିକ୍ଷକ ନିଯୁକ୍ତ ଅଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁନୀଲ ଦାସ ପାଠପଢା ସମୟରେ ଏକ ଶ୍ରେଣୀଗୃହରେ ବସି ଜଣେ ବନ୍ଧୁଙ୍କ ସହିତ ମଦ, ମାଂସ



ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକଙ୍କ ମଦମାଂସ ଆସର।

ଖାଉଥିଲେ। ଏହି ସମୟରେ ସ୍ଥାନୀୟ ୱାର୍ଡସଭ୍ୟାଙ୍କ ସ୍ୱାମୀ ବବଲୁ ମାଝି ନିଜ ମୋବାଇଲରେ ଭିଡିଓ ଉତ୍ତୋଳନ କରିଥିଲେ। ବିଦ୍ୟାଳୟରେ ପିଲାମାନେ ମଧ୍ୟାହ୍ନଭୋଜନ ଖାଇବା ସମୟରେ କିପରି ଜଣେ କର୍ତ୍ତବ୍ୟରତ ପ୍ରଧାନ ଶିକ୍ଷକ ବିଦ୍ୟାଳୟ ଭିତରେ ମଦ,ମାଂସର ଆସର ଜମାଇଥିଲେ ତାକୁ ନେଇ ଶିକ୍ଷାପ୍ରେମୀ ଓ ବୁଦ୍ଧିଜୀବୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ଘଟଣା ନେଇ ଜିଲା ଶିକ୍ଷା ବିଭାଗ କି ପଦକ୍ଷେପ ଗ୍ରହଣ କରୁଛି ତାହା ଦେଖିବାକୁ ବାକି ରହିଛି। ଏ ନେଇ ହରଭଙ୍ଗା ଗୋଷ୍ଠୀ ଶିକ୍ଷାଧିକାରୀ ଅଜୟ କୁମାର ଲୁହାଙ୍କୁ ପଚାରିବାରୁ ସେ ଭିଡିଓ ପାଇଛି। ଏ ନେଇ ତଦନ୍ତ କରାଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ପ୍ରତିଭା ଲୋକଲୋଚନକୁ ଆଣିବା ଧ୍ୟେୟହେଉ




ପ୍ରତିଷ୍ଠା ଦିବସ ଅବସରରେ ମଞ୍ଚାସୀନ ଅତିଥି।

ଅମରପାଲି,୧୯।୮(ପୀତାମ୍ବର ସାହୁ)

**ଭୁତିଆପାଲି ଉଚ୍ଚ ମାଧ୍ୟମିକ ସ୍କୁଲର ପ୍ରତିଷ୍ଠା ଦିବସ, ପ୍ରବେଶ ଉତ୍ସବ**

ଗ୍ରାମାଞ୍ଚଳରେ ବହୁ ପ୍ରତିଭାବାନ ଛାତ୍ରୀଛାତ୍ର ଅଛନ୍ତି। ଉପଯୁକ୍ତ ପ୍ରୋତ୍ସାହନ ପାଉ ନ ଥିବାରୁ ସେମାନଙ୍କ ପ୍ରତିଭାର ବିକାଶ ହୋଇପାରୁନାହିଁ। ସେମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ କରାଇବା ଶିକ୍ଷକମାନଙ୍କ ଧ୍ୟେୟହେବା ଆବଶ୍ୟକ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମୁର୍ଷୁଣ୍ଡି ପଞ୍ଚାୟତର ଭୁତିଆପାଲିସ୍ଥିତ ପରମେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳନ ଓ ପ୍ରବେଶ ଉତ୍ସବରେ ଅତିଥିମାନେ ଏହିପରି ରଖିଛନ୍ତି।

ସ୍ଥାନୀୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ସୁବାଶ ଚନ୍ଦ୍ର ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୀରମହାରାଜପୁର ମହାବିଦ୍ୟାଳୟର ଇତିହାସ ବିଭାଗ ମୁଖ୍ୟ ଡ.ହିମାଂଶୁ ଶେଖର ପାଢୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଭଲ ପାଠ ପଢିବା ସହିତ ଉତ୍ତମ ଚରିତ୍ର ଗଠନ ପାଇଁ ସେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସ୍ଥାନୀୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓଡିଆ ବିଭାଗ ଅଧ୍ୟାପିକ ଶରତ ଦଳେଇ ମ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଅନୁଷ୍ଠାନର ନୀତିନିୟମ, ଶିକ୍ଷା ପ୍ରଣାଳୀ ଓ ପାଠ୍ୟ ଖସଡା ଉପରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଯୁକ୍ତ ୨ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରମାନେ ନୂତନ ଭାବେ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରିଥିଲେ। ନୂତନ ଛାତ୍ରୀଛାତ୍ରମାନେ ଅନୁଷ୍ଠାନର ନୀତିନିୟମ ମାନି ଚଳିବା ସହିତ ଭଲ ପାଠ ପଢିବାକୁ ପ୍ରତିଶ୍ରୁତି ଦେଇଥିଲେ। ଅନୁଷ୍ଠାନର ଇଂଲିଶ ବିଭାଗ ଅଧ୍ୟାପିକା ଶେଫାଳି ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟକ୍ଷ ପଣ୍ଡା ବିବରଣୀ ପଠନ କରିବା ସହିତ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶିକ୍ଷା ବିଭାଗୀୟ ଅଧ୍ୟାପକ ବନମାଳୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଅନୁଷ୍ଠାନ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଦାବି ପୂରଣ ନ ହେଲେ ଗଣଧାରଣା



ବୈଠକରେ ଉପସ୍ଥିତ ଯୋଗାଣ ସହାୟକ।

ବୌଦ୍ଧ,୧୯।୮(ଅଜିତ କୁମାର ବାରିକ)

**ଜିଲା ଯୋଗାଣ ସହାୟକ ସଂଘ ବୈଠକ**

ବୌଦ୍ଧ ଜିଲା ଯୋଗାଣ ସହାୟକ ସଂଘ ପକ୍ଷରୁ ଶନିବାର ସ୍ଥାନୀୟ ଜଗନ୍ନାଥ ମନ୍ଦିରଠାରେ ଏକ ବୈଠକ ସଂଘ ସଭାପତି କୃପାସିନ୍ଧୁ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୪ ଦଫା ଦାବି ନେଇ ସରକାରଙ୍କ ଦୃଷ୍ଟିଗୋଚର କରାଯିବାକୁ ନିଷ୍ପତ୍ତି ନିଆଯାଇଥିବା ବେଳେ ସମାଧାନ ନ ହେଲେ ଗଣଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ୨୦୧୩ ମସିହାଠାରୁ ପଞ୍ଚାୟତ ସ୍ତରରେ ଯୋଗାଣ ସହାୟକଙ୍କୁ ସ୍ୱଳ୍ପ ବେତନରେ ନିଯୁକ୍ତି ଦିଆଯାଇଛି। ସେମାନେ କରୋନା ସମୟରେ ଘର ଘର ବୁଲି ରାଶନ ସାମଗ୍ରୀ ବଣ୍ଟନ, ଭତ୍ତା ବଣ୍ଟନ, ପିଠା କାର୍ଯ୍ୟକ୍ରମରେ କାମ କରୁଥିବାବେଳେ ଦିନ ମଜୁରିଆଠାରୁ କମ ପାରିଶ୍ରମିକ ଦିଆଯାଉଛି। ପ୍ରମୁଖ ଦାବି ମଧ୍ୟରେ ଚାକିରି ସ୍ଥାୟୀ କରିବା, ପାରିଶ୍ରମିକ ୨୫ ହଜାର ପ୍ରଦାନ, ସରକାରୀ ମାନ୍ୟତା, ଯୋଗଣ ସହାୟକ ନାମକୁ ବଦଳ କରାଯାଇ ଆସିଷ୍ଟାଣ୍ଡ ମାର୍କେଟ ଇନ୍ସପେକ୍ଟର ରଖିବା ଆଦି ଅନ୍ୟତମ। ବୈଠକରେ ସଂଘ ଉପସଭାପତି ନୀଳମାଧବ ପ୍ରଧାନ, ସମ୍ପାଦକ ପ୍ରମୋଦ କୁମାର ପ୍ରଧାନ, କୋଷାଧ୍ୟକ୍ଷ ସୌମ୍ୟରଞ୍ଜନ ଦାସଙ୍କ ସମେତ ୬୦ ଜଣ ଯୋଗାଣ ସହାୟକ ଉପସ୍ଥିତ ଥିଲେ।

# ସୋନପୁର କେନ୍ଦ୍ରୀୟ ବିଦ୍ୟାଳୟରେ ସାଂସ୍କୃତିକ କାର୍ଯ୍ୟକ୍ରମ

ସୋନପୁର,୧୯।୮(ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର କେନ୍ଦ୍ରିୟ ବିଦ୍ୟାଳୟ (କେଭି)ରେ ରୁଟ ଟୁ ରୁଟ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସାଂସ୍କୃତିକ ଭାବ ବିନିମୟ ପାଇଁ ବିଦ୍ୟାଳୟରେ ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସାମାଜିକ, ସାଂସ୍କୃତିକ ଓ ଶିକ୍ଷା ଅନୁଷ୍ଠାନ ସହିତ ଜଡିତ ଥିବା ଜବଲପୁର ଅଞ୍ଚଳର ନୃତ୍ୟଶିଳ୍ପୀ ଅଖିଳେଶ ପଟେଲ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରି ନିଜ ଅଞ୍ଚଳର ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରୁଛନ୍ତି। ଏହିକ୍ରମରେ କେଭି ଭଳି ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ପାଇଁ ପଟେଲ କଥକ ନୃତ୍ୟ ପରିବେଷଣ କରିଥିଲେ। ସୋନପୁର କେନ୍ଦ୍ରୀୟ ବିଦ୍ୟାଳୟର ଅଧକ୍ଷ ହେମନ୍ତ କୁମାର ସାହୁଙ୍କ ପୌରହିତ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କେନ୍ଦ୍ର ସରକାରଙ୍କ ସଂସ୍କୃତି ବିଭାଗର ଅନୁମତି କ୍ରମେ ପଟେଲ ସୋନପୁର ଆସି ଛାତ୍ରଛାତ୍ରୀଙ୍କ ମନୋରଞ୍ଜନ କରିଥିଲେ। ଏହି ଲୋକନୃତ୍ୟ ସମ୍ପର୍କରେ ଅଖିଳେଶ ଛାତ୍ରୀଛାତ୍ରମାନଙ୍କ ସହିତ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କ ମନୋରଞ୍ଜନ କରିବାରେ ସହାୟକ ହୋଇଥିଲା।

# ଦୀର୍ଘସ୍ଥାୟୀ ବିକାଶ ସ୍ଥାନୀୟକରଣ ତାଲିମ ଶିବିର



ବ୍ଲକ ସମ୍ମିଳନୀ କକ୍ଷରେ ତାଲିମ ପ୍ରଦାନ କରାଯାଉଛି।

ଅମରପାଲି,୧୯।୮(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଗତ ତିନି ଦିନ ଧରି ଚାଲିଥିବା ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟର ସ୍ଥାନୀୟକରଣ ସମ୍ପର୍କିତ ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ଦାରିଦ୍ର୍ୟମୁକ୍ତ ଓ ଉନ୍ନତ ଜୀବିକାଯୁକ୍ତ ଗ୍ରାମ ପଞ୍ଚାୟତ ଗଠନ ସକାଶେ ତାଲିମ ପ୍ରଦାନ କରାଯାଇଥିଲା। ଉକ୍ତ ତାଲିମ କାର୍ଯ୍ୟକ୍ରମରେ ସମସ୍ତ ପଞ୍ଚାୟତର ଜନ ପ୍ରତିନିଧି, କାର୍ଯ୍ୟନିର୍ବାହୀ ଅଧିକାରୀ, ଏମବିକେ, ସିଆରପିମାନେ ତାଲିମ ଗ୍ରହଣ କରିଥିଲେ। ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପ୍ରଦୀପ ବାଗ ଶିବିର ପରିଚାଳନା କରିଥିଲେ। ଶିବିରର ପ୍ରଥମ ଦିବସରେ ଉଫୁଲା, ବାଗବର, ଖଣ୍ଡହତା, କେନଝିରିଆପାଲି ଓ ଦୁର୍ଜନତେଲା ପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟ, କାର୍ଯ୍ୟନିର୍ବାହୀ ଅଧିକାରୀ, ବିଭିନ୍ନ ବିଭାଗୀୟ ଅଧିକାରୀ, ଏମବିକେ, ସିଆରପି, ବ୍ୟାଙ୍କ ମିତ୍ରମାନେ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ। ଦ୍ୱିତୀୟ ଦିବସରେ ଜଟେସିଂହା, କମିରା, ଚମ୍ପାମାଳ, ହିଲୁଙ୍ଗ ଓ ମୁର୍ଷୁଣ୍ଡି ପଞ୍ଚାୟତର ପ୍ରତିନିଧିଙ୍କୁ ତାଲିମ ଦିଆଯାଇଥିଲା। ଅନ୍ତିମ ଦିବସରେ ଲୁତୁରପଙ୍କ, ବହଳପଦର, ପିତାମହୁଲ, ସଂଗ୍ରାମପୁର ଓ ସୁବଳୟା ପଞ୍ଚାୟତର ପ୍ରତିନିଧିଙ୍କୁ ତାଲିମ ଦିଆଯାଇଥିଲା।

# ତରଭା ସରପଞ୍ଚ ସଂଘର ବୈଠକ

ତରଭା, ୧୯।୮(ମାନଭଞ୍ଜନ ମିଶ୍ର )

ସୁବର୍ଣ୍ଣପୁର ଜିଲା ତରଭା ପଞ୍ଚାୟତ ସମିତି ସଭାଗୃହରେ ବ୍ଲକ ସରପଞ୍ଚ ସଂଘ ସଭାପତି ଅଶ୍ୱିନୀ ବିଶିଙ୍କ ଅଧକ୍ଷତାରେ ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧକ୍ଷ ସରୋଜ କମ୍ପ, ବିଡିଓ ଅନିଲ କୁଲୁ, ସହକାରୀ ଯନ୍ତ୍ରୀ ଦୁଃଶାସନ ସାହୁ, ଜିଲା ସରପଞ୍ଚ ସଂଘ ସଭାପତି ଗଣନାଥ ସାହୁ ଅତିଥିଭାବେ ଯୋଗଦେଇଥିଲେ। ବୈଠକରେ ଉପସ୍ଥିତ ସରପଞ୍ଚମାନେ ଏମ୍‌ଜିଏନ୍‌ଆରଇଜିଏସ୍, ଆମ ଓଡିଶା ନବୀନ ଓଡିଶା ଯୋଜନାରେ ସମସ୍ତ ଗ୍ରାମ ପଞ୍ଚାୟତରେ ହେବାକୁ ଥିବା ଉନ୍ନୟନମୂଳକ କାର୍ଯ୍ୟର କିଭଳି ସଫଳ ରୂପାୟନ ହୋଇ ପାରିବ ସେ ବିଷୟରେ ଆଲୋଚନା କରିଥିଲେ। ଏହା ସହ ବାର୍ଦ୍ଧକ୍ୟ ଭତ୍ତା, ନଳକୂପ



ବୈଠକରେ ଉପସ୍ଥିତ ସରପଞ୍ଚ ଓ ଅନ୍ୟମାନେ।

ମରାମତି, ପାନୀୟ ଜଳଯୋଗାଣ, ରାସ୍ତା ମରାମତି ଓ ନୂତନ ରାସ୍ତା ନିର୍ମାଣ ପ୍ରସଙ୍ଗ ଆଲୋଚନାର ପ୍ରସଙ୍ଗ ହୋଇଥିଲା। ଏହି ବୈଠକରେ ସରପଞ୍ଚ ସୁଦାମ ଦୀପ, ଗୋପାଳ କର୍ମୀ, ମୁକ୍ତା ନାଗ, ଲିଜାରାଣୀ ଦଣ୍ଡସେନା, ପ୍ରଭୁଦତ୍ତ ଡାଙ୍ଗ, ସଦା ପାତ୍ର, ଆର୍ତ୍ତତ୍ରାଣ ବଗର୍ତ୍ତି, କୁଶଳେଶ୍ୱର ପାଣ୍ଡେ, ସୁପ୍ରିୟା କମ୍ପ ପ୍ରମୁଖ ଉପସ୍ଥିତ ଥିଲେ।

# କୃଷକ ତାଲିମ ଶିବିର

ଘଣ୍ଟାପଡ଼ା, ୧୯।୮(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ନୀଳକଣ୍ଠେଶ୍ୱର କୃଷକ ଉତ୍ପାଦକ କମ୍ପାନୀ କୁମରକେଲିଠାରେ କୃଷକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ପରମାନନ୍ଦ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମନମୁଣ୍ଡା ସରପଞ୍ଚ ସୁଶ୍ରୀ ରଞ୍ଜୁ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏଥିରେ ସୋନପୁର ଗ୍ଲୋବାଲ ଗ୍ରିନ ସେକ୍ରେଟାରୀ ସମ୍ବିତ ନନ୍ଦ ଚାଷର ଉନ୍ନତ ପ୍ରଣାଳିରେ କେମିତି ଚାଷ କରି ଚାଷୀ ଲାଭବାନ ହେବେ ସେ ବିଷୟରେ ବୁଝାଇଥିଲେ। କମ୍ପାନୀର ସିଇଓ ସବ୍ୟସାଚୀ କର୍ଣ୍ଣ ୩୦ ଜଣ ଚାଷୀଙ୍କୁ ତାଲିମ ଦେଇଥିଲେ। ମୁକ୍ତେଶ୍ୱର ପ୍ରଧାନ, ବ୍ଲକ କୋଅର୍ଡିନେଟର ଆଶିଷ ବିଶ୍ୱାଳ ଓ ଆଖପାଖର କୃଷକ ଉପସ୍ଥିତ ଥିଲେ। ଶେଷରେ ଚାଷୀ ନେତା ଅକ୍ରୁର ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ବିଶ୍ୱ ଫଟୋଗ୍ରାଫି ଦିବସରେ ଆଲୋଚନାଚକ୍ର

ବାଉଁଶୁଣି, ୧୯।୮(ଦେବାଶିଷ ନେପାକ)

ବୌଦ୍ଧ ଜିଲା ବାଉଁଶୁଣି ମା' ମାହେଶ୍ୱରୀ ମନ୍ଦିର ପରିସରରେ ଶନିବାର ଜିଲା ଫଟୋଗ୍ରାଫର ୟୁନିଅନ ପକ୍ଷରୁ ବିଶ୍ୱ ଫଟୋଗ୍ରାଫି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲା ସଭାପତି ମିହିର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାର ତିନୋଟି ବ୍ଲକର ଫଟୋଗ୍ରାଫର ଉପସ୍ଥିତ ଥିଲେ। ଫଟୋଗ୍ରାଫରଙ୍କ ବିଭିନ୍ନ ଅସୁବିଧା ସମ୍ପର୍କରେ ଆଲୋଚନା କରାଯାଇ ଆଗାମୀ ଦିନରେ ଜିଲା ପ୍ରଶାସନ ନିକଟରେ ଉପସ୍ଥାପନ ପାଇଁ ନିଷ୍ପତ୍ତି ହୋଇଥିଲା। ଉପସଭାପତି କାହ୍ନା ମେହେର, ସମ୍ପାଦକ ରାଜେନ୍ଦ୍ର ସାହୁ, ସହସମ୍ପାଦକ ସୁବ୍ରତ କୁମାର ରାଜ, କୋଷାଧ୍ୟକ୍ଷ ଶାନ୍ତନୁ ଝାଙ୍କରଙ୍କ ସମେତ କଣ୍ଟାମାଳ, ବୌଦ୍ଧ ଓ ହରଭଙ୍ଗା ବ୍ଲକର ପ୍ରାୟ ୯୦ଜଣ ଫୋଟଗ୍ରାଫର ଉପସ୍ଥିତ ଥିଲେ। ଶେଷରେ ସୁନିଲ ନନ୍ଦ ଧନ୍ୟବାଦ ଦେଇଥିଲେ।



ଆଲୋଚନାଚକ୍ରରେ ଉପସ୍ଥିତ ଫଟୋଗ୍ରାଫରମାନେ।

# ଦଖଲ ଜମି ଉଚ୍ଛେଦ ପାଇଁ ପଦକ୍ଷେପ ନିଆଯିବ

ଅମରପାଲି,୧୯।୮(ପୀତାମ୍ବର ସାହୁ)

**ଭାଲୁଡୁଙ୍ଗୁରି ଗ୍ରାମ୍ୟ ଜଙ୍ଗଲର ବେଆଇନ ପଟ୍ଟା କରିବା ଘଟଣା**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ତହସିଲ ଅନ୍ତର୍ଗତ ଭାଲୁଡୁଙ୍ଗୁରୀ ଗ୍ରାମ୍ୟ ଜଙ୍ଗଲ ଜମିକୁ କେତେକ ବ୍ୟକ୍ତି ବେଆଇନଭାବେ ନିଜ ନାମରେ ପଟ୍ଟା କରି ଜବରଦଖଲ କରି ନେଇଛନ୍ତି। ଉକ୍ତ ଜମିରେ ଘିଚାପାଲି ଗ୍ରାମବାସୀଙ୍କ ସମେତ ଆଖପାଖ ଅଞ୍ଚଳର ହଜାର ହଜାର ଗୃହପାଳିତ ପଶୁଙ୍କ ଚାରଣ ଭୂମି ଭାବେ ବ୍ୟବହୃତ ହେଉଥିଲା। ଏବେ ଉକ୍ତ ଜମି ଜବରଦଖଲ ହୋଇଥିବାରୁ ସମସ୍ୟା ହେଉଛି। ଏହାକୁ ନେଇ ଘିଚାପାଲିର ଶତାଧିକ ଲୋକେ ଅଗଷ୍ଟ ୮ ତାରିଖରେ ଜମି ପଟ୍ଟାରଦ୍ଦ ସହିତ ଜବରଦଖଲ ହଟାଇବାକୁ ବୀରମହାରାଜପୁର ତହସିଲଦାର ବିବୁଧ ଗଡନାୟକଙ୍କୁ ଦାବୀପତ୍ର ପ୍ରଦାନ କରିଥିଲେ। ଏହା ସହିତ ବନ ବିଭାଗ ଜଣେ ଅସ୍ଥାୟୀ କର୍ମଚାରୀଙ୍କ ଏଥିରେ ସମ୍ପୃକ୍ତି ଅଭିଯୋଗ କରି ବୀରମହାରାଜପୁର ରେଞ୍ଜ



ଘଟଣାସ୍ଥଳରେ ତହସିଲ ଅଧିକାରୀ, ଜନ ପ୍ରତିନିଧି ଓ ଘିଚାପଲି ଗ୍ରାମବାସୀ।

ଅଧିକାରୀ ଅବିନାଶ ବରିହାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ତହସିଲଦାର ସ୍ୱାଗତ କୁମାର ପଣ୍ଡା, କେନଝିରିଆପାଲି ରାଜସ୍ୱ ନିରୀକ୍ଷକ ଯୁଗଳ କିଶୋର ମହାକୁର ଉକ୍ତ ଗ୍ରାମ୍ୟ ଜଙ୍ଗଲକୁ ଆସି ତଦନ୍ତ ଆରମ୍ଭ କରିଛନ୍ତି। ଏନେଇ ସ୍ଥାନୀୟ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ଲୁତୁରପଙ୍କ ସରପଞ୍ଚ ସୂର୍ଯ୍ୟ ନନ୍ଦ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ଉକ୍ତ ତଦନ୍ତ କରାଯାଇଥିଲା। ତଦନ୍ତରୁ କେତେକ ମୁଷ୍ଟିମେୟ ବ୍ୟକ୍ତି ବେଆଇନଭାବେ ଉକ୍ତ ଜଙ୍ଗଲ ଜମିକୁ ଦଖଲ କରିଥିବା ଜଣା ପଡିଛି। ଉକ୍ତ ଦଖଲ ଜମିରେ କେତେଜଣ ଘର ଓ ଅନ୍ୟ ଆଉ କେତେଜଣ ଚାଷ କରିଛନ୍ତି। ତେବେ ସମ୍ପ୍ରତି ବୀରମହାରାଜପୁର ତହସିଲମ୍ପରେ ହାଇଟେକ ସର୍ଭେ ଚାଲୁଥିବାରୁ ଜଙ୍ଗଲ ସଂରକ୍ଷଣ ଆଇନ-୧୯୮୦ ଆଧାରରେ ବେଆଇନ ଭାବେ ସେଟଲ କରାଯାଇଥିବା ଜଙ୍ଗଲ ଜମିକୁ ପୁନଃ ସରକାରୀ ଖାତାକୁ ଫେରାଇ ଅଣାଯିବ।ବେଆଇନ ଭାବେ ଜବରଦଖଲ ଉଚ୍ଛେଦ କରାଯିବା ସହିତ ଯଦି ଏଥିରେ କେହି ଦଖଲ କରିବାକୁ ଚେଷ୍ଟା କରେ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଈଶ୍ୱର ବେହେରା, ହରିହର ବେହେରା, ମାଧବ ନାଏକ, ବାବୁଲାଲ ସାହୁ, ଚିତ୍ତରଞ୍ଜନ ନନ୍ଦ, ଅନ୍ତର୍ଯ୍ୟାମୀ ନନ୍ଦ, ପ୍ରଦୀପ ବେହେରା, ବୃନ୍ଦାବନ ଲୁହା, ଶ୍ୟାମସୁନ୍ଦର ନନ୍ଦ, ରାଜକୁମାର ସାହୁଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାରେ ଗୁରୁତର କନଷ୍ଟେବଲଙ୍କ ମୃତ୍ୟୁ

ବଡ଼ଗାଁ,୧୯।୮ ( ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ମହାବୀର ଛକ ନିକଟରେ ଗତ ଶନିବାର ସନ୍ଧ୍ୟାରେ ବାଇକ୍ ଦୁର୍ଘଟଣାରେ ଗୁରୁତର ହୋଇଥିବା ବଡଗାଁ ଥାନା କନଷ୍ଟେବଲ ସଞ୍ଜୟ ଜରଜରିଆଙ୍କ ରାଉରକେଲା ଜୟ ପ୍ରକାଶ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ମୃତ୍ୟୁ ଘଟିଛି। ସୂଚନାଯୋଗ୍ୟ, ବଡ଼ଗାଁ ଥାନା ଏଏସ୍ଆଇ ଗୋପିନାଥ ଓଝା ଓ ସଞ୍ଜୟ ବାଇକ୍ ଯୋଗେ ସୁନ୍ଦରଗଡ ପଟକୁ ଯାଉଥିବାବେଳେ ରାଜପଥରେ ଶୋଇଥିବା ଏକ ଗାଇକୁ ଧକ୍କା ଦେଇଥିଲେ। ଦୁର୍ଘଟଣାରେ ଗୁରୁତର ସଞ୍ଜୟଙ୍କୁ ପ୍ରଥମେ ବଡ଼ଗାଁ ମେଡିକାଲ ଓ ପରେ ରାଉରକେଲା ଜୟ ପ୍ରକେଶ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା।

### ପୋଲ ତଳକୁ ଖସି ବାଇକ୍ ଆରୋହୀ ମୃତ

ସୁନ୍ଦରଗଡ,୧୯।୮(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ-ପୋଡାଜଲଙ୍ଗା ରାସ୍ତାରେ ଥିବା ଏକ ପୋଲ ତଳକୁ ଖସି ଶନିବାର ସକାଳେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମହେଶଡହିର ରିଣ୍ଟୁ ଚୌଧୁରୀ(୩୨)। ସଦର ଥାନା ପୋଲି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଛି। ଏଥିସହ କେଶ ନମ୍ବର୨୧୯ରେ ଏକ ଦୁର୍ଘଟଣା ମାମଲା ରୁଜୁ କରିଛି। ସୂଚନାଯୋଗ୍ୟ, ରିଣ୍ଟୁ କୌଣସି କାମରେ ଓଡି୧୬-ବି-୨୨୩୬ନମ୍ବର ବାଇକ୍ ଯୋଗେ ବାଇଗଣବୁଡକୁ ଯାଇ ସୁନ୍ଦରଗଡ଼ ଫେରୁଥିଲେ। ଏହି ସମୟରେ ବାଇକଟି ଭାରସାମ୍ୟ ହରାଇ କଲଭର୍ଟ(ପୋଲ)ତଳକୁ ଖସି ପଡିଥିଲା। ତାଙ୍କର ମୁଣ୍ଡରେ ଗଭୀର ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା। ଫଳରେ ଘଟଣା ସ୍ଥଳରେ ରିଣ୍ଟୁଙ୍କ ମୃତ୍ୟୁ ଘଟିଥିଲା। ଏହି କଲଭର୍ଟ ପୋଲର ଉଭୟ ପାର୍ଶ୍ୱରେ ପିଲର ନ ଥିବାରୁ ଏହା ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଅନେକ ସମୟରେ ଦୁର୍ଘଟଣାମାନ ଘଟୁଛି। ତେଣୁ ଏଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

### ପାଣି କାଦୁଅରେ ଅଙ୍ଗନୱାଡି କେନ୍ଦ୍ର ଯାଉଛନ୍ତି ପିଲା



ବିଶ୍ରା,୧୯।୮(ବଟକୃଷ୍ଣ ସ୍ୱାଇଁ)

ବିଶ୍ରା ବ୍ଲକ ଅନ୍ତର୍ଗତ ଆଇଟିଆଇ ପଡ଼ାରେ ଥିବା ଅଙ୍ଗନୱାଡି କେନ୍ଦ୍ରକୁ ନାହିଁ ଭଲ ରାସ୍ତା। ଫଳରେ କୁନି କୁନି ପିଲା ପାଣି କାଦୁଅରେ ନିଜ ଜୀବନକୁ ବାଜି ଲଗାଇ କେନ୍ଦ୍ରକୁ ଯାଉଛନ୍ତି। ସବୁଠାରୁ ବଡ଼ କଥା ହେଉଛି ଅଙ୍ଗନୱାଡି କେନ୍ଦ୍ରରେ ନାହିଁ ବିଦ୍ୟୁତ୍ କି ପାନୀୟ ସୁବିଧା। ଜଙ୍ଗଲ ମଧ୍ୟରେ ଏହି ଅଙ୍ଗନୱାଡି କେନ୍ଦ୍ର ରହିଥିବାରୁ ପିଲା ସମସ୍ୟା ଭୋଗୁଛନ୍ତି। ଏଥିସହ ୨ ମାସ ହେବ ଛତୁଆ ପ୍ରଶାସନ ତରଫରୁ କେନ୍ଦ୍ରକୁ ଆସିନାହିଁ। ଏନେଇ ସିଡିପିଓ ଆମ୍ରେସ ସଏ କୁଲୁଙ୍କୁ ପଚାରିବାରୁ, ସରକାରଙ୍କ ପକ୍ଷରୁ ଗ୍ରୁପକୁ ଠିକ ସମୟରେ ଗହମ ଯୋଗାଇ ଦିଆଯାଉନାହିଁ। ଯେଉଁଥିପାଇଁ ଛତୁଆ ଦେବାରେ ବିଳମ୍ବ ହେଉଛି।

### ଡାକ୍ତରଖାନାରେ ଭଙ୍ଗାରୁଜା, ଯୁବକ ଗିରଫ

ଲହୁଣୀପଡ଼ା,୧୯।୮(ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ଚୋରଧରା ଗ୍ରାମରେ ଥିବା ପ୍ରାଥମିକ ଚିକିତ୍ସା କେନ୍ଦ୍ରରେ ଗାଳିଗୁଲଜ ଦେବା ଓ ଭଙ୍ଗାରୁଜା କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ସେହି ଗ୍ରାମର ଗଣେଶ ପଲେଇ। ଗତ ୧୪ରେ ଗଣେଶ ଡାକ୍ତରଖାନାରେ ପହଞ୍ଚି ଡାକ୍ତର ଓ କର୍ମଚାରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଆସବାବପତ୍ର ଭାଙ୍ଗି ଔଷଧ ଫିଙ୍ଗି ଦେଇଥିଲେ। ଏନେଇ କେ. ବଲାଙ୍ଗ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା।

# ମିଲେଟ୍ ଚାଷ ସମ୍ବନ୍ଧୀୟ ତାଲିମ ଶିବିର



ଉପସ୍ଥିତ ସମ୍ପ୍ରସାରଣ କର୍ମଚାରୀ ଓ ଅନ୍ୟମାନେ।

ସୁନ୍ଦରଗଡ଼,୧୯।୮(ଜୟନାରାରାଣ ମେଣ୍ଡୁଲି)

ଆଞ୍ଚଳିକ କୃଷି ଗବେଷଣା ଓ ବୈଷୟିକ ହସ୍ତାନ୍ତର ଉପକେନ୍ଦ୍ର ତଥା ମିଲେଟ୍ ଉତ୍କର୍ଷ କେନ୍ଦ୍ର ଦ୍ୱାରା କିରେଇସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ବିଭାଗର ୨୦ ସମ୍ପ୍ରସାରଣ କର୍ମଚାରୀଙ୍କୁ ୪ଦିନିଆ ତାଲିମ ପ୍ରଦାନ କରାଯାଇଛି। ବୁଧବାରଠାରୁ ଆରମ୍ଭ ହୋଇଥିବା ଏହି ତାଲିମ ଶିବିର ଶନିବାର ଶେଷ ହୋଇଛି। ତାଲିମ କେନ୍ଦ୍ରକୁ ଜିଲା ମୁଖ୍ୟ କୃଷି ଅଧିକାରୀ ହରିହର ନାୟକ ଉଦ୍‌ଘାଟନ କରିଥିଲେ। ଜିଲା ମତ୍ସ୍ୟ ଅଧିକାରୀ ଓ ସହାୟକ ଜିଲା କୃଷି ଅଧିକାରୀ ତଥା କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ. ଲକ୍ଷ୍ମୀପ୍ରିୟା ପ୍ରଧାନ ଉପସ୍ଥିତ ଥିଲେ। ତାଲିମରେ ମିଲେଟ ମିଶନ, ବୈଜ୍ଞାନିକ ପଦ୍ଧତିରେ ମିଲେଟ ଚାଷ ଓ ମୁଖ୍ୟ ଖରିଫ୍ ଫସଲ ପରିଚାଳନା, ଜମି ପ୍ରସ୍ତୁତି, ସାର ପରିଚାଳନା, କ୍ଷେତ୍ର ବିଜ୍ଞାନର ବୈଷୟିକ ଜ୍ଞାନ, ଜଳ ପରିଚାଳନା, ଓୟୁଏଟିରୁ ବାହାରିଥିବା କିଷମ, ମୃତ୍ତିକା ପରିଚାଳନା ତଥା କୃଷି ଯାନ୍ତ୍ରିକରଣର ବିବିଧ ବିଷୟକୁ ପ୍ରତ୍ୟକ୍ଷରେ ବୈଜ୍ଞାନିକମାନେ ତାଲିମ ପ୍ରଦାନ କରିଥିଲେ। ଏଥିସହ କୃଷି ବିଭାଗର କର୍ମକର୍ତ୍ତା ଏକ କ୍ଷେତ୍ର ପରିଦର୍ଶନ ବାବଦରେ ବାଲିଶଙ୍କରା, ଭାଟିପଡ଼ା, ତଲସରା ଯାଇ ସୁଆଁ ଚାଷ ଓ ପିଣ୍ଡ ବିହନ ଉତ୍ପାଦନ ତଥା ସେବକ ଅଣସରକାରୀ ଅନୁଷ୍ଠାନର ବିଭିନ୍ନ ମିଲେଟ କାର୍ଯ୍ୟକ୍ରମ ବୁଲି ଦେଖିଥିଲେ। ଅମ୍ବାଡସି, ସୁନ୍ଦରଗଡ଼ ଟିମ୍ ଲିଡର ଗିରୀଜା ଶଙ୍କର ପୂଜାରୀ ତାଲିମ ନେଉଥିବା ଶିକ୍ଷାର୍ଥୀଙ୍କୁ ଉତ୍ସାହ କରିଥିଲେ। ଶିବିରର ୪ର୍ଥ ଦିନରେ ଏକ ପରୀକ୍ଷଣ କରାଯାଇଥିଲା। ପରେ ମୂଲ୍ୟାଙ୍କନ କରାଯାଇ ମୁଖ୍ୟ ଜିଲା କୃଷି ଅଧିକାରୀ ଜାନକୀ ବଲ୍ଲଭ ମହାପାତ୍ର ଓ ସଦର କୃଷି ଜିଲା ଅଧିକାରୀ ଜଗଦିଶ ପ୍ରସାଦ ବେହେରାଙ୍କ ଦ୍ୱାରା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଓଡିଶା ଖଣିଜ ଧାରକ ଅଞ୍ଚଳ ଉନ୍ନୟନ ନିଗମ (ଓମ୍ବାଡସି)ର ଆର୍ଥିକ ସହାୟତାରେ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ତାଲିମ ଶିବିରରେ ଡ.ସଞ୍ଜୀବ କୁମାର ବିଶ୍ୱାସୀ, ଡ.ଲକ୍ଷ୍ମୀପ୍ରିୟା ପ୍ରଧାନ,ଡ.ମନୋଜ କୁମାର ଜେନା, ଡ. ଡେଭିଡ ଜେମସ୍ ବାଗେ, ଡ.ଦ୍ୱିବେନ୍ଦୁ କୁମାର ମଣ୍ଡଳ, ଡ. ଆଶିଷ କୁମାର ମହାନ୍ତି, ରିଷିକେଶ ସାହୁ ଓ କୃଷି ବିଭାଗର ଅଧିକାରୀ ବୃନ୍ଦ ବୈଷୟିକ ଶିକ୍ଷା ପ୍ରଦାନ କରିଥିଲେ। କିରେଇସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ଓ ଆଞ୍ଚଳିକ କୃଷି ଗବେଷଣା ଓ ବୈଷୟିକ ହସ୍ତାନ୍ତରର କର୍ମଚାରୀ ଚକ୍ରଧାର ସାହୁ ଓ ଇଂ. ବିକାଶ ଜୟପୁରିଆ, କୁଳଦୀପ ହାତୀ ଓ ବୁଦ୍ଧୁ ନାଏକ ଶିବିର ପରିଚାଳନା କରିଥିଲେ।

# ମହୁଲି ମଦ ଜବତ,ଜଣେ ଗିରଫ



ଗିରଫ ଅଭିଯୁକ୍ତ ଓ ଅନ୍ୟମାନେ।

ଲହୁଣୀପଡ଼ା,୧୯।୮(ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଅବକାରୀ ବିଭାଗ ଶନିବାର ଗମଲେଇ ସାପ୍ତାହିକ ହାଟରେ ଚଢ଼ାଉ କରି ଅଟୋ ସମେତ ବିପୁଳ ପରିମାଣର ଦେଶୀ ମହୁଲି ମଦ ଜବତ କରିଛି। ଏଥିସହ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବଡ଼ ପୁରୁଣାପଣି ପଞ୍ଚାୟତ ତାଳବାହାଲି ଗ୍ରାମର ତୀର୍ଥ ମାହାନ୍ତ। ଅବକାରୀ ବିଭାଗ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଗମଲେଇ ସାପ୍ତାହିକ ହାଟରେ ବେନିୟମଭାବେ ମହୁଲି ମଦ କାରବାର ହେଉଥିବା ଅଭିଯୋଗ ହୋଇ ଆସୁଥିଲା। ଶନିବାର ଓଡି -୧୪କେ - ୧୨୩୨ ନମ୍ବର ଯାତ୍ରୀବାହୀ ଅଟୋରେ ମହୁଲି ମଦ ହାଟକୁ ଯାଉଥିବା କୌଣସି ସୂତ୍ରରୁ ଖବର ପାଇ ଅବକାରୀ ବିଭାଗ କର୍ମଚାରୀ ଗାଡି ମଟର ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ଅଟୋରୁ ପ୍ରାୟ ୪୦ ଲିଟର ମହୁଲି ମଦ ଜବତ କରିଥିଲେ। ଚଢ଼ାଉ ସମୟରେ ଲହୁଣୀପଡ଼ା ଅବକାରୀ ବିଭାଗ ଓଆଇସି ତେଜରାଜ ଗହୀର, ଏଏସ୍ଆଇ ଅବଦୁଲ ଅନୱାର, ପଞ୍ଚାନନ ଜେନା, ବିବେକାନନ୍ଦ ସୁତାର, ସୁକୁମାର ସାହୁ ପ୍ରମୁଖ ସାମିଲ ଥିଲେ।

# ଆଦ୍ୱିକା ଦିବସରେ ଚାରା ରୋପଣ

କୁତ୍ରା,୨।୮(ଦେବାଶିଷ ସାହୁ)



ଅଙ୍ଗନୱାଡି କେନ୍ଦ୍ର ପରିସରରେ ଚାରା ରୋପଣ କରାଯାଉଛି।

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ୨୦୭ ଅଙ୍ଗନୱାଡି ଓ ମିନି ଅଙ୍ଗନୱାଡି କେନ୍ଦ୍ର ଗୁଡିକରେ ଚାରାରୋପଣ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ସମ୍ବନିତ ଶିଶୁ ବିକାଶ ବିଭାଗ କାର୍ଯ୍ୟାଳୟ ପକ୍ଷରୁ ଅଙ୍ଗନୱାଡି କେନ୍ଦ୍ର ଗୁଡିକରେ ଆଦ୍ୱିକା ଏବଂ ଆଦ୍ୟ ଶୈଶବ ଶିକ୍ଷା ଓ ଯତ୍ନ ଦିବସ ପାଳନ କରାଯାଇଛି। ଏହି ଦିବସକୁ ସ୍ମରଣୀୟ କରିବା ତଥା ଅଙ୍ଗନୱାଡି କେନ୍ଦ୍ର ପରିସରକୁ ସୁନ୍ଦର କରିବା ପାଇଁ ସିଡିପିଓ ଜୟଶ୍ରୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ବ୍ଲକର ସମସ୍ତ ଅଙ୍ଗନୱାଡି ଓ ମିନି ଅଙ୍ଗନୱାଡି କେନ୍ଦ୍ର ଗୁଡିକରେ ଚାରାରୋପଣ କରାଯାଇଥିଲା। ସମସ୍ତ କେନ୍ଦ୍ରର ଅଙ୍ଗନୱାଡି ଦିଦି ଓ ସହାୟିକା ନିଜ ଅଞ୍ଚଳର ମହିଳାଙ୍କୁ ନେଇ କେନ୍ଦ୍ର ପରିସର ତଥା ଆଖ ପାଖରେ ଚାରାରୋପଣ କରିଥିଲେ।

### ଲାୟନ୍ସ କ୍ଲବ ପକ୍ଷରୁ ମାଗଣା ଚକ୍ଷୁ ପରୀକ୍ଷା ଶିବିର

ଲାଠିକଟା,୧୯।୮(ରାମେଶ୍ୱର ଖାଡ଼ାଙ୍ଗା)

ବ୍ୟାସଦେବ ଉଚ୍ଚ ବିଦ୍ୟାଳୟରେ ଲାୟନ୍ସ କ୍ଲବ ଅଫ ରାଉରକେଲା- ବେଦବ୍ୟାସ ଗ୍ରେଟର ଆନୁକୂଲ୍ୟରେ ଛାତ୍ରୀଛାତ୍ରଙ୍କ ମାଗଣା ଚକ୍ଷୁ ପରୀକ୍ଷା ଶିବିର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇହୋଇଯାଇଛି। ଲାୟନ୍ସ କ୍ଲବ ଇଣ୍ଟରନ୍ୟାସନାଲର ପୂର୍ବତନ ଜିଲା ଗଭର୍ଣ୍ଣର ରାକେଶ କୁମାର ସିଂହ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଲବ ସଭାପତି ଲାୟନ ପ୍ରକାଶ ଚନ୍ଦ୍ର ଧଳ, ସମ୍ପାଦକ ଦୀପାଞ୍ଜଳୀ ବେହେରା, ପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତଥିଲେ। ସାଇଟ୍ ଫର୍ କିଡ୍ସର ଜିଲା ଅଧକ୍ଷା ବୈଶାଳୀ ଖରିୟର ଓ ଲାୟନ୍ସ କ୍ଲବ କୋହିନୂର ଅଧ୍ୟକ୍ଷ ପ୍ରଗତି ଗୁପ୍ତା ଆଧୁନିକ କମ୍ପ୍ୟୁଟର୍ ଉପକରଣ ଯୋଗେ ୧୩୦ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ସେଥିମଧ୍ୟରୁ ୧୭ ଛାତ୍ରୀଛାତ୍ରଙ୍କ ଆଖିରେ ବ୍ୟତିକ୍ରମ ଥିବା ଚିହ୍ନଟ କରାଯାଇଥିଲା। ଲାୟନ୍ସ ଚକ୍ଷୁ ଡାକ୍ତରଖାନାରେ ଚିକିତ୍ସା ପାଇଁ ସେମାନଙ୍କୁ ପରାମର୍ଶ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷକ ସୁଶାନ୍ତ କୁମାର ପାଢ଼ୀ, ଉମେଶ ଚନ୍ଦ୍ର ଦାଶ, ମଞ୍ଜୁବାଳା ତ୍ରିପାଠୀ, ଗିରୀଶ ଚନ୍ଦ୍ର ପଣ୍ଡା, ଶଶଧର ସାହୁ ସହଯୋଗ କରିଥିଲେ।

# ଛାତରୁ ଖସିଲା ସିଲିଂ, ବର୍ତ୍ତିଲେ ତହସିଲ କର୍ମଚାରୀ



ଲହୁଣୀପଡ଼ା,୧୯।୮(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ତହସିଲ କାର୍ଯ୍ୟାଳୟ ରେକର୍ଡ ରୁମ୍‌ରେ ଶୁକ୍ରବାର ଅପରାହ୍ନରେ ଛାତର ସିଲିଂ ଖସି ପଡ଼ିଥିଲା। ହେଲେ ରୁମ୍‌ରେ ଥିବା କର୍ମଚାରୀ ଏଥିରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ରେକର୍ଡ କିପର ଏବଂ ପାଖ ଟେବୁଲ ଉପରେ ସିଲିଂ ଖସି ପଡିଥିଲା। ସିଲିଂ ଖସିବା ପୂର୍ବରୁ ରେକର୍ଡ କିପର ପ୍ରଦୀପ ଚନ୍ଦ୍ର କୁମରା, ପୂର୍ବତନ ରେକର୍ଡ କିପର ତପନ କୁମାର ସାହୁ, ପିଅନ ବିଷ୍ଣୁ ଚରଣ ସାହୁ ସେଠାରେ କାମ କରୁଥିଲେ ଏବଂ ରେକର୍ଡ ରୁମକୁ ପଶିବା ସମୟରେ ଏହି ଅଘଟଣ ଘଟିଥିଲା। ଫଳରେ ସେମାନେ ବର୍ତ୍ତି ଯାଇଥିଲେ। ଏଥିସହ ବର୍ଷା ହେଲେ କାର୍ଯ୍ୟାଳୟର ଛାତରୁ ପାଣି ଗୁଳୁଛି। ଟେବୁଲ ଉପରେ ବାଲ୍ଟି ରଖି କର୍ମଚାରୀମାନେ କାମ କରୁଛନ୍ତି। ଯେଉଁଠାରେ ପାଣି ଗଳୁଛି ସେଠାରେ ଜନସାଧାରଣଙ୍କ ଜମି ଜମା ସମ୍ବନ୍ଧୀୟ ବହୁ ଗୁରୁତ୍ୱପୂର୍ଣ୍ଣ ଫାଇଲ ଗଦା ହୋଇଛି। ସୂଚନାଯୋଗ୍ୟ, କିଛି ଦିନ ଆଗରୁ ରାଜସ୍ୱ ନିରୀକ୍ଷକଙ୍କ କାର୍ଯାଳୟରୁ ମଧ୍ୟ ଏପରି ସିଲିଂ ଖସି ପଡ଼ିଥିବାବେଳେ ସେ ଅଳ୍ପକେ ବର୍ତ୍ତି ଯାଇଥିଲେ।

# କୁଆଁରମୁଣ୍ଡାରେ ୪ ଜାପାନିଜ ଏନସେଫାଲାଇଟ୍ସ ରୋଗୀ ଚିହ୍ନଟ

କୁଆଁରମୁଣ୍ଡା,୧୯।୮(ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଅଞ୍ଚଳରେ ୪ ଜଣ ଜାପାନିଜ ଏନସେଫାଲାଇଟ୍ସ ରୋଗୀ ଚିହ୍ନଟ ହୋଇଛନ୍ତି। କୁଆଁରମୁଣ୍ଡା ବ୍ଲକ ଠାରୁ ମାତ୍ର ୫ କି.ମି ଦୂର କାଲୋସିହିରିଆ ପଞ୍ଚାୟତ ଦୁମକିସିହିରିଆ ଗ୍ରାମର ୪ ଜଣ ଛୋଟ ପିଲା ଏହି ରୋଗରେ ପୀଡିତ ହେବା ପରେ କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତରୀ ଟିମ୍ ଓ ଜିଲା ଡାକ୍ତରୀ ଟିମ୍ ସେଠାରେ ପହଞ୍ଚି ସେମାନଙ୍କୁ ଚିକିତ୍ସା କରୁଛନ୍ତି। ଏବେ ସେମାନେ ସୁସ୍ଥ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ଏହି ରୋଗ କ୍ୟୁଲେକ୍ସ ମଶା କାମୁଡିବା ଦ୍ୱାରା ହୋଇଥାଏ। ସେହିପରି ପୁତ୍ରିଖମଣ ପଞ୍ଚାୟତ ଦୁମାଙ୍ଗଦିରିରେ ୧୧ ଜଣ ବ୍ୟକ୍ତି ମ୍ୟାଲେରିଆ ପଜିଟିଭ ଚିହ୍ନଟ ହେବା ପରେ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ସେଠାରେ ପହଞ୍ଚି ଚିକିତ୍ସା କରିବା ପରେ ଏବେ ସେମାନେ ସୁସ୍ଥ ଥିବା ଜଣାପଡିଛି। ଏ ନେଇ କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକ୍ଷକ ଡା.ଶ୍ରୀମନ୍ତ ପଟ୍ଟନାୟକଙ୍କୁ ଯୋଗାଯୋଗ କରିବାରୁ, ଯେଉଁ ପିଲାମାନଙ୍କୁ ଜାପାନିଜ ଏନସେଫାଲାଇଟ୍ସ ହୋଇଛି ସେମାନଙ୍କୁ ପୂର୍ବରୁ ଟୀକା ଦିଆଯାଇଥିବାରୁ ସେମାନେ ଏହି ରୋଗରୁ ଶୀଘ୍ର ଆରୋଗ୍ୟ ହୋଇପାରିଛନ୍ତି। ତେଣୁ ଶିଶୁଙ୍କୁ ଏହି ରୋଗର ବ୍ୟାପକ ଟୀକାକରଣରେ ଜନସାଧାରଣ ସହଯୋଗ କରିବା ଆବଶ୍ୟକ। ଏହାସହ ବର୍ଷାଦିନେ ସମସ୍ତେ ମଶାରୀ ବ୍ୟବହାର କଲେ ମ୍ୟାଲେରିଆ ଜ୍ୱର ହେବାର ସମ୍ଭାବନାକୁ ଏଡାଇ ହେବ ବୋଲି ସେ କହିଛନ୍ତି। ଅନ୍ୟ ପକ୍ଷରେ ଗୋଷ୍ଠୀ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ୍ରମେ କୁଆଁରମୁଣ୍ଡା ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ପ୍ରାଣୀ ଚିକିତ୍ସାଧିକାରୀମାନେ କାଲେଶସିହିରିଆ ଗ୍ରାମରେ ଥିବା ଘୁଷୁରୀ ଓ ବତକଙ୍କ ରକ୍ତ ପରୀକ୍ଷା ଜାରି ରଖିଛନ୍ତି ବୋଲି ଜଣାପଡ଼ିଛି।

### ହେମଗିରରେ ବ୍ୟାପୁଛି ଆଖିଧରା ରୋଗ

ହେମଗିର,୧୯।୮(ଚୈତନ୍ୟ ପଟେଲ)

ସୁନ୍ଦରଗଡ ଜିଲା ହେମଗିର ବ୍ଲକରେ ବ୍ୟାପୁଛି ଆଖି ଧରା ରୋଗ। ଏନେଇ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ରୋଗୀଙ୍କ ଲମ୍ବା ଲାଇନ ଦେଖିବାକୁ ମିଳୁଛି। ତେବେ ଏନେଇ ସରକାରଙ୍କ ପକ୍ଷରୁ ଅଧିକ ମାତ୍ରାରେ ସଚେତନତା ସୃଷ୍ଟି କରିବା ସହିତ ସତର୍କତା ଅବଲମ୍ବନ ପାଇ ଲୋକଙ୍କୁ ସଚେତନ କରିବା ନିହାତି ଆବଶ୍ୟକ ହୋଇପଡିଛି। ଏ ସମ୍ପର୍କରେ ହେମଗିର ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଶକ୍ତି ପ୍ରସାଦ ନାଥଙ୍କୁ ପଚାରିବାରୁ, ଆଖିଧରା ରୋଗ ଏକ ସଂକ୍ରମଣ ରୋକ। ଏଥିପ୍ରତି ସଚେତନ ହେବା ନିହାତି ଆବାଶ୍ୟକ। ଆତଙ୍କିତ ନ ହୋଇ ପ୍ରାରମ୍ଭିକ ବ୍ୟବସ୍ଥାରୁ ଏହାର ଚିକିତ୍ସା କରି ପରିଷ୍କାର ପରିଚ୍ଛନ୍ନତା ଅବଲମ୍ବନ କରିବା ଦରକାର। ସ୍କୁଲଗୁଡିକରେ ଏନେଇ ବ୍ୟାପକ ସଚେତନ କରାଯାଉଛି ବୋଲି ସେ କହିଥିଲେ।

# ଓଡ଼ିଶା ମୋ ପରିବାର, ଜୀବନବିନ୍ଦୁ ଆନୁକୂଲ୍ୟରେ ରକ୍ତଦାନ ଶିବିର



ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

ସୁନ୍ଦରଗଡ,୧୯।୮(ଜୟ ନାରାୟଣ ମେଣ୍ଡୁଲି)

ଓଡିଶା ମୋ ପରିବାର ଜୀବନ ବିନ୍ଦୁ ଆନୁକୂଲ୍ୟରେ ବିଜୁ ଯୁବ ଜନତା ଦଳ ପକ୍ଷରୁ ଏସଏନଟି ଫୁଟବଲ୍ ଆସୋସିଏଶନ ସହଯୋଗରେ ବାଲିଶଙ୍କରା ବ୍ଲକ ଅନ୍ତର୍ଗତ ତୁମୁଲିଆ ବସ୍‌ଷ୍ଟାଣ୍ଡ ଫୁଟବଲ୍ ପଡିଆଠାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ବିଜେଡି ସଭାପତି ଦେବେନ୍ଦ୍ର ପ୍ରସାଦ ମାଝିଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶିବିରକୁ ସୁନ୍ଦରଗଡ ସ୍ୱତନ୍ତ୍ର ବିକାଶ ପରିଷଦ ଅଧକ୍ଷ ବିନୟ ଟପ୍ପୋ ଏବଂ ରାଜ୍ୟ ବିଜୁ ଯୁବ ଜନତା ଦଳ କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାଏକ ମିଳିତଭାବେ ଉଦ୍‌ଘାଟନ କରିଥିଲେ। ଶିବିରରେ ୩୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଏଥିରେ ରାଜ୍ୟ ଯୁବ ବିଜେଡି ସମ୍ପାଦକ ମୁକେଶ ପୁରୋହିତ, ସୁବ୍ରତ ନାଏକ, ଶ୍ରଦ୍ଧାକର ସୁନ୍ୟାନ, ସୁବିନ ମାଝି, କୁଳଦୀପ ମାଝି, ସୁରଭି ମାଝି, ଘନଶ୍ୟାମ ମାଝି, ଅମୂଲ୍ୟ ମାଝି, ଅଜିତ ସାହୁ, ରୋଶନ୍ ସାହୁ, ବୀର କିଷାନ, ରିତା ଟପ୍ପୋ, ମୋହିନୀ ମାଝି, ସୁବିନ ସେଠ୍ ପ୍ରମୁଖ ଉପସ୍ଥିତ ଥିଲେ।

# କ୍ରୀଡାଙ୍ଗନ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

କୁତ୍ରା,୧୯।୮(ଦେବାଶିଷ ସାହୁ)



ବୈଠକରେ ଉପସ୍ଥିତ ଅତିଥି।

ସୁନ୍ଦରଗଡ ଜିଲା କୁତ୍ରା ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ ପରିସରରେ ୩ଦିନ ଧରି ଚାଲିଥିବା ଓଡିଶା ସରକାରଙ୍କ ଗଣଶିକ୍ଷା ବିଭାଗ ଓ ମୋ ସ୍କୁଲ ଅଭିଯାନ ଆନୁକୂଲ୍ୟରେ କ୍ରୀଡାଙ୍ଗନ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। କୁତ୍ରା ବିଇଓ ସରତ କୁମାର ପତି ଓ ଅନୁଷ୍ଠାନ ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଶିବିରରେ କୁତ୍ରା, ବଡଗାଁ ଓ ରାଜଗାଙ୍ଗପୁର ବ୍ଲକର ୫୦ରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକ ତାଲିମ ଗ୍ରହଣ କରିଥିଲେ। ଉଦ୍‌ଯାପନୀ ସମାରୋହରେ ଜିଲା ସ୍କାଉଟ କମିଶନର ବିଭୀଷଣ ବାରିକ ଯୋଗଦେଇ କ୍ରୀଡା ଶିକ୍ଷକଙ୍କ ଏଭଳି ନିଆରା କାର୍ଯ୍ୟକ୍ରମକୁ ଭୂୟସୀ ପ୍ରସଂଶା କରିଥିଲେ। ପ୍ରଶିକ୍ଷକଭାବେ ପୁଲକ ପ୍ରଧାନ, ଅମିତ ରଣା, ସରୋଜିନୀ କୁଜୁର ପରିଚାଳନା କରିଥିବା ବେଳେ ସଭାକାର୍ଯ୍ୟକୁ ନିଶିକାନ୍ତ ମିଶ୍ର ପରିଚାଳନା କରିଥିଲେ।

# ଭତ୍ତା ଟଙ୍କା ନ ପାଇ ନିରାଶ ହୋଇ ଫେରିଲେ ବୃଦ୍ଧାବୃଦ୍ଧ



ଭତ୍ତା ପାଇଁ ଅପେକ୍ଷାରେ ଥିବା ବୃଦ୍ଧାବୃଦ୍ଧ।

ଟେନ୍ସା,୧୯।୮ (ସମୀର ପାଢୀ)

ସକାଳୁ ଭତ୍ତା ଟଙ୍କା ପାଇଁ ଆସି ଅପେକ୍ଷା କରି ଫେରିଲେ ବୃଦ୍ଧାବୃଦ୍ଧ। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ସୁନ୍ଦରଗଡ ଜିଲା କୋଇଡା ବ୍ଲକ ମାଲଦା ପଞ୍ଚାୟତ ଗଣୁଅ ଗ୍ରାମରେ। ଭତ୍ତା ଦେଉଥିବା ଅଧିକାରୀ ଶମ୍ଭୁ ନାଥ ମୁଣ୍ଡା ଶନିବାର ଭତ୍ତା ଦେବାପାଇଁ କହିଥିଲେ। ଦୂର ଦୂରାନ୍ତରୁ ଭତ୍ତା ନେବାପାଇଁ ବୃଦ୍ଧାବୃଦ୍ଧମାନେ ଆସିଥିଲେ। ସ୍ଥାନୀୟ ସରପଞ୍ଚ ଫୋନ କରି ଭତ୍ତା ଅଧିକାରୀଙ୍କୁ ଡାକିଥିଲେ। ଭତ୍ତା ଅଧିକାରୀ ଶମ୍ଭୁ ନାଥ ପହଞ୍ଚୁଛି ବୋଲି କହିଥିଲେ। ହେଲେ ବହୁ ସମୟ ଅପେକ୍ଷା ପରେ ତାଙ୍କର ଦେଖା ନ ଥିଲା। ପୁଣିଥରେ ଅଧିକାରୀଙ୍କୁ ଫୋନ କରାଯାଇଥିଲା। ହେଲେ ସେ ଫୋନ ଅଫ୍ କରି ଦେଇଥିଲେ। ଶେଷରେ ଭତ୍ତା ଟଙ୍କା ନ ପାଇ ନିରାଶ ହୋଇ ବୃଦ୍ଧାବୃଦ୍ଧ ଫେରିଯାଇଥିଲେ। ଏନେଇ କୋଇଡା ବିଡିଓ ରଶ୍ମିରେଖା ପାତ୍ରଙ୍କୁ ପଚାରିବାରୁ, ପିଇଓ ମାନଙ୍କ ଧର୍ମଘଟ ଚାଲିଛି। ମୁଁ କହିବା ପରେ ୪ଟା ବେଳେ କିଛି ଜଣଙ୍କୁ ଭତ୍ତା ବଣ୍ଟନ କରାଯାଇଛି। ବାକି ଥିବା ଭତ୍ତା ଧାରୀଙ୍କ ଘରେ ଦିଆଯିବ ବୋଲି ପାତ୍ର ପ୍ରକାଶ କରିଥିଲେ।

# ନାବାଳକଙ୍କ ଚିକିତ୍ସା ପାଇଁ ଜିଲାପାଳଙ୍କୁ ଭେଟିଲା ବିଜେଡି

ସୁନ୍ଦରଗଡ,୧୯/୮(ଜୟ ନାରାୟଣ ମେଣ୍ଡୁଲି)



ଜିଲାପାଳଙ୍କୁ ସାକ୍ଷାତ କରିବାକୁ ଆସିଥିବା ଜୟନାରାୟଣ ତ୍ରିପାଠୀ ଓ ଅନ୍ୟମାନେ।

ସୁନ୍ଦରଗଡ଼ ଜିଲା ଟାଙ୍ଗରପାଲି ବ୍ଲକ ଉଜ୍ଜଳପୁର ପଞ୍ଚାୟତ ଅନ୍ତର୍ଗତ ବୁଢ଼ାବହାଲ ଗ୍ରାମରେ ରହୁଥିବା ସମୀର ଭୋଇଙ୍କ ୧୩ ବର୍ଷିଆ ନାବାଳକ ତିଳକ ଚନ୍ଦ୍ର ଦୀର୍ଘ ବର୍ଷ ହେଲା ଏକ ଅଜଣା ରୋଗରେ ପୀଡିତ। ତିଳକଙ୍କ ଦେହ ସାରା ଘା' ହେଉଛି। ଘା' ଶୁଖୁ ନ ଥିବାରୁ ସମୀର ତାଙ୍କ ପୁଅକୁ ଅନେକ ଜାଗାରେ ଡାକ୍ତର ଦେଖେଇ ଖର୍ଚ୍ଚାନ୍ତ ହେବା ସହ ସର୍ବସାନ୍ତ ହୋଇ ଯାଇଥିଲେ ମଧ୍ୟ ପୁଅର ଦେହ ଠିକ ହେଉନାହିଁ। ସମୀର ଚାଷ କରି ପରିବାର ପ୍ରତିପୋଷଣ କରିଥାନ୍ତି। ଶନିବାର ସମୀରଙ୍କ ସ୍ତ୍ରୀ ଏବଂ ଏସଡିସି ମେମ୍ବର ରୀନା ମାଝି ତିଳକଙ୍କୁ ନେଇ ସୁନ୍ଦରଗଡ଼ ଡାକ୍ତରଖାନାକୁ ଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ କୌଣସି ବଡ଼ ଡାକ୍ତରଖାନାରେ ଚିକିତ୍ସା କରିବାକୁ ପରାମର୍ଶ ଦେଇଥିଲେ। ହେଲେ ସେମାନେ ଅତ୍ୟନ୍ତ ଗରିବ ହୋଇଥିବାରୁ ଏହା କିଭଳି ସମ୍ଭବ ହେବ ବୋଲି ଚିନ୍ତାରେ ପଡ଼ିଯାଇଥିଲେ। ସାଙ୍ଗରେ ଥିବା ରୀନା ମାଝିଙ୍କ ସହିତ ଜିଲା ବିଜେଡି ଉପସଭାପତି ଜୟ ନାରାୟଣ ତ୍ରିପାଠୀଙ୍କୁ ସାକ୍ଷାତ କରି ସବୁ ବିଷୟ ଜଣେଇଥିଲେ। ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ପୁଅର ଚିକିତ୍ସା ପାଇଁ ଆର୍ଥିକ ସାହାଯ୍ୟ ଲାଗି ଅନୁରୋଧ କରିଥିଲେ। ସବୁ ବିଷୟ ଶୁଣିବା ପରେ ସାଙ୍ଗେ ସାଙ୍ଗେ ତ୍ରିପାଠୀ ସମସ୍ତଙ୍କୁ ନେଇ ଜିଲାପାଳ ଡା. ପରାଗ ହର୍ଷଦ ଗାଭାଲିଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ସବୁ ବିଷୟ ଜଣେଇବା ସହିତ ରୋଗୀର ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସାହାଯ୍ୟ କରିବାକୁ ଏକ ଆବେଦନ ପତ୍ର ଦେଇ ଅନୁରୋଧ କରିଥିଲେ। ଜିଲାପାଳ ସବୁ ବିଷୟ ଶୁଣିବା ପରେ ଏବଂ ରୋଗୀକୁ ଦେଖି ସବୁ ପଚାରି ବୁଝିବା ସହିତ ସାଙ୍ଗେ ସାଙ୍ଗେ ଆବେଦନ ଦରଖାସ୍ତକୁ ମଞ୍ଜୁର କରି ଜିଲା ଜରୁରୀକାଳିନ ଅଧିକାରୀଙ୍କ ପାଖକୁ ନିୟମ ମୁତାବକ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ପଠେଇବା ପାଇଁ ଫାଇଲ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ସାପ କାମୁଡ଼ାରେ ଯୁବକ ମୃତ

ଗୋଲାମୁଣ୍ଡା,(ବଟକୃଷ୍ଣ ପଣ୍ଡା): କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ କେଗାଁରେ ଶୁକ୍ରବାର ବିଳମ୍ବିତ ରାତିରେ ସାପ କାମୁଡ଼ାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। କେଗାଁର ଅଜୟ ଆଜୁଆଡ଼ (୨୫) ଘରେ ଶୋଇଥିବ ବେଳେ ଖଟ ଉପରକୁ ଏକ ସାପ ଆସି କାମୁଡି ଦେଇଥିଲା। ପରିବାର ଲୋକେ ତାଙ୍କୁ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତାଙ୍କୁ ଆସିୟୁରେ ଭର୍ତ୍ତି କରି ଡାକ୍ତର ଚେଷ୍ଟା କରିଥିଲେ ମଧ ତାଙ୍କର ମୃତ୍ୟୁ ହୋଇଥିଲା। ଉକ୍ତ ଘଟଣା ପରେ ଗାଁରେ ଶୋକର ଛାୟା ଖେଳି ଯାଇଛି।

### ସଂକ୍ଷେପରେ

## ସହକାରୀ ପ୍ରଫେସର ପରୀକ୍ଷାରେ ଶଶିଭୂଷଣ ଗହୀର କୃତକାର୍ଯ୍ୟ

କର୍ଲାମୁଣ୍ଡା,୧୯।୮(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ତେରେସିଂହା ଗ୍ରାମର ଶଶିଭୂଷଣ ଗହୀର ଓଡିଶା ପବ୍ଲିକ ସର୍ଭିସ କମିଶନ ଦ୍ୱାରା ପରିଚାଳିତ ସହକାରୀ ପ୍ରଫେସର ପଦବୀ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି।



ଏହି ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଖୁସିର ଲହର ଖେଳିଯାଇଛି। ଗହୀର ତେରେସିଂହାର ଅବସରପ୍ରାପ୍ତ ସହଶିକ୍ଷା ନିରୀକ୍ଷକ ସ୍ୱର୍ଗତ ଟଙ୍କଧର ଗହୀର, ମାତା ସ୍ୱର୍ଗତ କୁମୁଦିନୀ ଗହୀରଙ୍କ କନିଷ୍ଠ ପୁତ୍ର ସେ ତେରେସିଙ୍ଗାଠାରେ ମାଧ୍ୟମିକ ଶିକ୍ଷା ସମାପ୍ତ କରିବା ପରେ ଭବାନୀପାଟଣା ସରକାରୀ କଲେଜରେ ବିଏସସି ପରେ ଉତ୍କଳ ବିଶ୍ୱବିଦ୍ୟାଳୟଠାରେ ପିଜି ଅଧ୍ୟୟନ କରିଥିଲେ। ହାଇଦ୍ରାବାଦ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟଠାରେ ପିଏଚଡି କରୁଥିବା ବେଳେ ଏହି ନିଯୁକ୍ତି ପାଇଛନ୍ତି। ତାଙ୍କ ସଫଳତାରେ କଳାହାଣ୍ଡି ଯୁବ ଯାଦବ ସମିତି, କର୍ଲାମୁଣ୍ଡା ଯାଦବ ସମିତି, ତେରେସିଙ୍ଗା ଗ୍ରାମ ଉନ୍ନୟନ କମିଟି, କର୍ଲାମୁଣ୍ଡା ପ୍ରେସ କ୍ଲବ ସମେତ ବହୁ ଅନୁଷ୍ଠାନ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

## ଶିରିଡି ସାଇ ମନ୍ଦିର କାର୍ଯ୍ୟ ତଦାରଖ କଲେ ବିଡିଓ

ଖଡ଼ିଆଳ,୧୯।୮(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ବିଡିଓ ବିରସେନ ବେହେରା ଖଡ଼ିଆଳସ୍ଥିତ ଶିରିଡି ସାଇ ମନ୍ଦିର ପରିଦର୍ଶନ କରିଛନ୍ତି। ବର୍ତ୍ତମାନ ଶିରିଡି ସାଇ ମନ୍ଦିର ପ୍ଲିନ୍ଥ କାମ ସରିଥିବା ଆଗକୁ କାମ ନେବା ପାଇଁ ପାଣ୍ଠିର ଆଶ୍ୟକତା ଥିଲା। ଗତ କିଛି ଦିନ ତଳେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଖଡ଼ିଆଳ ଗସ୍ତରେ ଆସିଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ସତନ୍ତ୍ର ପାଣ୍ଠିରୁ ମନ୍ଦିର ନିର୍ମାଣ କାର୍ଯ୍ୟ ପାଇଁ ୧୦ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ଏହି କାମ ଅତିଶୀଘ୍ର କରିବା ପାଇଁ ବିଡିଓ ପରିଚାଳନା କମିଟି ସହିତ ଆଲୋଚନା କରିଥିଲେ। ବିଡିଓଙ୍କ ଗସ୍ତ ବେଳେ ପରିଚାଳନା କମିଟି ସମ୍ପାଦକ ବିନୋଦ ବିହାରୀ ପାଢ଼ୀ, ସହ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

## ଜିଲାପାଳଙ୍କ ଅଚାନକ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପରିଦର୍ଶନ

ଖଡ଼ିଆଳ,୧୯।୮(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲାପାଳ ହେମକାନ୍ତ ସାଏ ଅଚାନକ ଖଡ଼ିଆଳ ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଅଗ୍ରଗତି ନେଇ ପରିଦର୍ଶନ କରିଛନ୍ତି। ଖଡିଆଳଠାରେ ନିର୍ମିତ ଟାଉନ ହଲ କାର୍ଯ୍ୟ ଦେଖିବା ସହ ଯାଦବ ସମାଜ ଭବନ ନିର୍ମାଣ କାର୍ଯ୍ୟ ବୁଲି ଦେଖିଥିଲେ। ପରେ ବିଜେପୁର ୫-ଟି ସ୍କୁଲ ନିର୍ମିତ କାର୍ଯ୍ୟ ଦେଖିବା ସହ କାର୍ଯ୍ୟର ମାନ ବୃଦ୍ଧି ସହ ଆବଶ୍ୟକ ସମୟ ସୀମାରେ କାର୍ଯ୍ୟ ଶେଷ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଗସ୍ତବେଳେ ସହକାରୀ ଯନ୍ତ୍ରୀ ଗିରିଶ କୁମାର ପାତ୍ର, ଯନ୍ତ୍ରୀ ସଞ୍ଜୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ସୁନା କାରିଗର ଧରମପାଲ ସୋନିଙ୍କ ପରଲୋକ

ଖଡ଼ିଆଳ,୧୯।୮(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ସହରର ଜଣେ ପରିଚିତ ସୁନା କାରିଗର ଧରମପାଲ ସୋନିଙ୍କ ଶୁକ୍ରବାର ରାତିରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ୫୯ ବର୍ଷ ହୋଇଥିବା ବେଳେ ତାଙ୍କ ଦୁଇ ପୁଅ ଏବଂ ସ୍ତ୍ରୀ ସହ ପରିବାର ଲୋକେ ଥିଲେ। ଦୀର୍ଘ ଦିନ ହେବ ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରୁ ଗଭୀର ଶ୍ରଦ୍ଧାଞ୍ଜଳୀ ଜଣାଇଛନ୍ତି। ଜିଲା ଖଡିଆଳ ସହରରେ ଦୀର୍ଘ ବର୍ଷରୁ ସୁନା ଗହଣା ପ୍ରସ୍ତୁତ କାରିଗର ରୂପେ ବେଶ ଜଣାଶୁଣା ଥିଲେ।

# ଅଭିଶପ୍ତ ଜୀବନ ବିତାଉଛନ୍ତି ଅଞ୍ଚଳବାସୀ

ଭବାନୀପାଟଣା,୧୯।୮
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା କର୍ଲାପାଟକୁ ସରକାର ୧୯୯୨ ଏପ୍ରିଲ ୨ରେ ଅଭୟାରଣ୍ୟ ଘୋଷାଣ କରିଥିଲେ। କର୍ଲାପାଟ ସାରା ଦେଶରେ ନା କରିଥିବା ବେଳେ କିଏ ବା ବିଶ୍ୱାସ କରିବ ଏହି ଅଞ୍ଚଳରେ ଅବସ୍ଥିତ ଗ୍ରାମବାସୀ ଆଜି ବି ବିଚ୍ଛିନ୍ନଞ୍ଚାଳ ଭାବେ ଅଭିଶପ୍ତ ଜୀବନ ବିତାଉଛନ୍ତି। ଅଞ୍ଚଳରେ ସରକାରୀ ସୁବିଧା ସୁଯୋଗ କଥା ତ ଦୂର ଥାଉ ସାମାନ୍ୟ ମୋବାଇଲ ଟାୱାର ମଧ ଏହି ନାହିଁ। ଜିଲାରେ ମାଓବାଦୀ ଅଧ୍ୟୁଷିତ ଅଞ୍ଚଳ ଭାବେ ଜଣାଶୁଣା। କର୍ଲାପାଟ ପଞ୍ଚାୟତରେ ଚଉଦଗୁଡା, ଟିକ୍ରାଗୁଡା, ସାନିମୁଣ୍ଡା, ଜିଲାଗାଁ, ଭେଜିଗୁଡା, ଅମଠାଗୁଡା, ଉପର ପେରମଞ୍ଜି, ତଳ ପେରମଞ୍ଜି, ସୁରମେଲି, କୁକୁରଭୁର୍ସି, ପୁରୁଣାଗୁମା, ସେମେଲପଦର ଏଭଳି ୨୨ଖଣ୍ଡ ଗାଁ ରହିଛି। ମାଓବାଦୀ ଅଧ୍ୟୁଷିତ କର୍ଲାପାଟ ଅଞ୍ଚଳରେ ଥାନା ନ ଥିବାରୁ ପଞ୍ଚାୟତ ଗୃହରେ ଏବେ ଓଡ଼ିଶା ପୋଲିସର ୪ଜଣ ଫୋର୍ସ ରହୁଛନ୍ତି। ୨୦୧୬ରେ ମାଓବାଦୀମାନେ ଏହି ଗାଁର ପୋଲିସରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କ ଘରୁ ତାଙ୍କ ଗାଡି ସହିତ ଜରୁରୀ କାଗଜପତ୍ର ପୋଡ଼ିଦେବା ସହ ୪ଜଣଙ୍କୁ ପୋଲିସ ଇନଫର୍ମର



ଜଣେ ଲୋକ କଥା ହେବା ପାଇଁ ଗଛ ଉପରକୁ ଚଢୁଛନ୍ତି।

ସନ୍ଦେହରେ ଟେକି ନେଇ ଯାଇଥିଲେ। ସେ ଭିତରୁ ବନମାଳୀ ନାଏକଙ୍କୁ ଗୁଳି କରି ହତ୍ୟା କରଥିଲେ। କିନ୍ତୁ ଗାଁରେ ମୋବାଇଲ ନେଟୱର୍କ ସୁବିଧା ନ ଥିବାରୁ ପୋଲିସକୁ କେହି ଖବର ଦେଇ ପାରି ନ ଥିଲେ। ଫଳରେ ମୃତଦେହ ପ୍ରାୟ ୮ ଘଣ୍ଟା ପଡ଼ି ରହିଥିଲା। ଏହି ଘଟଣା ପରେ ଯୋଗାଯୋଗ କ୍ଷେତ୍ରକୁ ଦୃଷ୍ଟିରେ ରଖି ୨୦୧୭ ସେପ୍ଟେମ୍ବରରେ ଗାଁରେ ବିଏସ୍ଏନ୍ଏଲ୍ ନେଟୱର୍କ ସେବା ଆରମ୍ଭ କରାଯାଇଥିଲା। ଏହି ପଞ୍ଚାୟତର ମୋଟ ୫୦୫୩ଜଣ ଲୋକ ବିଏସଏନଏଲ ନେଟୱର୍କ ଉପରେ ଭରସା କରିଥିଲେ। କିନ୍ତୁ ଧୀରେ ଧୀରେ

**କର୍ଲାପାଟ ଅଭୟାରଣ୍ୟର ଭିତିରି କଥା**

- ଅଚଳ ଅବସ୍ଥାରେ ମୋବାଇଲ ଟାୱାର
- ଗଛ ଉପରକୁ ଚଢ଼ିଲେ ମିଳେ ନେଟୱର୍କ

ଏହି ସେବାରୁ ମଧ ବଞ୍ଚିତ ହୋଇ ରହିଗଲେ ଗ୍ରାମବାସୀ। ବର୍ତ୍ତମାନ ଏହି ଟାୱାର ଅଚଳ ଅବସ୍ଥାରେ। ଯଦ୍ୱାରା ୨୨ଖଣ୍ଡ ଗ୍ରାମକୁ ଫୋନ ଯୋଗାଯୋଗ ଅସମ୍ଭବ ହୋଇ ପଡ଼ିଛି। ସାମାନ୍ୟ ଫୋନ ବ୍ୟବହାର ନ କରି ପାରିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ଅଞ୍ଚଳବାସୀଙ୍କୁ। ଡାକଘର କାମ ମଧ ସବୁ ଅନଲାଇନ ହେଉଥିବା ବେଳେ ପାସବୁକ ଖୋଲିବା ପାଇଁ ମଧ ପାହାଡ଼ ଉପରକୁ ଯିବାପାଇଁ ପଡ଼େ ଗାଁର ଲୋକଙ୍କୁ। ଗୋଟିଏପଟେ ମାଓବାଦୀ ଭୟ ଅନ୍ୟ ପଟେ ଅଭୟାରଣ୍ୟ ହେଇଥିବାରୁ ଜଙ୍ଗଲୀ ଜନ୍ତୁଙ୍କ ଭୟ ରହିଛି। ବାରମ୍ବାର ଗାଁକୁ ହାତୀ ପଶି ଆସି ଅନେକ ଫସଲ ତଥା ଧନଜୀବନ ନଷ୍ଟ କରୁଥିବା ଦେଖିବାକୁ ମିଳେ। ରାତି ଅଧରେ ଗାଁରେ କାହାର ଦେହ ଖରାପ ହେଲେ ଲୋକଙ୍କୁ ବାଧ ହୋଇ ୩ କି.ମି. ପାହାଡ଼ ଉପରକୁ ଚଢିଲେ କିମ୍ବା ଲମ୍ବ ଗଛ ଉପରକୁ ଚଢି ନେଟୱର୍କ ଖୋଜି ଆମ୍ବୁଲାନ୍ସକୁ ଡାକିବାକୁ ପଡେ। ବନ୍ୟଜନ୍ତୁ ଭୟରେ ଲୋକେ ନେଟୱର୍କ ଜାଗାକୁ ଯିବା ପାଇଁ ମଧ ଡରନ୍ତି। ଏପରି ଭାବେ ଅଭିଶପ୍ତ ଜୀବନ ବିତାଉଥିଲେ ମଧ କୌଣସି ସରକାରୀ ଅଧିକାରୀଙ୍କ ନଜର ଏହି ଅଞ୍ଚଳବାସୀଙ୍କ ଉପରେ ପଡୁନାହିଁ। କର୍ଲାପାଟ ଅଭୟାରଣ୍ୟରେ ଅନେକ ଦର୍ଶନୀୟ ସ୍ଥାନ ରହିଛି, ଯେଉଁଠିକି ଯିବା ପାଇଁ ପର୍ଯ୍ୟଟକ ଧାଡି ଲମ୍ଭେ। ଶୀତ ଋତୁ ଆସିଲେ ଫୁରଲୀଝରନଠୁ ନେଇକି ଖଣ୍ଡୁଆଲ ମାଲି ପର୍ଯ୍ୟନ୍ତ ସବୁଠି ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ। ପର୍ଯ୍ୟଟକଙ୍କୁ ମଧ ମୋବାଇଲ ସେବା ନ ମିଳିବାରୁ ବହୁ ପର୍ଯ୍ୟଟକ ନିରାଶ ହୋଇ ଫେରି ଯାଇଥାନ୍ତି ଓ ଅସନ୍ତୋଷ ପ୍ରକାଶ କରିଥାନ୍ତି। ସରକାର ୫ ଜି ଭଳି ଅତ୍ୟାଧୁନିକ ମୋବାଇଲ ସେବା ଆରମ୍ଭ କରି ସାରା ବିଶ୍ୱରେ ରେକର୍ଡ ସୃଷ୍ଟି କରୁଛନ୍ତି। କିନ୍ତୁ ଦୁର୍ଭାଗ୍ୟର କଥା ରାଜ୍ୟରେ ଆଜିବି ମୋବାଇଲ ଚଳାଇବା ପାଇଁ ଲୋକଙ୍କୁ ଟାୱାର ମିଳିପାରିନାହିଁ। ତୁରନ୍ତ ଏହି ଅଞ୍ଚଳରେ ମୋବାଇଲ ସେବା ଯୋଗାଇ ଦେବା ଜରୁରୀ ହୋଇ ପଡ଼ିଛି।

## ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ

ନୂଆପଡ଼ା,୧୯।୮(ମକାରୁ ବେମାଲ)

ନୂଆପଡା ଜିଲା କୋମନା ଥାନା ବିଶିବାହାଲ-କର୍ଲାପଡାଠାରେ ବିଜୁ ଏକ୍ସପ୍ରେସ ୱେରେ ଅଜଣା ଗାଡି ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ମିଛାପାଲି ପଞ୍ଚାୟତ ବିଶିବାହାଲ ଗାଁର ବିଶ୍ୱାମିତ୍ର ଭୋଇ (୪୬)। ପ୍ରାପ୍ତ ସୂଚନା ଅନୁଯାୟୀ ବିଶ୍ୱାମିତ୍ର ଶନିବାର ଭୋର ୪ଟାରେ ନିଜ କ୍ଷେତ କର୍ଲାପଡାକୁ ସାଇକେଲ ଯୋଗେ ବିଜୁ ଏକ୍ସପ୍ରେସ ୱେରେ ଯାଉଥିଲେ। ଏହି ସମୟରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ବିଶ୍ୱାମିତ୍ର ସେଠାରେ ପଡି ରହିଥିଲେ। ରାସ୍ତାରେ ଯିବା ଲୋକେ ଦେଖି ବିଶିବାହାଲର ଲୋକଙ୍କୁ ଖବର ଦେଇଥିଲେ। ପରେ ଗାଁ ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପରିବାର ସେ ଜଣେ ରୋଜଗାରକ୍ଷମ ବ୍ୟକ୍ତି ରହିଥିଲେ। ତାଙ୍କ ମୃତ୍ୟୁ ପରେ ପରିବାର ବେସାହାରା ହୋଇ ପଡିଛନ୍ତି। ତାଙ୍କର ସ୍ତ୍ରୀ ଯାଜ୍ଞସିନି ଭୋଇ (୪୦) ୨ ପିଲା ପିଣ୍ଟୁ (୧୮) ଓ ଚିଣ୍ଟୁ (୧୬) ରହିଛନ୍ତି। ୨ ଜଣଙ୍କ ମଧ୍ୟରୁ ଜଣେ ଯୁକ୍ତ ୨ ପଢୁଥିବା ବେଳେ ଜଣେ ମାଟ୍ରିକ ପଢୁଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ଅସହାୟ ଅବସ୍ଥାରେ ୩ ଭଉଣୀ ଭାଇ

ଖଡ଼ିଆଳ,୧୯।୮(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଦୋହେଲପଡା ଗାଁର ନାଭ ରାଉତଙ୍କ ପରିବାରରେ ଦୁଃଖର ପାହାଡ଼ ପଡିଛି। ୩ ବର୍ଷ ତଳେ ରୋଗରେ ପଡ଼ି ସ୍ତ୍ରୀଙ୍କ ପରଲୋକ ପରେ ୩ କୁନି ଝିଅପୁଅକୁ ନେଇ ତାଙ୍କର ଅଭାବୀ ସଂସାର। ବଡ଼ ଝିଅ ଜେମତିଙ୍କୁ (୧୩), ଆଉ ଗୋଟିଏ ଝିଅ ଲିପିକା (୭) ଓ ସାନ ପୁଅ ଯୁବରାଜଙ୍କୁ ୪ ବର୍ଷ। ସ୍ତ୍ରୀ ନୁରଙ୍କ ମୃତ୍ୟୁ ପରେ ଦୁଃଖ କଷ୍ଟରେ ପୁଅ ଝିଅଙ୍କୁ ପାଳନ ପୋଷଣ କରୁଛନ୍ତି ନାଭ। ତାଙ୍କର ନା ଅଛି ଜମିବାଡ଼ି, ନା ଅଛି ଗାଁରେ କାମ କରିବାର ସୁଯୋଗ। ତେଣୁ ବଡ଼ଝିଅ ଜେମତିଙ୍କ ହାତରେ ଦୁଇ ଭଉଣୀଭାଇଙ୍କ ଦାୟିତ୍ୱ ଦେଇ ଦାଦନ ଖଟିବାକୁ ଯାଆନ୍ତି ନାଭ। କେବେ କେବେ ଆସି ସେମାନଙ୍କୁ ଦେଖି ଦେଇ ଯାଆନ୍ତି। ବାପାଙ୍କ ଅନୁପସ୍ଥିତିରେ ଜେମତି ଦୁଇ ଭଉଣୀଭାଇଙ୍କ ଦାୟିତ୍ୱ ନିଅନ୍ତି। ସେମାନଙ୍କ ସ୍ନାନ ଶୌଚ କରିବା ସହ ରାନ୍ଧି ଖୁଆଇ ଦିଅନ୍ତି। କେବେ କେବେ ଭୋକରେ ମଧ ଶୁଇ ଯାଆନ୍ତି ତିନିଜଣ। ବଡ଼ ଦୁଇ ଭଉଣୀ ପଢିବାକୁ ଯାଉ ନ ଥିବା ବେଳେ ସାନ ଯୁବରାଜ ଅଙ୍ଗନୱାଡି କେନ୍ଦ୍ର ଯାଏ। ନାଭ ୪ ବର୍ଷ ତଳେ ଆବାସ ଯୋଜନାରେ ଘର ଖଣ୍ଡେ ପାଇ ନିର୍ମାଣ ଆରମ୍ଭ କରିଥିଲେ, କିନ୍ତୁ ସ୍ତ୍ରୀ ରୋଗରେ ପଡିବା ପରେ ଘର କାମ ଆଉ ଆଗେଇଲାନି। ସେଥିପାଇଁ ନାଭଙ୍କ ବଡଭାଇଙ୍କ ଘରେ ୩ ଭାଇଭଉଣୀ ରହୁଛନ୍ତି। ବଡଭାଇଙ୍କ ପରିବାର ମଧ



ଅସହାୟ ୩ ଭଉଣୀଭାଇ।

- ୩ବର୍ଷ ତଳେ ମା'ଙ୍କ ଘଟିଛି ମୃତ୍ୟୁ
- ଦାଦନ ଖଟିବାକୁ ଯାଇଛନ୍ତି ବାପା

ଦାଦନ ଯାଇଛନ୍ତି। ରାଶନ କାର୍ଡରେ ମାତ୍ର ଦଶ କିଲୋଗ୍ରାମ ଚାଉଳ ମିଳେ। ଏତିକି ହିଁ ମାସକ ଚଳିବାର ସମ୍ବଳ ନାଭ ଓ ଜେମତିଙ୍କ ନାଁରେ ରାସନ ମିଳୁଥିବା ବେଳେ ଲିପିକା ଓ ଯୁବରାଜଙ୍କ ନାଁ ସଂଯୋଗ ହୋଇପାରିନି। ଗାଁରେ କର୍ମ ନିଯୁକ୍ତିର କୌଣସି ସୁବିଧା ନାହିଁ। ନାଭ ବାଧ ହୋଇ ଦାଦନ ଯାଆନ୍ତି। ତିନି ପୁଅ ଝିଅଙ୍କ ପାଇଁ ହୃଦୟ କାନ୍ଦୁଥିଲେ ମଧ ସେ ଛାତିକି ପଥର କରି ବାହାରେ ରହି କାମ କରନ୍ତି। ଦୋହେଲ ପଡା ସରପଞ୍ଚ ଦୀପିକା ବେହେରା ୩ଭାଇ ଭଉଣୀଙ୍କ ଥଇଥାନ ସକାଶେ ପ୍ରଶାସନ ନିକଟରେ ଦାବି କରିଥିବା ବେଳେ ବିଡ଼ିଓ ବିରସେନ ବେହେରା ସେମାନଙ୍କ ଥଇଥାନ ପାଇଁ ଜିଲା ଶିଶୁ ମଙ୍ଗଳ କମିଟି (ସିଡ୍ଲୁସି) ନୂଆପଡା ସହ କଥା ହେବେ ଓ ତାଙ୍କ ପରିବାରକୁ ଅନ୍ତ୍ୟୋଦୟ କାର୍ଡ ଯୋଗାଇ ଦେବେ ବୋଲି କହିଛନ୍ତି। ଗରିବଙ୍କ ପାଇଁ ସରକାର ଅନେକ ଯୋଜନା କରୁଥିବା ବେଳେ ନାଭଙ୍କ ପରିବାର ମଧ ଏବେ ସରକାରୀ ସହଯୋଗ ଅପେକ୍ଷାରେ। ତିନି ଭାଇ ଭଉଣୀଙ୍କୁ ଥଇଥାନ ସହ ଅନ୍ତ୍ୟୋଦୟ କାର୍ଡ ଖଣ୍ଡେ ଯୋଗାଇ ଦେଲେ ମଧ କିଛି ପରିମାଣରେ ଦୁଃଖ ତାଙ୍କର ଲାଘବ ହୋଇ ପାରନ୍ତା ବୋଲି ଗ୍ରାମବାସୀ କହନ୍ତି।

## ମିଶନ ଶକ୍ତି ଭବନ ଉଦ୍‌ଘାଟିତ

ପଲମ,୧୯।୮(ଭିକାରି ଗଉଡ)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ସର୍ଗିଗୁଡା ପଞ୍ଚାୟତସ୍ଥିତ ଡିଗିରାପଡାଠାରେ ନବନିର୍ମିତ ମିଶନଶକ୍ତି ଗୃହ ଉଦଘାଟିତ ହୋଇଯାଇଛି। ବ୍ଲକ ଅଧକ୍ଷା ମନୋରମା ମହାନ୍ତି ଯୋଗଦେଇ ଏହାର ଉଦ୍‌ଘାଟନ କରିଛନ୍ତି। ପ୍ରତି ଗ୍ରାମପଞ୍ଚାୟତର ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ନିଜସ୍ୱ ଉତ୍ପାଦିତ ସାମଗ୍ରୀର ବିକ୍ରୟ ନିମନ୍ତେ ଏହି ଭବନ କାର୍ଯ୍ୟରେ ଲାଗିବ ବୋଲି ମିଶନଶକ୍ତି ବ୍ଲକ ସଂଯୋଜକ ରୋହିତ ବିଶ୍ୱାଳ କହିଛନ୍ତି। ସର୍ଗିଗୁଡା ପଞ୍ଚାୟତ ଅଧୀନ ମିଶନଶକ୍ତିର ସଭାନେତ୍ରୀ ସଙ୍ଗୀତା ଭୋଇ ଓ ସମ୍ପାଦିକା ଇନ୍ଦୁଲତା ସାମଲଙ୍କ ଉପସ୍ଥିତିରେ ବ୍ଲକ ଉପାଧକ୍ଷ ଦୁର୍ଗାପ୍ରସାଦ ମହାନ୍ତି, ସରପଞ୍ଚ ଦୀପାଳୀ ବୁଧିଆ, ବିଜୟ ବୁଧିଆ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ମହିଳା ସଶକ୍ତିକରଣ ବିଷୟରେ ମାର୍ଗ ଦର୍ଶନ ଦେଇଥିଲେ। ମିଶନଶକ୍ତି ସଂଯୋଜକ ବିଶ୍ୱାଳ ମିଶନଶକ୍ତି ଭବନର ବ୍ୟବହାର ଓ ଏହାର ଉପଯୋଗୀତା ବିଷୟରେ ବୁଝାଇଥିଲେ। ଜିପିଏଲଏଫର ସଭାନେତ୍ରୀ ଲକ୍ଷ୍ମୀ ତାଣ୍ଡି ଅତିଥି ସ୍ୱାଗତ କରିଥିବାବେଳେ ସିଆରପିମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ମା'ମାନଙ୍କ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଜିବିକା ନିର୍ବାହ ପ୍ରକଳ୍ପ ଯୋଜନାରେ ଅଗ୍ରାଧିକାର ଦେଇଥିବାରୁ ମୁଖ୍ୟଅତିଥି ମହାନ୍ତି ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ସହ କୃତଜ୍ଞତା ଜ୍ଞାପନ କରିଥିଲେ। ସର୍ଗୀଗୁଡା ଏମବିକେ ତପସ୍ୱିନୀ ଦେବୀ ଧନ୍ୟବାଦ ଅର୍ପଣ କରିଥିଲେ।

## ୫-ଟି ସଚିବଙ୍କ ଉପରେ କାଳିମାଡ଼ ଘଟଣାକୁ ଦୃଢ଼ ନିନ୍ଦା

ଭବାନୀପାଟଣା,୧୯।୮
(ଉତ୍ତମ କୁମାର ଦାଶ)

ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ପୁରୀ ଗସ୍ତ ସମୟରେ ତାଙ୍କ ଉପରେ ସତ୍ୟବାଦୀଠାରେ ହୋଇଥିବା କାଳିମାଡ ଘଟଣାକୁ ଶନିବାର କଳାହାଣ୍ଡି ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ନେଇ ଶନିବାର ଅପରାହ୍ନରେ ଭବାନୀପାଟଣାସ୍ଥିତ ଗାନ୍ଧୀ ଛକଠାରେ ପ୍ରତିବାଦ କରାଯାଇଛି। ନବୀନଙ୍କ ବିକାଶର ରଥକୁ କେହି ଅଟକାଇ ପାରିବେନି ବୋଲି ଯୁବ ଛାତ୍ର ନେତା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଛାତ୍ର ବିଜେଡ଼ି ସଭାପତି ଅବିନାଶ ଠାକୁର, ଜିଲା ଯୁବ ବିଜେଡ଼ି ସଭାପତି ଆଦିତ୍ୟ ନନ୍ଦ, ରାଜ୍ୟ ଯୁବ ବରିଷ୍ଠ ଉପସଭାପତି ମଣ୍ଟୁ ନାଏକ, ଯୋନ ସଭାପତି ମନୀନ୍ଦ୍ର ମହାନ୍ତି, ରାଜ୍ୟ ଛାତ୍ର ଉପସଭାପତି ଅଭିଷେକ ମହାପାତ୍ର, ଯୁବ ଟାଉନ ସଭାପତି ପିତବାସ ବେହେରା, ଛାତ୍ର ଟାଉନ ସଭାପତି ନବୀନ ନାୟକ, ଯୁବନେତା ସେନାପତି ନାଏକ, ଅମିତ ଯାଦବ, ରାଜୀବ ଲୋଚନ ଶତପଥୀ, ସର୍ମିଷ୍ଠା ନାୟକ, ଜିଲା ବିଜେଡ଼ି ଉପ ସଭାପତି ସାମନ୍ତ ଖମାରୀ, କ୍ଷୀରସିନ୍ଧୁ ନାଏକ, ଅଭିଜିତ ମଣ୍ଡଳ, ଜିତେନ୍ଦ୍ର ବେହେରା, ଚକ୍ର ସେଠୀ, ମିନାକ୍ଷୀ ମହାପାତ୍ର, ଅନିଲ ନିଆଲ , ହୃଷିକେଶ ଗାନ୍ଧୀ ପ୍ରମୁଖ ଯୋଗଦେଇଥିଲେ।




ଗାନ୍ଧୀ ଛକଠାରେ ବିଜୁ ଓ ଯୁବ ଛାତ୍ର ଜନତା ଦଳର ପ୍ରତିବାଦ।

# ଧାନ, କପା ଉତ୍ପାଦନରେ କଳାହାଣ୍ଡି ହବ୍ ପାଲଟିଛି

ଭବାନୀପାଟଣା,୧୯।୮
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସଦଭାବନା ସଭାଗୃହରେ ଶନିବାର ଜିଲା ଯୋଜନା କମିଟି (ଡିପିସି)ର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ଯୋଜନା କମିଟି ଅଧକ୍ଷା ତଥା ଜଳ ସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜୁନାଗଡ ବିଧାୟକ ଦିବ୍ୟଶଙ୍କର ମିଶ୍ର, ନର୍ଲା ବିଧାୟକ ଭୁପିନ୍ଦର ସିଂ, ଧର୍ମଗଡ ବିଧାୟକ ମୌଷଧି ବାଗ, ଜିଲା ପରିଷଦ ସଭାପତି ପୁଷ୍ପେନ୍ଦ୍ର ସିଂଦେଓ, ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପାୱାର ସଚିନ ପ୍ରକାଶଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ। ସାମ୍ପ୍ରତିକ କଳାହାଣ୍ଡି ଜିଲା ଧାନ ଓ କପା ଉତ୍ପାଦନରେ ହବ୍ ଭାବେ ଉଭା ହୋଇଛି। ବର୍ତ୍ତମାନ ଏହି ଜିଲାରୁ ଅନ୍ୟ ଜିଲାକୁ ଧାନ ଯୋଗାଣ କରୁଛି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନେ ବିଭିନ୍ନ ଆୟ ଉତ୍ପାଦନ କାର୍ଯ୍ୟ କରି ଅଧିକ ଆୟ ରୋଜଗାର କରୁଛନ୍ତି। ଯଦ୍ୱାରା କଳାହାଣ୍ଡି



ଜିଲା ଯୋଜନା କମିଟି ବୈଠକରେ ମନ୍ତ୍ରୀ ଟୁକୁନି ସାହୁଙ୍କ ସହ ଅନ୍ୟମାନେ।

ବହୁତ ଉନ୍ନତି କରୁଛି ବୋଲି ମନ୍ତ୍ରୀ ସାହୁ କହିଥିଲେ। ଖୁବଶୀଘ୍ର ଉତ୍କେଳା ବିମାନ ବନ୍ଦର କାର୍ଯ୍ୟକ୍ଷମ ହେବ। ଉତ୍କେଳା ବିମାନ ବନ୍ଦରକୁ ଡିଜିସିଏ ଅନୁମୋଦନ କରିଥିବା ନେଇ ଜିଲାପାଳ ରେଡ୍ଡୀ ପ୍ରକାଶ କରିଥିଲେ। ସେହିପରି ନୂତନ ଏକାଡେମିକ ଅଧିବେଶନ ପାଇଁ କଳାହାଣ୍ଡି ମେଡିକାଲ କଲେଜରେ ଛାତ୍ରୀଛାତ୍ରଙ୍କ ଆଡମିଶନ ଚାଲିଛି। ଏହାସହ ଜିଲାର ୫ଟି ଡାକ୍ତରଖାନାକୁ ଆମ ହସ୍ପିଟାଲ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି ବୋଲି କହିଥିଲେ। ୫-ଟିରେ ସମସ୍ତ ସରକାରୀ ଓ ସହାୟକ ହାଇସ୍କୁଲ ଅନ୍ତର୍ଭୁକ୍ତ ହେବା ସହ ଭବାନୀପାଟଣା ବସଷ୍ଟାଣ୍ଡ କାମ ଖୁବଶୀଘ୍ର ସମାପନ ହେବ ଓ ଜିଲାର କୋକସରା ବ୍ଲକ ଡୋକ୍ରିଚଞ୍ଚରା ଓ ଗୁଡହାଣ୍ଡି ପର୍ଯ୍ୟଟନସ୍ଥଳରୀ ନିର୍ମାଣ ଓ ବିକାଶ କାର୍ଯ୍ୟ ଚାଲିଛି ବୋଲି କହିଥିଲେ। ସେହିପରି ଧର୍ମଗଡ ସହରରେ ସିସିଟିଭି ଲଗେଇବା ପାଇଁ ଡବ୍ଲୁଓଡିସି ପକ୍ଷରୁ ଅନୁମୋଦନ ହୋଇଥିବାବେଳେ ଇନ୍ଦ୍ରାବତୀ ପାର୍କ ଓ ସଂଗ୍ରାହଳୟ କାର୍ଯ୍ୟ ଚାଲିଛି ବୋଲି କହିଥିଲେ। ବିଜୁ କେବିକେ (ଜିଲା କ୍ଷେତ୍ର) ଅଧୀନରେ ୨୦୨୩-୨୪ରେ ୧୯୬ଟି ପ୍ରକଳ୍ପ ପାଇଁ ୬୫୦ ଲକ୍ଷ ବିଡିଓଙ୍କଠାରୁ ଗ୍ରହଣ କରାଯାଇଛି। ବିସ୍ତୃତ ଆଲୋଚନା ପରେ ଜିଲା ଯୋଜନା କମିଟି ବିଜୁ କେବିକେ ଯୋଜନା (ବିକେବିକେ)କୁ ୬୫୦ ଲକ୍ଷ ଟଙ୍କା ଅନୁମୋଦନ କରାଯାଇଛି ବୋଲି ଡିପିଏମୟୁ ସହକାରୀ ନିର୍ଦ୍ଦେଶକ ଶ୍ରୀକାନ୍ତ ଦଳେଇ କହିଥିଲେ। କୃଷି ବିଭାଗ ପକ୍ଷରୁ ଦିଆଯାଇଥିବା ତଥ୍ୟରେ ଜିଲାରେ ପିଏମଏଫ୍ ବିୱାଇରେ ୧,୪୬ ହଜାର ଚାଷୀଙ୍କ ଫସଲ ବୀମା କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ବର୍ତ୍ତମାନ ସୁଦ୍ଧା ୧ ଲକ୍ଷ ୫୪ହଜାର ୮୭୨ଜଣ ଚାଷୀଙ୍କ ୧ଲକ୍ଷ ୩୭ ହଜାର ୪୩୦ହେକ୍ଟର ଜମିରେ ଫସଲ ବୀମା କରାଯାଇଛି। ସମନ୍ୱିତ କୃଷି ପ୍ରଣାଳୀ (ଆଇଏଫ୍ଏସ)ରେ ଜିଲା ପାଇଁ ୨୦୨୨-୨୩ ରେ ୬୭ଜଣ ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଛି। ସେହିପରି ଆର୍ଥିକ ବର୍ଷ ୨୦୨୩-୨୪ ପାଇଁ ୧୭୫ଟି (ଆଇଏଫ୍ଏସ) କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସେଥିମଧ୍ୟରୁ ୧୧୨ଟି ହିତାଧିକାରୀଙ୍କ ଚୟନ ପ୍ରକ୍ରିୟା ମଧ ଶେଷ ହୋଇଛି। ଜାତୀୟ ଖାଦ୍ୟ ନିରାପତ୍ତା ଯୋଜନା ମିଶନରେ ୧୬୫୦ ହେକ୍ଟର ଚାଷ ଜମିରେ ଡାଲି ଜାତୀୟ ଓ ଅନ୍ୟାନ ଫସଲ କରାଯାଇଛି। ଓଡିଶା ମିଲେଟ ମିଶନ ଜରିଆରେ ଜିଲାର ୮ଟି ବ୍ଲକର ୮୨୯୫ ହେକ୍ଟର ଚାଷ ଜମିରେ ମାଣ୍ଡିଆ ଓ ଅନ୍ୟାନ ମିଲେଟ ଜାତୀୟ ଫସଲ କରାଯାଇଛି ବୋଲି କୁହାଯାଇଥିଲା।

**ଜିଲା ଯୋଜନା କମିଟିର ବୈଠକ**

- ୧ ଲକ୍ଷ ୫୪ ହଜାର ଚାଷୀ ଫସଲ ବୀମା କରିଛନ୍ତି
- ଜିଲାର ୮ ବ୍ଲକର ୮୨୯୫ ହେକ୍ଟର ଚାଷ ଜମିରେ ମିଲେଟ ଜାତୀୟ ଫସଲ

## ସରକାରୀ ଜମି ଚିହ୍ନଟ ପାଇଁ ତହସିଲଦାରଙ୍କୁ ଦାବିପତ୍ର

କୋକସରା,୧୯।୮
(ଦୁଷ୍ମନ୍ତ କୁମାର ପାଇଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ କାଉଡୋଲା ପଞ୍ଚାୟତ କାଉଡୋଲା ଗ୍ରାମରେ ରହିଥିବା ସରକାରୀ ଜମି ଚିହ୍ନଟ ପାଇଁ ଶନିବାର ସରପଞ୍ଚଙ୍କ ନେତୃତ୍ୱରେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କାଉଡୋଲା ଗ୍ରାମରେ ଗତ ବର୍ଷରେ ଜନସଂଖ୍ୟା ବୃଦ୍ଧି ଅନୁପାତରେ ଶିକ୍ଷିତ ବେରୋଜଗାରୀ ଯୁବକ ଯୁବତୀଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଗ୍ରାମରେ କୌଣସି କର୍ମ ନିଯୁକ୍ତି ପାଇଁ ସାଧନ ନ ଥିବା କାରଣରୁ ଶିକ୍ଷତ ଯୁବଗୋଷ୍ଠିମାନେ ସ୍ୱାବଲମ୍ବୀ ହେବାରେ ବାଧକ ସାଜିଛି। କାଉଡୋଲା ଗ୍ରାମରେ ସରକାରୀ ଜମି ରହିଥିବା ବେଳେ ଜବରଦଖଲ କରି ଅନେକ ଲୋକ ଅକ୍ତିଆରରେ ରଖିଥିବା ନେଇ ଅଭିଯୋଗ ହୋଇଛି। ଜବରଦଖଲ ଥିବା ସରକାରୀ ଜମିକୁ ଚିହ୍ନଟ କରିବାକୁ କାଉଡୋଲା ସରପଞ୍ଚ ଦେବିସିଂ ତାଣ୍ଡି, ବସନ୍ତ ସରାବୁ, ତ୍ରିଲୋକ୍ୟ ବେଶ୍ରା ପ୍ରମୁଖ ଶନିବାର କୋକସରା ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରି ସରକାରୀ ଜମି ଚିହ୍ନଟ କରି ଜବରଦଖଲକାରୀଙ୍କୁ ତୁରନ୍ତ ହଟାଇବାକୁ ଦାବି ଜଣାଇଛନ୍ତି।

## ସଂକ୍ଷେପରେ

### ରକ୍ତଦାନ ଶିବିର, ୬୧ ୟୁନିଟ ସଂଗ୍ରହ



ପଦ୍ମପୁର,୧୯।୮(ପ୍ରଦୀପ୍ତ ଦାଶ)

ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହାଙ୍କ ଜନ୍ମଦିବସ ଅବସରରେ ବିଜୁ ଜନତା ଦଳ ଓ ଓଡିଶା ମୋ ପରିବାର (ଜୀବନ ବିନ୍ଦୁ) ତରଫରୁ ବିଜେଡି କାର୍ଯ୍ୟାଳୟରେ ଶନିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ବିଧାୟିକା ବରିହା ଉଦଘାଟନ କରିଥିଲେ। ଶିବିରରେ ୬୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଜୀବନ ବିନ୍ଦୁ ଜିଲା ସଂଯୋଜକ ଗୌରହରି ମିଶ୍ର, ବ୍ଲକ ଅଧକ୍ଷ ରଞ୍ଜିତ ସିଂ ବରିହା, ବିଜେଡ଼ି ନେତା ପ୍ରଶାନ୍ତ ମହାନ୍ତି, ରାଜ୍ୟ ସମ୍ପାଦକ ରାଜୁ ଘିବେଲା, ଏନ୍‌ଏସି ଅଧକ୍ଷା ସାବିତ୍ରୀ ବାଗ, ଉପାଧକ୍ଷା ଭାରତୀ ପଟ୍ଟନାୟକ, ବିଜେଡି ଟାଉନ ସଭାପତି ନବକିଶୋର ସାହୁ, ସଭାନେତ୍ରୀ ମନୋରମା ମହାପାତ୍ର, ଜିଲା ପରିଷଦ ସଭ୍ୟା ପୂର୍ଣ୍ଣିମା ରଣା, ସମାଜସେବୀ ନିରୋଜ ଦୋରାଙ୍କ ସମେତ ସମସ୍ତ କାଉନସିଲର, ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ଥିଲେ। ଜିଲା ସମ୍ପାଦକ ଭରତ ପଣ୍ଡା, ମୌସମ ପାଗଡା, ସରଜୁ ପଟ୍ଟନାୟକ, ଶିବାଶିଷ ପଟ୍ଟନାୟକ, ଲୋକନାଥ ମେହେର, ସୌମ୍ୟ ହୋତା ପ୍ରମୁଖ ସହଯୋଗ କରିଥିଲେ।

### କ୍ଲଷ୍ଟରସ୍ତରୀୟ ମାସିକ ବୈଠକ

ବରଗଡ଼,୧୯।୮(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ବିଜେପୁର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଗତ ବିଭିନ୍ନ କ୍ଲଷ୍ଟରରେ ଦ୍ୱିତୀୟ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜାରିଂ କ୍ଲଷ୍ଟର ଅନ୍ତର୍ଗତ ଭେିରୋପୁରା ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ ବୈଠକକୁ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଉଦଘାଟନ କରିଥିଲେ। ସିଆରସିସି ରାଜେଶ୍ୱର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମାନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲୀପ କୁମାର ପୂରି, ସ୍ଥାନୀୟ ସ୍କୁଲର ପ୍ରଧାନ ଶିକ୍ଷକ ଜଗଦୀଶ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ମୌଳିକ ସାକ୍ଷରତା, ସଂଖ୍ୟାଜ୍ଞାନ ଉପରେ କିଭଳି ଶିକ୍ଷାର୍ଥୀଗଣ ଦକ୍ଷ ହେବେ, ସେ ବିଷୟରେ ବିଶଦ ଆଲୋଚନା କରିଥିଲେ। ସେହିପରି ବିଦ୍ୟାଳୟର ଉନ୍ନତିରେ ପ୍ରଧାନ ଶିକ୍ଷକଙ୍କ ଭୂମିକା ତଥା ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ବିଭିନ୍ନ ଆଲୋଚନା ହୋଇଥିଲା। ସ୍କୁଲ ପରିଚାଳନା କମିଟି ସଭାପତି ଲାଲବିହାରୀ ଡନସନାଙ୍କ ସମେତ ସଦସ୍ୟବୃନ୍ଦ ଉପସ୍ଥିତ ଥିଲେ। ଶିକ୍ଷକ ସରୋଜ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ବଡ଼ବାଉଁଶେନ ସିଆରସିସି ଦୁର୍ବାଦଳ ବଡ଼ଗୋଛିଆଙ୍କ ଅଧ୍ୟକ୍ଷତାରେ ମହୁଲପାଲିରେ, ବାନ୍ଧୁପାଲି ସିଆରସିସି ସୀତାରାମ ଦୀପଙ୍କ ଅଧ୍ୟକ୍ଷତାରେ ବରମୁଣ୍ଡାରେ, ତାଲପଦର ସିଆରସିସି ବାସୁଦେବ ପ୍ରଧାନଙ୍କ ଅଧ୍ୟକ୍ଷତାରେ ତାଲପଦରରେ ମାସିକ ବୈଠକ ହୋଇଥିଲା। ସିଆରସିସି ଡୋଲାମଣି କୁମ୍ଭାର, ସୁଧାଂଶୁ ଶେଖର ଜାଲ, ନବୀନ କୁମାର ସାହୁ, ପ୍ରଭାତ ରଞ୍ଜନ ସାହୁ, ତ୍ରିନାଥ ସେଠ, ଶରତ ପ୍ରଧାନ, ପ୍ରକାଶ ମହାନନ୍ଦ, ହେମନ୍ତ ଆରୁକଙ୍କ ଅଧ୍ୟକ୍ଷତାରେ ଅନ୍ୟ କ୍ଲଷ୍ଟରରେ ଅନୁରୂପ ବୈଠକ ହୋଇଥିଲା।

# ଗନ୍ଧମାର୍ଦ୍ଦନ ସୁରକ୍ଷା ପାଇଁ ସଂକଳ୍ପ

ପାଇକମାଲ,୧୯।୮(ବଡ ଶତପଥୀ)



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ତୀର୍ଥକ୍ଷେତ୍ର ବରଗଡ଼ ଜିଲା ପାଇକମାଳର ନୃସିଂହନାଥ ପୀଠରେ ଶନିବାର ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ୩୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଥିରେ ନୂଆପଡା, ବଲାଙ୍ଗୀର, କଳାହାଣ୍ଡି, ସୁନ୍ଦରଗଡ, ସମ୍ବଲପୁର, ଛତିଶଗଡ ଅଞ୍ଚଳର ଶତାଧିକ କାର୍ଯ୍ୟକର୍ତ୍ତା ଗନ୍ଧମାର୍ଦ୍ଦନ ପର୍ବତର ସୁରକ୍ଷା ପାଇଁ ସଂକଳ୍ପ ନେଇଥିଲେ।

ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ଆବାହକ ଦୁର୍ଯ୍ୟୋଧନ ପୁଟାଙ୍କ ନେତୃତ୍ୱରେ ନୃସିଂହନାଥ ମନ୍ଦିରରୁ ଆଦିବାସୀମାନେ ପାରମ୍ପରିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ଏକ ଶୋଭାଯାତ୍ରାରେ ଆସି ଗାନ୍ଧୀସ୍ମୃତି ପୀଠରେ ପହଞ୍ଚି ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଶୋଭାଯାତ୍ରା ଭାଗବତତତ୍ତ୍ୱ ଯୋଗାଶ୍ରମରେ ପହଞ୍ଚିଥିଲା। ସେଠାରେ ଆୟୋଜିତ ସଭାକୁ ରାହାସ ବିହାର ସାହୁଙ୍କ ତତ୍ତ୍ୱାବଧାନରେ ଧୀରେନ ମହାନ୍ତି ସଭା ପରିଚାଳନା କରିଥିଲେ। ପ୍ରାରମ୍ଭରେ ପରିଷଦର ପ୍ରତିଷ୍ଠାତା ସଦସ୍ୟ ଗଙ୍ଗାଧର ସାହୁ ଗୀତ ଗାଇ ସ୍ୱାଗତ କରିଥିଲେ। ଗନ୍ଧମାର୍ଦ୍ଦନ ସୁରକ୍ଷା ଆନ୍ଦୋଳନର ପ୍ରମୁଖ ନେତା ତଥା ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ଆନ୍ଦୋଳନର ଇତିହାସ ଉପରେ ବକ୍ତବ୍ୟ ଦେଇଥିଲେ। ବୋଡାସମ୍ବର ଜମିଦାର ସୁରେନ୍ଦ୍ର ପ୍ରତାପ ସିଂହ ବରିହା, ସରପଞ୍ଚ ଦିଲୀପ ବେହେରା, ରଘୁବୀର ସିଂହ ବରିହା, ଧବଳେଶ୍ୱର ବରିହା, ଝସକେତନ ସାହୁ, ତୋଫାନ ଠାକୁର, ପୁରନ୍ଦର ସାହୁ, ଯୋଗେନ୍ଦ୍ର ଭୋଇ, ମଙ୍ଗନ ବରିହା, ଗୋବିନ୍ଦ ବନଛୋର, ଜମ୍ଭୋବତୀ ବିଁଜିରା, ପ୍ରତିମା ବଗାର, ଦୁଃଶାସନ କୁମ୍ଭାର, ଲଳିତ ଜଗତ, ଗୋପାଳ ରଣା, ଭିକ ସାହୁ, ବାଜିବନ ନାୟକ, ଡୁଲାମଣି ପାଣ୍ଡେ, ସଫେଇ ସାହୁ ପ୍ରମୁଖ ଯୋଗଦେଇ ନିଜସ୍ୱ ମତ ଦେଇଥିଲେ। ପିପଲଖୁଣ୍ଟା ଗ୍ରାମରେ ସ୍ଥାପିତ ଗନ୍ଧମାର୍ଦ୍ଦନ ସୁରକ୍ଷା ସ୍ମୃତି ସ୍ତମ୍ଭକୁ ଆଗାମୀ ମାସରେ ଉନ୍ମୋଚନ କରିବା ପାଇଁ ପ୍ରସ୍ତାବ ପାରିତ ହୋଇଥିଲା।

## ବଜାର ଗୃହ ନିର୍ମାଣ ନିମ୍ନମାନର ଅଭିଯୋଗ

ଭେଡ଼େନ,୧୯।୮(ସୁଦନ ମହାକୁର)



ବରଗଡ଼ ଜିଲା ଅତାବିରା ନିୟନ୍ତ୍ରିତ ବଜାର କମିଟି ଅଧୀନ ଭେଡ଼େନ ବ୍ଲକ ମହୁଲପାଲି ଓ ପପଙ୍ଗା ବଜାର ପ୍ରାଙ୍ଗଣରେ ନିର୍ମାଣାଧୀନ ବଜାର ଗୃହ ନିର୍ମାଣ ନିମ୍ନମାନର ଅଭିଯୋଗ ହୋଇଛି। ଗତ ମାର୍ଚ୍ଚ ମାସରୁ ମହୁଲପାଲି ବଜାର ପ୍ରାଙ୍ଗଣ ଧାନ ସଂଗ୍ରହ କେନ୍ଦ୍ରରେ ବିଭିନ୍ନ ନିର୍ମାଣ କାମ ଚାଲିଛି। ଏଥିପାଇଁ ୮୦ ଲକ୍ଷ ୯୧ ହଜାର ୮୯୭ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ମାତ୍ର ଦାୟିତ୍ୱରେ ଥିବା ବିଭାଗୀୟ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ଫାଇଦା ଉଠାଇ ଠିକାଦାର ଥୁକ୍‌ପାଲିସ କାମ କରୁଥିବା ସ୍ଥାନୀୟ ଅଞ୍ଚଳର ଯାଦବ ସେଠ, ହରିହର ଦନ୍ତା, ହେମସାଗର କର୍ମୀ, ନୀଳମଣି ବେଲ ଏବଂ ମାଧବ ଦାସ ପ୍ରମୁଖ ଅଭିଯୋଗ କରିଛନ୍ତି। ଗୃହ ନିର୍ମାଣରେ ବ୍ୟବହୃତ ଇଟା, ସିମେଣ୍ଟ, ଲୁହାଛଡ଼ ମଧ ନିମ୍ନମାନର ବ୍ୟବହାର କରାଯାଉଛି। ମହୁଲପାଲିରେ ଘର ଛାତ କଂକ୍ରିଟ ସମୟରେ ଯନ୍ତ୍ରୀ ଅନୁପସ୍ଥିତ ରହୁଥିବାରୁ ନିର୍ମାଣ ସାମଗ୍ରୀ ମିଶ୍ରଣରେ ଚଞ୍ଚକତା କରାଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ଫଳରେ ଏହି ବଜାର ଗୃହର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି ଏହି କାମର ସୂଚନାଫଳକ ସ୍ୱତନ୍ତ୍ର ଭାବେ ନିର୍ମାଣ ନ କରି କାନ୍ଥବାଡ଼ରେ ଲେଖାଯାଇଛି। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ମାନସ କୁମାର ସାମଲଙ୍କୁ ପଚାରିବାରୁ ସେ କହିଲେ, ସବୁଆଡ଼େ ନିର୍ମାଣ କାମର ତଦାରଖ କରୁଛି। ଛାତ କଂକ୍ରିଟ ସମୟରେ ମୁ ପହଞ୍ଚି ନ ପାରିଲେ ଅନ୍ୟ କର୍ମଚାରୀଙ୍କୁ ସେଠାକୁ ପଠାଉଛି। ତେବେ ସବୁଆଡ଼େ ଠିକ୍‌ଠାକ୍ କାମ ଚାଲିଛି ବୋଲି ସାମଲ କହିଥିଲେ।

## ରାଷ୍ଟ୍ର ନିର୍ମାଣରେ ଯୁବଶକ୍ତିର ଆବଶ୍ୟକତା ରହିଛି




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ବରପାଲି,୧୯।୮(ଚିତ୍ତରଞ୍ଜନ ସାହୁ)

### କଟାପାଲି କଲେଜରେ ଯୁବ ସମ୍ବାଦ କାର୍ଯ୍ୟକ୍ରମ

ବରଗଡ ଜିଲା ବରପାଲି ବ୍ଲକ କଟାପାଲି ଯୁକ୍ତ ୩ ମହାବିଦ୍ୟାଳୟରେ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଯୁବ ସମ୍ବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରଗଡ଼ ଜିଲା ପରିଷଦ ଅଧକ୍ଷା ମାନିନୀ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ମହାବିଦ୍ୟାଳୟର ପ୍ରିନ୍ସପାଲ ବୁଦ୍ଧଦେବ ଭୋଇ, ଦେବାଶିଷ ପ୍ରଧାନ, ଗୌରୀଶଙ୍କର ସାହୁ ସମ୍ମାନିତ ଅତିଥି ଏବଂ ଡ. ସୁଜିତ କୁମାର ପୃଷେଟ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଭାରତ ରାଷ୍ଟ୍ର ନିର୍ମାଣରେ ଯୁବଶକ୍ତିର ଆବଶ୍ୟକତା ରହିଛି। ଏମାନେ ରାଷ୍ଟ୍ରର ମେରୁଦଣ୍ଡ। ଯୁବଶକ୍ତି ର ଅବକ୍ଷୟ ହେଲେ ରାଷ୍ଟ୍ର ଦୁର୍ବଳ ହୁଏ। ତେଣୁ ଯୁବଶକ୍ତି ଉଚିତ ମାର୍ଗରେ ଯାଇ ରାଷ୍ଟ୍ର ନିର୍ମାଣରେ ଭାଗୀଦାର ହେବା ଉଚିତ ବୋଲି ଅତିଥିମାନେ କହିଥିଲେ। ରାମକୃଷ୍ଣ ଯୁବକ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ଯୁବ ଅଧିକାରୀ ରୋଶନ ଟଣ୍ଡନ ସଭାପତିତ୍ୱ କରିଥିଲେ। ଅଧାପକ ବିଭୁଦତ୍ତ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା ଏବଂ ତ୍ରିଲୋଚନ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ଥାନୀୟ ମହାବିଦ୍ୟାଳୟର ପ୍ରାୟ ୨୫୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଅନିଲ ସାହୁ, ତୁଳସୀରାମ ବରିହା, ବିଶ୍ୱନାଥ ବାରିକ ଏବଂ କ୍ଷୀରସିନ୍ଧୁ ଭୋଇ ସହଯୋଗ କରିଥିଲେ। ଓଡ଼ିଆ ଅଧାପକ ବିଜୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ନିର୍ମାଣାଧୀନ ଶୀତଳ ଭଣ୍ଡାର ପରିଦର୍ଶନ

■ ଜିଲାପାଳ ପରିଦର୍ଶନ କଲେ
■ ମଙ୍ଗଳବାର ହେବ ଉଦ୍‌ଘାଟନ

ବରଗଡ଼,୧୯।୮(ପ୍ରେମାନନ୍ଦ ଖମାରୀ)



ଜିଲାପାଳ ନିର୍ମାଣାଧୀନ ଶୀତଳ ଭଣ୍ଡାର ପରିଦର୍ଶନ କରୁଛନ୍ତି ।

ବରଗଡ଼ ନିୟନ୍ତ୍ରିତ ବଜାର କମିଟି ଅଧୀନ ବେହେରା ବଜାର ପ୍ରାଙ୍ଗଣରେ ୧୦ ମେଟ୍ରିକ ଟନ କ୍ଷମତା ସମ୍ପନ୍ନ ସୌରଚାଳିତ ଶୀତଳ ଭଣ୍ଡାର ନିର୍ମାଣ କାମ ଚାଲିଛି । କୋଏଲ ଫ୍ରେସ ଲିମିଟେଡ୍ ଦ୍ୱାରା ନିର୍ମାଣାଧୀନ ଏହି ଶୀତଳ ଭଣ୍ଡାରକୁ ଶୁକ୍ରବାର ଜିଲାପାଳ ମୋନିଷା ବାନାର୍ଜୀ ପରିଦର୍ଶନରେ ଯାଇଥିଲେ। ସ୍ଥାନୀୟ ଚାଷୀଙ୍କ ଦ୍ୱାରା ପ୍ରଚୁର ପରିମାଣରେ ଉତ୍ପାଦିତ ବିଭିନ୍ନ ପ୍ରକାର କୃଷିଜାତ ଦ୍ରବ୍ୟର ଅଭାବୀ ବିକ୍ରିକୁ ଦୂର କରିବା ଏବଂ ଉଚିତ ମୂଲ୍ୟରେ ବିକ୍ରୟ ସକାଶେ ପ୍ରତିଷ୍ଠା କରାଯାଉଥିବା ଏହି ଶୀତଳ ଭଣ୍ଡାରର ସଦ୍ ବିନିଯୋଗ କରି ଲାଭବାନ ହେବାକୁ ଜିଲାପାଳ ବାନାର୍ଜୀ ଚାଷୀଙ୍କୁ କହିଥିଲେ। ବଜାର ପରିସରରେ ଅନ୍ୟାନ୍ୟ ମୌଳିକ ଆନୁଷଙ୍ଗିକ ଭିତ୍ତିଭୂମି ସୃଷ୍ଟି କରିବା ସହିତ ପରିବେଶକୁ ସ୍ୱଚ୍ଛ, ସୁନ୍ଦର କରିବା ପାଇଁ ସମ୍ପାଦକ ଏବଂ ୟାର୍ଡ ଇନଚାର୍ଜଙ୍କୁ ସେ ପରାମର୍ଶ ଦେଇଥିଲେ। ଆସନ୍ତା ମଙ୍ଗଳବାର ଉକ୍ତ ଶୀତଳ ଭଣ୍ଡାର ଉଦ୍‌ଘାଟିତ ହେବ ବୋଲି ସୂଚନା ଦିଆଯାଇଛି । ପରେ ବରପାଲି ବଜାର ପ୍ରାଙ୍ଗଣକୁ ମଧ୍ୟ ଜିଲାପାଳ ପରିଦର୍ଶନରେ ଯାଇ ସେଠାରେ ଉପଲବ୍ଧ ସମସ୍ତ ଭିତ୍ତିଭୂମି, ବ୍ୟବସ୍ଥା ନିରୀକ୍ଷଣ କରିଥିଲେ। ବରପାଲି ବଜାର ପ୍ରାଙ୍ଗଣକୁ ଅନଧିକୃତ, ଅସାମାଜିକ ଲୋକ ବିଭିନ୍ନ ସମୟରେ ପ୍ରବେଶ କରୁଥିବା ବିଷୟ ଜିଲାପାଳଙ୍କ ଦୃଷ୍ଟିକୁ ଆସିଥିଲା। ଏ ନେଇ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପରାମର୍ଶ ଦେବା ସହିତ ବଜାର ପରିସରକୁ ଅଧିକ ସ୍ୱଚ୍ଛ ରଖିବା ପାଇଁ ଜିଲାପାଳ ୟାର୍ଡ ଇନଚାର୍ଜଙ୍କୁ ତାଗିଦ୍ କରିଥିଲେ ।

## ଶହୀଦ ପରିବାରଙ୍କୁ ୧କୋଟି ସମ୍ମାନ ରାଶି ମିଳୁ

ଆମ୍ ଆଦ୍‌ମୀ ପାର୍ଟିର ଦାବି

ବରଗଡ଼, ୧୮।୮ (ପ୍ରେମାନନ୍ଦ ଖମାରୀ)

ବରଗଡ ଜିଲା ଭେଡେନ ବ୍ଲକ ସୁନା ଲରମ୍ଭା ବାଘପାଲି ଗ୍ରାମର ଯବାନ ନୀଳାଚଳ ପଟେଲ ଶହୀଦ ହେବା ଘଟଣା ସାରା ଜିଲାବାସୀଙ୍କୁ ଶୋକାଭିଭୂତ କରିଛି। ୨୦୦୦ରେ ସେ ଆସାମ ରାଇଫଲରେ ଯୋଗଦାନ କରିଥିଲେ। କାର୍ଯ୍ୟରତ ଥିବାବେଳେ ସେ ଗତ ସପ୍ତାହରେ ଶହୀଦ ହୋଇଥିଲେ । ଦେଶ ମାତୃକା ପାଇଁ ନିଜର ଜୀବନ ହରାଇଥିବା ଏହି ଶହୀଦ ଯବାନଙ୍କ ପରିବାରକୁ ୧କୋଟି ସମ୍ମାନ ରାଶି ପ୍ରଦାନ ଓ ପରିବାର ସଦସ୍ୟଙ୍କୁ ସରକାରୀ ଚାକିରି ଦେବାକୁ ଆମ୍ ଆଦ୍‌ମୀ ପାର୍ଟି ଦାବି କରିଛି। ଏହି କ୍ରମରେ ଶୁକ୍ରବାର ଆମ ଆଦମୀ ପାର୍ଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଦାବିପତ୍ର ଦେଇଛି। ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ଏହି ଦାବିପତ୍ର ଗ୍ରହଣ କରିଥିଲେ। ଦିଲ୍ଲୀ ସରକାର ପ୍ରତ୍ୟେକ ଶହୀଦ ଯବାନଙ୍କ ପରିବାରକୁ ୧କୋଟି ଟଙ୍କା ସମ୍ମାନ ରାଶି ୨୦୧୫ ମସିହାରୁ ଦେଇଆସୁଛି ଓ ପଞ୍ଜାବରେ ଆପ୍ ସରକାର ମଧ ଶହୀଦ ପରିବାରଙ୍କୁ ୧ କୋଟି ଟଙ୍କା ସମ୍ମାନ ରାଶି ଦେଇଆସୁଛି । ତେଣୁ ଓଡିଶା ସରକାର ମଧ ଶହୀଦ ପରିବାରକୁ ୧ କୋଟି ଟଙ୍କା ସମ୍ମାନ ରାଶି ପ୍ରଦାନ କରନ୍ତୁ ବୋଲି ଆପ୍ କାର୍ଯ୍ୟକର୍ତ୍ତାମାନେ ଦାବି କରିଛନ୍ତି। ଜିଲା ଆବାହକ ଭବାନୀ ସାହୁଙ୍କ ସମେତ ବରିଷ୍ଠ ସଦସ୍ୟ ଅମିତା ପାତ୍ର, ସ୍ୱରୂପ ଭୋଇ, ମରିୟମ ବାର୍ଲା ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

## ବିଶ୍ୱ ଫଟୋଗ୍ରାଫି ଦିବସ ପାଳନ



କାର୍ଯ୍ୟକ୍ରମରେ ଉପସ୍ଥିତ ଫଟୋଗ୍ରାଫର।

ବରପାଲି,୧୯।୮(ଚିତ୍ତରଞ୍ଜନ ସାହୁ)

ବରପାଲି ଫଟୋଗ୍ରାଫର ସଂଘ ପକ୍ଷରୁ ଶନିବାର ବିଶ୍ୱ ଫଟୋଗ୍ରାଫି ଦିବସ ପାଳନ କରାଯାଇଛି। ଏହି ଅବସରରେ ବରପାଲି ରାମେଶ୍ୱର ଶିବ ମନ୍ଦିର ପରିସରରେ ସଂଘ ସଭାପତି ସଚିନ ସାହୁଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଭିନ୍ନ ସାଙ୍ଗଠନିକ ଆଲୋଚନା ସହ ସଂଘକୁ ମଜବୁତ କରିବା ପାଇଁ ଆଲୋଚନା କରାଯାଇଥିଲା। ବୈଠକରେ ସଭାପତିଙ୍କ ସମେତ ଉପସଭାପତି ମହେଶ ଦର୍ଜି, ସମ୍ପାଦକ ପ୍ରକାଶ ସାହୁ, ସହସମ୍ପାଦକ ବିଜନ ମେହେର, କୋଷାଧକ୍ଷ ରାହାସ ପାତ୍ରଙ୍କ ସମେତ ବରପାଲି ବ୍ଲକର ସମସ୍ତ ଫଟୋଗ୍ରାଫର ଯୋଗ ଦେଇଥିଲେ। ଏହାପରେ ମନ୍ଦିରରେ ଜଳଶାୟୀ ହୋଇଥିଲା।

## ୯ ସ୍ଥାନରେ ହେବ ଆମ ବସଷ୍ଟାଣ୍ଡ

ବରଗଡ଼,୧୯।୮(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାର ୯ଟି ସ୍ଥାନରେ ରାଜ୍ୟ ସରକାରଙ୍କ ଆମ ବସଷ୍ଟାଣ୍ଡ ଯୋଜନାରେ ନୂତନ ବସଷ୍ଟାଣ୍ଡ ନିର୍ମାଣ ହେବ। ଜିଲାର ବରପାଲି, ଭଟଲି, ଭେଡ଼େନ, ପାଇକମାଳ, ଝାରବନ୍ଧ, ଅମ୍ବାଭୋନା, ଅତାବିରା, ବିଜେପୁର ଏବଂ ସୋହେଲା ଏହି ବସଷ୍ଟାଣ୍ଡ ନିର୍ମାଣ କରାଯିବ। ଏଥିପାଇଁ ଆସନ୍ତା ୨୩ତାରିଖରେ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲରେ ବସଷ୍ଟାଣ୍ଡର ଭିତ୍ତିପ୍ରସ୍ତର ସ୍ଥାପନ କରିବେ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ପାଠ ବୋଝ ହାଲୁକା କରେ ଲୋକକଳା



କାର୍ଯ୍ୟକ୍ରମରେ ଜଣେ ଛାତ୍ରୀ ବକ୍ତବ୍ୟ ରଖୁଛନ୍ତି ।

ବରଗଡ଼,୧୯।୮(ପ୍ରେମାନନ୍ଦ ଖମାରୀ)

ଲୋକନୃତ୍ୟ, ସଙ୍ଗୀତ ଆଦି ଲୋକକଳା ଛାତ୍ରୀଛାତ୍ରଙ୍କ ପାଠର ବୋଝକୁ ହାଲୁକା କରିବା ସହିତ ନିରନ୍ତର ପାଠପଢ଼ା ପ୍ରତି ଆଗ୍ରହ ସୃଷ୍ଟି କରେ। ଶନିବାର ବରଗଡ଼ ରାଣାପ୍ରତାପ ସ୍କୁଲ ଭାରତୀ ଶିଶୁ ସାହିତ୍ୟ ସଂସଦର ସାପ୍ତାହିକ ଆଲୋଚନାଚକ୍ରରେ ଅତିଥିମାନେ ଏହା ମତବ୍ୟକ୍ତ କରିଛନ୍ତି। ସାହିତ୍ୟ ସଂସଦର ସମ୍ପାଦିକା ଛାତ୍ରୀ ଅଶ୍ଳେଷା ମହାନନ୍ଦଙ୍କ ସଂଯୋଜନାରେ ଅନୁଷ୍ଠିତ 'ଲୋକନୃତ୍ୟ ଓ ଶିଶୁ କଳାକାର' ଶୀର୍ଷକ ଆଲୋଚନାଚକ୍ରରେ ନୃତ୍ୟ ବିଶାରଦ ସମୀର ମେହେର ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ବ୍ୟସ୍ତବହୁଳ ସ୍କୁଲ ପାଠପଢ଼ା ମଧ୍ୟରେ ଲୋକ ସଙ୍ଗୀତ, ନୃତ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋଚନା କରି ଆଜିର ଶିଶୁ କଳାକାର ଆଗାମୀ ଦିନର ଭବିଷ୍ୟତ ବୋଲି ସେ ଉଲ୍ଲେଖ କରିଥିଲେ। ନୃତ୍ୟଗୁରୁ ଶଙ୍କର ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଲୋକକଳାରେ ଶିଶୁ କଳାକାରଙ୍କ ଭୂମିକା ଉପରେ ଉଲ୍ଲେଖ କରିଥିଲେ। ଏହାସହିତ ସେ ନିଜେ ମଞ୍ଚରେ ଲୋକନୃତ୍ୟ ପରିବେଷଣ କରିବା ସହିତ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରୀ ଡିଲେଶ୍ୱରୀ ସୁନା, ବୈଷ୍ଣବୀ ପ୍ରଧାନ ଲୋକନୃତ୍ୟ ପରିବେଷଣ କରିଥିଲେ। ଛାତ୍ର ଦେବାନନ୍ଦ ସର୍ଭାଙ୍ଗ, ଶାଳିନୀ ସା, ରାଜା ଭୋଇ ପ୍ରମୁଖ ମଞ୍ଚାସୀନ ଥିବାବେଳେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ଶିଶୁ ସାହିତ୍ୟ ସଂସଦର ଅଧ୍ୟକ୍ଷା ରେଣୁକା ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ସାଧାରଣ ଜ୍ଞାନ ପ୍ରତିଯୋଗିତା, ପୁରସ୍କାର ବଣ୍ଟନ

ବରଗଡ଼,୧୯।୮(ପ୍ରେମାନନ୍ଦ ଖମାରୀ)



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ବରଗଡ଼ର ସାମାଜିକ ଅନୁଷ୍ଠାନ ପକ୍ଷରୁ ସ୍ଥାନୀୟ କୋଶଳ ଡିଫେନ୍ସ ଏକାଡ଼େମୀ ଏବଂ ଜାମପାଲିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସାଧାରଣ ଜ୍ଞାନ ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି। ଶନିବାର କୋଶଳ ଡିଫେନ୍ସ ଏକାଡ଼େମୀ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚକ୍ଷୁ ବିଶେଷଜ୍ଞ ଡା. ସୁବଳ କର ମୁଖ୍ୟ ଅତିଥି, ଓଡ଼ିଶା ଅଭିଭାବକ ମହାସଂଘ ସଭାପତି ବିମଳ ଦାଶ ସମ୍ମାନିତ ଅତିଥି, ଖବରଦାତା ବିକି ମଟାରୀ ଏବଂ କୋଶଳ ଡିଫେନ୍ସ ଏକାଡ଼େମୀର ଅଧ୍ୟକ୍ଷା ମାମୀ ମିଶ୍ର ବକ୍ତା ଭାବେ ଯୋଗଦାନ କରିଥିଲେ। ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜନକଲ୍ୟାଣ ସେବା ଟ୍ରଷ୍ଟ ସଭାପତି ମୁକୁନ୍ଦ ଦାଶ, ସମ୍ବଲପୁର ଜିଲା ମୁଖ୍ୟ ବିରେନ୍ଦ୍ର ପ୍ରତାପ ସାହୁ, ମୁଖ୍ୟ ଉପଦେଷ୍ଟା ପରେଶ କୁମାର ମେହେର, ଉପଦେଷ୍ଟା ଶିବାନନ୍ଦ ମଟାରୀ, ସଦସ୍ୟ ଲଳିତ ମୋହନ ମେହେର, ସାରଥୀ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଜାମପାଲିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରଗଡ଼ ମଡର୍ନ ପବ୍ଲିକ ସ୍କୁଲର ଚେୟାରମ୍ୟାନ ପାଣ୍ଡବ କର୍ଣ୍ଣ, ଅଭିନେତା ଭୁବନେଶ୍ୱର ପ୍ରଧାନ, ସନ୍ତୋଷ କୁମାର ଦାଶ ପ୍ରମୁଖ ଉପସ୍ଥିତ ରହି ସାଧାରଣ ଜ୍ଞାନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଜନ କଲ୍ୟାଣ ସେବା ଟ୍ରଷ୍ଟର ସଭାପତି ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିକାଶ ନର୍ସିଂ କଲେଜରେ ଶପଥ ସମାରୋହ

ବରଗଡ଼,୧୯।୮(ପ୍ରେମାନନ୍ଦ ଖମାରୀ)




ଅତିଥିଙ୍କ ଗହଣରେ ବିକାଶ ନର୍ସିଂ କଲେଜର ଛାତ୍ରୀଛାତ୍ର ।

ବରଗଡ଼ ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚ୍ୟୁଶନ୍ସ ଅନ୍ତର୍ଗତ ବିକାଶ ନର୍ସିଂ କଲେଜ ଦ୍ୱାରା ପ୍ରଦୀପ ଆଲୋକୀକରଣ ସହିତ ଶପଥ ସମାରୋହ ଅନୁଷ୍ଠିତ ହୋଇଛି। ବିକାଶ ଅଡ଼ିଟୋରିୟମରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡି. ନାଗେଶ୍ୱର ରାଓ, ବିକାଶ ମଲ୍ଟି ସ୍ପେଶାଲିଟି ହସ୍ପିଟାଲର ନିର୍ଦ୍ଦେଶକ ଡା. ହିମାଂଶୁ ଶେଖର ମିଶ୍ର, ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚ୍ୟୁଶନ୍ସର ସମସ୍ତ ଅଧ୍ୟକ୍ଷ, ଅଧ୍ୟକ୍ଷା, ଉପାଧ୍ୟକ୍ଷା, ଉପାଧ୍ୟକ୍ଷ, ବିକାଶ ମଲ୍ଟି ସ୍ପେଶାଲିଟି ହସ୍ପିଟାଲର ଏଚ୍ଆର୍ ମ୍ୟାନେଜର, ନର୍ସିଂ ଅଧୀକ୍ଷିକା, ଗୁଣବତ୍ତା ସଂଯୋଜିକା ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ନର୍ସିଂ କଲେଜର ଅଧ୍ୟକ୍ଷା ପ୍ରଫେସର ୱାଇ.ଡି ଷ୍ଟେଲା ସ୍ୱାଗତ ଭାଷଣ ଦେଇଥିଲେ। ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲୀକ୍ରୀଷ୍ଣା, ପରିଚାଳନା ନିର୍ଦ୍ଦେଶକ ଜି. ଭାସ୍କର ରାଓ, ନିର୍ଦ୍ଦେଶକ ଡ. ସମରେନ୍ଦ୍ର ନାଥ ପଣ୍ଡା ପ୍ରମୁଖ ଭିଡ଼ିଓ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ବାର୍ତ୍ତା ଦେଇଥିଲେ। ଏହି ଅବସରରେ ବିଶ୍ୱ ସ୍ତନ୍ୟପାନ ଦିବସରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ନର୍ସିଂ କଲେଜର ଅଧ୍ୟକ୍ଷା, ଉପାଧ୍ୟକ୍ଷା, ଅଧ୍ୟାପିକା, ଅଧ୍ୟାପକଙ୍କ ଛାତ୍ରୀଛାତ୍ର ଶପଥ ଗ୍ରହଣ କରିଥିଲେ । ଉପାଧ୍ୟକ୍ଷା ଦୀପାଞ୍ଜଳି ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଜି କ'ଣ କେଉଁଠି

ରାଉରକେଲା

- ନାଟ୍ୟ ପଠନ କାର୍ଯ୍ୟକ୍ରମ, ଆଦର୍ଶ ସାହିତ୍ୟଘର, ଭଞ୍ଜ ଭବନ, ଅପରାହ୍ନ ୫ଟା ୪୫ ମିନିଟ୍।
- ୧୧ଦଫା ଦାବିରେ ବିଶାଳ ସମାବେଶ, ଭଞ୍ଜ ଭବନ, ସକାଳ ୧୦ଟା।

## ସଂକ୍ଷେପରେ

### ଅସୁସ୍ଥତା ଯୋଗୁ ଆତ୍ମହତ୍ୟା

ରାଉରକେଲା,୧୯।୮(ସଙ୍ଗୀତା ଜେନା)

ଟାଙ୍ଗରପାଲି ଥାନା ଅନ୍ତର୍ଗତ ଫର୍ଟିଲାଇଜର ଅଞ୍ଚଳରେ ଜଣେ ବ୍ୟକ୍ତି ଅସୁସ୍ଥତା ଯୋଗୁ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ମୃତକ ହେଲେ ଫର୍ଟିଲାଇଜର ସି/୬୧ରେ ରହୁଥିବା ଭଗବାନ ଗୌଡ଼(୬୧)। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଛି। ଏ ନେଇ ପୋଲିସ ଅପମୃତ୍ୟୁ ମାମଲା (ନଂ.୧୩/୨୩) ରୁଜୁ କରି ତଦନ୍ତ କରୁଛି। ସୂଚନା ଅନୁଯାୟୀ, ଭଗବାନ ଦୀର୍ଘଦିନରୁ ଗୋଡ଼ ଦେହ ବିନ୍ଧାରେ ପୀଡ଼ିତ ଥିଲେ। ଏଥିରେ ଅତିଷ୍ଠ ହୋଇ ସେ ଶୁକ୍ରବାର ରାତିରେ ଆଜବେଷ୍ଟସ ରଡ୍‌ରେ ଏକ ପ୍ଲାଷ୍ଟିକ ରଶି ବାନ୍ଧି ଆତ୍ମହତ୍ୟା କରିଥିଲେ।

### ଶିକ୍ଷାବିତ୍‌ଙ୍କ ପରଲୋକରେ ଶୋକ

ରାଉରକେଲା,୧୯।୮(ସଙ୍ଗୀତା ଜେନା)



ରାଉରକେଲାର ଶିକ୍ଷାବିତ୍ ପ୍ରଫେସର ଡ. ଜେ. କେ. ରାଓଙ୍କ ଶୁକ୍ରବାର ରାତି ୧୧ଟା ୫୫ରେ ବାସନ୍ତୀ କଲୋନୀସ୍ଥିତ ବାସଭବନରେ ପରଲୋକ ହୋଇଛି। ସେ ଦୀର୍ଘଦିନ ହେଲା କର୍କଟ ରୋଗରେ ପୀଡ଼ିତ ଥିଲେ। ତାଙ୍କ ଅକାଳ ବିୟୋଗରେ ବିଭିନ୍ନ ମହଲରେ ଶୋକବ୍ୟକ୍ତ କରାଯାଇଛି। ଦିବଂଗତ ରାଓ ମ୍ୟୁନିସିପାଲ କଲେଜରେ ଅଧ୍ୟାପନା କରିଥିଲେ। ତାଙ୍କ ମରଶରୀରକୁ ଶନିବାର ମ୍ୟୁନିସିପାଲ କଲେଜ, ବାସନ୍ତୀ ପାଠାଗାର, କନ୍ୟକା ମଣ୍ଡପକୁ ନିଆଯାଇଥିଲା। ସେଠାରେ ତାଙ୍କୁ ଶେଷଦର୍ଶନ ଓ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। କଲେଜର ପ୍ରାକ୍ତନ ଛାତ୍ର ସଂଘ କର୍ମକର୍ତ୍ତା, ବୁଦ୍ଧିଜୀବୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଚାମ୍ବର ଅଫ୍ କମର୍ସର ସଭାପତି ସୁନୀଲ କୟାଲ, ଅମରେଶ ପଟ୍ଟନାୟକ, ଧୀରେନ ସେନାପତି, ବି. ରବି କିଷନ, ଚନ୍ଦ୍ରଶେଖର ରାଓ, ରାଜେଶ ପାତ୍ର, ସରୋଜ ପାତ୍ରଙ୍କ ସମେତ ବହୁ ସଂଖ୍ୟାରେ ଜନସାଧାରଣ ତାଙ୍କର ଶେଷ ଦର୍ଶନ କରିଥିଲେ।

### ଅନ୍ତେବାସୀଙ୍କ ମୃତ୍ୟୁ, ଆସିନାହାନ୍ତି ପରିବାରବର୍ଗ

ରାଉରକେଲା,୧୯।୮(ସଙ୍ଗୀତା ଜେନା)

ସେକ୍ଟର-୮ ଆର୍‌ଏମ୍‌ସି ପରିଚାଳିତ 'ଆଶାର ଆଲୋକ' ସେଲଟର ହୋମରେ ଜଣେ ଅନ୍ତେବାସୀ ମୃତ୍ୟୁବରଣ କରିଥିବା ସୂଚନା ମିଳିଛି। ମୃତକ ହେଲେ ଟିମ୍ବର କଲୋନୀ ଅଞ୍ଚଳର ନର୍ମଦା ସୋଲାଙ୍କି(୭୦)। ମୃତଦେହକୁ ଆର୍‌ଜିଏଚ୍ ମର୍ଗ ହାଉସରେ ରଖାଯାଇଛି। ଖବର ଲେଖା ହେବା ପର୍ଯ୍ୟନ୍ତ କୌଣସି ମାମଲା ରୁଜୁ ହୋଇ ନ ଥିବା ବେଳେ ତାଙ୍କ ପରିବାରବର୍ଗ ଆସି ନ ଥିଲେ। ସୂଚନାଯୋଗ୍ୟ, ନର୍ମଦା ଗତ ୪ ତାରିଖରେ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଆରଜିଏଚ୍‌ରେ ଭର୍ତ୍ତି କରାଯାଇଥିଲା। ଶୁକ୍ରବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା।

### ୪ ଲୁଟ୍ ଅଭିଯୁକ୍ତ ଗିରଫ

ରାଉରକେଲା,୧୯।୮(ସଙ୍ଗୀତା ଜେନା)

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଟିସିଆଇ ଛକରୁ ହୋଇଥିବା ଏକ ଛିନତାଇ ମାମଲାରେ ପୋଲିସ ଜଣେ ନାବାଳକଙ୍କ ସମେତ ୪ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ରମେଶ ରାୟ, ନବିନ ପଣ୍ଡିତ, ନରେଶ ଜୈସୱାଲ ଏବଂ ଜଣେ ନାବାଳକ। ସେମାନଙ୍କଠାରୁ ଚୋରି ସାମଗ୍ରୀ ଜବତ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୫୬/୨୩) ରୁଜୁ କରିଛି। ସୂଚନାଯୋଗ୍ୟ, ଗତ ୧୪ ତାରିଖ ରାତି ୧୧ଟା ସମୟରେ ଅଭିଯୁକ୍ତମାନେ ସୁନାକର ମଲ ନାମକ ବ୍ୟକ୍ତିଙ୍କୁ ମାଡ଼ ମାରି ତାଙ୍କଠାରୁ ମୋବାଇଲ, ସ୍କୁଟି ଓ ନଗଦ ଟଙ୍କା ଲୁଟ୍ କରି ଫେରାର ହୋଇଯାଇଥିଲେ। ଏ ନେଇ ସୁନାକର ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ଗଙ୍ଗାଧରପାଲ୍ଲୀରୁ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ସରିନି ବିସର୍ଜନ ଘାଟ, ଗ୍ୟାଲେରି କାମ

ରାଉରକେଲା,୧୮।୮(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ବ୍ରାହ୍ମଣୀ ନଦୀକୁ ପ୍ରଦୂଷଣ ମୁକ୍ତ କରିବା ପାଇଁ ଆର୍‌ଏମ୍‌ସି ପକ୍ଷରୁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ପ୍ରତିବର୍ଷ ପାର୍ବଣ ସମୟରେ ବାଲୁଘାଟଠାରେ ମୂର୍ତ୍ତି ବିସର୍ଜନ କରାଯାଉଥିବାରୁ ନଦୀ ଜଳ ପ୍ରଦୂଷିତ ହେଉଥିଲା। ଏହାକୁ ଦୃଷ୍ଟିରେ ରଖି ଆର୍‌ଏମ୍‌ସି ପକ୍ଷରୁ ସେଠାରେ ମୂର୍ତ୍ତି ବିସର୍ଜନ ଘାଟ ଓ ଗ୍ୟାଲେରି ନିର୍ମାଣ କରାଯାଉଛି। ତେବେ ପ୍ରକଳ୍ପର ନିର୍ଦ୍ଧାରିତ ଅବଧି ଶେଷ ହୋଇଥିଲେ ମଧ୍ୟ ଏହି କାମ ସରିନାହିଁ। ଫଳରେ ଆସନ୍ତା ପାର୍ବଣ ଋତୁରେ ମୂର୍ତ୍ତି ବିସର୍ଜନ କେଉଁଠି କରାଯିବ ସେ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି।

ସୂଚନା ଅନୁସାରେ, ବ୍ରାହ୍ମଣୀ ନଦୀକୁ ପ୍ରଦୂଷଣମୁକ୍ତ କରିବା ପାଇଁ ଆର୍‌ଏମ୍‌ସି ପକ୍ଷରୁ ୨୦୨୨ ସେପ୍ଟେମ୍ବର ମାସରେ ବାଲୁଘାଟ ନିକଟରେ ମୂର୍ତ୍ତି ବିସର୍ଜନ ଘାଟ ଏବଂ ବିସର୍ଜନ ସମୟରେ ଶ୍ରଦ୍ଧାଳୁମାନଙ୍କ ବସିବା ପାଇଁ ୫୦୦ ସିଟ୍ ବିଶିଷ୍ଟ ଗ୍ୟାଲେରୀ ନିର୍ମାଣ କରିବାକୁ ସ୍ଥିର କରାଗଲା। ୨୦୨୩ ଜାନୁୟାରୀ ମାସରେ ଟେଣ୍ଡର ଆହ୍ୱାନ ହୋଇ ଠିକାଦାରଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଗଲା। କାର୍ଯ୍ୟାଦେଶ ମୁତାବକ ମୂର୍ତ୍ତି ବିସର୍ଜନ ପୋଖରୀ ସହ ଆମ୍ଫିଥିଏଟର, ସିକ୍ୟୁରିଟି ରୁମ୍, ପମ୍ପ ହାଉସ, ବିସର୍ଜନ ପାଇଁ ପୋଖରୀକୁ ପ୍ରବେଶ ପାଇଁ ଆଡଜେଷ୍ଟ ଗାଡି ଆଦି ବାବଦ ଅର୍ଥରାଶି ବ୍ୟୟବରାଦ ହେଲା। ପୋଖରୀ ଆମ୍ଫିଥିଏଟର ପ୍ରକଳ୍ପ ପାଇଁ ୮୯ଲକ୍ଷ ଟଙ୍କା ଏବଂ ଗ୍ୟାଲେରି ପାଇଁ ୮୦ଲକ୍ଷ ଟଙ୍କା ଖର୍ଚ୍ଚ କରିବାର ଥିଲା। ସମ୍ପୃକ୍ତ ଠିକାଦାରଙ୍କୁ ୬ମାସ ମଧ୍ୟରେ ଅର୍ଥାତ୍ ଗତ ଜୁନ ମାସ ସୁଦ୍ଧା ନିର୍ମାଣ କାର୍ଯ୍ୟ ସମ୍ପାଦନ କରିବାକୁ ଆରଏମସି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ଏପର୍ଯ୍ୟନ୍ତ



ବାଲୁଘାଟଠାରେ ମୂର୍ତ୍ତି ବିସର୍ଜନ ଘାଟ ନିର୍ମାଣ ଚାଲିଛି। (ଫଟୋ: ବିବେକ)

### ପାଖେଇ ଆସୁଛି ପାର୍ବଣ ଋତୁ

ବିସର୍ଜନ ପୋଖରୀ ଗାତ ଖୋଳା ଓ ଆମ୍ଫିଥିଏଟର ପାଇଁ ରଡ୍ ପୋତାରେ କାମ ଅଟକି ରହିଛି। ସମ୍ପୃକ୍ତ ଠିକାଦାର ଗୋଟିଏ ଥର ରଡ୍ ପ୍ଲେସମେଣ୍ଟରେ ତ୍ରୁଟି କରିବାରୁ ପ୍ରକଳ୍ପ ଭଙ୍ଗାଯାଇ ପୁଣି ନିର୍ମାଣ କରାଗଲା। ଆଗକୁ ପାର୍ବଣ ଋତୁ ଆସୁଛି। ରାଉରକେଲା ସହରର ଗଳିକନ୍ଦିରେ ମୂର୍ତ୍ତି ପୂଜା ପାଇବେ। ପୂଜା ପରେ ମୂର୍ତ୍ତି ବିସର୍ଜନ କରାଯିବ। ତେବେ ଏହା ପୂର୍ବରୁ ଉକ୍ତ ପ୍ରକଳ୍ପ କାମ ଶେଷ ହେବା ନେଇ ସନ୍ଦେହ ପ୍ରକାଶ ପାଇଛି। ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି। ଏ ନେଇ ପ୍ରକଳ୍ପ ଦାୟିତ୍ୱରେ ଥିବା ଆର୍‌ଏମ୍‌ସିର ଯନ୍ତ୍ରୀ ଚନ୍ଦ୍ରକାନ୍ତ ଧଳଙ୍କୁ ପଚାରିବାରୁ ସେ କହିଲେ, ସମ୍ପୃକ୍ତ ଠିକାଦାର ସମସ୍ୟା ପାଇଁ ଆଉ କିଛି ସମୟ ମାଗିଛନ୍ତି। ଗଣେଶ ପୂଜା ପୂର୍ବରୁ କାମ ସମ୍ପୂର୍ଣ୍ଣ ହୋଇଯିବ ବୋଲି ଧଳ କହିଥିଲେ।

## ଏନ୍‌ଆଇଟିରେ ୪ ନକଲି ପରୀକ୍ଷାର୍ଥୀ

ରାଉରକେଲା,୧୯।୮(ସଙ୍ଗୀତା ଜେନା)

ରାଉରକେଲାର ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି)ରେ ଶନିବାର ଟିଚିଂ ଓ ନନ୍‌ଟିଚିଂ ଷ୍ଟାଫ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏଥିରେ ୪ଜଣ ନକଲି ପରିକ୍ଷାର୍ଥୀ ଚିହ୍ନଟ ହୋଇଥିବା ସୂଚନା ମିଳିଛି। ଉକ୍ତ ୪ଜଣଙ୍କୁ ଏନ୍‌ଆଇଟିର ଭାରପ୍ରାପ୍ତ ସୁରକ୍ଷା ଓ ନିରାପତ୍ତା ଅଧିକାରୀ ଅନୀଲ ସିଂହ ସେକ୍ଟର-୩ ଥାନାକୁ ହସ୍ତାନ୍ତର କରିଥିବା ସୂଚନା ଦେଇଛନ୍ତି। ଏ ନେଇ ପୋଲିସ ତଦନ୍ତ କରୁଛି। ସୂଚନାଯୋଗ୍ୟ, ୨୦୨୨ ଡିସେମ୍ବରରେ ଉକ୍ତ ଶିକ୍ଷାନୁଷ୍ଠାନରେ ଏହି ପଦବୀଗୁଡ଼ିକ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଚଳିତବର୍ଷ ଜୁନ୍ ମାସରେ ଏହି ପରୀକ୍ଷା ଆରମ୍ଭ ହୋଇଥିଲା। ତେବେ ଶନିବାର ସୁପରିଣ୍ଟେଣ୍ଡେଣ୍ଟ ପରୀକ୍ଷା ପାଇଁ ପରୀକ୍ଷାର୍ଥୀମାନେ ବିଭିନ୍ନ ସ୍ଥାନରୁ ଆସିଥିଲେ। ଅପରାହ୍ନ ସାଢେ ୨ରୁ ସାଢେ ୫ଟା ପର୍ଯ୍ୟନ୍ତ ଏହି ପରୀକ୍ଷା ହେଉଥିଲା। ଯାଞ୍ଚ ବେଳେ ୪ଜଣ ନକଲି ପରୀକ୍ଷାର୍ଥୀ ଥିବା ଜଣାପଡ଼ିଥିଲା।

# ରାଉରକେଲା ଇସ୍ପାତ କାରଖାନାରେ ସଦ୍‌ଭାବନା ଦିବସ



ଅଧିକାରୀମାନେ ଶପଥ ପାଠ କରୁଛନ୍ତି।

ରାଉରକେଲା,୧୯।୮(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିରେ ସଦ୍‌ଭାବନା ଦିବସ ପାଳିତ ହୋଇଯାଇଛି। ଆର୍‌ଏସ୍‌ପି କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଆୟୋଜିତ ଶପଥ ପାଠ ଉତ୍ସବରେ କାରଖାନାର କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏସ୍. ଆର୍. ସୂର୍ଯ୍ୟବଂଶୀଙ୍କ ନେତୃତ୍ୱରେ ବରିଷ୍ଠ ଅଧିକାରୀମାନେ ଓଡ଼ିଆ, ହିନ୍ଦୀ ଓ ଇଂରାଜୀରେ ଶପଥ ଗ୍ରହଣ କରିଥିଲେ। ସେହିପରି କାରଖାନାର କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। କାରଖାନାର ଅନ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଶପଥ ପାଠ ଉତ୍ସବରେ ବହୁ ସଂଖ୍ୟକ ଅଧିକାରୀ ଏବଂ କର୍ମଚାରୀ ଶପଥ ଗ୍ରହଣ କରିଥିଲେ। ଏହି ଅବସରରେ ଓଡିଆ କର୍ମଚାରୀମାନେ ଓଡିଆ, ହିନ୍ଦୀ ଓ ଇଂରାଜୀରେ ଶପଥ ନେଇଥିଲେ। ଜାତି, ସମ୍ପ୍ରଦାୟ, କ୍ଷେତ୍ର, ଧର୍ମ ଅଥବା ଭାଷାଭେଦ ନିର୍ବିଶେଷରେ ଭାରତର ସମସ୍ତ ନାଗରିକଙ୍କ ମଧ୍ୟରେ ଭାବାତ୍ମକ ଏକତା ଓ ସଦ୍‌ଭାବନା ବଜାୟ ରଖିବା ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବେ ବୋଲି ସେମାନେ ଶପଥ ନେଇଥିଲେ।

## ଚୋରି ହେଉଛି ବାଇକ୍, ହେଲମେଟ୍

### କାମ କରୁନି ସିସି କ୍ୟାମେରା

ରାଉରକେଲା,୧୯।୮(ଦିନେଶ ମିଶ୍ର)

ରାଉରକେଲା ସୁପର ସ୍ପେଶାଲିଟି ହସ୍ପିଟାଲ ପ୍ରବେଶ ପଥରେ ଲାଗିଥିବା ସିସି କ୍ୟାମେରା କାମ କରୁନି। ଫଳରେ ବିଭିନ୍ନ ସମୟରେ ଉକ୍ତ ଡାକ୍ତରଖାନା ପରିସରରୁ ବାଇକ୍ ଓ ହେଲମେଟ୍ ଚୋରି ହେଉଥିବା ଅଭିଯୋଗ ହୋଇଛି। ଡାକ୍ତରଖାନା ବାହାରେ ଲାଗିଥିବା ସିସି କ୍ୟାମେରା ଦୁଇଦିନ ଧରି ଅଚଳ ପଡିଥିବା ଦେଖିବାକୁ ମିଳିଛି। ରାହୁଲ ସାହୁ ଡାକ୍ତରଖାନା ବାହାର ପାର୍କିଂ ଏରିଆରେ ଶନିବାର ବାଇକ୍ ରଖି ଡାକ୍ତରଖାନାକୁ ଯାଇଥିଲେ। ଏହି ସମୟରେ କେହି ଦୁର୍ବୃତ୍ତ ହେଲମେଟ୍ ଚୋରି କରି ନେଇଥିଲେ। ଏ ନେଇ ରାହୁଲ ଡାକ୍ତରଖାନାରେ ସିସିଟିଭି ଯାଞ୍ଚ କରିଥିବାବେଳେ ଉକ୍ତ ସିସି କ୍ୟାମେରା କାମ କରୁ ନ ଥିବା ଜାଣିବାକୁ ପାଇଥିଲେ। ଏ ନେଇ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ପଚାରିବାରୁ ଆଗାମୀ ୩ ଦିନ ଭିତରେ ଏହି ସିସି କ୍ୟାମେରା କାର୍ଯ୍ୟକ୍ଷମ ହୋଇଯିବ ବୋଲି ସୂଚନା ଦେଇଥିଲେ।

## ଆର୍‌ଏସ୍‌ପିର ୭୭ କର୍ମଚାରୀଙ୍କୁ ନେହେରୁ ବିଶିଷ୍ଟ କର୍ମଚାରୀ ପୁରସ୍କାର

ରାଉରକେଲା,୧୯।୮(ବିପ୍ଳବ ରଞ୍ଜନ ଦାଶ)

ଇସ୍ପାତ ଷ୍ଟାଡିୟମରେ ଆୟୋଜିତ ସ୍ୱାଧୀନତା ଦିବସ ସମାରୋହରେ ରାଉରକେଲା ଇସ୍ପାତ କାରଖାନାର ୭୭ କର୍ମଚାରୀଙ୍କୁ ନେହେରୁ ବିଶିଷ୍ଟ କର୍ମଚାରୀ ପୁରସ୍କାର ପ୍ରଦାନ କରାଯାଇଛି। ଆର୍‌ଏସ୍‌ପି ଓ ବିଏସ୍‌ଏଲ୍‌ର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଏହି କର୍ମଚାରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। କର୍ମଚାରୀମାନେ ନିଜ ଜୀବନସାଥୀଙ୍କ ସହିତ ଡିଆଇସିଙ୍କଠାରୁ ଏହି ସମ୍ମାନଜନକ ପୁରସ୍କାର ଗ୍ରହଣ କରିଥିଲେ। ବିଜେତାମାନେ ପୁରସ୍କାର ଆକାରରେ ସୋଡେକ୍ସୋ କାର୍ଡ ଯୋଗେ ୧୦ହଜାର ଟଙ୍କା ପୁରସ୍କାର ରାଶି ଏବଂ ପ୍ରଶଂସା ପ୍ରମାଣପତ୍ର ଲାଭ କରିଥିଲେ। କର୍ମଚାରୀଙ୍କୁ ନିଜ ନିଜ ଅଞ୍ଚଳରେ ପ୍ରତିବଦ୍ଧତା, ସମର୍ପିତ ପ୍ରୟାସ, ପ୍ରଶଂସନୀୟ କାର୍ଯ୍ୟ ସମ୍ପାଦନ ତଥା କାରଖାନାର ଉତ୍ପାଦନ, ଉତ୍ପାଦକତା ଓ ବୈଷୟିକ, ଅର୍ଥନୈତିକ ପରିମାପକତାରେ ଉନ୍ନତି ଆଣିବାରେ ଯୋଗଦାନ ପାଇଁ ଏହି ମର୍ଯ୍ୟାଦାଜନକ ପୁରସ୍କାର ପ୍ରଦାନ କରାଯାଇଥିଲା।



ଜଣେ କର୍ମଚାରୀଙ୍କୁ ଡିଆଇସି ପୁରସ୍କାର ପ୍ରଦାନ କରୁଛନ୍ତି।

## ବିପଦକୁ ଡାକୁଛି ବିଦ୍ୟୁତ୍ ଟ୍ରାନ୍ସଫର୍ମର

ରାଉରକେଲା,୧୮।୮(ବିପ୍ଳବ ରଞ୍ଜନ ଦାଶ): ରାଉରକେଲା ସହରାଞ୍ଚଳ ଜନବସତିକୁ ବିଦ୍ୟୁତ୍ ସେବା ଯୋଗାଇ ଦେବା ପାଇଁ ବିଭିନ୍ନ ଗଳିକନ୍ଦିରେ ଥିବା ବିଦ୍ୟୁତ ଖୁଣ୍ଟ ଏବଂ ଟ୍ରାନ୍ସଫର୍ମର ମୁକୁଳା ଅବସ୍ଥାରେ ପଡିରହିଛି। ଫଳରେ କେତେବେଳେ ଯେ ଦୁର୍ଘଟଣା ଘଟିବ କହିହେବନାହିଁ। ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରାଯିବା ସତ୍ତ୍ୱେ କୌଣସି ସୁଫଳ ମିଳୁନାହିଁ।

ପିସିଆଇ ଛକ ନିକଟ ଓଭରବ୍ରିଜ ତଳେ ମାଟିତଳେ ପୋତି ହୋଇ ଯାଇଥିବା ବିଦ୍ୟୁତ ଟ୍ରାନ୍ସଫର୍ମର, ବ୍ରାହ୍ମଣୀସେତୁ ନିକଟରେ ଢଳି ପଡିଥିବା ବିଦ୍ୟୁତ୍ ଖୁଣ୍ଟ ବର୍ତ୍ତମାନ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏଥିସହ ବିରଜାପାଲି ନୂତନ ସିଭିଲ କୋର୍ଟ ଆଗରେ ଥିବା ୩୫ କେଭି ଟ୍ରାନ୍ସଫର୍ମର ଚାରିପଟେ ପାଚେରି ନାହିଁ। ଏଡିଏମ୍ ଅଫିସକୁ ଯାଇଥିବା ରାସ୍ତାରେ ବିଦ୍ୟୁତ୍ ଖମ୍ବ ମଧ୍ୟ ଜନଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ଏ ସମ୍ପର୍କରେ କଳୁଙ୍ଗା ବିଦ୍ୟୁତ ବିଭାଗୀୟ ଏସ୍‌ଡିଓ ଅଭିନାଶ ରଥଙ୍କୁ ପଚାରିବାରୁ ସେ କହିଥିଲେ, ବିଭାଗୀୟ ଜେଇଙ୍କୁ ଜଣାଇ ତୁରନ୍ତ ମାଟିତଳେ ପୋତି ହୋଇଥିବା ଟ୍ରାନ୍ସଫର୍ମର ଓ ଢଳି ରହିଥିବା ବିଦ୍ୟୁତ ଖୁଣ୍ଟ ଉଦ୍ଧାର ହେବ। ଏଥିସହ ପିସିଆଇ ଛକ ଓଭରବ୍ରିଜ ନିକଟ ବିଦ୍ୟୁତ ଟ୍ରାନ୍ସଫର୍ମର, ବ୍ରାହ୍ମଣୀସେତୁ ନିକଟସ୍ଥ ଢଳି ରହିଥିବା ବିଦ୍ୟୁତ ଖୁଣ୍ଟ ବିଷୟରେ ଉଦିତନଗର ଏସଡିଓ ମନୋରଞ୍ଜନ ସାହୁଙ୍କୁ ପଚାରିବାରୁ ସେ କହିଲେ, ବିରଜାପାଲିଠାରେ ସ୍ଥାପିତ ବିଦ୍ୟୁତ ଟ୍ରାନ୍ସଫର୍ମର ପୋଲ ଉପରେ ରହିଛି। ଏଣୁ ପାଚେରି ନିର୍ମାଣ କରାଯାଉନାହିଁ। ଯଦି ଲୋକଙ୍କ ପାଇଁ ଏହା ସମସ୍ୟା ସୃଷ୍ଟି କରୁଛି ତେବେ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷଙ୍କୁ ଜଣାଇ ପାଚେରି ନିର୍ମାଣ ପାଇଁ ବିହିତ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ।



ବ୍ରାହ୍ମଣୀସେତୁ ନିକଟ ବିଦ୍ୟୁତ ଖୁଣ୍ଟ ବିପଦସଙ୍କୁଳ ଅବସ୍ଥାରେ ରହିଛି।

# ଆନ୍ଦୋଳନ ପାଇଁ ଭାଜପାର ପ୍ରସ୍ତୁତି

ରାଉରକେଲା,୧୯।୮(ସଙ୍ଗୀତା ଜେନା)

ରାଜ୍ୟ ସରକାରଙ୍କ ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ଆନ୍ଦୋଳନ ପାଇଁ ସେକ୍ଟର-୩ ଭାଜପା କାର୍ଯ୍ୟାଳୟରେ ସଭାନେତ୍ରୀ ଲତିକା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଶନିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଦଳର ରାଜ୍ୟ ଉପସଭାନେତ୍ରୀ ତଥା ସୁନ୍ଦରଗଡ଼ ସଦର ବିଧାୟିକା କୁସୁମ ଟେଟେ (ପ୍ରଭାରୀ) ଯୋଗଦେଇ ସମସ୍ତ ପଞ୍ଚାୟତରେ ରାଜ୍ୟ ସରକାରଙ୍କ ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ଜନଆନ୍ଦୋଳନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା, ଘର ଓ ପାଇଖାନା ଦେବା ପାଇଁ ଲାଞ୍ଚ ମାଗିବା, ଚାଉଳଠାରୁ ଆରମ୍ଭ କରି ଧାନ କିଣାରେ ଦୁର୍ନୀତି ଓ ପଞ୍ଚାୟତ ସ୍ତରରେ ହୋଇଥିବା ଦୁର୍ନୀତିକୁ ଆନ୍ଦୋଳନ ମାଧ୍ୟମରେ ଜନଚେତନା ସୃଷ୍ଟି କରାଯିବ ବୋଲି କୁହାଯାଇଥିଲା। ବିରମିତ୍ରପୁର ବିଧାୟକ ଶଙ୍କର ଓରାମ ଏହି କାର୍ଯ୍ୟକ୍ରମକୁ ଜୋରଦାର କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ କୁସୁମ ଟେଟେଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟ ମୁଖପାତ୍ର, ଧୀରେନ ସେନାପତି, ନିହାର ରାୟ ଜଗବନ୍ଧୁ ବେହେରା, ଜିଲା ପରିଷଦ ସଭ୍ୟା ରଞ୍ଜିତା କିସପୋଟା ମଞ୍ଚାସୀନ ଥିଲେ। ବୈଠକରେ ଜିଲା କାର୍ଯ୍ୟକର୍ତ୍ତା, ମଣ୍ଡଳ ପ୍ରଭାରୀ, ମଣ୍ଡଳ ସଭାପତିଗଣ ଉପସ୍ଥିତ ଥିଲେ।



ସେକ୍ଟର-୩ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଦଳୀୟ ନେତୃବୃନ୍ଦ। (ଫଟୋ: ବିବେକ)

# ରାଖୀରେ ଆତ୍ମୀୟତାର ବାର୍ତ୍ତା ଦେଉଛନ୍ତି ଦିବ୍ୟାଙ୍ଗ

ରାଉରକେଲା,୧୯।୮(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲାର ଶ୍ରଦ୍ଧା ଶିକ୍ଷାନୁଷ୍ଠାନର ଦିବ୍ୟାଙ୍ଗ ପିଲାଙ୍କ କଳାତ୍ମକ ପ୍ରତିଭା ସହରସାରା ଚର୍ଚ୍ଚାର ବିଷୟ ହୋଇଛି। ସପ୍ତାହେ ନୁହେଁ ମାସେ ବ୍ୟାପି ଶିକ୍ଷାନୁଷ୍ଠାନର ଭିନ୍ନକ୍ଷମ ପିଲାମାନେ ନିଜ ପ୍ରତିଭା ବଳରେ ସୂତା, ମାଳି, ଷ୍ଟୋନ ଆଦି ବ୍ୟବହାର କରି ଆକର୍ଷଣୀୟ ରାଖୀ ତିଆରି କରିଛନ୍ତି। ଏହି ଶିକ୍ଷାନୁଷ୍ଠାନରେ ସମୁଦାୟ ୪୫ଜଣ ଦିବ୍ୟାଙ୍ଗ ପିଲା ଅଧ୍ୟୟନରତ। ଏହି ପିଲାମାନେ ଜନ୍ମରୁ ଶାରୀରିକ ଏବଂ ମାନସିକ ସ୍ତରରେ ଦୁର୍ବଳ। ତଥାପି ନିଜ ଅନ୍ତର୍ନିହିତ ପ୍ରତିଭା ବଳରେ ୨୦ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ସମସ୍ତଙ୍କ ନିକଟକୁ ପହଞ୍ଚିପାରିଛନ୍ତି। ସେମାନେ କେବଳ ରାଖୀ ତିଆରି କରନ୍ତି ନାହିଁ ବରଂ ସମସ୍ତଙ୍କ ହାତରେ ରାଖୀ ବାନ୍ଧି ଆତ୍ମୀୟତାର ବାର୍ତ୍ତା ଦେଇ ଆସୁଛନ୍ତି।

ଆସନ୍ତା ରାଖୀ ପୂର୍ଣ୍ଣିମାକୁ ଦୃଷ୍ଟିରେ ରଖି ଦିବ୍ୟାଙ୍ଗ ପିଲାମାନେ ସୁତା, ମାଳି, ଚୁମକୀ, ଅଠା ଓ ରଙ୍ଗବେରଙ୍ଗ କାଗଜ ଆଦି ସାମଗ୍ରୀ ଆଣି ରାଖୀ ତିଆରି କରୁଛନ୍ତି। ଏସବୁ ତିଆରି ପାଇଁ ସେମାନଙ୍କୁ ୫/୭ଦିନ ସମୟ ଲାଗୁଛି। ବର୍ତ୍ତମାନ ପିଲାଙ୍କ ହାତ ତିଆରି ରାଖୀ ସହରର ଦୋକାନ ବଜାରରେ ଉପଲବ୍ଧ। ପ୍ରତ୍ୟେକ ରାଖୀର ମୂଲ୍ୟ ୧୦ରୁ ୪୦ଟଙ୍କା ରହିଛି। ମାତ୍ର ଏହି ଦିବ୍ୟାଙ୍ଗ ଭିନ୍ନକ୍ଷମ ପିଲାମାନଙ୍କ ପ୍ରତିଭାକୁ ଦେଖି ଲୋକେ ଅଧିକ ଦରରେ ରାଖୀ କିଣିବାକୁ ମଧ୍ୟ ପଛାଉ ନାହାନ୍ତି। ସେହିପରି ରାଖୀ ତିଆରି କରି ଅନ୍ୟମାନଙ୍କ ହାତରେ ବାନ୍ଧି ସହରବାସୀଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବା ସେମାନଙ୍କ ମୂଳ ଉଦ୍ଦେଶ୍ୟ। ଏହି ପିଲାମାନେ ଗୀତ, ନୃତ୍ୟ, ଚିତ୍ରାଙ୍କନ ଓ ପାଠ୍ୟକ୍ରମରେ ମଧ୍ୟ କୃତିତ୍ୱ ଲାଭ କରିଛନ୍ତି। ଶିକ୍ଷାନୁଷ୍ଠାନର ଦିବ୍ୟାଙ୍ଗ ପିଲାମାନଙ୍କୁ ସବୁ କ୍ଷେତ୍ରରେ ନିପୁଣ କରିବା ସହ ରାଖୀ ପ୍ରସ୍ତୁତିରେ ମାର୍ଗଦର୍ଶନ ଦେଇଛନ୍ତି ଅନୁଷ୍ଠାନର ଶିକ୍ଷୟିତ୍ରୀ ଅଳୀ ମହାରଣା ଓ ସୁଜାତା ରାଉତ। ପ୍ରକାଶଥାଉକି ଶ୍ରଦ୍ଧା ଶିକ୍ଷାନୁଷ୍ଠାନର ସମସ୍ତ ଦିବ୍ୟାଙ୍ଗ ବିଦ୍ୟାର୍ଥୀ ସମସ୍ତ ପର୍ବ ପର୍ବାଣୀ ପାଳନ କରନ୍ତି ଏବଂ ପର୍ବପର୍ବାଣୀର ମୂଳ ଉଦ୍ଦେଶ୍ୟକୁ ନିଜ ପ୍ରତିଭା ମାଧ୍ୟମରେ ସର୍ବସମ୍ମୁଖରେ ଉଜାଗର କରନ୍ତି। ପିଲାମାନଙ୍କ ପ୍ରତିଭା ଏବଂ ଦକ୍ଷତା ନିଶ୍ଚିତ ଭାବେ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିବ ବୋଲି ଶିକ୍ଷାନୁଷ୍ଠାନର ପ୍ରୀତି ବାରିକ ଏବଂ ପ୍ରଭାତୀ ପ୍ରଧାନ କହିଛନ୍ତି।



ଶିକ୍ଷାନୁଷ୍ଠାନରେ ଦିବ୍ୟାଙ୍ଗମାନେ ରାଖୀ ପ୍ରସ୍ତୁତ କରୁଛନ୍ତି।

## ଜିଲ୍ଲା ସରପଞ୍ଚ ସଂଘ ବୈଠକ

ସମ୍ବଲପୁର,(ବି.ଶଙ୍କର): ସମ୍ବଲପୁର ଭୀମଭୋଇ ମଣ୍ଡପରେ ଜିଲ୍ଲା ସରପଞ୍ଚ ସଂଘର ଗୁରୁତ୍ୱପୂର୍ଣ୍ଣ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ପ୍ରଫୁଲ୍ଲ ମିର୍ଦ୍ଧା ସଭାପତିତ୍ୱରେ କୋର କମିଟିରେ ସାମିଲ ଥିବା ବିଭିନ୍ନ ପଞ୍ଚାୟତର ୨୭ ସରପଞ୍ଚ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ବିଭିନ୍ନ ଦାବି ପୂରଣ ନେଇ ଚଳିତ ମାସ ୨୨ ତାରିଖରେ ସହରର ଲକ୍ଷ୍ମୀଟାକିଜ ଛକଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଶୋଭାଯାତ୍ରା କରାଯିବାକୁ ସ୍ଥିର ହୋଇଛି। ଏଥିସହ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି।

## ସଂକ୍ଷେପରେ

### କେନାଲରୁ ମୃତଦେହ ଜବତ

**ସମ୍ବଲପୁର, ୧୯।୮(ଶୁଭାଶିଷ ପାଢ଼ୀ):** ଯୁଯୁମୁରା ଥାନା କୟାକୁଦ ପଞ୍ଚାୟତ ଲାଙ୍ଗବାହାଲ କେନାଲରେ ଭାସୁଥିବା ଏକ ଗଳିତ ମୃତଦେହକୁ ଯୁଯୁମୁରା ପୋଲିସ ଜବତ କରିଛି। ବ୍ୟବଚ୍ଛେଦ ପାଇଁ ମୃତଦେହ ବୁର୍ଲା ଭିମ୍‌ସାର ପଠାଯାଇଛି। ଖବର ଲେଖାହେବା ପର୍ଯ୍ୟନ୍ତ ମୃତକଙ୍କ ପରିଚୟ ମିଳିପାରିନାହିଁ। ପ୍ରାୟ ୫୦ ବର୍ଷର ବ୍ୟକ୍ତିଙ୍କୁ କେହି ହତ୍ୟା କରି କେନାଲରେ ଫିଙ୍ଗି ଦେଇଥିବା ସନ୍ଦେହ କରାଯାଉଛି।

### ଭୋଟର ସଚେତନତା, ପଞ୍ଜୀକରଣ କାର୍ଯ୍ୟକ୍ରମ

**କୁଚିଣ୍ଡା,୧୯।୮(ବିରଞ୍ଚି ଦର୍ବା):** କୁଚିଣ୍ଡା ବ୍ଲକ ଅର୍ଡାବାହାଲ ଏସ୍‌ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (ଯୁକ୍ତଦୁଇ କଲେଜ)ରେ ଶନିବାର ଭୋଟର ସଚେତନତା ଓ ନୂତନ ଭୋଟର ପଞ୍ଜୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରୋବେଶନ ଆଇଏଏସ୍ ଆରୁଗୁଲା ସ୍ନେହା ଯୋଗଦେଇ 'ମୁଁ ଭୋଟର ହେବି ଦେଶ ଗଢ଼ିବି' ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରିଥିଲେ। ପରେ ୩୨ ଛାତ୍ରୀଛାତ୍ରଙ୍କ ଅନ୍‌ଲାଇନ ମାଧ୍ୟମରେ ଫର୍ମପୂରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଉପଜିଲାପାଳ ବିଭୂତିଭୂଷଣ ନାୟକ, ବିଡିଓ ନିରଞ୍ଜନ ସା, ସିପି ସୁଦୀପ ଲାକ୍ରା ଓ ବିକାଶ ଚାନ୍ଦ ଉପସ୍ଥିତ ଥିଲେ। ପରେ କୁଚିଣ୍ଡା ଉପଜିଲାପାଳଙ୍କ ପ୍ରକୋଷ୍ଠରେ ଲଙ୍କାଚାଷ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରୋବେଶନ ଆଇଏଏସ ଆରୁଗୁଲା ସ୍ନେହା, ଉପଜିଲାପାଳ ବିଭୂତିଭୂଷଣ ନାୟକ, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ହେମସାଗର ଭୋଇ, କୁଚିଣ୍ଡା ବିଡିଓ ନିରଞ୍ଜନ ସା, ବାମରା ବିଡିଓ ପୁଷ୍ପକ କୁମାର ପ୍ରଧାନ, ଜମନକିରା ବିଡିଓ ପ୍ରସନ୍ନ କୁମାର ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।ଏଥିରେ ଚଳିତବର୍ଷ କୁଚିଣ୍ଡା ଉପଖଣ୍ଡରେ ୨ହଜାର ଏକର ଲଙ୍କା ଚାଷ କରାଯିବାକୁ ପ୍ଲାନିଂ କରାଯାଇଥିଲା।

### ମୋବାଇଲ ଚୋରି: ଯୁବକ ଗିରଫ



**କୁଚିଣ୍ଡା,୧୯।୮(ବିରଞ୍ଚି ଦର୍ବା):** ଗୋବିନ୍ଦପୁର ଥାନା ଅନ୍ତର୍ଗତ ବାମରାର ଏକ ଦୋକାନରୁ ମୋବାଇଲ ଚୋରି ଘଟଣାରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଗୋବିନ୍ଦପୁର ଥାନା ବାମରାର ଦୀପକ ଯାଦବ(୨୧)। ସୂଚନାଯୋଗ୍ୟ, ଗତ ବୁଧବାର ବାମରା ବସ୍‌ଷ୍ଟାଣ୍ଡରେ ଥିବା ଏକ ମୋବାଇଲ ଦୋକାନ ତାଲାଭାଙ୍ଗି ପ୍ରାୟ ୫ଲକ୍ଷ ଟଙ୍କାର ମୋବାଇଲ ଚୋରି ହୋଇଥିବା ଥାନାରେ ରିପୋର୍ଟ ହୋଇଥିଲା। ପୋଲିସ ଏକ ମାମଲା (ନଂ.୧୧୩/୨୩) ରୁଜୁ କରିଥିଲା। ସମ୍ବଲପୁରରୁ ସାଇଣ୍ଟିଫିକ ଟିମ ଆସି ଚୋରି ସମ୍ପର୍କରେ ଅନୁସନ୍ଧାନ କରିଥିଲେ। ଚୋରି ହୋଇଥିବା ୧୧ଗୋଟି ମୋବାଇଲକୁ ଉଦ୍ଧାର କରି ତଦନ୍ତ ଚଳାଇଥିବା ଆଇଆଇସି ରାଜେନ୍ଦ୍ର କୁମାର ବେହେରା କହିଛନ୍ତି।

# ୨ମାସ ଭିତରେ ମିଳିଲା ୧୦ ଲକ୍ଷର ଚିକିତ୍ସା ସହାୟତା

**ସମ୍ବଲପୁର,୧୯।୮ (ଶୁଭାଶିଷ ପାଢ଼ୀ)**

ଆବେଦନର ୨ମାସ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୧୦ଲକ୍ଷ ଟଙ୍କାର ସହାୟତା ପାଇଛନ୍ତି ସମ୍ବଲପୁର ମହାନଗର ନିଗମ ସିପିଲିମାର ପୀଡ଼ିତ ବାଳକ ଶ୍ରୀତମ ବେହେରା। ଜିଲାପାଳ ଅନନ୍ୟା ଦାସ ଶନିବାର ଶ୍ରୀତମଙ୍କ ବାପା ଶୁକଦେବଙ୍କୁ ୧୦ଲକ୍ଷର ଚେକ୍ ପ୍ରଦାନକରି ତାଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ। ଜିଲାପାଳ କହିଥିଲେ, ମାଂସପେଶୀଜନିତ ରୋଗରେ ପୀଡ଼ିତ ଥିବା ଶ୍ରୀତମଙ୍କ ରାଜ୍ୟ ବାହାରେ ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀ ଦେଇଥିବା ଏହି ସହାୟତା ରାଶି କାମରେ ଲାଗିବ। ଅନ୍ୟପଟେ ଶୁକଦେବ କହିଛନ୍ତି, ଛୋଟବେଳୁ ଶ୍ରୀତମଙ୍କ ଚାଲିବାରେ



ଜିଲାପାଳ ସହାୟତା ବାବଦ ଚେକ୍ ପ୍ରଦାନ କରୁଛନ୍ତି।

ସମସ୍ୟା ହୋଇଥିଲା। ବଡ଼ ହେବା ପରେ ସେ ମାଂସପେଶୀଜନିତ ରୋଗରେ ପୀଡ଼ିତ ଥିବା ଜଣାପଡିଥିଲା। ପ୍ରତିଦିନ ବୁର୍ଲା ଯାଇ ଡାଏଲିସିସ୍ କରିବାକୁ

### ଚେକ୍ ଦେଇ ଆଶୁ ଆରୋଗ୍ୟ କାମନାକଲେ ଜିଲାପାଳ

ପଡୁଛି। ରାଜ୍ୟ ବାହାରକୁ ନେଇ ଚିକିତ୍ସା କରାଇବାରେ ଖର୍ଚ୍ଚାନ୍ତ ହେବାକୁ ପଡ଼ିଛି। ଅଧିକ ଚିକିତ୍ସା ଆବଶ୍ୟକ ଥିଲେ ମଧ୍ୟ ପାଖରେ ସମ୍ବଳ ନାହିଁ। ତେଣୁ ରାଜ୍ୟ ସରକାରଙ୍କ ଉପରେ ଭରସା କରି ପୁଅର ଚିକିତ୍ସା ପାଇଁ ୨ମାସ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ସହାୟତା ଲାଗି ଅନୁରୋଧ କରିଥିଲି। ଶେଷରେ ଅନୁରୋଧ ରକ୍ଷାକରି ୧୦ଲକ୍ଷ ଟଙ୍କା ସହାୟତା ଦିଆଯାଇଛି ବୋଲି ସେ କହିଥିଲେ।

# କେନ୍ଦୁପତ୍ର ତୋଳାଳିଙ୍କୁ ଭେଟିଲେ ବୋର୍ଡ ଉପଦେଷ୍ଟା



କେନ୍ଦୁପତ୍ର ଶ୍ରମିକ ପରିବାର ସହ ଉପଦେଷ୍ଟାଙ୍କ ଆଲୋଚନା।

**ସମ୍ବଲପୁର,୧୯।୮ (ଶୁଭାଶିଷ ପାଢ଼ୀ)**

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ଧମା ଅଞ୍ଚଳର କେନ୍ଦୁପତ୍ର ତୋଳାଳି, ବନ୍ଧାଳି ଶ୍ରମିକ ଓ ବିଡି କାରିଗରମାନଙ୍କୁ ରାଜ୍ୟ କେନ୍ଦୁପତ୍ର ୱେଲଫେୟାର୍ ବୋର୍ଡ ଉପଦେଷ୍ଟା ସଞ୍ଜିତ ମହାନ୍ତି ଭେଟି ଆଲୋଚନା କରିଛନ୍ତି। ଧମା, ଦେଓଗାଁ ଗ୍ରାମ ପଞ୍ଚାୟତରେ କେନ୍ଦୁପତ୍ର ତୋଳାଳିଙ୍କ ମୃତ୍ୟୁ ପରେ ମୃତ୍ୟୁକାଳୀନ ସହାୟତା ଦିଆଯାଇଥିବା ପରିବାର ସଦସ୍ୟଙ୍କୁ ସାକ୍ଷାତ କରି ପିଲାଙ୍କ ପାଠପଢ଼ା ସହିତ ରୋଜଗାର ନେଇ ଆଲୋଚନା କରିଥିଲେ। ୨ଲକ୍ଷ ଟଙ୍କା ସହାୟତା ରାଶି ପାଇଥିବା ପରିବାର ସଦସ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘକୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଗସ୍ତ ସମୟରେ ସଞ୍ଜିତଙ୍କୁ ଧମା, ଡକରା, ଦେଓଗାଁ ଗ୍ରାମ ପଞ୍ଚାୟତର ଯୁବ ଓ ଛାତ୍ରମାନଙ୍କ ପକ୍ଷରୁ ଡାକବଙ୍ଗଳାରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ସଭାରେ ଶୁକ ରଞ୍ଜନ ବେଲ ସଭାପତିତ୍ୱ କରିଥିବା ବେଳେ ବିଜେଡ଼ି ନେତା ସ୍ୱାଧୀନ ପଣ୍ଡା, ଯୁବନେତା ମଣ୍ଟୁ ମହାନ୍ତି, ଆକାଶ ଦେବତା, ଛାତ୍ର ବିଜେଡ଼ି ଜୋନ ଉପସଭାପତି ଦେବଜ୍ୟୋତି ପଟ୍ଟନାୟକ, ଜିଲା ସମ୍ପାଦକ ରୁମନ ପ୍ରଧାନ, ସମ୍ପାଦକ ନିଖିଲ ବାବୁ, ପ୍ରଭାତ ମେହେର, ଦେବାଶିଷ ସାହୁ, ପ୍ରଶାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ସହାୟତା

**ସମ୍ବଲପୁର,୧୯।୮ (ଶୁଭାଶିଷ ପାଢ଼ୀ)**

ସମ୍ବଲପୁର ଜିଲା ଜମନକିରା ବ୍ଲକ ମା' ବନଦୁର୍ଗା ମନ୍ଦିର କଲ୍ୟାଣ ମଣ୍ଡପରେ ବ୍ଲକ ସ୍ତରୀୟ ଶ୍ରମିକ କଲ୍ୟାଣ ବୋର୍ଡ ପକ୍ଷରୁ ଶନିବାର ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ପ୍ରଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୩୫ ଜଣଙ୍କୁ ବିବାହ ସହାୟତା ପାଇଁ ୧୭ ଲକ୍ଷ ୨୫ ହଜାର, ୬ ଜଣଙ୍କୁ ମୃତ୍ୟୁକାଳୀନ ସହାୟତା ପାଇଁ ୧୧ ଲକ୍ଷ, ୬ ଜଣଙ୍କୁ ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ୩୦ ହଜାର, ମାତୃତ୍ୱ ସହାୟତା ପାଇଁ ଜଣେ ଶ୍ରମିକଙ୍କୁ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ସେହିପରି ଓଡ଼ିଶା କୋଠାବାଡ଼ି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ୧୫୦ ଜଣଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ୪୮ ହିତାଧିକାରୀଙ୍କୁ ମୋଟ ୨୮ ଲକ୍ଷ



ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରାଯାଉଛି।

୬୫ ହଜାର ଟଙ୍କା ପ୍ରଦାନ କରାଯାଇଛି। ଶିବିରରେ ଅତିଥି ଭାବେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାୟକ, ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଜିଲା ପରିଷଦ ସଭାପତି କୁମୁଦିନି ନାୟକ, ଜମନକିରା ବ୍ଲକ ଅଧ୍ୟକ୍ଷା ଅଶ୍ରିତା ଭୋଇ, ଜିଲା ପରିଷଦ ଜୋନ ୧ର ସଦସ୍ୟା ସୁଜାତା ଖୁଣ୍ଟିଆ, ଜୋନ -୨ ଜିଲାପରିଷଦ ତନୟା ଧୁରୁଆ ପ୍ରମୁଖ ଉପସ୍ଥିତ ଥିଲେ। ଭାରପ୍ରାପ୍ତ ଜିଲା ଶ୍ରମ ଅଧିକାରୀ ଶତ୍ରୁଜିତ ସାହୁ ସଭା ପରିଚାଳନା କରିଥିଲେ। ଏହି ଶିବିରରେ ୨୦୦ ଜଣ ହିତାଧିକାରୀ ଯୋଗ ଦେଇଥିଲେ ।

### କୁନ୍ତରା କଲେଜରେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ

**କୁଚିଣ୍ଡା,୧୯।୮(ବିରଞ୍ଚି ଦର୍ବା)**

କୁନ୍ତରା ଗୋକୁଳ ପାର୍ବତୀ ଗ୍ରାମ୍ୟ ମହାବିଦ୍ୟାଳୟରେ ଶନିବାର ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଜାଦୀ କା ଅମୃତ ମହୋତ୍ସବ ଅବସରରେ କଲେଜ ଏନ୍‌ଏସ୍‌ଏସ୍, ଇକୋ କ୍ଲବ ଓ ରେଡକ୍ରସର ମିଳିତ ଆନୁକୂଲ୍ୟରେ ହୋଇଥିବା କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ଦୁର୍ଯ୍ୟୋଧନ ମେହେର ସଭାପତିତ୍ୱ କରିଥିଲେ। ଏଥିରେ ଏନ୍‌ଏସ୍‌ଏସ୍ ସମ୍ପାଦକ ଅଧ୍ୟାପକ ତରୁଣ କୁମାର ପୃଷେଠ, ଇକୋ କ୍ଲବ ସମ୍ପାଦକ ଅଧ୍ୟାପକ ଖଗପତି ଅମାତ, ରେଡକ୍ରସ ସମ୍ପାଦକ ଶିବଶଙ୍କର ମଲ୍ଲିକ ପ୍ରମୁଖ ବୀର ଶହୀଦଙ୍କର ସ୍ମୃତି ଚାରଣ କରି ମା' ମାଟିର ପୂଜନ ପାଇଁ ଆହ୍ୱାନ ଦେଇଥିଲେ। ପରେ ଅଧ୍ୟାପକ ପୃଷେଠଙ୍କ ନେତୃତ୍ୱରେ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ସମ୍ମିଳିତ ଭାବେ କଲେଜ ପ୍ରାଙ୍ଗଣରେ ବିଭିନ୍ନ ପ୍ରକାର ଚାରା ରୋପଣ କରିଥିଲେ। ଏଥିରେ ଅଧ୍ୟାପିକା ଶାଶ୍ୱତି ମେହେର, ରତ୍ନମଞ୍ଜରୀ ସାହୁ, ଅଧ୍ୟାପକ ନରେଶ କିଷାନ, ଟିକେଲାଲ ମେହେର, ସନତ କୁମାର ସାହୁ ପ୍ରମୁଖ ସାମିଲ ହୋଇଥିଲେ।



କଲେଜ ପ୍ରାଙ୍ଗଣରେ ଚାରା ରୋପଣ।

# ଏନ୍‌ଏସ୍‌ସିବି କଲେଜ ଲାଇବ୍ରେରିକୁ ବହି ଦାନ



ପୁସ୍ତକ ପ୍ରଦାନ କରାଯାଉଛି।

**ସମ୍ବଲପୁର,୧୯।୮ (ଶୁଭାଶିଷ ପାଢ଼ୀ)**

ସମ୍ବଲପୁର ନେତାଜୀ ସୁଭାଷ ଚନ୍ଦ୍ର ବୋଷ (ଏନ୍‌ଏସ୍‌ସିବି) କଲେଜ ଲାଇବ୍ରେରିକୁ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ପ୍ରସନ୍ନ କୁମାର ମହାପାତ୍ର ସ୍ତ୍ରୀ ଅନସୂୟାଙ୍କ ସ୍ମୃତିରେ ୧୫୦ଖଣ୍ଡ ବହି ଦାନ କରିଛନ୍ତି। ଏହା ପୂର୍ବରୁ ସେ ପୁସ୍ତକ ରଖିବା ପାଇଁ ଆଲମିରା ପ୍ରଦାନ କରିଥିଲେ। ଓଡିଆ ବିଭାଗ ପ୍ରତିବର୍ଷ ଶ୍ରେଷ୍ଠ ସ୍ନାତକ ବିଦ୍ୟାର୍ଥୀଙ୍କୁ ସ୍ୱର୍ଣ୍ଣ ପଦକ ଦେବା ପାଇଁ ୫୦ ହଜାର ଟଙ୍କାର ଚେକ୍ ମଧ୍ୟ ପ୍ରଦାନ କରିଥିଲେ। ସ୍ନାତକ ଓଡିଆ ବିଭାଗ ଡ. ଶ୍ୟାମ ଭୋଇଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। କଲେଜ ଅଧ୍ୟକ୍ଷା ସିକତା ପଣ୍ଡା ଉପସ୍ଥିତ ରହିଥିଲେ। ସୂଚନାଯୋଗ୍ୟ ଅନସୂୟା ଏନ୍‌ଏସ୍‌ସିବି କଲେଜର ଅଧ୍ୟକ୍ଷା ରହିଥିଲେ।

# କୁଚିଣ୍ଡା ସହରରେ ବୁଲା ଗୋରୁଙ୍କ ପ୍ରାଦୁର୍ଭାବ

**କୁଚିଣ୍ଡା,୧୯।୮(ବିରଞ୍ଚି ଦର୍ବା)**

କୁଚିଣ୍ଡା ସହରରେ ବୁଲା ଗୋରୁଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ସହରସ୍ଥିତ ପଞ୍ଚମୁଖୀ ଛକ ଏସ୍‌ବିଆଇ ଏଟିଏମ୍ ଏବେ ସେମାନଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଏମାନେ ଦିନତମାମ ସହରରେ ବୁଲାବୁଲି କରି ରାତି ହେଲେ ଖୋଲାଥିବା ଏଟିଏମ୍‌ରେ ଆଶ୍ରୟ ନେଉଛନ୍ତି। ଫଳରେ ଏଟିଏମ୍‌କୁ ରାତିରେ ଜରୁରିକାଳୀନ ଟଙ୍କା ଉଠାଇବାକୁ ଆସୁଥିବା ଜନସାଧାରଣ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଟିଏମ୍‌ରେ ଟଙ୍କା ଉଠାଇ ଲୋକେ କାଚ କବାଟ ବନ୍ଦ କରୁ ନ ଥିବାରୁ ଗୋରୁ ପଶୁଥିବା କୁହାଯାଉଛି। କୁଚିଣ୍ଡା ସହରରେ ସମାନ ସମସ୍ୟା ଯୋଗୁ ଲୋକଙ୍କ ଯାତାୟାତରେ ବାଧା ସୃଷ୍ଟି ହେଉଛି। ଜନ

### ଏଟିଏମ୍ ପାଲଟିଛି ଆଡ୍ଡାସ୍ଥଳୀ



ଏଟିଏମ୍ ଭିତରେ ଗୋରୁପଲ।

ଗହଳି ରାସ୍ତା ଉପରେ ଗୋରୁ ଶୋଇ ରହିବା, ରାସ୍ତା ଉପରେ ଷଣ୍ଢ ଲଢେଇ ହେବା ଦ୍ୱାରା ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ଅଭିଯୋଗ ପରେ ଏନ୍‌ଏସି କର୍ତ୍ତୃପକ୍ଷ କିଛି ବୁଲା ଗୋରୁଙ୍କୁ କଲ୍ୟାଣ ମଣ୍ଡପରେ କାଞ୍ଜିଆହୁଦା କରିରଖିଥିବା ବେଳେ କିଛି ଲୋକଙ୍କ ଚାପରେ ଛାଡି ଦେଉଥିବାରୁ ସହରରେ ଏଭଳି ସ୍ଥିତି ଉପୁଜିଥିବା ସଚେତନ ନାଗରିକ ମହଲରେ ଚର୍ଚ୍ଚା ହେଉଛି । ତେଣୁ ଏନ୍‌ଏସି କର୍ତ୍ତୃପକ୍ଷ ଗୋରୁ ମାଲିକଙ୍କୁ ତାଗିଦ କରିବା ସହ ତାଙ୍କଠାରୁ ଫାଇନ ଆଦାୟ କରିବାକୁ ସାଧାରଣରେ ଦାବି ହେଉଛି। ଏଟିଏମ୍ ସମସ୍ୟା ସମ୍ପର୍କରେ ଷ୍ଟେଟବ୍ୟାଙ୍କ ଶାଖା ପରିଚାଳକଙ୍କୁ ଫୋନରେ ଯୋଗାଯୋଗ କରିବାରେ ତାଙ୍କ ମୋବାଇଲ ସୁଇଚ ଅଫ ଥିବାରୁ ପ୍ରତିକ୍ରିୟା ମିଳି ପାରି ନ ଥିବା ବେଳେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରବ ପ୍ରଧାନ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବେ ବୋଲି କହିଛନ୍ତି।

# ଘଣ୍ଟେଶ୍ୱରୀ ମନ୍ଦିର ପାର୍କରେ ଯୁବକଙ୍କ ଆତ୍ମହତ୍ୟା

**ସମ୍ବଲପୁର, ୧୯।୮(ଶୁଭାଶିଷ ପାଢ଼ୀ)**

ବୁର୍ଲା ଥାନା ଘଣ୍ଟେଶ୍ୱରୀ ମନ୍ଦିର ପରିସର ପାର୍କରୁ ଶନିବାର ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ଭୋର ୪ଟାରେ ଘଣ୍ଟେଶ୍ୱରୀ ପୂଜକ ମା'ଙ୍କ ନୀତିକାନ୍ତି ପାଇଁ ଆସି ସଫାସୁତୁରା କରୁଥିବାବେଳେ ଜଣେ ଯୁବକ ଶିଶୁ ଉଦ୍ୟାନ ଝୁଲାରେ ଓଢଣି ଲଗାଇ ଝୁଲୁଥିବା ଦେଖିଥିଲେ। ସଙ୍ଗେ ସଙ୍ଗେ ସେ ଚିପିଲିମା ଫାଣ୍ଡିକୁ ଖବର ଦେଇଥିଲେ। ଫାଣ୍ଡି ପୋଲିସ ପହଞ୍ଚି ସିସିଟିଭି ଯାଞ୍ଚ କରିବାରୁ ଯୁବକ ଜଣକ ଆତ୍ମହତ୍ୟା କରିଥିବା ଜଣାପଡିଥିଲା। ମୃତ ଯୁବକ ହେଉଛନ୍ତି ବରଗଡ ଜିଲା ପଧାନପାଲି ଜମୁର୍ଡା ଗ୍ରାମର ପପୁନା ସାହୁ (୩୦)। ଏ ନେଇ ବୁର୍ଲା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ ୭୭୪/୨୩) ରୁଜୁ ହୋଇଛି । ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଏଠାରେ ଏଭଳି ଘଟଣା ପ୍ରଥମ ବୋଲି ଜଣାପଡିଛି। ଏଥିଯୋଗୁ ମା'ଙ୍କ ନୀତିକାନ୍ତି ବାଧାପ୍ରାପ୍ତ ହୋଇଥିଲା। ଅପରାହ୍ନ ୧ଟାରେ ନୀତିକାନ୍ତି ଶେଷ ହୋଇଥିଲା।

### ନୀତିକାନ୍ତିରେ ବିଳମ୍ବ

### ଭୋଟର ସଚେତନତା କାର୍ଯ୍ୟକ୍ରମ

**ସମ୍ବଲପୁର,୧୯।୮(ବି.ଶଙ୍କର)**

ସମ୍ବଲପୁର ନେତାଜୀ ସୁଭାଷ ଚନ୍ଦ୍ର ବୋଷ (ଏନ୍‌ଏସ୍‌ସିବି) ସରକାରୀ ମହାବିଦ୍ୟାଳୟ ସଭାକକ୍ଷରେ ଶୁକ୍ରବାର ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ପ୍ରଫେସର ସିକତା ପଣ୍ଡାଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ମାନେଶ୍ୱର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜୟରାମ ପଣ୍ଡା ଅତିଥି ଭାବେ ଯୋଗଦେଇଥିଲେ। ବ୍ଲକସ୍ତରୀୟ ତାଲିମପ୍ରାପ୍ତ ଅଧିକାରୀ ଜିପିଇଓ ପ୍ରଦୀପ୍ତ କୁମାର ମିଶ୍ର ଛାତ୍ରୀଛାତ୍ରଙ୍କୁ ସଚେତନ କରିଥିଲେ। ଡ. ଶ୍ୟାମ ଭୋଇ, ଡ. ରଘୁମଣୀ ନାୟକ ଯୋଗଦେଇ ୧୮ ବର୍ଷର ସମସ୍ତେ ନିଜର ନାମ ପଞ୍ଜୀକରଣ କରି ମତଦାତା ହେବାପାଇଁ ସୂଚନା ଦେଇଥିଲେ। ଏନ୍‌ଏସ୍‌ଏସ୍ ଅଧିକାରୀ ମିଲି ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଦୁଇ ଶିଶୁଙ୍କୁ ଆପଣେଇଲେ ଦୁଇ ଦମ୍ପତି

### ନୂଆ ପରିଚୟ ପାଇଲେ ଅନ୍ତେବାସୀ

**ସମ୍ବଲପୁର,୧୯।୮(ଶୁଭାଶିଷ ପାଢ଼ୀ)**

ସମ୍ବଲପୁର ମାନେଶ୍ୱର ବ୍ଲକ ବରଗାଁ ରୁକମଣିଲାଠ ବାଳ ନିକେତନର ଶିଶୁ କନ୍ୟା ଓ ଶିଶୁ ପୁତ୍ରଙ୍କୁ କୋଳେଇ ନେଇଛନ୍ତି ଦୁଇ ଦମ୍ପତି। ଜିଲାପାଳ ଅନନ୍ୟା ଦାସଙ୍କ ଉପସ୍ଥିତିରେ ସମସ୍ତ ସରକାରୀ ନିୟମ ପାଳନ କରାଯାଇ ଶିଶୁଙ୍କୁ ହସ୍ତାନ୍ତର କରାଯାଇଛି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୁଚିସ୍ମିତା ପଟ୍ଟନାୟକ ଉପସ୍ଥିତ ଥିଲେ। ଶିଶୁ କନ୍ୟାଙ୍କୁ ତେଲେଙ୍ଗାନାର ଦମ୍ପତି ନେଇଥିବା ବେଳେ ଶିଶୁପୁତ୍ରଙ୍କୁ ମହାରାଷ୍ଟ୍ରର ଦମ୍ପତି ଆପଣେଇଛନ୍ତି। ପୋଷ୍ୟ ନିୟମ ଅନୁଯାୟୀ ସେମାନେ ଆବେଦନ କରିଥିଲେ।



ଶିଶୁଙ୍କୁ ପୋଷ୍ୟଭାବେ ଗ୍ରହଣ କରୁଛନ୍ତି ଦମ୍ପତି।

ପିଲାଙ୍କୁ ପାଇ ଦମ୍ପତି ବେଶ ଖୁସିବ୍ୟକ୍ତ କରିଥିଲେ। ଜିଲାପାଳ ଦାସ ଦମ୍ପତିଙ୍କ ସହ ଆଲୋଚନା କରି ଶିଶୁମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

# ଫଟୋଗ୍ରାଫିର ଗୁରୁତ୍ୱ ଥିଲା, ରହିବ

**ସମ୍ବଲପୁର,୧୯।୮(ବି.ଶଙ୍କର)**

ସମ୍ବଲପୁର ଫଟୋଗ୍ରାଫର୍ସ ଆସୋସିଏଶନ ଓ ଫଟୋଫିଲିକ୍ସ ମିଳିତ ଆନୁକୂଲ୍ୟରେ ଶନିବାର ବିଶ୍ୱ ଫଟୋଗ୍ରାଫି ଦିବସ ପାଳିତ ହୋଇଯାଇଛି। ସାମ୍ବାଦିକ ଭବନଠାରେ ଆୟୋଜିତ ସଭାରେ ଫଟୋଫିଲିକ୍ସ ସଭାପତି ଅରବିନ୍ଦ ମିଶ୍ର ଅଧ୍ୟକ୍ଷତା କରି ଏହି ଦିବସର ଇତିହାସ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ବଲପୁର ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଫଟୋ ଓ ଫୋଟୋଗ୍ରାଫିର ଗୁରୁତ୍ୱ ଥିଲା, ଅଛି ଓ ଭବିଷ୍ୟତରେ ରହିବ। ଫଟୋଗ୍ରାଫରମାନେ ଫୋଟୋଗ୍ରାଫିକୁ ଭଲପାଇ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ସମ୍ବଲପୁର ଫଟୋଗ୍ରାଫର ଆସୋସିଏଶନ ସଭାପତି ଉମ୍ବରୁଧର ପ୍ରଧାନ ଓ ଫଟୋଫିଲିକ୍ସ ସମ୍ପାଦକ ସନ୍ତୋଷ ପଣ୍ଡା ମଞ୍ଚାସୀନ ଥିଲେ। ବରିଷ୍ଠ ସଭ୍ୟ ରଞ୍ଜିତ ସାହୁ ଅତିଥି ପରିଚୟ ଦେଇଥିଲେ। ସେହିପରି ସମ୍ବଲପୁର ଫୋଟଗ୍ରାଫର ସଂଘ ସମ୍ପାଦକ ସତ୍ୟଜିତ ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଶିଷ କୁମାର ପ୍ରଧାନ, ଲଳିତ ରୋହିଦାସ, ସୂର୍ଯ୍ୟ ପାଣିଗ୍ରାହୀ ଏହି ଦିବସ ବିଷୟରେ ଆଲୋଚନା କରିଥିଲେ । ଶେଷରେ ସମ୍ବଲପୁର ଫଟୋଗ୍ରାଫର ସଂଘର ଯୁଗ୍ମ ସମ୍ପାଦକ ତପନ କୁମାର ଦାସ ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ଶତାଧିକ ଫୋଟଗ୍ରାଫର ଶୋଭାଯାତ୍ରାରେ ସହର ପରିକ୍ରମା କରି ଫୋଟୋଗ୍ରାଫିର ବାର୍ତ୍ତା ଦେଇଥିଲେ।

### ବିଶ୍ୱ ଫଟୋଗ୍ରାଫି ଦିବସ




ଅତିରିକ୍ତ ଜିଲାପାଳ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

# ଏମ୍‌ସିଏଲ୍‌ରେ ୧୭.୫ କୋଟିର ଏମ୍‌ଓୟୁ ସ୍ୱାକ୍ଷର

**ସମ୍ବଲପୁର,୧୯।୮(ବି.ଶଙ୍କର)**

ମହାନଦୀ କୋଇଲା କମ୍ପାନୀ(ଏମ୍‌ସିଏଲ୍) ଓଡିଶାର ନୂଆପଡା, ବାଲାଙ୍ଗୀର ଓ ସମ୍ବଲପୁର ଜିଲା ଭିତ୍ତିଭୂମି ବିକାଶ ପାଇଁ କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ(ସିଏସଆର) ଅଧୀନରେ ମୋଟ ୧୭.୫୪ କୋଟି ଟଙ୍କାର ବୁଝାମଣାପତ୍ର ସ୍ୱାକ୍ଷର (ଏମ୍‌ଓୟୁ) କରିଛି। ଭାରତ ସରକାରଙ୍କ ଆକାଂକ୍ଷା ଜିଲା କାର୍ଯ୍ୟକ୍ରମର ଏକ ଅଂଶ ଭାବେ ଏମ୍‌ସିଏଲ୍ ୪.୩୫ କୋଟି ଟଙ୍କା ବ୍ୟୟରେ ଶିକ୍ଷା ଭିତ୍ତିଭୂମି ବିକାଶ ପାଇଁ ନୂଆପଡା ଜିଲା ପ୍ରଶାସନ ସହିତ ଏମ୍‌ଓୟୁ ସ୍ୱାକ୍ଷର କରିଛି। ଏହି ସହାୟତା ନୂଆପଡା ଜିଲାର ୩୬ଟି ବିଦ୍ୟାଳୟରେ ଭିତ୍ତିଭୂମି ବ୍ୟତୀତ ୫୧ଟି




ଏମ୍‌ସିଏଲ୍ ମୁଖ୍ୟାଳୟରେ ଏମଓୟୁ ସ୍ୱାକ୍ଷର କରାଯାଉଛି।

ଅତିରିକ୍ତ ଶ୍ରେଣୀଗୃହ ବିକାଶ କରାଯିବ। ସେହିପରି ସମ୍ବଲପୁର ଜିଲା ପ୍ରଶାସନ ସହ ଅନ୍ୟ ଏକ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। ଏଥିରେ ବୁର୍ଲା ଭିମ୍‌ସାରରେ ଚିକିତ୍ସା ସୁବିଧା ବୃଦ୍ଧି ପାଇଁ ସିଏସ୍‌ଆର୍ ପ୍ରୋଜେକ୍ଟ ଆରୋଗ୍ୟ ଅଧୀନରେ ୭.୫୬ କୋଟି ଟଙ୍କା ପ୍ରଦାନ କରିଛି। ବଲାଙ୍ଗିର ଜିଲାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ପାଇଁ

### ନୂଆପଡ଼ା, ବାଲାଙ୍ଗୀର ଓ ସମ୍ବଲପୁର ଜିଲାର ଭିତ୍ତିଭୂମି ବିକାଶ

ସିଏସ୍‌ଆର୍ ଅଧୀନରେ ୫.୬୩ କୋଟି ଟଙ୍କା ଯୋଗଦାନ ପାଇଁ ଏମ୍‌ଓୟୁ ସ୍ୱାକ୍ଷର ହୋଇଛି। ଏମ୍‌ସିଏଲ୍ ପକ୍ଷରୁ ସିଏସ୍‌ଆର୍ ବିଭାଗର ଜେନେରାଲ ମ୍ୟାନେଜର ରଜନୀକାନ୍ତ ପାଣିଗ୍ରାହୀଙ୍କ ଦ୍ୱାରା ଏହି ଏମ୍‌ଓୟୁଗୁଡିକ ସ୍ୱାକ୍ଷରିତ ହୋଇଛି। ନୂଆପଡା ଜିଲା ପ୍ରଶାସନ ପ୍ରତିନିଧି ମଧୁଛନ୍ଦା ସାହୁ, ଭିମ୍‌ସାର ଡିନ୍ ତଥା ଅଧ୍ୟକ୍ଷା ଡା. ଜୟଶ୍ରୀ ଦୋରା ଓ ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରାଣା ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୦ ଅଗଷ୍ଟ, ୨୦୨୩



### କେସିଙ୍ଗା ଆଦର୍ଶ ଥାନାରେ ନୂତନ ଆଇଆଇସିଙ୍କ ଯୋଗଦାନ

କେସିଙ୍ଗା,(ତୁମେଶ୍ୱର ସାହୁ): କଳାହାଣ୍ଡି ଜିଲା କେସିଙ୍ଗା ଆଦର୍ଶ ଥାନାରେ ନୂତନ ଆଇଆଇସି ପ୍ରଦ୍ୟୁମ୍ନ ମହାପାତ୍ର ଯୋଗଦେଇଛନ୍ତି। ସେ ଏହା ପୂର୍ବରୁ କୋରାପୁଟ ଜିଲା ସିମିଳିଗୁଡା ଥାନାରେ କାର୍ଯ୍ୟ କରୁଥିଲେ। କେସିଙ୍ଗା ଆଦର୍ଶ ଥାନାରେ ଯୋଗଦାନ ପରେ ସମଗ୍ର ଅଞ୍ଚଳରେ ଶାନ୍ତିଶୃଙ୍ଖଳା କିପରି ରହିବ ସେଥିପ୍ରତି ଧ୍ୟାନ ଦେବବା। ଚୋରି, ଡକାୟତି, ଧନ ଜୀବନକୁ ସୁରକ୍ଷିତ ଦେବା ସହ, ଆସାମାଜିକ କାର୍ଯ୍ୟ ଯେପରି ବୃଦ୍ଧି ନ ହେବ ସେଥିପ୍ରତି ଦୃଷ୍ଟି ଦେବେ ବୋଲି କହିଛନ୍ତି।

## ସଂକ୍ଷେପରେ

### ନୂଆଁଖାଇ ଲଗ୍ନ ଧାର୍ଯ୍ୟ ସରିଲା

ବଲାଙ୍ଗୀର, ୧୯।୮
(ବୀରେନ୍ଦ୍ର କୁମାର ଝାଙ୍କର)

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ପାଳନ ପାଇଁ ଶନିବାର ବିଧିବଦ୍ଧ ଲଗ୍ନଧାର୍ଯ୍ୟ କରାଯାଇଥିବା ଘୋଷଣା କରାଯାଇଛି। ବଲାଙ୍ଗୀର ଜିଲାର ଜ୍ୟୋତିଷ ପଣ୍ଡିତ ମହାସଭା ନାବାନ୍ନ ଲଗ୍ନ ନିର୍ଣ୍ଣାୟକ କମିଟି ସିଦ୍ଧାନ୍ତକ୍ରମେ ପୂର୍ବତନ ପାଟଣା ଷ୍ଟେଟ୍‌ର ଇଷ୍ଟଦେବୀ ପାଟଣେଶ୍ୱରୀ ଏବଂ ଦେବୀ ସମଲେଶ୍ୱରୀଙ୍କ ରାଶି ନକ୍ଷତ୍ର ଏବଂ ପୂର୍ବ ପରମ୍ପରା ଅନୁଯାୟୀ ଆସନ୍ତା ନୂଆଖାଇ ଲଗନ ଧାର୍ଯ୍ୟ କରାଯାଇଥିବା ରାଜ ପୁରୋହିତ ସନ୍ତୋଷ ଦାଶ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଆସନ୍ତା ସେପ୍ଟେମ୍ବର ୨୦ ତାରିଖ ନୂଆଖାଇ ପାଳନ କରାଯିବ। ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ବିଶୁଦ୍ଧ ଧନୁଲଗ୍ନେ ମିଥୁନ ନବାଂଶେ ଅମୃତ ବେଳା ଦିବା ୧୦ ଘଣ୍ଟା ୨୮ ମିନିଟ୍‌ରୁ ୧୦ ଘଣ୍ଟା ୪୧ ମିନିଟ୍ ମଧ୍ୟ ନବାନ୍ନ ବିଧି ସ୍ଥିର କରାଯାଇଛି। ଏହି ସମୟରେ ଇଷ୍ଟଦେବୀ ପାଟଣେଶ୍ୱରୀ ଓ ଦେବୀ ସମଲେଶ୍ୱରୀଙ୍କ ସମେତ ଜିଲାର ଅନ୍ୟାନ୍ୟ ଗ୍ରାମ ଦେବାଦେବୀଙ୍କ ଠାରେ ନବାନ୍ନ ଲାଗି ହେବ ବୋଲି ସୂଚନା ଦିଆଯାଇଛି। ନୂଆଖାଇ ଲଗ୍ନ ଧାର୍ଯ୍ୟ ପରେ ସମଗ୍ର ପଶ୍ଚିମ ଓଡିଶାରେ ନୂଆଁଖାଇ ଉତ୍ସାହ ଆରମ୍ଭ ହୋଇଯାଇଛି।

### ବୃଦ୍ଧଙ୍କୁ ମାଡ଼ ମାରିବା ଘଟଣାରେ ୨ଜଣଙ୍କୁ ଜେଲ ଦଣ୍ଡାଦେଶ

ଭବାନୀପାଟଣା,୧୯।୮
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଡୁମେରବାହାଲ ଗ୍ରାମରେ ୨୦୨୦ରେ ବାଲି ଗଉଡ ନାମକ ଜଣେ ବୃଦ୍ଧଙ୍କୁ ପୁର୍ବଶତ୍ରୁତାକୁ କେନ୍ଦ୍ର କରି ଗ୍ରାମର ୩ଜଣ ବ୍ୟକ୍ତି ତାଙ୍କୁ ସଂଘ ବଦ୍ଧ ଭାବେ ଆକ୍ରମଣ କରିଥିଲେ। ଏଥିରେ ସେ ଗୁରୁତର ଆହତ ହୋଇଥିଲେ। ଏହାକୁ ନେଇ ସେତେବେଳେ ବାଲି ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ଏହି ମାମଲା ଥାନାରୁ କୋର୍ଟକୁ ଆସିଥିଲା। ଏହାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ଭବାନୀପାଟଣା ଏସଡିଜିଏମ ପି.ସୀତାଲକ୍ଷ୍ମୀ ଏହି ଘଟଣାରେ ୭ଜଣ ସାକ୍ଷ୍ୟ ଓ ପ୍ରମାଣକୁ ଆଧାର କରି ଡୁମେରବାହାଲ ଗ୍ରାମର ସୁନ୍ଦର ଗଉଡ, ପୁରୁଷୋତ୍ତମ ଗଉଡ, ରାଉତ ଗଉଡଙ୍କୁ ଦୋଷୀ ସାବ୍ୟସ୍ତ କରି ୧ ବର୍ଷ ଲେଖାଏଁ ଜେଲ ଦଣ୍ଡାଦେଶ ଶୁଣାଇବା ସହ ୫ଶହ ଟଙ୍କା ଜରିମାନା କରିଛନ୍ତି। ତେବେ ସୁନ୍ଦର ଗଉଡଙ୍କ ବୟସ ଅଧିକ ହେତୁ ସେକ୍ସନ-୩ରେ ପି.ଓ ଆକ୍ଟରେ ତାଙ୍କୁ ଛଡାଯାଇଥିଲା। ମାମଲା ସରକାରଙ୍କ ପକ୍ଷରୁ ଯୁବ କ୍ୟାଡର ଏପିପି ଲକ୍ଷ୍ମୀକାନ୍ତ ପାତ୍ର ପରିଚାଳନା କରିଥିଲେ।

## ସମ୍ବିଧାନ ପ୍ରଣୟନ ସଭାରେ ଯୁଧିଷ୍ଠିରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



ଯୁଧିଷ୍ଠିର ମିଶ୍ର ଆଇନ ମହାବିଦ୍ୟାଳୟରେ ଆୟୋଜିତ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି।

**ଯୁଧିଷ୍ଠିର ମିଶ୍ର ଆଇନ ମହାବିଦ୍ୟାଳୟରେ ରାଜ୍ୟସ୍ତରୀୟ ଆଲୋଚନାଚକ୍ର**

ବଲାଙ୍ଗୀର,୧୯।୮
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଯୁଧିଷ୍ଠିର ମିଶ୍ର ଆଇନ ମହାବିଦ୍ୟାଳୟ ସଭାକକ୍ଷରେ ଶନିବାର ସମ୍ବିଧାନ ପ୍ରଣୟନ ସଭାର ସଦସ୍ୟ ସ୍ୱର୍ଗତ ଯୁଧିଷ୍ଠିର ମିଶ୍ରଙ୍କ ଜୟନ୍ତୀ ଉତ୍ସବ ଅବସରରେ ଏକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କଲେଜ ଅଧ୍ୟକ୍ଷ ସଞ୍ଜୀବ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଭୁବନେଶ୍ୱର ବିଜେବି କଲେଜର ଅବସରପ୍ରାପ୍ତ ରିଡର ଡ ଦେବେନ୍ଦ୍ର ନାଥ ମିଶ୍ର, ମୁଖ୍ୟବକ୍ତାଭାବେ ତରଭା ଏଇଏସ୍ କଲେଜ ଅଧ୍ୟକ୍ଷ ମୀନତି ମିଶ୍ର, ସମ୍ମାନିତ ବକ୍ତା ଭାବେ ଘସିଏନ୍ କଲେଜ ଇଂଲିଶ ଅଧ୍ୟାପକ ପ୍ରହ୍ଲାଦ ସାହୁ ମଞ୍ଚାସୀନ ଥିଲେ। ଦି ଅନ୍‌ରିଏଲାଇଜ୍‌ଡ ପୋଟେନ୍‌ସିଆଲ ଅଫ୍ କନଷ୍ଟିଚ୍ୟୁଏଣ୍ଟ ଆସେମ୍ବ୍ଲି ମେମ୍ବରର୍ସ: ଇନ୍‌ଟେରେଷ୍ଟ ଆଣ୍ଡ ଆପ୍‌ଟିଚ୍ୟୁଡ୍ ଶୀର୍ଷକ ଆଲୋଚନାଚକ୍ରରେ ସ୍ୱର୍ଗତ ମିଶ୍ରଙ୍କ ଜୀବନୀ, ସ୍ୱପ୍ନ ଓ ସଂକଳ୍ପ, ସମ୍ବିଧାନ ପ୍ରଣୟନ ସଭାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା, ସ୍ୱାଧୀନତା ସଂଗ୍ରାମର ସଂଘର୍ଷ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ଭାବେ ତାଙ୍କର ସଂସ୍କାରମୂଳକ କାର୍ଯ୍ୟ ଉପରେ ଆଲୋଚନା କରାଯାଇଥିଲା।

ମୁଖ୍ୟଅତିଥି ଡ. ମିଶ୍ର ତାଙ୍କ ବକ୍ତବ୍ୟରେ ସ୍ୱର୍ଗତ ମିଶ୍ରଙ୍କ ଲଢୁଆ ବ୍ୟକ୍ତିତ୍ୱ ଉପରେ କହିଥିଲେ। ମୁଖ୍ୟବକ୍ତା ମିଶ୍ର ତାଙ୍କ ବକ୍ତବ୍ୟରେ ତତ୍କାଳୀନ ଗଡଜାତ ଆନ୍ଦୋଳନରେ କୃଷକ ଦଳର ସଂଗ୍ରାମ ଏବଂ ସ୍ୱର୍ଗତ ମିଶ୍ରଙ୍କ ଭୂମିକା ଉପରେ ଆଲୋଚନା କରିଥିଲେ। ସଭା ପ୍ରାରମ୍ଭରେ କଲେଜ ଅଧ୍ୟକ୍ଷ ପ୍ରଧାନ ସ୍ୱର୍ଗତ ମିଶ୍ରଙ୍କ ବିଷୟରେ ସୂଚନା ଦେବା ସହ ରାଜ୍ୟସ୍ତରୀୟ ଆଲୋଚନାଚକ୍ରର ଆଭିମୁଖ୍ୟ ସମ୍ପର୍କରେ କହି ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାକୁ ମଣୀନ୍ଦ୍ର ସିଂ ହଂସପାଲ ସଂଯୋଜନା କରିଥିଲେ। ସଭା ପ୍ରାରମ୍ଭରେ ଅତିଥିମାନେ କଲେଜ ପରିସରରେ ଥିବା ସ୍ୱର୍ଗତ ଯୁଧିଷ୍ଠିର ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ଜିଲା ଓକିଲ ସଂଘ ସଭାପତି ଅମରେଶ ତ୍ରିପାଠୀ, ଆଡଭୋକେଟ ଅମରେନ୍ଦ୍ର ମିଶ୍ର, ଆଠମଲ୍ଲିକ ଓକିଲ ସଂଘ ସଭାପତି ସୁଶାନ୍ତ ମହାପାତ୍ର, ଆଡଭୋକେଟ ଟଙ୍କଧର ଗଡତ୍ୟା, କଲେଜର ସମସ୍ତ ଷ୍ଟାଫ୍ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଶେଷରେ କଲେଜର ସେମିନାର ମୁଖ୍ୟ ଚଣ୍ଡୀ ପ୍ରସାଦ ଖମାରୀ ଧନ୍ୟବାଦ ଦେଇଥିଲେ। ଆଲୋଚନାଚକ୍ର ପରେ କଲେଜର ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା।

## ଜନ ପ୍ରତିନିଧି, ପ୍ରଶାସନର ହସ୍ତକ୍ଷେପ ପରେ ସମାଧାନ


ବସଷ୍ଟାଣ୍ଡ ନିର୍ମାଣ ପାଇଁ ଆଲୋଚନା କରାଯାଉଛି।

**କୋକସରା ବସଷ୍ଟାଣ୍ଡ ନିର୍ମାଣ ପାଇଁ ଜାଗା ବିବାଦ**

କୋକସରା,୧୯।୮(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ସଦର ମହକୁମାଠାରେ ନୂତନ ବସଷ୍ଟାଣ୍ଡ ନିର୍ମାଣ ପାଇଁ ସୃଷ୍ଟି ହୋଇଥିବା ଜାଗା ବିବାଦ ଉଭୟ ଜିଲା ପ୍ରଶାସନ, ବ୍ଲକ ପ୍ରଶାସନ, ଧର୍ମଗଡ଼ ବିଧାୟକ ଓ ଗ୍ରାମର ବୁଦ୍ଧିଜୀବୀଙ୍କ ମିଳିତ ଆଲୋଚନାରେ ଏହାର ସମାଧାନ ହୋଇଛି। ସୂଚନା ଯେ, ବସଷ୍ଟାଣ୍ଡ ନିର୍ମାଣ ପାଇଁ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଜନବସତିଠାରୁ ୨ କି.ମି. ଦୂର ସ୍ଥାନ ଦିଆଯାଇଥିଲା। ହେଲେ ଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ କୋକସରା ଟାଉନ ମଧ୍ୟରେ ପଞ୍ଚାୟତ ଅଧୀନରେ ଥିବା ସରକାରୀ ଜମି ଅଧିଗ୍ରହଣ କରାଯାଇ ବସଷ୍ଟାଣ୍ଡ ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଥିଲେ। ଗତ ଜୁନ ୧୨ରେ ଧର୍ମଗଡ଼ ବିଧାୟକ ମୋଷଧି ବାଗଙ୍କ ଅଧ୍ୟକ୍ଷତାରେ କୋକସରା ପଞ୍ଚାୟତ ଗ୍ରାମସଭା ବୈଠକରେ ଉଭୟ ବ୍ଲକ ପ୍ରଶାସନ, ଜନପ୍ରତିନିଧି, ଗ୍ରାମବାସୀ ଗୁଡହାଣ୍ଡି ପଡ଼ିଆରେ ବସଷ୍ଟାଣ୍ଡ ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ପରବର୍ତ୍ତୀ ସମୟରେ ସେହି ସରକାରୀ ଜମିରେ ଘର କରି ରହୁଥିବା କିଛି ପରିବାର ଏହାକୁ ବିରୋଧ କରି ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ତହସିଲଦାରଙ୍କୁ ଶୀଘ୍ର ସ୍ଥାନ ଚିହ୍ନଟ କରିବାକୁ ଦାବି କରିବା ପରେ ଶୁକ୍ରବାର ଅତିରିକ୍ତ ଜିଲାପାଳ ତ୍ରିଲୋଚନ ପାତ୍ର ବ୍ଲକ କାର୍ଯ୍ୟାଳୟରେ ବିଧାୟକ ବାଗ, ତହସିଲଦାର ଦେବବ୍ରତ କରାଟି, ବିଡିଓ ଉତ୍ତମ କୁମାର ବାଗ, ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ବିଜେଡି ଯୁବନେତା ମାନସରଞ୍ଜନ ବାଗ, ସଚେତନ ନାଗରିକ ପୁରୁଷୋତ୍ତମ ଗୁପ୍ତା, ଜିଲା ପରିଷଦ ସଭ୍ୟ ତ୍ରିନାଥ ବାଗ ଏବଂ ଅଭିଯୋଗ କରିଥିବା ପରିବାର ଲୋକଙ୍କ ସହ ଆଲୋଚନା କରାଯାଇଥିଲା। ପରିବାରଙ୍କୁ ପ୍ରଶାସନ ପକ୍ଷରୁ ୪ ଡେସିମିଲ ଜାଗା ସହ ଥଇଥାନ କରିବା ପାଇଁ ପ୍ରତିଶ୍ରୁତି ପରେ ସମସ୍ୟା ସମାଧାନ ହୋଇଥିଲା। ଉପସ୍ଥିତ ସମସ୍ତ ଅଧିକାରୀ, ଜନପ୍ରତିନିଧିମାନେ ବସଷ୍ଟାଣ୍ଡ ଓ ବସ ଟର୍ମିନାଲ ପାଇଁ ଦିଆଯାଇଥିବା ସ୍ଥାନ ପରିଦର୍ଶନ କରିଥିଲେ।

## ରେଳଷ୍ଟେସନ ଅବ୍ୟବସ୍ଥା ନେଇ ଡିଆର୍‌ଏମଙ୍କୁ ଫେରାଦ


ଡିଆରଏମଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଟିଟିଲାଗଡ଼, ୧୯।୮(ଶରତ ମିଶ୍ର)

ସମ୍ବଲପୁର ଡିଆରଏମ ବିନୀତ ସିଂ ଶନିବାର ଟିଟିଲାଗଡ଼ ଗସ୍ତରେ ଆସି ରେଳ ଟ୍ରାକ ଯାଞ୍ଚ କରିଥିଲେ। ପରେ ରେଳ ବିଭାଗର ରନିଙ୍ଗ ରୁମ ଉଦ୍‌ଘାଟନ ସହ ସ୍ଥାନୀୟ ରେଳ କର୍ମଚାରୀଙ୍କ ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିରରେ ଯୋଗ ଦେଇଥିଲେ। ଏହି ଅବସରରେ ଟିଟିଲାଗଡ଼ କୃଷକ ସଂଘର୍ଷ ଅଭିଯାନ ସମିତି ଆବାହକ ବାଳକୃଷ୍ଣ ଷାଣ୍ଡ ଓ ସ୍ଥାନୀୟ ଜନତା ଟିଟିଲାଗଡ଼ ରେଳ ଷ୍ଟେଶନରେ ଦୀର୍ଘ ବର୍ଷ ଧରି ଲାଗି ରହିଥିବା ସମସ୍ୟା ନେଇ ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସାମାନ୍ୟ ବର୍ଷାରେ ଟିଟିଲାଗଡ଼ ଭୂତଳ ପୋଲ ବୁଡି ଗମନାଗମନ ଅନୁପଯୋଗୀ ହୋଇପଡୁଛି। ପଶ୍ଚିମ ଓଡ଼ିଶାର ପ୍ରଥମ ପାଞ୍ଚଟି ପ୍ଲାଟଫର୍ମ ବିଶିଷ୍ଟ ଟିଟିଲାଗଡ଼ ରେଳ ଜଙ୍କସନର କୌଣସି ପ୍ଲାଟଫର୍ମରେ ମଧ୍ୟ ଦ୍ୱିତୀୟ ଶ୍ରେଣୀ ଯାତ୍ରୀଙ୍କ ପାଇଁ ବସିବାକୁ ପ୍ରତୀକ୍ଷାଳୟ କିମ୍ବା ଶୌଚାଳୟ ନାହିଁ। ଇଂରେଜ ଅମଳରୁ ଏଠାରେ ସହରର ଦୁଇ ପଟକୁ ଯୋଡିବା ପାଇଁ ଏକ ଫୁଟ ଓଭର ବ୍ରିଜ ରହିଥିଲା। ତାହା ମଧ୍ୟ ବିପଦ ସଙ୍କୁଳ କହି ରେଳ ବିଭାଗ ବନ୍ଦ କରି ଦେଇଥିବା ବେଳେ ବିକଳ୍ପ ବ୍ୟବସ୍ଥା କରିନାହିଁ । ଷ୍ଟେସନକୁ ଯାତ୍ରୀବାହୀ ଗାଡି ଆସିବା ନେଇ ଅଚାନକ ପୂର୍ବରୁ ସୂଚିତ ପ୍ଲାଟଫର୍ମ ନମ୍ବର ବଦଳି ଯାଉଛି। ଏନେଇ ମାତ୍ର କିଛି ମିନିଟ ପୂର୍ବରୁ ଘୋଷଣା କରାଯାଉଥିବା ନେଇ ଶିଶୁ, ବୃଦ୍ଧବୃଦ୍ଧା ମହିଳା, ରୋଗୀ ସିଡ଼ି ଚଢି ଅନ୍ୟ ପ୍ଲାଟଫର୍ମକୁ ଯିବା କଷ୍ଟ ସାଧ୍ୟ ହୋଇପଡୁଛି। ଟିଟିଲାଗଡ଼ ଠାରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଖୋଦ ରେଳ ବିଭାଗ କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ଅଧିନରେ ରହିଥିବା କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନକୁ ପ୍ରସ୍ତାବ ଦେଇଥିଲା । ଏନେଇ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର ଅନୁରୋଧ କ୍ରମେ ଡିସେମ୍ବର ୨୦୨୧ରୁ ରାଜ୍ୟ ସରକାର ସ୍ଥାନୀୟ ଧବଳେଶ୍ୱର ଉଚ୍ଚ ବିଦ୍ୟାଳୟରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଅନୁମତି ଦେଇସାରିଛନ୍ତି । ହେଲେ ତାହା ସାକାର ହୋଇପାରିନାହିଁ। ଏଭଳି ବିଭିନ୍ନ ସମସ୍ୟା ନେଇ ଡିଆର୍‌ଏମ ସିଂଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଡିଆରଏମ ଏ ସବୁ ଦାବିକୁ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟପକ୍ଷରେ ଡିଆରଏମ କହିଥିଲେ ସ୍ଥାନୀୟ ଲୋକେ ଡ୍ରେନରେ ଆବର୍ଜନା ଫିଙ୍ଗୁଥିବାରୁ ଅଣ୍ଡର ବ୍ରିଜରେ ପାଣି ପ୍ରବେଶ କରୁଛି। ହେଲେ ଅଣ୍ଡର ବ୍ରିଜ ନିର୍ମାଣରେ ବୈଷୟିକ ତ୍ରୁଟି ଥିବାକୁ ସ୍ୱୀକାର କରିବା ବଦଳରେ ଡିଆରଏମ ଏଭଳି କହିବାକୁ ବୁଦ୍ଧିଜୀବୀ ମହଲରେ ନିନ୍ଦା କରାଯାଇଛି। ଡିଆରଏମ ସିଂଙ୍କୁ ଦାବିପତ୍ର ପ୍ରଦାନ ସମୟରେ ଟିଟିଲାଗଡ଼ ବଣିକ ସଂଘ ସଭାପତି ଶମ୍ଭୁପ୍ରସାଦ ଗୋଏଲ, ପ୍ରମୋଦ ଡୋଡକା, ବୈବସ୍ୱତ ସାହୁ, ତ୍ରିଲୋଚନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଛାତ୍ରୀଛାତ୍ରଙ୍କ ଉପରେ କଳାହାଣ୍ଡି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଚାପ ପକାଉଥିବା ଅଭିଯୋଗ

ଭବାନୀପାଟଣା,୧୯।୮(ଉତ୍ତମ କୁମାର ଦାଶ)

କଳାହାଣ୍ଡି ବିଶ୍ୱବିଦ୍ୟାଳୟ କୁଳପତି ଛାତ୍ରୀଛାତ୍ରଙ୍କ ଅଧିକାରରୁ ବଞ୍ଚିତ କରରୁଥିବା ଅଭିଯୋଗ କରିଛି କଳାହାଣ୍ଡି ଛାତ୍ର ସଂଘ। ଏ ନେଇ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ଉଚ୍ଚଶିକ୍ଷା ବିଭାଗକୁ ଚିଠି ଲେଖିଛି କଳାହାଣ୍ଡି ଛାତ୍ର ସଂଘ। କଳାହାଣ୍ଡି ଛାତ୍ର ସଂଘର ଚିଠିକୁ ଗୁରୁତର ସହ ଗ୍ରହଣ କରିଛି ଉଚ୍ଚ ଶିକ୍ଷା ବିଭାଗ। ୫ ଦିନ ମଧ୍ୟରେ ଜବାବ ଦାଖଲ ପାଇଁ କଳାହାଣ୍ଡି ୟୁନିଭର୍ସିଟି ଭିସିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟ ୟୁନିଭର୍ସିଟିକୁ ମଧ୍ୟ ଏ ସମ୍ପର୍କରେ ସଚେତନ ଓ ସତର୍କ ରହିବାକୁ ଉଚ୍ଚଶିକ୍ଷା ବିଭାଗ ଚିଠି କରିଛି। ଅନ୍ୟପଟେ କଳାହାଣ୍ଡି ୟୁନଭର୍ସିଟିର ଭିସି ସଞ୍ଜୟ ଶତପଥି ଅଭିଯୋଗକୁ ଖଣ୍ଡନ କରି କହିଛନ୍ତି ଯେ, ଆକ୍ରୋଶମୂଳକ ଭାବେ କେହି ପିଲା ଏପରି କରିଥାଇପାରିଥାନ୍ତି। କଳାହାଣ୍ଡି ବିଶ୍ୱବିଦ୍ୟାଳୟରେ ଛାତ୍ରୀଛାତ୍ର ଓ କୁଳପତିଙ୍କ ଏହି ବିବାଦ ଏବେ ଉଚ୍ଚଶିକ୍ଷା ବିଭାଗ ପାଖରେ ପହଞ୍ଚିଛି। ଆଗକୁ କୁଳପତି କ'ଣ ଜବାବ ଦାଖଲ କରିବେ ତା ଉପରେ ନଜର ରହିବ। କଳାହାଣ୍ଡି ଛାତ୍ର ସଂଘର ଅଭିଯୋଗ ଯେ, ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଛାତ୍ରୀଛାତ୍ରଙ୍କୁ ପରୀକ୍ଷାରେ କମ ମାର୍କ ଦେବା, ହଷ୍ଟେଲରୁ ବିଦା କରିବା ଭଳି କାର୍ଯ୍ୟାନୁଷ୍ଠାନ ଭୟ ଦେଖାଇ ସାମାଜିକ କାମରୁ ଦୂରେଇ ରଖାଯାଉଛି। ଏପରି କି ଭୟରେ ଅଭିଯୋଗପତ୍ରରେ କାହାର ଦସ୍ତଖତ ନାହିଁ। ଅନ୍ୟପଟେ କଲେଜ ସଂସଦ ନିର୍ବାଚନ ହେଉ ନ ଥିବାରୁ କର୍ତ୍ତୃପକ୍ଷ ମନମାନି କରୁଥିବା ଅଭିଯୋଗ ହେଉଛି।

## ସ୍ୱାଧୀନତା ଦିବସରେ ଫ୍ଲାଗ୍ କୋଡ୍ ଉଲ୍ଲଂଘନ, ଏସ୍‌ପିଙ୍କୁ ଦାବିପତ୍ର


ଧୁମାଭଟା କଲେଜ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଏସପି ଅଫିସ ଆସିଥିବା ପ୍ରତିନିଧି ମଣ୍ଡଳୀ।

ବଲାଙ୍ଗୀର, ୧୯।୮
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ବେଲପଡା ବ୍ଲକ ଧୁମାଭଟା ବୀଣାପାଣି ଡିଗ୍ରୀ ମହାବିଦ୍ୟାଳୟରେ ସ୍ୱାଧୀନତା ଦିବସ ପାଳନ ବେଳେ ଫ୍ଲାଗ୍ କୋର୍ଡ ଉଲ୍ଲଂଘନ କରାଯାଇଛି। ରାଷ୍ଟ୍ରୀୟ ସ୍ଲୋଗାନ ବଦଳରେ ବୋଲବମ୍ ନାରାବାଜି କରାଯାଇଥିବା ଅଭିଯୋଗ ଦେଇ କୋଶଳ ରାଜ୍ୟ ମୁକ୍ତି ମୋର୍ଚ୍ଚା, ବଜରଙ୍ଗ ଦଳ ଏବଂ କୋଶଳ ସେନା ପକ୍ଷରୁ ଶନିବାର ଏସପିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବଜରଙ୍ଗ ଦଳର ସୌମ୍ୟ ରଞ୍ଜନ ମିଶ୍ର, କୋଶଳ ରାଜ୍ୟ ମୁକ୍ତି ମୋର୍ଚ୍ଚା ରାଜ୍ୟ ଉପସଭାପତି ଗଣେଶ ସାହୁ, ସମ୍ପାଦକ ସିଫୁନ୍ ଖମାରୀ ଏବଂ କୋଶଳ ସେନାର ଇନ୍ଦ୍ରମଣି ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଏସପି ଅଫିସକୁ ଯାଇ ଦାବିପତ୍ର ପ୍ରଦାନ କରିଥିଲେ। ପ୍ରତିନିଧି ଦଳ ଆଡିସନାଲ ଏସ୍‌ପିଙ୍କୁ ଭେଟି ଦାବିପତ୍ର ଦେବା ସହ ତୁରନ୍ତ ଧୁମାଭଟା କଲେଜର ଅଧ୍ୟକ୍ଷ ଏବଂ ସମ୍ପୃକ୍ତ ଅଧ୍ୟାପକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ସ୍ୱାଧୀନତା ଦିବସ ଭଳି ପବିତ୍ର ଦିବସରେ ଯେଭଳି ଭାବେ ଏହି କଲେଜରେ ମଜାକ୍ ଉଡାଯାଇଛି ଏବଂ ଏହାର ଭିଡିଓ ଭାଇରାଲ କରାଯାଇଛି ସେଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ। ପୋଲିସ କାର୍ଯ୍ୟାନୁଷ୍ଠାନ ନହେଲେ ଆଗକୁ ବାଧହୋଇ ସେମାନେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଗଣମାଧ୍ୟମକୁ କହିଥିଲେ। ଏହି ଘଟଣାକୁ ନେଇ ଶୁକ୍ରବାର ସ୍ଥାନୀୟ ଟାଉନ୍ ଥାନାରେ ମଧ୍ୟ କୋଶଳ ରାଜ୍ୟ ମୁକ୍ତି ମୋର୍ଚ୍ଚା ପକ୍ଷରୁ ଲିଖିତ ଅଭିଯୋଗ କରାଯାଇଥିଲା।

### ବ୍ଲକ କଂଗ୍ରେସ ସଭାପତିଙ୍କ ଉଦ୍ୟମରେ ଦିବ୍ୟାଙ୍ଗଙ୍କୁ ମିଳିଲା ହ୍ୱିଲଚେୟାର୍

ଲାଞ୍ଜିଗଡ଼,୧୯।୮(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ରୋଡ଼ ଗ୍ରାମପଞ୍ଚାୟତ ସିକେରକୁପା ଗାଁର ଜଣେ ଦିବ୍ୟାଙ୍ଗଙ୍କୁ ବ୍ଲକ କଂଗ୍ରେସ ସଭାପତି ହରିହର କୁମାରଙ୍କ ଉଦ୍ୟମରେ ଶନିବାର ବ୍ଲକ ପ୍ରଶାସନ ପକ୍ଷରୁ ହ୍ୱିଲଚେୟାର ଯୋଗାଇ ଦିଆଯାଇଛି। ସୂଚନା ଅନୁଯାୟୀ, ସିକେରକୁପା ଗାଁରେ ପ୍ରତାପ ସାଗର ଦୀର୍ଘ ଦିନରୁ ରୋଗର ଶିକାର ହୋଇ ଶଯ୍ୟାଶାୟୀ ରହିଛନ୍ତି। ପଞ୍ଚାୟତ ପକ୍ଷରୁ ଭତ୍ତା ପାଉଥିଲେ ହେଁ ହ୍ୱିଲଚେୟାର ପାଇଁ ସେ କିଛିଦିନ ତଳେ ବ୍ଲକ କଂଗ୍ରେସ ସଭାପତିଙ୍କୁ ଜଣାଇଥିଲେ। ଏ ସମ୍ପର୍କରେ ସଭାପତି ହରିହର ବ୍ଲକ ସାମାଜିକ ସମ୍ପ୍ରସାରଣ ଅଧିକାରୀ ଅରବିନ୍ଦ ମହାପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବ୍ଲକ ସମ୍ପ୍ରସାରଣ ଅଧିକାରୀ ଓ ବ୍ଲକ କଂଗ୍ରେସ ସଭାପତି ସିକେରକୁପା ଯାଇ ଦିବ୍ୟାଙ୍ଗ ପ୍ରତାପଙ୍କୁ ହ୍ୱିଲଚେୟାର ପ୍ରଦାନ କରିଥିଲେ। ପ୍ରତାପ ହ୍ୱିଲଚେୟାର୍ ପାଇଥିବାରୁ ହରିହର କୁମାର ଏବଂ ଅରବିନ୍ଦ ମହାପାତ୍ରଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସମନ୍ୱିତ କୃଷି ପାଇଁ ଚାଷୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ

ଖପ୍ରାଖୋଲ, ୧୯।୮(ଅଭୟ ତ୍ରିପାଠୀ)

ସ୍ଥାନୀୟ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ତାଲିମ ଗୃହଠାରେ ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ବ୍ଲକସ୍ତରୀୟ କୃଷି ବୈଷୟିକ କମିଟି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବ୍ଲକର କୃଷି ଓ ଅନ୍ୟାନ୍ୟ ବିଭାଗ ଅଗ୍ରଗତି ନେଇ ଆଲୋଚନା ହୋଇଥିଲା। ସେହିପରି ସମନ୍ୱିତ କୃଷି ପଦ୍ଧତି ଯୋଜନା ପାଇଁ ଆବେଦନ କରିଥିବା ୧୪ଜଣ ଚାଷୀଙ୍କୁ ଯୋଜନା ସମ୍ପର୍କରେ ଅବଗତ କରିବା ସହ ଏକା ସାଙ୍ଗରେ କୃଷି, ଉଦ୍ୟାନ କୃଷି, ଗୋପାଳନ, କୁକୁଡ଼ା ପାଳନ, ମାଛ ଚାଷ କିଭଳି ସମନ୍ୱିତ ଭାବେ କରି ଲାଭବାନ ହୋଇପାରିବେ ସେନେଇ ବୁଝାଇ ଚାଷୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ଏହି ଅବସରରେ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଯିନିତା ବରୁଆ, ସହକାରୀ ମତ୍ସ୍ୟ ଅଧିକାରୀ ଏ.ମହାନ୍ତି, ସହକାରୀ ପ୍ରାଣୀ ସମ୍ପଦ ଅଧିକାରୀ ଏ. ପାଣିଗ୍ରାହୀ, ସହକାରୀ କୃଷି ଅଧିକାରୀ ସୁମନ୍ତ କୁମାର ଖମାରୀ, ଦୀନବନ୍ଧୁ ବେହେରା,ଏଫିଏସ ଏମ ଟି ଅଭୟ ତ୍ରିପାଠୀ, ସୁରେଶ ବେହେରା ପ୍ରମୁଖ ବ୍ଲକସ୍ତରୀୟ କୃଷି ବୈଷୟିକ କମିଟି ସଦସ୍ୟ, କୃଷି ବିଭାଗ କର୍ମଚାରୀ ଓ ଆଗୁଆ ଚାଷୀ ଉପସ୍ଥିତ ଥିଲେ।


ଜଣେ ଚାଷୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଉଛି।

## ପାଟଦର୍ହା ସଂରକ୍ଷିତ ଜଙ୍ଗଲରେ ମାଓବାଦୀ କ୍ୟାମ୍ପ ଠାବ

ନୂଆପଡ଼ା,୧୯।୮(ମକାରୁ ବେମାଲ)


ପୋଲିସ ସହ ଜବତ ମାଓବାଦୀ ସାମଗ୍ରୀ।

**ବିପୁଳ ପରିମାଣର ବିସ୍ଫୋରକ ଜବତ**

ଓଡ଼ିଶା-ଛତିଶଗଡ଼ ସୀମାନ୍ତ ନୂଆପଡା ଜିଲା ସିନାପାଲି ଥାନା ପାଟଦର୍ହା ସଂରକ୍ଷିତ ଜଙ୍ଗଲରେ ଓଡ଼ିଶା ପୋଲିସ ଓ ସିଆର୍‌ପିଏଫ୍ ଯବାନଙ୍କ ମିଳିତ ଉଦ୍ୟମରେ ଏକ ମାଓବାଦୀ କ୍ୟାମ୍ପ ଠାବ ହୋଇଛି। ସେଠାରୁ ଡିଟୋନେଟର ସହ ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ ଜବତ କରାଯାଇଛି ବୋଲି ନୂଆପଡା ଆରକ୍ଷୀ ଅଧୀକ୍ଷକ ଗୁନ୍ଦାଲା ରେଡ୍ଡୀ ରାଘବେନ୍ଦ୍ର ଶନିବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଓଡ଼ିଶା ଓ ଛତିଶଗଡ଼ ସୀମାନ୍ତରେ କୋମ୍ବିଂ ଅପରେଶନ ଜାରି ରହିଛି ବୋଲି ଏସ୍‌ପି ସୂଚନା ଦେଇଛନ୍ତି।

ସୂଚନା ମୁତାବକ ଗତ ୧୭ ତାରିଖରେ ଓଡ଼ିଶା-ଛତିଶଗଡ ସୀମା ପାଟଦର୍ହା ସଂରକ୍ଷିତ ଜଙ୍ଗଲରେ ୨୦ରୁ ୨୫ଜଣ ମାଓବାଦୀ ଅବସ୍ଥାନ କରିଥିବା ନୂଆପଡା ପୋଲିସକୁ ଏକ ସମର୍ଥିତ ସୂତ୍ରରୁ ଖବର ମିଳିଥିଲା। ତୁରନ୍ତ ନୂଆପଡ଼ା ଏସ୍‌ପି ସିଆର୍‌ପିଏଫ୍ କମାଣ୍ଡାଣ୍ଟ ଏରିକ ଗିଲବଟ ଯୋଶଙ୍କ ସହ ଯୋଗାଯୋଗ କରି ଏସ୍‌ଓଜି, ଡିଭିଏଫ୍, କୋବ୍ରା ଓ ସିଆର୍‌ପିଏଫ୍ ଯବାନଙ୍କ ମିଳିତ ଭାବେ ଉକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନ ଆରମ୍ଭ କରିଥିଲେ। କୋମ୍ବିଂ ଅପରେଶନ ବେଳେ ଶୁକ୍ରବାର ଅପରାହ୍ନ ୪ଟାରେ ସିନାପାଲି ଥାନା ଝୋଲପାଡା ଗାଁଠାରୁ ୩ କି.ମି. ଦୂର ଘଞ୍ଚ ଜଙ୍ଗଲରେ ମାଓବାଦୀ କ୍ୟାମ୍ପ ଠାବ କରିଥିଲା। ପୋଲିସ ଆସୁଥିବା ଜାଣି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ଯବାନ ଓ ମାଓବାଦୀଙ୍କ ମଧ୍ୟରେ କୌଣସି ପ୍ରକାର ଗୁଳିବିନିମୟ ହୋଇ ନ ଥିଲା ବୋଲି ଏସ୍‌ପି କହିଛନ୍ତି। କ୍ୟାମ୍ପରୁ ୨୮ଟି ଡେଟୋନେଟର, ଏକ କିଲୋଗ୍ରାମ ବାରୁଦ, ଏକେ ୪୭ ବନ୍ଧୁକର ଗୁଳି, ୨ଟି ରେଡିଓ, ଗୋଟିଏ ୬ ଭୋଲଟ ବ୍ୟାଟେରି, ୨ଟି ମୋବାଇଲ ଚାର୍ଜର, ୨ଟି ମୋବାଇଲ ବ୍ୟାଟେରି, ୩ଟି ଟର୍ଚ୍ଚ ଲାଇଟ, ଜୋତା, ମାଓବାଦୀ ପୋଷାକ, ୪ଟି ଛୁରି, କଳା ରିବନ ଓ ମହିଳା ମାଓବାଦୀଙ୍କ ଦୈନନ୍ଦିନ ବ୍ୟବହାର ସାମଗ୍ରୀ ଆଦି ଜବତ କରାଯାଇଥିଲା। ପରେ ସେଠାରେ ଜବତ ସାମଗ୍ରୀ ପୋଡ଼ି ଦିଆଯାଇଥିଲା।

ସୂଚନାଯୋଗ୍ୟ ଯେ, ଗତ ୨ ମାସ ମଧ୍ୟରେ ପୋଲିସ ଓ ସିଆର୍‌ପିଏଫ୍ ଯବାନଙ୍କ ମିଳିତ ଉଦ୍ୟମରେ ଏହା ତୃତୀୟ ମାଓବାଦୀ କ୍ୟାମ୍ପ ଠାବ ହୋଇଛି। ଗତ ଜୁଲାଇ ୨୪ରେ ସେହି ପାଟଦର୍ହା ସଂରକ୍ଷିତ ଜଙ୍ଗଲରେ ଏକ ମାଓବାଦୀ କ୍ୟାମ୍ପ ଠାବ ହୋଇଥିଲା। ସେଠାରୁ ବିପୁଳ ବାରୁଦ ଓ ଚକୋଲେଟ ବୋମା ଜବତ ହୋଇଥିଲା। ସେହିପରି ୧ ଜୁଲାଇରେ ପାଟଦର୍ହା ସଂରକ୍ଷିତ ଜଙ୍ଗଲ ଝୋଲପଡା ନିକଟରେ ଏକ ମାଓବାଦୀ କ୍ୟାମ୍ପ ଠାବ ହେବା ସହ ହେଣ୍ଡ ଗ୍ରେନେଡ ଜବତ ହୋଇଥିଲା। ଏଥିରେ ସ୍ପଷ୍ଟ ଜଣାପଡୁଛି ଯେ, ଓଡ଼ିଶା ଓ ଛତିଶଗଡ଼ ସୀମାନ୍ତରେ ମାଓବାଦୀମାନେ ସକ୍ରିୟ ରହିବା ସହ ତାଙ୍କର ଉପସ୍ଥିତି ଜାହିର କରିବାକୁ ଚେଷ୍ଟା କରୁଛନ୍ତି।

## କେସିଙ୍ଗା ଆଦର୍ଶ ଥାନାରେ ନୂତନ ଆଇଆଇସିଙ୍କ ଯୋଗଦାନ

କେସିଙ୍ଗା,(ତୁମେଶ୍ୱର ସାହୁ): କଳାହାଣ୍ଡି ଜିଲା କେସିଙ୍ଗା ଆଦର୍ଶ ଥାନାରେ ନୂତନ ଆଇଆଇସି ପ୍ରଦ୍ୟୁମ୍ନ ମହାପାତ୍ର ଯୋଗଦେଇଛନ୍ତି। ସେ ଏହା ପୂର୍ବରୁ କୋରାପୁଟ ଜିଲା ସିମିଳିଗୁଡା ଥାନାରେ କାର୍ଯ୍ୟ କରୁଥିଲେ। କେସିଙ୍ଗା ଆଦର୍ଶ ଥାନାରେ ଯୋଗଦାନ ପରେ ସମଗ୍ର ଅଞ୍ଚଳରେ ଶାନ୍ତିଶୃଙ୍ଖଳା କିପରି ରହିବ ସେଥିପ୍ରତି ଧ୍ୟାନ ଦେବବା ଚୋରି, ଡକାୟତି, ଧନ ଜୀବନକୁ ସୁରକ୍ଷିତ ଦେବା ସହ, ଆସାମାଜିକ କାର୍ଯ୍ୟ ଯେପରି ବୃଦ୍ଧି ନ ହେବ ସେଥିପ୍ରତି ଦୃଷ୍ଟି ଦେବେ ବୋଲି କହିଛନ୍ତି।

**ସଂକ୍ଷେପରେ**

## ନୂଆଁଖାଇ ଲଗ୍ନ ଧାର୍ଯ୍ୟ ସରିଲା

ବଲାଙ୍ଗୀର, ୧୯।୮
(ବୀରେନ୍ଦ୍ର କୁମାର ଝାଙ୍କର)

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ପାଳନ ପାଇଁ ଶନିବାର ବିଧିବଦ୍ଧ ଲଗ୍ନଧାର୍ଯ୍ୟ କରାଯାଇଥିବା ଘୋଷଣା କରାଯାଇଛି। ବଲାଙ୍ଗୀର ଜିଲାର ଜ୍ୟୋତିଷ ପଣ୍ଡିତ ମହାସଭା ନାବାନ୍ନ ଲଗ୍ନ ନିର୍ଣ୍ଣାୟକ କମିଟି ସିଦ୍ଧାନ୍ତକ୍ରମେ ପୂର୍ବତନ ପାଟଣା ଷ୍ଟେଟ୍‌ର ଇଷ୍ଟଦେବୀ ପାଟଣେଶ୍ୱରୀ ଏବଂ ଦେବୀ ସମଲେଶ୍ୱରୀଙ୍କ ରାଶି ନକ୍ଷତ୍ର ଏବଂ ପୂର୍ବ ପରମ୍ପରା ଅନୁଯାୟୀ ଆସନ୍ତା ନୂଆଖାଇ ଲଗନ ଧାର୍ଯ୍ୟ କରାଯାଇଥିବା ରାଜ ପୁରୋହିତ ସନ୍ତୋଷ ଦାଶ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଆସନ୍ତା ସେପ୍ଟେମ୍ବର ୨୦ ତାରିଖ ନୂଆଖାଇ ପାଳନ କରାଯିବ। ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ବିଶୁଦ୍ଧ ଧନୁଲଗ୍ନେ ମିଥୁନ ନବାଂଶେ ଅମୃତ ବେଳା ଦିବା ୧୦ ଘଣ୍ଟା ୨୮ ମିନିଟ୍‌ରୁ ୧୦ ଘଣ୍ଟା ୪୧ ମିନିଟ୍ ମଧ୍ୟ ନବାନ୍ନ ବିଧି ସ୍ଥିର କରାଯାଇଛି। ଏହି ସମୟରେ ଇଷ୍ଟଦେବୀ ପାଟଣେଶ୍ୱରୀ ଓ ଦେବୀ ସମଲେଶ୍ୱରୀଙ୍କ ସମେତ ଜିଲାର ଅନ୍ୟାନ୍ୟ ଗ୍ରାମ ଦେବାଦେବୀଙ୍କ ଠାରେ ନବାନ୍ନ ଲାଗି ହେବ ବୋଲି ସୂଚନା ଦିଆଯାଇଛି। ନୂଆଖାଇ ଲଗ୍ନ ଧାର୍ଯ୍ୟ ପରେ ସମଗ୍ର ପଶ୍ଚିମ ଓଡିଶାରେ ନୂଆଁଖାଇ ଉତ୍ସାହ ଆରମ୍ଭ ହୋଇଯାଇଛି।

## ପାଉଚ ମଦ କାରବାର, ଜଣେ ଗିରଫ

ପଦ୍ମପୁର ୧୯।୮ (ପ୍ରଦୀପ୍ତ ଦାଶ)

ଗାଇସିଲେଟ ଥାନା ରାଇସଲପଦର ନଦୀ କୂଳରେ ଥିବା ଘରେ ଅବକାରୀ ବିଭାଗ ଚଢାଉ କରି ନକଲି ପାଉଚ ମଦ କାରବାର ଅଭିଯୋଗରେ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ପ୍ରସନ୍ନ ସାହୁ। ତାଙ୍କ ପାଖରୁ ୨୪୨ ଲିଟର ଦେଶୀ ମଦ, ୩୪୦ ଲିଟର ମହୁଲ ପୋଚ, ୩ଟି ସିଲ୍ଲିଂ ମେଶିନ, ୧୦ଟି ନକଲି ପାଉଚ, ଗୋଟିଏ ମୋବାଇଲ ଜବତ ହୋଇଛି। ଶନିବାର ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଅବକାରୀ ଅଧୀକ୍ଷକ ସୁବର୍ଣ୍ଣ ନାଏକଙ୍କ ନିର୍ଦ୍ଦେଶ କ୍ରମେ ଏହି ଚଢାଉ କରାଯାଇଥିଲା।

## ବିଦ୍ୟୁତ୍ ସଂଯୋଗ ଦାବି

ପଦ୍ମପୁର,୧୯।୮(ପ୍ରଦୀପ୍ତ ଦାଶ)

ପଦ୍ମପୁର ବ୍ଲକ କନସିଂହା ଗ୍ରାମପଞ୍ଚାୟତ ଅଧୀନ ବଇଦପାଲି ଗ୍ରାମ ଶାନ୍ତିପୁର ପଡ଼ାକୁ ବିଦ୍ୟୁତ ସଂଯୋଗ ପାଇଁ ଲୋକମାନେ ଦାବି କରିଛନ୍ତି। ଝାଞ୍ଜି ପାହାଡ଼ ତଳେ ଶାନ୍ତିପୁର ପଡ଼ାରେ ବିପିଏଲ ବର୍ଗର ଆଦିବାସୀ ରହୁଛନ୍ତି। ସଞ୍ଜ ହେଲେ ବନ୍ୟଜନ୍ତୁ ଭୟରେ କେହି ପଦାକୁ ବାହାରି ପାରନ୍ତିନାହିଁ। ସମସ୍ତ ପଡ଼ାବାସୀ ବିପିଏଲ ବର୍ଗର ହୋଇଥିବାରୁ ରାଜ୍ୟ ସରକାରଙ୍କ ବିଦ୍ୟୁତ ସେବା ପାଇବା ପାଇଁ ଯୋଗ୍ୟ ଅଟନ୍ତି। ତୁରନ୍ତ ଏହି ପଡ଼ାବାସୀଙ୍କ ଘରକୁ ବିଦ୍ୟୁତ ଯୋଗାଇ ଦେବାକୁ ପଡାବାସୀ ଦାବି କରିଛନ୍ତି।

# ସମ୍ବିଧାନ ପ୍ରଣୟନ ସଭାରେ ଯୁଧିଷ୍ଠିରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



ଯୁଧିଷ୍ଠିର ମିଶ୍ର ଆଇନ ମହାବିଦ୍ୟାଳୟରେ ଆୟୋଜିତ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି।

**ଯୁଧିଷ୍ଠିର ମିଶ୍ର ଆଇନ ମହାବିଦ୍ୟାଳୟରେ ରାଜ୍ୟସ୍ତରୀୟ ଆଲୋଚନାଚକ୍ର**

ବଲାଙ୍ଗୀର,୧୯।୮
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଯୁଧିଷ୍ଠିର ମିଶ୍ର ଆଇନ ମହାବିଦ୍ୟାଳୟ ସଭାକକ୍ଷରେ ଶନିବାର ସମ୍ବିଧାନ ପ୍ରଣୟନ ସଭାର ସଦସ୍ୟ ସ୍ୱର୍ଗତ ଯୁଧିଷ୍ଠିର ମିଶ୍ରଙ୍କ ଜୟନ୍ତୀ ଉତ୍ସବ ଅବସରରେ ଏକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କଲେଜ ଅଧ୍ୟକ୍ଷ ସଞ୍ଜୀବ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଭୁବନେଶ୍ୱର ବିଜେବି କଲେଜର ଅବସରପ୍ରାପ୍ତ ରିଡର ଡ ଦେବେନ୍ଦ୍ର ନାଥ ମିଶ୍ର, ମୁଖ୍ୟବକ୍ତାଭାବେ ତରଭା ଏଇଏସ୍ କଲେଜ ଅଧ୍ୟକ୍ଷ ମୀନତି ମିଶ୍ର, ସମ୍ମାନିତ ବକ୍ତା ଭାବେ ଘସିଏନ୍ କଲେଜ ଇଂଲିଶ ଅଧ୍ୟାପକ ପ୍ରହଲ୍ଲାଦ ସାହୁ ମଞ୍ଚାସୀନ ଥିଲେ। ଦି ଅନ୍‌ରିଏଲାଇଜ୍‌ଡ ପୋଟେନ୍‌ସିଆଲ ଅଫ୍ କନଷ୍ଟିଚ୍ୟୁଏଣ୍ଟ ଆସେମ୍ବ୍ଲି ମେମ୍ବରର୍ସ: ଇନ୍‌ଟେରେଷ୍ଟ ଆଣ୍ଡ ଆପ୍‌ଟିଚ୍ୟୁଡ୍ ଶୀର୍ଷକ ଆଲୋଚନାଚକ୍ରରେ ସ୍ୱର୍ଗତ ମିଶ୍ରଙ୍କ ଜୀବନୀ, ସ୍ୱପ୍ନ ଓ ସଂକଳ୍ପ, ସମ୍ବିଧାନ ପ୍ରଣୟନ ସଭାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା, ସ୍ୱାଧୀନତା ସଂଗ୍ରାମର ସଂଘର୍ଷ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ଭାବେ ତାଙ୍କର ସଂସ୍କାରମୂଳକ କାର୍ଯ୍ୟ ଉପରେ ଆଲୋଚନା କରାଯାଇଥିଲା।

ମୁଖ୍ୟଅତିଥି ଡ. ମିଶ୍ର ତାଙ୍କ ବକ୍ତବ୍ୟରେ ସ୍ୱର୍ଗତ ମିଶ୍ରଙ୍କ ଲଢୁଆ ବ୍ୟକ୍ତିତ୍ୱ ଉପରେ କହିଥିଲେ। ମୁଖ୍ୟବକ୍ତା ମିଶ୍ର ତାଙ୍କ ବକ୍ତବ୍ୟରେ ତତ୍କାଳୀନ ଗଡଜାତ ଆନ୍ଦୋଳନରେ କୃଷକ ଦଳର ସଂଗ୍ରାମ ଏବଂ ସ୍ୱର୍ଗତ ମିଶ୍ରଙ୍କ ଭୂମିକା ଉପରେ ଆଲୋଚନା କରିଥିଲେ। ସଭା ପ୍ରାରମ୍ଭରେ କଲେଜ ଅଧ୍ୟକ୍ଷ ପ୍ରଧାନ ସ୍ୱର୍ଗତ ମିଶ୍ରଙ୍କ ବିଷୟରେ ସୂଚନା ଦେବା ସହ ରାଜ୍ୟସ୍ତରୀୟ ଆଲୋଚନାଚକ୍ରର ଆଭିମୁଖ୍ୟ ସମ୍ପର୍କରେ କହି ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାକୁ ମଣୀନ୍ଦ୍ର ସିଂ ହଂସପାଲ ସଂଯୋଜନା କରିଥିଲେ। ସଭା ପ୍ରାରମ୍ଭରେ ଅତିଥିମାନେ କଲେଜ ପରିସରରେ ଥିବା ସ୍ୱର୍ଗତ ଯୁଧିଷ୍ଠିର ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ଜିଲା ଓକିଲ ସଂଘ ସଭାପତି ଅମରେଶ ତ୍ରିପାଠୀ, ଆଡଭୋକେଟ ଅମରେନ୍ଦ୍ର ମିଶ୍ର, ଆଠମଲ୍ଲିକ ଓକିଲ ସଂଘ ସଭାପତି ସୁଶାନ୍ତ ମହାପାତ୍ର, ଆଡଭୋକେଟ ଟଙ୍କଧର ଗଡତ୍ୟା, କଲେଜର ସମସ୍ତ ଷ୍ଟାଫ୍ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଶେଷରେ କଲେଜର ସେମିନାର ମୁଖ୍ୟ ଚଣ୍ଡୀ ପ୍ରସାଦ ଖମାରୀ ଧନ୍ୟବାଦ ଦେଇଥିଲେ। ଆଲୋଚନାଚକ୍ର ପରେ କଲେଜର ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା।

# ନିଖୋଜ ଯୁବକ ଝାରସୁଗୁଡ଼ାରୁ ଉଦ୍ଧାର

ଅତାବିରା,୧୯।୮(ହୃଷିକେଶ ଖମାରୀ)


ଝାରସୁଗୁଡ଼ାରୁ ଉଦ୍ଧାର ହୋଇଥିବା ଯୁବକ।

ବରଗଡ଼ ଜିଲା ଅତାବିରା ରେଳ ଷ୍ଟେଶନରୁ ଘରକୁ ଫେରିବା ବାଟରେ ଗୁରୁବାର ରାତିରେ ରହସ୍ୟଜନକ ଭାବେ ନିଖୋଜ ଥିବା ଭେଡ଼େନ ଥାନା ଦେଶଭଟଲି ପଞ୍ଚାୟତ ଅନ୍ତର୍ଗତ ବିଶିପାଲି ଆନ୍ଧ୍ରପଡ଼ାର ବି. ହରିକ୍ରିଷ୍ଣାଙ୍କୁ ପୋଲିସ ଝାରସୁଗୁଡ଼ା ରେଳ ଷ୍ଟେଶନରୁ ଠାବ କରିଛି। ଶନିବାର ଉଦ୍ଧାର ପରେ ଅତାବିରା ପୋଲିସ ତାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ତେବେ କିଭଳି ପରିସ୍ଥିତିରେ ସେ ଝାରସୁଗୁଡ଼ା ରେଳ ଷ୍ଟେଶନରେ ପହଞ୍ଚିଲେ, ସେ ସମ୍ପର୍କରେ ବି. ହରିକ୍ରିଷ୍ଣା ସ୍ପଷ୍ଟ ଭାବେ କହି ପାରୁନାହାନ୍ତି। ବରଗଡ଼ ଏସ୍‌ଡ଼ିପିଓ ପଦାରବିନ୍ଦ ତ୍ରିପାଠୀ ମଧ୍ୟ ଅତାବିରା ଥାନାରେ ପହଞ୍ଚି ହରିକ୍ରିଷ୍ଣାଙ୍କୁ ପଚରାଉଚୁରା କରିଥିଲେ। କିନ୍ତୁ କିଭଳି ସେ ଝାରସୁଗୁଡ଼ାକୁ ଯାଇଥିଲେ, ତାହା ହରିକ୍ରିଷ୍ଣା ମଧ୍ୟ ଜାଣି ପାରୁନାହାନ୍ତି। ସେ ସଂଜ୍ଞାହୀନ ଥିଲେ ଏବଂ ଚେତା ଆସିବା ପରେ ଝାରସୁଗୁଡ଼ା ରେଳ ଷ୍ଟେଶନରୁ ପରିବାର ଲୋକଙ୍କୁ ଫୋନ କରିଥିବା ପୋଲିସକୁ କହିଛନ୍ତି ବୋଲି ଅତାବିରା ଥାନା ଆଇଆଇସି ସୁକୁମାର ତ୍ରିପାଠୀ ପ୍ରକାଶ କରିଛନ୍ତି।

ପ୍ରକାଶଥାଉକି, ବି. ହରିକ୍ରିଷ୍ଣାଙ୍କ ସ୍ତ୍ରୀ, ୫ମାସର ଶିଶୁପୁତ୍ର ଏବଂ ଅନ୍ୟ ସମ୍ପର୍କୀୟମାନେ ଆନ୍ଧ୍ରପ୍ରଦେଶରୁ ବିଶିପାଲି ଆନ୍ଧ୍ରପଡ଼ା ବାସଭବନକୁ ଗୁରୁବାର ଟ୍ରେନ ଯୋଗେ ଆସୁଥିଲେ। ସେମାନଙ୍କୁ ଆଣିବା ପାଇଁ ରାତିରେ ହରିକ୍ରିଷ୍ଣା ଏକ ବାଇକ୍ ଯୋଗେ ଅତାବିରା ରେଳ ଷ୍ଟେଶନକୁ ଯାଇଥିଲେ। ତେବେ ସ୍ତ୍ରୀ, ଶିଶୁପୁତ୍ର ଏବଂ ଅନ୍ୟ ସମ୍ପର୍କୀୟଙ୍କୁ କାର୍ ଯୋଗେ ଘରକୁ ପଠାଇ ସେ ବାଇକ୍‌ରେ ଫେରୁଥିଲେ। ହେଲେ ହରିକ୍ରିଷ୍ଣା ଆଉ ଘରକୁ ଫେରି ନ ଥିଲେ। ଶୁକ୍ରବାର ସକାଳେ ତାଙ୍କ ବାଇକ୍, ହେଲମେଟ୍, ଚପଲ ଅତାବିରା ରେଳ ଷ୍ଟେଶନ ରାସ୍ତାକଡ଼ ବିଲ ଭିତରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ଏପରିକି ସେଠାରେ ଏକ ଛୁରି ମଧ୍ୟ ପଡ଼ିଥିଲା। ଶନିବାର ହରିକ୍ରିଷ୍ଣାଙ୍କ ଶିଶୁପୁତ୍ରର ଅନ୍ନପ୍ରାଶନ ଥିବାବେଳେ ତାଙ୍କର ଏଭଳି ରହସ୍ୟଜନକ ନିଖୋଜ ଅତାବିରା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିଲା।

# ରେଳଷ୍ଟେଶନ ଅବ୍ୟବସ୍ଥା ନେଇ ଡିଆର୍‌ଏମଙ୍କୁ ଫେରାଦ


ଡିଆରଏମଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଟିଟିଲାଗଡ଼, ୧୯।୮ (ଶରତ ମିଶ୍ର)

ସମ୍ବଲପୁର ଡିଆରଏମ ବିନୀତ ସିଂ ଶନିବାର ଟିଟିଲାଗଡ଼ ଗସ୍ତରେ ଆସି ରେଳ ଟ୍ରାକ ଯାଞ୍ଚ କରିଥିଲେ। ପରେ ରେଳ ବିଭାଗର ରନିଙ୍ଗ ରୁମ ଉଦ୍‌ଘାଟନ ସହ ସ୍ଥାନୀୟ ରେଳ କର୍ମଚାରୀଙ୍କ ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିରରେ ଯୋଗ ଦେଇଥିଲେ। ଏହି ଅବସରରେ ଟିଟିଲାଗଡ଼ କୃଷକ ସଂଘର୍ଷ ଅଭିଯାନ ସମିତି ଆବାହକ ବାଳକୃଷ୍ଣ ଷାଣ୍ଢ ଓ ସ୍ଥାନୀୟ ଜନତା ଟିଟିଲାଗଡ଼ ରେଳ ଷ୍ଟେଶନରେ ଦୀର୍ଘ ବର୍ଷ ଧରି ଲାଗି ରହିଥିବା ସମସ୍ୟା ନେଇ ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସାମାନ୍ୟ ବର୍ଷାରେ ଟିଟିଲାଗଡ଼ ଭୂତଳ ପୋଲ ବୁଡି ଗମନାଗମନ ଅନୁପଯୋଗୀ ହୋଇପଡୁଛି। ପଶ୍ଚିମ ଓଡ଼ିଶାର ପ୍ରଥମ ପାଞ୍ଚଟି ପ୍ଲାଟଫର୍ମ ବିଶିଷ୍ଟ ଟିଟିଲାଗଡ଼ ରେଳ ଜଙ୍କସନର କୌଣସି ପ୍ଲାଟାଫର୍ମରେ ମଧ୍ୟ ଦ୍ୱିତୀୟ ଶ୍ରେଣୀ ଯାତ୍ରୀଙ୍କ ପାଇଁ ବସିବାକୁ ପ୍ରତୀକ୍ଷାଳୟ କିମ୍ବା ଶୌଚାଳୟ ନାହିଁ। ଇଂରେଜ ଅମଳରୁ ଏଠାରେ ସହରର ଦୁଇ ପଟକୁ ଯୋଡିବା ପାଇଁ ଏକ ଫୁଟ ଓଭର ବ୍ରିଜ ରହିଥିଲା। ତାହା ମଧ୍ୟ ବିପଦ ସଙ୍କୁଳ କହି ରେଳ ବିଭାଗ ବନ୍ଦ କରି ଦେଇଥିବା ବେଳେ ବିକଳ୍ପ ବ୍ୟବସ୍ଥା କରିନାହିଁ। ଷ୍ଟେସନକୁ ଯାତ୍ରୀବାହୀ ଗାଡି ଆସିବା ନେଇ ଅଚାନକ ପୂର୍ବରୁ ସୂଚିତ ପ୍ଲାଟଫର୍ମ ନମ୍ବର ବଦଳି ଯାଉଛି। ଏନେଇ ମାତ୍ର କିଛି ମିନିଟ ପୂର୍ବରୁ ଘୋଷଣା କରାଯାଉଥିବା ନେଇ ଶିଶୁ, ବୃଦ୍ଧବୃଦ୍ଧା ମହିଳା, ରୋଗୀ ସିଡ଼ି ଚଢି ଅନ୍ୟ ପ୍ଲାଟଫର୍ମକୁ ଯିବା କଷ୍ଟ ସାଧ୍ୟ ହୋଇପଡୁଛି। ଟିଟିଲାଗଡ଼ ଠାରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଖୋଦ ରେଳ ବିଭାଗ କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ଅଧିନରେ ରହିଥିବା କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନକୁ ପ୍ରସ୍ତାବ ଦେଇଥିଲା। ଏନେଇ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର ଅନୁରୋଧ କ୍ରମେ ଡିସେମ୍ବର ୨୦୨୧ରୁ ରାଜ୍ୟ ସରକାର ସ୍ଥାନୀୟ ଧବଳେଶ୍ୱର ଉଚ୍ଚ ବିଦ୍ୟାଳୟରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଅନୁମତି ଦେଇସାରିଛନ୍ତି। ହେଲେ ତାହା ସାକାର ହୋଇପାରିନାହିଁ। ଏଭଳି ବିଭିନ୍ନ ସମସ୍ୟା ନେଇ ଡିଆର୍‌ଏମ ସିଂଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଡିଆରଏମ ଏ ସବୁ ଦାବିକୁ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟପକ୍ଷରେ ଡିଆରଏମ କହିଥିଲେ ସ୍ଥାନୀୟ ଲୋକେ ଡ୍ରେନରେ ଆବର୍ଜନା ଫିଙ୍ଗୁଥିବାରୁ ଅଣ୍ଡର ବ୍ରିଜରେ ପାଣି ପ୍ରବେଶ କରୁଛି। ହେଲେ ଅଣ୍ଡର ବ୍ରିଜ ନିର୍ମାଣରେ ବୈଷୟିକ ତ୍ରୁଟି ଥିବାକୁ ସ୍ୱୀକାର କରିବା ବଦଳରେ ଡିଆରଏମ ଏଭଳି କହିବାକୁ ବୁଦ୍ଧିଜୀବୀ ମହଲରେ ନିନ୍ଦା କରାଯାଇଛି। ଡିଆରଏମ ସିଂଙ୍କୁ ଦାବିପତ୍ର ପ୍ରଦାନ ସମୟରେ ଟିଟିଲାଗଡ଼ ବଣିକ ସଂଘ ସଭାପତି ଶମ୍ଭୁପ୍ରସାଦ ଗୋଏଲ, ପ୍ରମୋଦ ଡୋଡକା, ବୈବସ୍ୱତ ସାହୁ, ତ୍ରିଲୋଚନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଛାତ୍ରୀଛାତ୍ରଙ୍କ ଉପରେ କଳାହାଣ୍ଡି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଚାପ ପକାଉଥିବା ଅଭିଯୋଗ

ଭବାନୀପାଟଣା,୧୯।୮(ଉତ୍ତମ କୁମାର ଦାଶ)

କଳାହାଣ୍ଡି ବିଶ୍ୱବିଦ୍ୟାଳୟ କୁଳପତି ଛାତ୍ରୀଛାତ୍ରଙ୍କ ଅଧିକାରରୁ ବଞ୍ଚିତ କରରୁଥିବା ଅଭିଯୋଗ କରିଛି କଳାହାଣ୍ଡି ଛାତ୍ର ସଂଘ। ଏ ନେଇ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ଉଚ୍ଚଶିକ୍ଷା ବିଭାଗକୁ ଚିଠି ଲେଖିଛି କଳାହାଣ୍ଡି ଛାତ୍ର ସଂଘ। କଳାହାଣ୍ଡି ଛାତ୍ର ସଂଘର ଚିଠିକୁ ଗୁରୁତର ସହ ଗ୍ରହଣ କରିଛି ଉଚ୍ଚ ଶିକ୍ଷା ବିଭାଗ। ୫ ଦିନ ମଧ୍ୟରେ ଜବାବ ଦାଖଲ ପାଇଁ କଳାହାଣ୍ଡି ୟୁନିଭର୍ସିଟି ଭିସିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟ ୟୁନିଭର୍ସିଟିକୁ ମଧ୍ୟ ଏ ସମ୍ପର୍କରେ ସଚେତନ ଓ ସତର୍କ ରହିବାକୁ ଉଚ୍ଚଶିକ୍ଷା ବିଭାଗ ଚିଠି କରିଛି। ଅନ୍ୟପଟେ କଳାହାଣ୍ଡି ୟୁନଭର୍ସିଟିର ଭିସି ସଞ୍ଜୟ ଶତପଥି ଅଭିଯୋଗକୁ ଖଣ୍ଡନ କରି କହିଛନ୍ତି ଯେ, ଆକ୍ରୋଶମୂଳକ ଭାବେ କେହି ପିଲା ଏପରି କରିଥାଇପାରିଥାନ୍ତି। କଳାହାଣ୍ଡି ବିଶ୍ୱବିଦ୍ୟାଳୟରେ ଛାତ୍ରୀଛାତ୍ର ଓ କୁଳପତିଙ୍କ ଏହି ବିବାଦ ଏବେ ଉଚ୍ଚଶିକ୍ଷା ବିଭାଗ ପାଖରେ ପହଞ୍ଚିଛି। ଆଗକୁ କୁଳପତି କ'ଣ ଜବାବ ଦାଖଲ କରିବେ ତା ଉପରେ ନଜର ରହିବ। କଳାହାଣ୍ଡି ଛାତ୍ର ସଂଘର ଅଭିଯୋଗ ଯେ, ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଛାତ୍ରୀଛାତ୍ରଙ୍କୁ ପରୀକ୍ଷାରେ କମ ମାର୍କ ଦେବା, ହଷ୍ଟେଲରୁ ବିଦା କରିବା ଭଳି କାର୍ଯ୍ୟାନୁଷ୍ଠାନ ଭୟ ଦେଖାଇ ସାମାଜିକ କାମରୁ ଦୂରେଇ ରଖାଯାଉଛି। ଏପରି କି ଭୟରେ ଅଭିଯୋଗପତ୍ରରେ କାହାର ଦସ୍ତଖତ ନାହିଁ। ଅନ୍ୟପଟେ କଲେଜ ସଂସଦ ନିର୍ବାଚନ ହେଉ ନ ଥିବାରୁ କର୍ତ୍ତୃପକ୍ଷ ମନମାନି କରୁଥିବା ଅଭିଯୋଗ ହେଉଛି।

# ସ୍ୱାଧୀନତା ଦିବସରେ ଫ୍ଲାଗ୍ କୋଡ୍ ଉଲ୍ଲଂଘନ, ଏସ୍‌ପିଙ୍କୁ ଦାବିପତ୍ର


ଧୁମାଭଟା କଲେଜ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଏସପି ଅଫିସ ଆସିଥିବା ପ୍ରତିନିଧି ମଣ୍ଡଳୀ।

ବଲାଙ୍ଗୀର, ୧୯।୮
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ବେଲପଡା ବ୍ଲକ ଧୁମାଭଟା ବୀଣାପାଣି ଡିଗ୍ରୀ ମହାବିଦ୍ୟାଳୟରେ ସ୍ୱାଧୀନତା ଦିବସ ପାଳନ ବେଳେ ଫ୍ଲାଗ୍ କୋର୍ଡ ଉଲ୍ଲଂଘନ କରାଯାଇଛି। ରାଷ୍ଟ୍ରୀୟ ସ୍ଲୋଗାନ ବଦଳରେ ବୋଲବମ୍ ନାରାବାଜି କରାଯାଇଥିବା ଅଭିଯୋଗ ଦେଇ କୋଶଲ ରାଜ୍ୟ ମୁକ୍ତି ମୋର୍ଚ୍ଚା, ବଜରଙ୍ଗ ଦଳ ଏବଂ କୋଶଲ ସେନା ପକ୍ଷରୁ ଶନିବାର ଏସପିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବଜରଙ୍ଗ ଦଳର ସୌମ୍ୟ ରଞ୍ଜନ ମିଶ୍ର, କୋଶଲ ରାଜ୍ୟ ମୁକ୍ତି ମୋର୍ଚ୍ଚା ରାଜ୍ୟ ଉପସଭାପତି ଗଣେଶ ସାହୁ, ସମ୍ପାଦକ ସିଫୁନ୍ ଖମାରୀ ଏବଂ କୋଶଲ ସେନାର ଇନ୍ଦ୍ରମଣି ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଏସପି ଅଫିସକୁ ଯାଇ ଦାବିପତ୍ର ପ୍ରଦାନ କରିଥିଲେ। ପ୍ରତିନିଧି ଦଳ ଆଡିସନାଲ ଏସ୍‌ପିଙ୍କୁ ଭେଟି ଦାବିପତ୍ର ଦେବା ସହ ତୁରନ୍ତ ଧୁମାଭଟା କଲେଜର ଅଧ୍ୟକ୍ଷ ଏବଂ ସମ୍ପୃକ୍ତ ଅଧ୍ୟାପକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ସ୍ୱାଧୀନତା ଦିବସ ଭଳି ପବିତ୍ର ଦିବସରେ ଯେଭଳି ଭାବେ ଏହି କଲେଜରେ ମଜାକ୍ ଉଡାଯାଇଛି ଏବଂ ଏହାର ଭିଡିଓ ଭାଇରାଲ କରାଯାଇଛି ସେଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ। ପୋଲିସ କାର୍ଯ୍ୟାନୁଷ୍ଠାନ ନହେଲେ ଆଗକୁ ବାଧହୋଇ ସେମାନେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଗଣମାଧ୍ୟମକୁ କହିଥିଲେ। ଏହି ଘଟଣାକୁ ନେଇ ଶୁକ୍ରବାର ସ୍ଥାନୀୟ ଟାଉନ୍ ଥାନାରେ ମଧ୍ୟ କୋଶଲ ରାଜ୍ୟ ମୁକ୍ତି ମୋର୍ଚ୍ଚା ପକ୍ଷରୁ ଲିଖିତ ଅଭିଯୋଗ କରାଯାଇଥିଲା।

## ବ୍ଲକ କଂଗ୍ରେସ ସଭାପତିଙ୍କ ଉଦ୍ୟମରେ ଦିବ୍ୟାଙ୍ଗଙ୍କୁ ମିଳିଲା ହ୍ୱିଲଚେୟାର୍

ଲାଞ୍ଜିଗଡ଼,୧୯।୮(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ରୋଡ଼ ଗ୍ରାମପଞ୍ଚାୟତ ସିକେରକୁପା ଗାଁର ଜଣେ ଦିବ୍ୟାଙ୍ଗଙ୍କୁ ବ୍ଲକ କଂଗ୍ରେସ ସଭାପତି ହରିହର କୁମାରଙ୍କ ଉଦ୍ୟମରେ ଶନିବାର ବ୍ଲକ ପ୍ରଶାସନ ପକ୍ଷରୁ ହ୍ୱିଲଚେୟାର ଯୋଗାଇ ଦିଆଯାଇଛି। ସୂଚନା ଅନୁଯାୟୀ, ସିକେରକୁପା ଗାଁରେ ପ୍ରତାପ ସାଗର ଦୀର୍ଘ ଦିନରୁ ରୋଗର ଶିକାର ହୋଇ ଶଯ୍ୟାଶାୟୀ ରହିଛନ୍ତି। ପଞ୍ଚାୟତ ପକ୍ଷରୁ ଭତ୍ତା ପାଉଥିଲେ ହେଁ ହ୍ୱିଲଚେୟାର ପାଇଁ ସେ କିଛିଦିନ ତଳେ ବ୍ଲକ କଂଗ୍ରେସ ସଭାପତିଙ୍କୁ ଜଣାଇଥିଲେ। ଏ ସମ୍ପର୍କରେ ସଭାପତି ହରିହର ବ୍ଲକ ସାମାଜିକ ସମ୍ପ୍ରସାରଣ ଅଧିକାରୀ ଅରବିନ୍ଦ ମହାପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବ୍ଲକ ସମ୍ପ୍ରସାରଣ ଅଧିକାରୀ ଓ ବ୍ଲକ କଂଗ୍ରେସ ସଭାପତି ସିକେରକୁପା ଯାଇ ଦିବ୍ୟାଙ୍ଗ ପ୍ରତାପଙ୍କୁ ହ୍ୱିଲଚେୟାର ପ୍ରଦାନ କରିଥିଲେ। ପ୍ରତାପ ହ୍ୱିଲଚେୟାର୍ ପାଇଥିବାରୁ ହରିହର କୁମାର ଏବଂ ଅରବିନ୍ଦ ମହାପାତ୍ରଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସମନ୍ୱିତ କୃଷି ପାଇଁ ଚାଷୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ

ଖପ୍ରାଖୋଲ, ୧୯।୮(ଅଭୟ ତ୍ରିପାଠୀ)

ସ୍ଥାନୀୟ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ତାଲିମ ଗୃହଠାରେ ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ବ୍ଲକସ୍ତରୀୟ କୃଷି ବୈଷୟିକ କମିଟି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବ୍ଲକର କୃଷି ଓ ଅନ୍ୟାନ୍ୟ ବିଭାଗ ଅଗ୍ରଗତି ନେଇ ଆଲୋଚନା ହୋଇଥିଲା। ସେହିପରି ସମନ୍ୱିତ କୃଷି ପଦ୍ଧତି ଯୋଜନା ପାଇଁ ଆବେଦନ କରିଥିବା ୧୪ଜଣ ଚାଷୀଙ୍କୁ ଯୋଜନା ସମ୍ପର୍କରେ ଅବଗତ କରିବା ସହ ଏକା ସାଙ୍ଗରେ କୃଷି, ଉଦ୍ୟାନ କୃଷି, ଗୋପାଳନ, କୁକୁଡ଼ା ପାଳନ, ମାଛ ଚାଷ କିଭଳି ସମନ୍ୱିତ ଭାବେ କରି ଲାଭବାନ ହୋଇପାରିବେ ସେନେଇ ବୁଝାଇ ଚାଷୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ଏହି ଅବସରରେ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଯିନିତା ବରୁଆ, ସହକାରୀ ମତ୍ସ୍ୟ ଅଧିକାରୀ ଏ.ମହାନ୍ତି, ସହକାରୀ ପ୍ରାଣୀ ସମ୍ପଦ ଅଧିକାରୀ ଏ. ପାଣିଗ୍ରାହୀ, ସହକାରୀ କୃଷି ଅଧିକାରୀ ସୁମନ୍ତ କୁମାର ଖମାରୀ, ଦୀନବନ୍ଧୁ ବେହେରା,ଏଫିଏସ ଏମ ଟି ଅଭୟ ତ୍ରିପାଠୀ, ସୁରେଶ ବେହେରା ପ୍ରମୁଖ ବ୍ଲକସ୍ତରୀୟ କୃଷି ବୈଷୟିକ କମିଟି ସଦସ୍ୟ, କୃଷି ବିଭାଗ କର୍ମଚାରୀ ଓ ଆଗୁଆ ଚାଷୀ ଉପସ୍ଥିତ ଥିଲେ।

## ଅଙ୍ଗନବାଡ଼ି କେନ୍ଦ୍ର ପରିସରରେ ବୃକ୍ଷରୋପଣ

ବାଉଁଶୁଣୀ, ୧୯।୮(ଦେବାଶିଷ ନେପାକ)

ବୌଦ୍ଧ ବ୍ଲକ ବାଉଁଶୁଣୀ ଅଙ୍ଗନବାଡ଼ି କେନ୍ଦ୍ରରେ ଶନିବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁପରଭାଇଜର ସୁନିତା ଦାସଙ୍କ ସହ ବାଉଁଶୁଣୀ ଅଙ୍ଗନବାଡ଼ି କେନ୍ଦ୍ରର କର୍ମୀ, ସହାୟକଙ୍କ ସମେତ କିଶୋରୀ କିଶୋରଙ୍କୁ ନେଇ ବିଭିନ୍ନ ପ୍ରକାରର ବୃକ୍ଷ ରୋପଣ କରାଯାଇଥିଲା। ଏହି ଉପଲକ୍ଷେ କେନ୍ଦ୍ର ପରିସରରେ ଅନୁଷ୍ଠିତ ସଭରେ ସୁପରଭାଇଜର ଦାସ ବୃକ୍ଷ ରୋପଣର ଆବଶ୍ୟକତା ବିଷୟରେ କହିଥିଲେ।

# ପାଟଦର୍ହା ସଂରକ୍ଷିତ ଜଙ୍ଗଲରେ ମାଓବାଦୀ କ୍ୟାମ୍ପ ଠାବ

ନୂଆପଡ଼ା,୧୯।୮(ମକାରୁ ବେମାଲ)

ଓଡ଼ିଶା-ଛତିଶଗଡ଼ ସୀମାନ୍ତ ନୂଆପଡା ଜିଲା ସିନାପାଲି ଥାନା ପାଟଦର୍ହା ସଂରକ୍ଷିତ ଜଙ୍ଗଲରେ ଓଡ଼ିଶା ପୋଲିସ ଓ ସିଆର୍‌ପିଏଫ୍ ଯବାନଙ୍କ ମିଳିତ ଉଦ୍ୟମରେ ଏକ ମାଓବାଦୀ କ୍ୟାମ୍ପ ଠାବ ହୋଇଛି। ସେଠାରୁ ଡିଟୋନେଟର ସହ ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ ଜବତ କରାଯାଇଛି ବୋଲି ନୂଆପଡା ଆରକ୍ଷୀ ଅଧୀକ୍ଷକ ଗୁନ୍ଦାଲା ରେଡ୍ଡୀ ରାଘବେନ୍ଦ୍ର ଶନିବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଓଡ଼ିଶା ଓ ଛତିଶଗଡ଼ ସୀମାନ୍ତରେ କୋମ୍ବିଂ ଅପରେଶନ ଜାରି ରହିଛି ବୋଲି ଏସ୍‌ପି ସୂଚନା ଦେଇଛନ୍ତି।

ସୂଚନା ମୁତାବକ ଗତ ୧୭ ତାରିଖରେ ଓଡ଼ିଶା-ଛତିଶଗଡ ସୀମା ପାଟଦର୍ହା ସଂରକ୍ଷିତ ଜଙ୍ଗଲରେ ୨୦ରୁ ୨୫ଜଣ ମାଓବାଦୀ ଅବସ୍ଥାନ କରିଥିବା ନୂଆପଡା ପୋଲିସକୁ ଏକ ସମର୍ଥିତ ସୂତ୍ରରୁ ଖବର ମିଳିଥିଲା। ତୁରନ୍ତ ନୂଆପଡ଼ା ଏସ୍‌ପି ସିଆର୍‌ପିଏଫ୍ କମାଣ୍ଡାଣ୍ଟ ଏରିକ ଗିଲବଟ ଯୋଶଙ୍କ ସହ ଯୋଗାଯୋଗ କରି ଏସ୍‌ଓଜି, ଡିଭିଏଫ୍, କୋବ୍ରା ଓ ସିଆର୍‌ପିଏଫ୍ ଯବାନଙ୍କ ମିଳିତ ଭାବେ ଉକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନ ଆରମ୍ଭ କରିଥିଲେ। କୋମ୍ବିଂ ଅପରେଶନ ବେଳେ ଶୁକ୍ରବାର ଅପରାହ୍ନ ୪ଟାରେ ସିନାପାଲି ଥାନା ଝୋଲପାଡା ଗାଁଠାରୁ ୩ କି.ମି. ଦୂର ଘଞ୍ଚ ଜଙ୍ଗଲରେ ମାଓବାଦୀ କ୍ୟାମ୍ପ ଠାବ କରିଥିଲା। ପୋଲିସ ଆସୁଥିବା ଜାଣି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ଯବାନ ଓ ମାଓବାଦୀଙ୍କ ମଧ୍ୟରେ କୌଣସି ପ୍ରକାର ଗୁଳିବିନିମୟ ହୋଇ ନ ଥିଲା ବୋଲି ଏସ୍‌ପି କହିଛନ୍ତି।


ପୋଲିସ ସହ ଜବତ ମାଓବାଦୀ ସାମଗ୍ରୀ।

**ବିପୁଳ ପରିମାଣର ବିସ୍ଫୋରକ ଜବତ**

କ୍ୟାମ୍ପରୁ ୨୮ଟି ଡେଟୋନେଟର, ଏକ କିଲୋଗ୍ରାମ ବାରୁଦ, ଏକେ ୪୭ ବନ୍ଧୁକର ଗୁଳି, ୨ଟି ରେଡିଓ, ଗୋଟିଏ ୬ ଭୋଲଟ ବ୍ୟାଟେରି, ୨ଟି ମୋବାଇଲ ଚାର୍ଜର, ୨ଟି ମୋବାଇଲ ବ୍ୟାଟେରି, ୩ଟି ଟର୍ଚ୍ଚ ଲାଇଟ, ଜୋତା, ମାଓବାଦୀ ପୋଷାକ, ୪ଟି ଛୁରି, କଳା ରିବନ ଓ ମହିଳା ମାଓବାଦୀଙ୍କ ଦୈନନ୍ଦିନ ବ୍ୟବହାର ସାମଗ୍ରୀ ଆଦି ଜବତ କରାଯାଇଥିଲା। ପରେ ସେଠାରେ ଜବତ ସାମଗ୍ରୀ ପୋଡ଼ି ଦିଆଯାଇଥିଲା।

ସୂଚନାଯୋଗ୍ୟ ଯେ, ଗତ ୨ ମାସ ମଧ୍ୟରେ ପୋଲିସ ଓ ସିଆର୍‌ପିଏଫ୍ ଯବାନଙ୍କ ମିଳିତ ଉଦ୍ୟମରେ ଏହା ତୃତୀୟ ମାଓବାଦୀ କ୍ୟାମ୍ପ ଠାବ ହୋଇଛି। ଗତ ଜୁଲାଇ ୨୪ରେ ସେହି ପାଟଦର୍ହା ସଂରକ୍ଷିତ ଜଙ୍ଗଲରେ ଏକ ମାଓବାଦୀ କ୍ୟାମ୍ପ ଠାବ ହୋଇଥିଲା। ସେଠାରୁ ବିପୁଳ ବାରୁଦ ଓ ଚକୋଲେଟ ବୋମା ଜବତ ହୋଇଥିଲା। ସେହିପରି ୧ ଜୁଲାଇରେ ପାଟଦର୍ହା ସଂରକ୍ଷିତ ଜଙ୍ଗଲ ଝୋଲପଡା ନିକଟରେ ଏକ ମାଓବାଦୀ କ୍ୟାମ୍ପ ଠାବ ହେବା ସହ ହେଣ୍ଡ ଗ୍ରେନେଡ ଜବତ ହୋଇଥିଲା। ଏଥିରେ ସ୍ପଷ୍ଟ ଜଣାପଡୁଛି ଯେ, ଓଡ଼ିଶା ଓ ଛତିଶଗଡ଼ ସୀମାନ୍ତରେ ମାଓବାଦୀମାନେ ସକ୍ରିୟ ରହିବା ସହ ତାଙ୍କର ଉପସ୍ଥିତି ଜାହିର କରିବାକୁ ଚେଷ୍ଟା କରୁଛନ୍ତି।

## ସଂକ୍ଷେପରେ

### ମାଙ୍କଡ ଆକ୍ରମଣରେ ଜଣେ ଆହତ

ଦେବଗଡ,୧୯।୯,(ଶଶାଙ୍କ ଶେଖର ଝାଙ୍କର) : ମାଙ୍କଡ ଆକ୍ରମଣରେ ଦେବଗଡର ଜଣେ ବ୍ୟବସାୟୀ ତଥା ସାମାଜିକ କର୍ମୀ ସୁଶୀଲ କୁମାର ଆହତ ହୋଇଛନ୍ତି। ସେ ନିଜ ବାସଭବନ ନିକଟରେ ଠିଆ ହୋଇଥିବା ସମୟରେ ମାଙ୍କଡ ତାଙ୍କୁ ହଠାତ୍ ଆକ୍ରମଣ କରି କାମୁଡି ଦେଇଥିଲା। ତୁରନ୍ତ ସେ ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ସୂଚନାଥାଉକି, ଦେବଗଡର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ପ୍ରଧାନପାଟ ସଂରକ୍ଷିତ ଜଙ୍ଗଲରେ ରହୁଥିବା ଶତାଧିକ ମାଙ୍କଡ ଖାଦ୍ୟାଭାବ ଯୋଗୁଁ ବର୍ତ୍ତମାନ ସହର ମୁହାଁହୋଇ ସଂଘବଦ୍ଧଭାବେ ଜନସାଧାରଣଙ୍କୁ ଅତର୍କିତ ଆକ୍ରମଣ କରୁଛନ୍ତି। ଏପରିକି ପ୍ରଶାସନ ତରଫରୁ ଯେତେ ପ୍ରତିକାର କଲେ ମଧ ତାହା କାମ ଦେଉନାହିଁ। ତେଣୁ ଜିଲା ପ୍ରଶାସନ ତଥା ବନବିଭାଗ କର୍ତ୍ତୃପକ୍ଷ ଯୋଜନା ମୁତାବକ ଠୋସ୍ ପଦକ୍ଷେପ ନେବା ଜରୁରୀ ହୋଇପଡିଛି।

### ପୋଖରୀ ପାଣିରେ ବୁଡି ଜଣେ ମୃତ

ଦେବଗଡ, ୧୯।୮(ଶଶାଙ୍କ ଶେଖର ଝାଙ୍କର): ଦେବଗଡ ଜିଲା ତିଲେଇବଣି ବ୍ଲକ କୁଟୁରାପସି ଗ୍ରାମରେ ପୋଖରୀରେ ବୁଡି ଜଣଙ୍କର ମୃତ୍ୟୁ ଘଟିଛି । ମୃତକ ଉକ୍ତ ଗ୍ରାମର ବୁଲୁ ସୁହୁଲା(୫୦)। ବୁଲୁ ଶନିବାର ଅପରାହ୍ଣ ପ୍ରାୟ ୩ ଟାରେ କୁଟୁରାପସି ଗ୍ରାମର ମଜୁରଖାଇ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଦୀର୍ଘ ସମୟ ଧରି ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ । ସନ୍ଧ୍ୟା ପ୍ରାୟ ୫ଟାରେ ବୁଲୁଙ୍କ ମୃତଦେହ ଉକ୍ତ ପୋଖରୀରୁ ଜବତ ହୋଇଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଇଛି ।

### ଡାଇଲିସିସ କେନ୍ଦ୍ରରୁ ସାମଗ୍ରୀ ଚୋରି, ୨ କର୍ମଚାରୀ ଗିରଫ

ଦେବଗଡ, ୧୯।୮(ଶଶାଙ୍କ ଶେଖର ଝାଙ୍କର) : ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ କିଡନୀ ରୋଗୀଙ୍କ ପାଇଁ ଡାଇଲିସିସ ନିମନ୍ତେ ଥିବା ସାମଗ୍ରୀ ଚୋରି ହୋଇଥିବା ନେଇ ମେଡିକାଲ କର୍ତ୍ତୃପକ୍ଷ ଶୁକ୍ରବାର ଦେବଗଡ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ପୋଲିସ ଡାଇଲିସିସ ସେଣ୍ଟର ମ୍ୟାନେଜର ଓ ଆଟେଣ୍ଡାଣ୍ଟଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଡାଇଲିସିସ ସେଣ୍ଟର ମ୍ୟାନେଜର ଯଶୋବନ୍ତ ମହାନନ୍ଦ ଓ ଆଟେଣ୍ଡାଣ୍ଟ ଅଜିତ ମୁଖି । ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କିଡନୀ ରୋଗୀ ପାଇଁ ଏକ ଡାଇଲିସିସ କେନ୍ଦ୍ର ଖୋଲାଯାଇଥିଲା। ଏହାର ପରିଚାଳନା ଦାୟିତ୍ୱ ରାହି କେୟାର ନାମକ ଏକ ସଂସ୍ଥାକୁ ପ୍ରଦାନ କରାଯାଇଛି। ତେବେ ଉକ୍ତ ସଂସ୍ଥା ପକ୍ଷରୁ ନିୟୋଜିତ ଉପରୋକ୍ତ ୨ କର୍ମଚାରୀ ଗତ ୧୧ ତାରିଖ ସନ୍ଧ୍ୟାରେ ଏକ ଅଟୋ ଯୋଗେ ଡାଇଲସିସ କେନ୍ଦ୍ରରୁ ବିଭିନ୍ନ ସାମଗ୍ରୀ ନେଉଥିବାବେଳେ ସେଠାରେ ନିୟୋଜିତ ସୁରକ୍ଷାକର୍ମୀ ଏହାକୁ ଅଟକାଇ ବିଭାଗୀୟ ଅଧିକାରୀଙ୍କୁ ସୂଚନା ଦେଇଥିଲେ। ତେବେ ଉକ୍ତ ୨କର୍ମଚାରୀ ଏହାକୁ କଣ୍ଟେଲସ୍ଥିତ ଏକ ଘରୋଇ ନର୍ସିଂ ହୋମକୁ ପଠାଉଥିବା ମେଡିକାଲ କର୍ତ୍ତୃପକ୍ଷ ଜାଣିବାକୁ ପାଇଥିଲେ । ସେମାନଙ୍କ ନିକଟରୁ ସମସ୍ତ ସାମଗ୍ରୀ ଜବତ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଦେବଗଡ ଥାନା ପୋଲିସ ସୂଚନା ଦେଇଛି ।

### ଅନ୍ତେବାସୀଙ୍କୁ ସ୍ୱାସ୍ଥ୍ୟବିଜ୍ଞାନ ସରଞ୍ଜାମ ବଣ୍ଟନ

ଦେଓଗାଁ,୧୯।୮(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ଦେଓଗାଁ ସାଲେପାଲି ଗ୍ରାମ ମଙ୍ଗଳ ପାଠାଗାର ଅଧିନ ବାର୍ଦ୍ଧକ୍ୟ ଆବାସରେ ବିଶ୍ୱଭାରତୀ ଶିକ୍ଷାନିକେତନ ଓ ଶିଶୁ ଯତ୍ନ ଅନୁଷ୍ଠାନ ଅନ୍ତେବାସୀଙ୍କୁ ବଲାଙ୍ଗୀର ଜୁନିୟର ରେଡକ୍ରସ ସୋସାଇଟି ପକ୍ଷରୁ ସ୍ୱାସ୍ଥ୍ୟ ବିଜ୍ଞାନ ସମ୍ବନ୍ଧିତ ସାଜ ସରଞ୍ଜାମ ବଣ୍ଟନ କରାଯାଇଛି । ଜିଲା ଶିକ୍ଷାଧୀଶଙ୍କ କାର୍ଯ୍ୟାଳୟରୁ ଅନ୍ତର୍ଯ୍ୟାମୀ ବିଶ୍ୱାଳ ଓ ହେମନ୍ତ ପଧାନ ଯୋଗଦେଇ ଅନ୍ତେବାସୀ ଛାତ୍ରୀଛାତ୍ରଙ୍କୁ କିଟ୍ ପ୍ରଦାନ କରିଥିଲେ। ଅନୁଷ୍ଠାନ ନିର୍ଦ୍ଦେଶକ କନିୟରଲାଲ ସାମଲ, ଶିବ ପ୍ରସାଦ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# କାର୍ ଧକ୍କାରେ ଭଉଣୀଭାଇ ମୃତ

ସମ୍ବଲପୁର,୧୯।୮ (ଶୁଭାଶିଷ ପାଢ଼ୀ)





ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ କାର୍ ।

ଝାରସୁଗୁଡ଼ା-କୋଲାବିରା ୪୯ନଂ. ଜାତୀୟ ରାଜପଥର କୋଲାବିରା କୁମୁଡାପାଲିରେ ଶନିବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ବାଇକ୍‌କୁ କାର୍ ଧକ୍କାଦେବା ଫଳରେ ବାଇକ୍‌ରେ ଥିବା ଭଉଣୀଭାଇଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ କୁମୁଡାପାଲିର ଅଞ୍ଜନ ପଟେଲ (୪୫), ତାଙ୍କ ଭଉଣୀ ଅଞ୍ଜଳି ପଟେଲ (୩୫)। ସାଙ୍ଗରେ ଥିବା ୩ବର୍ଷର ଭାଣିଜୀ ଅନିଷ୍କା ପଟେଲ ମୃତ୍ୟୁମୁଖରୁ ବର୍ତ୍ତିଯାଇଛି। ଚିକିତ୍ସା ପାଇଁ ତାକୁ ବୁର୍ଲା ଭିମ୍‌ସାରରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷେ କାର୍‌ରେ ଥିବା କୋଲାବିରା ଭାଜପା ମଣ୍ଡଳ ସଭାପତି ରାଜେନ୍ଦ୍ର ଦାଶ ଆହତ ହୋଇ ସମ୍ବଲପୁରର ଏକ ଘରୋଇ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ୨ ମୃତଦେହ ଝାରସୁଗୁଡ଼ା ମେଡିକାଲରେ ରଖାଯାଇଛି।

ସୂଚନା ଅନୁସାରେ ଭଉଣୀ ଓ ଭାଣିଜୀଙ୍କୁ ବସାଇ ଅଞ୍ଜନ ବାଇକ୍ (ଓଡି୨୩ଏଚ-୭୯୧୬) ଯୋଗେ ଲଇଡାରୁ ନିଜ ଘର କୁମୁଡାପାଲି

**କାର୍‌ରେ ଥିବା ଭାଜପା ମଣ୍ଡଳ ସଭାପତି ଆହତ**

ଆସୁଥିଲେ। ଏହି ସମୟରେ କୋଲାବିରା ମଣ୍ଡଳ ସଭାପତି ରାଜେନ୍ଦ୍ର କାର୍ (କେଏ୫୧ପି-୬୮୭)ରେ ଝାରସୁଗୁଡା ପଟକୁ ଆସୁଥିଲେ। କୁମୁଡାପାଲି ନିକଟରେ ବାଇକ୍‌କୁ କାର୍ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଅଞ୍ଜନଙ୍କର ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ଅନ୍ୟ ୨ ଆହତଙ୍କୁ ଉଦ୍ଧାରକରି ଝାରସୁଗୁଡା ଡାକ୍ତରଖାନା ନେଇଥିଲେ। ସେଠାରେ ଅଞ୍ଜଳିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅଞ୍ଜନଙ୍କ ବଡଭାଇ ଅନ୍ତର୍ଯାମୀଙ୍କ ଅଭିଯୋଗକ୍ରମେ କୋଲାବିରା ଥାନା ପୋଲିସ ୧୨୦/୨୩ରେ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। କାର୍ ଓ ବାଇକ୍‌କୁ ପୋଲିସ ଜବତ କରିଛି ।

# ୫-ଟି ସଚିବଙ୍କ ଝାରସୁଗୁଡ଼ା ଗସ୍ତ ଆଜି

ବ୍ରଜରାଜନଗର,୧୯।୮(ବିଜୟ ବରାଡ)

୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ରବିବାର ଝାରସୁଗୁଡ଼ା ଗସ୍ତ କାର୍ଯ୍ୟକ୍ରମ ରହିଛି। ସକାଳ ୯ଟାରେ ସେ ଝାରସୁଗୁଡ଼ା ଏୟାରପୋର୍ଟରୁ ହେଲିକପ୍ଟର ଯୋଗେ ଆସି ବ୍ରଜରାଜନଗର ବିଜୁ ପଟ୍ଟନାୟକ ଛକରେ ପହଞ୍ଚିବେ। ସେଠାରୁ ପଶ୍ଚିମ ଓଡ଼ିଶାର ଅନ୍ୟତମ ପର୍ଯ୍ୟଟନସ୍ଥଳୀ ମା' ରାମଚଣ୍ଡୀ ମନ୍ଦିର ଯାଇ ମା'ଙ୍କୁ ଦର୍ଶନ କରିବେ। ପରେ ବ୍ରଜରାଜନଗର ନିର୍ବାଚନମଣ୍ଡଳୀର ପଞ୍ଚଗାସ୍ଥିତ ବିଜାପାଲି ପଡିଆରେ ଏକ ସାଧାରଣ ସଭାରେ ଯୋଗଦେଇ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣିବେ। ସେଠାରୁ ଝାରସୁଗୁଡ଼ା ପ୍ରତ୍ୟାବର୍ତ୍ତନ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ପାଣ୍ଡିଆନଙ୍କ ଗସ୍ତକୁ ସଫଳ କରିବା ପାଇଁ ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି ଲାଗିପଡିଛନ୍ତି। କାର୍ଯ୍ୟକ୍ରମ ସ୍ଥିର ହେବା ପରଠାରୁ ସେ ବ୍ରଜରାଜନଗର ଆସି ସମସ୍ତ କର୍ମକର୍ତ୍ତାଙ୍କୁ ସାଙ୍ଗରେ ଧରି ଘନ ଘନ ବୈଠକ କରୁଛନ୍ତି। ବ୍ରଜରାଜନଗର ଓ ବେଲପାହାଡ ନିର୍ବାହୀ ଅଧିକାରୀ, ଲଖନପୁର ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ଦଳୀୟ କର୍ମୀ, ସରକାରୀ ପଦାଧିକାରୀଙ୍କ ସହ କାର୍ଯ୍ୟକ୍ରମ ଯେଭଳି ସୁରୁଖୁରୁରେ ହେବ ସେ ନେଇ ଆଲୋଚନା କରୁଛନ୍ତି। ଅଞ୍ଚଳର ବିକାଶ ପାଇଁ ବିଭିନ୍ନ ସଂଗଠନ ଲିଖିତ ଆକାରରେ ଜଣାଇବାକୁ ପ୍ରସ୍ତୁତି କରିସାରିଛନ୍ତି। ଚଣ୍ଡୀ ମନ୍ଦିରଠାରେ ହରିଣ ପାର୍କ, ଇବ୍ ନଦୀ ମଧ୍ୟରେ ଶିବଙ୍କ ମୂର୍ତ୍ତି ସ୍ଥାପନା, ଖଲିଆକାନି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୪ଘଣ୍ଟିଆ ରୋଗୀସେବା, ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ୫-ଟି ସଚିବଙ୍କୁ ଅବଗତ କରାଯିବ ବୋଲି ବିଧାୟିକା ପ୍ରକାଶ କରିଛନ୍ତି।

# ଅନୁଗୋଳରୁ ଦେବଗଡ ରେଳ ଲାଇନ ମଞ୍ଜୁର ପାଇଁ ଦାବିପତ୍ର



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଦେବଗଡ, ୧୯।୮ (ଶଶାଙ୍କ ଶେଖର ଝାଙ୍କର)

ଛେଣ୍ଡିପଦା- ବୁଢାପାଳ- ରିଆମାଳ ଦେଇ ଅନୁଗୋଳ ଜିଲାରୁ ଦେବଗଡ ଜିଲା ସଦର ମହକମାକୁ ଏକ ରେଳ ଲାଇନ ମଞ୍ଜୁର କରିବାକୁ ଦାବି ହୋଇଛି। ଦେବଗଡ ଜିଲା ରିଆମାଳ ବ୍ଲକର ବହୁ ଜନସାଧାରଣ ଶନିବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଅନୁଗୋଳ ନାଲକୋ ଗେଷ୍ଟ ହାଉସଠାରେ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। ନିକଟରେ କେନ୍ଦ୍ର ସରକାର ଝାରସୁଗୁଡାରୁ ଦେବଗଡ ଜିଲା ବାରକୋଟ ଯାଏ ରେଲଲାଇନ ପାଇଁ ଡିପିଆର ପ୍ରସ୍ତୁତିକୁ ମଞ୍ଜୁର କରିଛନ୍ତି। ମାତ୍ର ରିଆମାଳ ବ୍ଲକ ଏଥିରୁ ବାଦ ପଡିଛି। ଫଳରେ ରିଆମାଳ ବ୍ଲକର ଜନସାଧାରଣଙ୍କ ବିକାଶ ପାଇଁ ଉକ୍ତ ରେଲଲାଇନ ମଞ୍ଜୁର କରିବାକୁ ଦାବି ହୋଇଛି । ପୂର୍ବତନ ଜିଲା ପରିଷଦ ସଭ୍ୟ ସନ୍ତୋଷ କୁମାର ସାହୁ, ଯୋଗେଶ୍ୱର ବିଶ୍ୱାଳ, ଜନାର୍ଦ୍ଦନ ପ୍ରଧାନ, ପବିତ୍ର ମୋହନ ନାୟକ, ହରିଶ ଚନ୍ଦ୍ର ବିଶ୍ୱାଳ, ହେମନ୍ତ ପ୍ରଧାନ, ବିରେନ କୁମାର ପ୍ରଧାନଙ୍କ ସମେତ ବହୁ ଜନସାଧାରଣ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ରହିଥିଲେ ।

# କଂଗ୍ରେସ କିମିଟିର ସମ୍ବର୍ଦ୍ଧନା ସଭା, କର୍ମୀ ସମ୍ମିଳନୀ




ଦେବଗଡ, ୧୯।୮ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲା ରିଆମାଳ ବ୍ଲକ ସଦର ମହକୁମାରେ ଥିବା କଲ୍ୟାଣ ମଣ୍ଡପରେ ବ୍ଲକ କଂଗ୍ରେସ କମିଟି ତରଫରୁ ଏକ ସମ୍ବର୍ଦ୍ଧନା ସଭା ଓ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲା କଂଗ୍ରେସ କମିଟି ସଭାପତିଭାବେ ନୂତନ ଦାୟିତ୍ୱ ପାଇଥିବା ସେମ ହେମ୍ବ୍ରମଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କଂଗ୍ରେସ ନେତା ସୁଶାନ୍ତ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ପର୍ଯ୍ୟବେକ୍ଷିକା ରୂପାଦୀପ୍ତା ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପୌରାଧକ୍ଷ ନେତ୍ରାନନ୍ଦ ସାମଲ, ବରିଷ୍ଠ କଂଗ୍ରେସ ନେତା ବସନ୍ତ ମିଶ୍ର, ସୁବାସ ଚନ୍ଦ୍ର ଭୋଇ, ଜିଲା ଯୁବ କଂଗ୍ରେସ ସଭାପତି ସାଲମନ ହେନେଜ, ରେବତୀ ପଟ୍ଟନାୟକ, ସୁଦୀପ୍ତ ଶତପଥି, ପ୍ରଶାନ୍ତ ସାହୁ, ମାଧବୀ ସେଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ଆଗାମୀ ନିର୍ବାଚନ ପାଇଁ କଂଗ୍ରେସର ହାତ ମୁଠାକୁ ଟାଣ କରିବା ପାଇଁ ଜିଲା ସଭାପତି ହେମ୍ବ୍ରମ ଆହ୍ୱାନ ଦେଇଥିଲେ।

# ଡୁଷୁରାରେ ତିଜପର୍ବ ପାଳିତ

ଗୁଡ଼ଭେଲା,୧୯।୮(ମନୋଜ କୁମାର ଜୈନ)

ମାରୱାଡି ମହିଳା ସମିତି ଓ ଜାଗୃତି ଶାଖା ପକ୍ଷରୁ ଶନିବାର ବଲାଙ୍ଗୀର ଜିଲା ଡୁଷୁରା ଅଗ୍ରେସନ ଭବନରେ ତିଜପର୍ବ ପାଳିତ ହୋଇଯାଇଛି। ଘୋର ତପସ୍ୟା ପରେ ମା' ପାର୍ବତୀ ଭଗବାନ ଶିବଙ୍କୁ ସ୍ୱାମୀଭାବେ ଆଜିର ଦିନରେ ପାଇଥିବାରୁ ଏହି ପର୍ବକୁ ମହିଳାମାନେ ପାଳନ କରିଥାନ୍ତି ବୋଲି ଆୟୋଜକମାନେ ମତ ପ୍ରକାଶ କରିଥିଲେ। ପ୍ରଥମେ ମହିଳା, ଯୁବତୀ ଓ ଶିଶୁମାନେ ଦୋଳି ଖେଳିଥିଲେ। ଏହାପରେ ମହିଳାମାନଙ୍କ ମଧ୍ୟରେ ମ୍ୟୁଜିକ ଚେୟାର, ହାଉଜିଙ୍ଗ ଗେମ, ପିଲୋ ପାସିଙ୍ଗ ଗେମ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତି ଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘର ଧାରଣା

ଦେବଗଡ଼,୧୯।୮(ଶଶାଙ୍କ ଶେଖର ଝାଙ୍କର)



କ୍ୟାପସନ .............................

ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ୨ ରୁ ଯୁକ୍ତ ୩ କରିବା, ଦରମା ହାର ଲେଭେଲ ୫ରୁ ଲେଭେଲ ୯ ଧାର୍ଯ୍ୟ କରିବା ସମେତ ୨ ଦଫା ଦାବିରେ ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ଦେବଗଡ ଶାଖା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଧାରଣା ଶନିବାର ୨ୟ ଦିନରେ ପହଞ୍ଚିଛି। ଦାବି ପୂରଣ ନ ହେବନା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏଠାରେ ସୂଚନା ଯୋଗ୍ୟ ଯେ, ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ୨ ରୁ ଯୁକ୍ତ ୩ କରିବା ସହ ଦରମା ହାର ଲେଭେଲ ୫ ରୁ ଲେଭେଲ ୯ ଧାର୍ଯ୍ୟ କରିବା, ନୂତନ ପଦବୀ ସୃଷ୍ଟି କରି ୧୦ବର୍ଷ କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ପଦୋନ୍ନତି ସହ ଜିପିଡିଓ ପଦବୀରେ ଶତପ୍ରତିଶତ ପଦୋନ୍ନତି ପ୍ରଦାନ ଓ ଓପିଆର୍‌ଏସ୍ କ୍ୟାଡର ରୁଲରେ ଅନ୍ତର୍ଭୁକ୍ତ କରାଯିବା ଦାବିରେ ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ପକ୍ଷରୁ ଦୀର୍ଘଦିନରୁ ଲଗାତାରଭାବେ ଦାବି ହୋଇ ଆସୁଥିଲେ ହେଁ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଫଳରେ ସଂଘ ପକ୍ଷରୁ ଗତ ୭ଠାରୁ ପଞ୍ଚାୟତ ନିର୍ବାହୀ ଅଧିକାରୀ କଳାବ୍ୟାଜ ପରିଧାନ କରି ଏହାର ପ୍ରତିବାଦ ଜଣାଇଥିଲେ। ଗତ ୧୭ ସୁଦ୍ଧା ଦାବି ପୂରଣ ନ ହେଲେ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିବା ସହ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସମୂହ ଧାରଣାରେ ବସିବାକୁ ସରକାରଙ୍କୁ ଲିଖିତ ଚେତାବନୀ ଦେଇଥିଲେ। ହେଲେ ଦାବି ପୂରଣ ନ ହେବାରୁ ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘର ଆହ୍ୱାନ କ୍ରମେ ଦେବଗଡ ଶାଖା ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବା ସହ ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ଦେବଗଡ ଶାଖା ସଭାପତି ସୁଶାନ୍ତ କୁମାର ଗୌନ୍ତିଆ ଓ ସମ୍ପାଦକ ଗୋଲକ ବିହାରୀ ପ୍ରଧାନଙ୍କ ନେତୃତ୍ୱରେ ଜିଲାରେ କାର୍ଯ୍ୟରତ ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ ଶୁକ୍ରବାରଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି।

# ଡିଜେଲ ଚୋରି ଅଭିଯୋଗରେ ୩ ଗିରଫ

ଦେବଗଡ,୧୯।୮ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଥାନା ତିଲେଇବଣି ଫାଣ୍ଡି ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥ କୈଳାଶ ଛକରେ ଛିଡା ହେଉଥିବା ଟ୍ରକଗୁଡିକରୁ ନିୟମିତ ଡିଜେଲ ଚୋରି କରୁଥିବା ରାକେଟର ପୋଲିସ ପର୍ଦ୍ଦାଫାଶ କରିଛି। ଏଥିରେ ୩ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିସହ ଘଟଣାରେ ସମ୍ପୃକ୍ତ ଅନ୍ୟ ୩ ଅଭିଯୁକ୍ତ ଫେରାର ଥିବା ଜଣାପଡିଛି। ଗିରଫ ଅଭିଯୁକ୍ତ ହେଲେ ଅନ୍ତର୍ଯ୍ୟାମୀ ସେଠ, ଦୀପକ ଖଡିଆ ଏବଂ ହାଫିଜୁଲ ସେଖ।ସୂଚନା ଅନୁଯାୟୀ, କୈଳାଶ ଛକ ନିକଟରେ ରାତିରେ ଟ୍ରକ ଅଟକାଇ ଚାଳକମାନେ ବିଶ୍ରାମ ନେଇଥାନ୍ତି। ଏହାର ସୁଯୋଗ ନେଇ ଅଭିଯୁକ୍ତମାନେ ପ୍ରାୟ ଏକ ବର୍ଷ ହେଲା ଡିଜେଲ ଚୋରି କରି ଆସୁଥିଲେ। ସମ୍ବଲପୁର ଜିଲା ଜମନକିରା ଥାନା ଟିକିଲିପଡା ଗ୍ରାମର ଅନ୍ତର୍ଯ୍ୟାମୀ ସେଠ, ଲବଣୀକାନ୍ତ ଖଡିଆ ଏବଂ ଅର୍ଜୁନପାଲି ଗ୍ରାମର ଦୀପକ ଖଡିଆ ଡିଜେଲ ଚୋରି କରିବା ସହ ମଣିକାଞ୍ଚନପୁରର ହାଫିଜୁଲ ସେଖ ଏବଂ ଟିକିଲିପଡା ଗ୍ରାମର ରାଜକୁମାର ଶତପଥି (ରାଜା) ଓ ଦିଲୀପ କୁମାର ପ୍ରଧାନଙ୍କୁ ବିକ୍ରି କରୁଥିଲେ। ଆଜିକୁ ପ୍ରାୟ ଏକ ବର୍ଷ ହେଲା ଏଭଳି ଚୋରି ହୋଇ ଆସୁଥିବା ବେଳେ ପୋଲିସ କୌଣସି ସୁରାକ ପାଉନଥିଲା। ଗତ ୧୭ରେ ତିଲେଇବଣି ଫାଣ୍ଡି ଅଧିକାରୀ ପେଟ୍ରୋଲିଂ କରୁଥିବା ବେଳେ କୈଳାଶ ଛକ ନିକଟରେ ଛିଡା ହୋଇଥିବା ଏକ ଟ୍ରକରୁ ଉକ୍ତ ୩ ଅଭିଯୁକ୍ତ ଡିଜେଲ ଚୋରି ପାଇଁ ଉଦ୍ୟମ କରୁଥିବା ଦେଖିବାକୁ ପାଇଥିଲେ। ଚଢାଉ ସମୟରେ ଘଟଣାସ୍ଥଳରେ ନିଜ ବାଇକଟିକୁ ଛାଡି ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଘଟଣାସ୍ଥଳରୁ ବାଇକ ସମେତ ଚୋରି ପାଇଁ ବ୍ୟବହାର ହେଉଥିବା ସମସ୍ତ ସାମଗ୍ରୀ ପୋଲିସ ଜବତ କରିବା ସହ ଅଧିକ ତଦନ୍ତ ଜାରି ରଖିଛି।

# ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିର



ବଣ୍ଟନ ଶିବିରରେ ମଞ୍ଚାସୀନ ଅତିଥି।

ଦେବଗଡ, ୧୯।୮(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲା ବାରକୋଟ ବ୍ଲକ ସଭାଗୃହ ପରିସରରେ ଶନିବାର ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବାରକୋଟ ବ୍ଲକର ୪୦୫ ଜଣ ଶ୍ରମିକଙ୍କୁ ବିଭିନ୍ନ ସହାୟତା ପ୍ରଦାନ କରାଯାଇଥିଲା । ଜିଲା ଶ୍ରମ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧକ୍ଷ କୌଶିକ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟ ସମରେନ୍ଦ୍ର କୁମାର ଜିତ, ବାରକୋଟ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ପାତ୍ର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର, ଜିଲା ଶ୍ରମ ଅଧିକାରୀ ସଞ୍ଜୟ କୁମାର ପ୍ରଧାନ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟର ସମସ୍ତ ବ୍ଲକରେ ଯୁଏଲବିରେ ନିର୍ମାଣ ଶ୍ରମିକ ସହାୟତା ଶିବିର ଅନୁଷ୍ଠିତ ହେଉଛି। ଏହି ଅବସରରେ ବାରକୋଟ ବ୍ଲକରେ ଅନୁଷ୍ଠିତ ଏହି ଶିବିରରେ ୪୦୫ ଜଣ ଶ୍ରମିକଙ୍କୁ ଶିକ୍ଷା, ବିବାହ, ମାତୃତ୍ୱ, ମୃତ୍ୟୁ, ଅନ୍ତିମ ସଂସ୍କାର ସମେତ ବିଭିନ୍ନ ପ୍ରକାରର ୨ କୋଟି ୫୦ ହଜାର ୨୦୦ ଟଙ୍କା ସହାୟତା ରାଶି ଯୋଗାଇ ଦିଆଯାଇଥିଲା । ଏଥିସହ ଏହି ସବୁ ଯୋଜନାରୁ ବାଦ ପଡିଥିବା ହିତାଧିକାରୀ ମାନଙ୍କୁ କିଭଳି ସରକାରଙ୍କ ଯୋଜନାରେ ସାମିଲ କରାଯାଇ ପାରିବ ସେନେଇ ଆଲୋଚନା କରାଯାଇଥିଲା ।

# ସମ୍ବିଧାନ ପ୍ରଣୟନ ସଭାରେ ଯୁଧିଷ୍ଠିରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ବଲାଙ୍ଗୀର,୧୯।୮
(ବୀରେନ୍ଦ୍ର କୁମାର ଝାଙ୍କର)




ଯୁଧିଷ୍ଠିର ମିଶ୍ର ଆଇନ ମହାବିଦ୍ୟାଳୟରେ ଆୟୋଜିତ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି।

ବଲାଙ୍ଗୀର ଯୁଧିଷ୍ଠିର ମିଶ୍ର ଆଇନ ମହାବିଦ୍ୟାଳୟ ସଭାକକ୍ଷରେ ଶନିବାର ସମ୍ବିଧାନ ପ୍ରଣୟନ ସଭାର ସଦସ୍ୟ ସ୍ୱର୍ଗତ ଯୁଧିଷ୍ଠିର ମିଶ୍ରଙ୍କ ଜୟନ୍ତୀ ଉତ୍ସବ ଅବସରରେ ଏକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କଲେଜ ଅଧକ୍ଷ ସଞ୍ଜୀବ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଭୁବନେଶ୍ୱର ବିଜେବି କଲେଜର ଅବସରପ୍ରାପ୍ତ ରିଡର ଡ ଦେବେନ୍ଦ୍ର ନାଥ ମିଶ୍ର, ମୁଖ୍ୟବକ୍ତାଭାବେ ତରଭା ଏଇଏସ୍ କଲେଜ ଅଧକ୍ଷ ମୀନତି ମିଶ୍ର, ସମ୍ମାନିତ ବକ୍ତା ଭାବେ ଘସିଏନ୍ କଲେଜ ଇଂଲିଶ ଅଧାପକ ପ୍ରହ୍ଲାଦ ସାହୁ ମଞ୍ଚାସୀନ ଥିଲେ। ଦି ଅନ୍‌ରିଏଲାଇଜଡ ପୋଟେନ୍‌ସିଆଲ ଅଫ୍ କନଷ୍ଟିଚ୍ୟୁଏଣ୍ଟ ଆସେମ୍ବ୍ଲି ମେମ୍ବରର୍ସ: ଇନ୍‌ଟେରେଷ୍ଟ ଆଣ୍ଡ ଆପ୍‌ଟିଚ୍ୟୁଡ୍ ଶୀର୍ଷକ ଆଲୋଚନାଚକ୍ରରେ ସ୍ୱର୍ଗତ ମିଶ୍ରଙ୍କ ଜୀବନୀ, ସ୍ୱପ୍ନ ଓ ସଂକଳ୍ପ, ସମ୍ବିଧାନ ପ୍ରଣୟନ ସଭାରେ ଗୁରୁତ୍ୱପୂର୍ଣ୍ଣ

**ଯୁଧିଷ୍ଠିର ମିଶ୍ର ଆଇନ ମହାବିଦ୍ୟାଳୟରେ ରାଜ୍ୟସ୍ତରୀୟ ଆଲୋଚନାଚକ୍ର**

ଭୂମିକା, ସ୍ୱାଧୀନତା ସଂଗ୍ରାମର ସଂଘର୍ଷ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ଭାବେ ତାଙ୍କର ସଂସ୍କାରମୂଳକ କାର୍ଯ୍ୟ ଉପରେ ଆଲୋଚନା କରାଯାଇଥିଲା।

ମୁଖ୍ୟଅତିଥି ଡ. ମିଶ୍ର ତାଙ୍କ ବକ୍ତବ୍ୟରେ ସ୍ୱର୍ଗତ ମିଶ୍ରଙ୍କ ଲଢୁଆ ବ୍ୟକ୍ତିତ୍ୱ ଉପରେ କହିଥିଲେ। ମୁଖ୍ୟବକ୍ତା ମିଶ୍ର ତାଙ୍କ ବକ୍ତବ୍ୟରେ ତତ୍କାଳୀନ ଗଡଜାତ ଆନ୍ଦୋଳନରେ କୃଷକ ଦଳର ସଂଗ୍ରାମ ଏବଂ ସ୍ୱର୍ଗତ ମିଶ୍ରଙ୍କ ଭୂମିକା ଉପରେ ଆଲୋଚନା କରିଥିଲେ। ସଭା ପ୍ରାରମ୍ଭରେ କଲେଜ ଅଧକ୍ଷ ପ୍ରଧାନ ସ୍ୱର୍ଗତ ମିଶ୍ରଙ୍କ ବିଷୟରେ ସୂଚନା ଦେବା ସହ ରାଜ୍ୟସ୍ତରୀୟ ଆଲୋଚନାଚକ୍ରର ଆଭିମୁଖ୍ୟ ସମ୍ପର୍କରେ କହି ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାକୁ ମଣୀନ୍ଦ୍ର ସିଂ ହଂସପାଲ ସଂଯୋଜନା କରିଥିଲେ। ସଭା ପ୍ରାରମ୍ଭରେ ଅତିଥିମାନେ କଲେଜ ପରିସରରେ ଥିବା ସ୍ୱର୍ଗତ ଯୁଧିଷ୍ଠିର ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ଜିଲା ଓକିଲ ସଂଘ ସଭାପତି ଅମରେଶ ତ୍ରିପାଠୀ, ଆଡଭୋକେଟ ଅମରେନ୍ଦ୍ର ମିଶ୍ର, ଆଠମଲ୍ଲିକ ଓକିଲ ସଂଘ ସଭାପତି ସୁଶାନ୍ତ ମହାପାତ୍ର, ଆଡଭୋକେଟ ଟଙ୍କଧର ଗଡତ୍ୟା, କଲେଜର ସମସ୍ତ ଷ୍ଟାଫ୍ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଶେଷରେ କଲେଜର ସେମିନାର ମୁଖ୍ୟ ଚଣ୍ଡୀ ପ୍ରସାଦ ଖମାରୀ ଧନ୍ୟବାଦ ଦେଇଥିଲେ। ଆଲୋଚନାଚକ୍ର ପରେ କଲେଜର ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା।

# ପରମିନ୍ଦର ପିଏଫ୍‌ସିଏଲ୍‌ର ନୂଆ ସିଏମ୍‌ଡି

ଭୁବନେଶ୍ୱର,୧୯।୮ (ଅଭୟ ଦାଶ)


ପରମିନ୍ଦର ଚୋପ୍ରା

ଦେଶର ସର୍ବବୃହତ୍ ଏନ୍‌ବିଏଫ୍‌ସି ପ୍ରତିଷ୍ଠାନ ପାୱାର ଫାଇନାନ୍ସ କର୍ପୋରେଶନ ଲିମିଟେଡ୍ (ପିଏଫ୍‌ସିଏଲ୍)ର ଚେୟାରମ୍ୟାନ ତଥା ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଭାବେ ପରମିନ୍ଦର ଚୋପ୍ରା ନିକଟରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ୨୦୨୩ ଅଗଷ୍ଟ ୩ୟ ସପ୍ତାହଠାରୁ ସେ ପିଏଫ୍‌ସିଏଲ୍‌ର ଦାୟିତ୍ୱଭାର ଗ୍ରହଣ କରିବା ପୂର୍ବରୁ ସେ ପିଏଫ୍‌ସିଏଲ୍‌ର ଚେୟାରମ୍ୟାନ ଏବଂ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ନିର୍ବାହ କରୁଥିଲେ। ସେହିଭଳି ଚୋପ୍ରା ୨୦୨୦ ଜୁଲାଇ ପହିଲା ପର୍ଯ୍ୟନ୍ତ ପିଏଫ୍‌ସିଏଲ୍‌ର ନିର୍ଦ୍ଦେଶକ (ଫାଇନାନ୍ସ) ଭାବେ କାର୍ଯ୍ୟ କରୁଥିଲେ। ଏହା ସହ ଚୋପ୍ରା ଭାରତର ବୃହତମ ଏନ୍‌ବିଏଫ୍‌ସିର ପ୍ରଥମ ମହିଳା ଅଧିକାରୀ ଭାବେ ନିକଟରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଶେଷକରି ନିର୍ଦ୍ଦେଶକ କାର୍ଯ୍ୟକାଳ ମଧ୍ୟରେ ସେ ଫାଇନାନ୍ସ ବିଭାଗର ନେତୃତ୍ୱ ନେବା ସହ କର୍ପୋରେଶନର ସର୍ବାଧିକ ନେଟ୍ ଲାଭ ହାସଲ ହୋଇପାରିଥିଲାବେଳେ ସର୍ବାଧିକ ନେଟ୍ ସମ୍ପଦ ସହ କମ୍ ଏନ୍‌ପିଏ ସ୍ତର ମଧ୍ୟ ହାସଲ ହୋଇଥିଲା। ତାଙ୍କର ଏହି ଦୃଢ ଆର୍ଥିକ ପ୍ରଦର୍ଶନ ଫଳରେ କର୍ପୋରେଶନ ମହାରତ୍ନ ସମ୍ମାନର ଅଧିକାରୀ ହୋଇଛି। ଅପରପକ୍ଷରେ ଶକ୍ତି ଓ ଆର୍ଥିକ କ୍ଷେତ୍ରରେ ତାଙ୍କର ୩୫ ବର୍ଷରୁ ଅଧିକ ଅଭିଜ୍ଞତା ରହିଛି। ତାଙ୍କର ପୂର୍ବ ଅଭିଜ୍ଞତା ଏନ୍‌ଏଚ୍‌ପିସି ଲିମିଟେଡ୍ ଓ ପାୱାର ଗ୍ରୀଡ୍ କର୍ପୋରେଶନ ଅଫ୍ ଇଣ୍ଡିଆ ଲିମିଟେଡ୍ ପରି ଶକ୍ତି କ୍ଷେତ୍ରରେ ରହିଛି। ଉଲ୍ଲେଖଯୋଗ୍ୟ, ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ଚୋପ୍ରା ବାଣିଜ୍ୟ (କଷ୍ଟ ଆଣ୍ଡ ମ୍ୟାନେଜମେଣ୍ଟ ଆକାଉଣ୍ଟାଣ୍ଟ) ରେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ଉଲ୍ଲେଖନୀୟ ଅବଦାନ ଲାଗି ତାଙ୍କୁ ଇନ୍‌ଷ୍ଟିଚ୍ୟୁଟ ଅଫ୍ କଷ୍ଟ ଆକାଉଣ୍ଟାଣ୍ଟ ଅଫ୍ ଇଣ୍ଡିଆ ଦ୍ୱାରା 'ଆଇକନ ଅଫ୍ ଦି ଇୟର' ପୁରସ୍କାର ପ୍ରଦାନ କରାଯାଇଛି। ଏହି ସ୍ୱୀକୃତି ବ୍ୟତୀତ ତାଙ୍କର ଆର୍ଥିକ ଶିଳ୍ପରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ 'ଫାଇନାନ୍ସ ଲିଡର ଅଫ୍ ଦି ଇୟର' ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଛି।

# ଅକ୍ଟୋବରରେ 'ଫିଜିକ୍ସ ୱାଲ୍'ର ବୃତ୍ତି ପରୀକ୍ଷା

ଭୁବନେଶ୍ୱର,୧୯।୮




ଦେଶର ପ୍ରମୁଖ ଘରୋଇ ୟୁନିକର୍ନ ଇ-ଟେକ୍ କମ୍ପାନୀ ତଥା କୋଚିଂ ସେଣ୍ଟର 'ଫିଜିକ୍ସ ୱାଲ୍' (ପିଡବ୍ଲ୍ୟୁ)ର ବହୁପ୍ରତୀକ୍ଷିତ ପ୍ରବେଶିକା ପରୀକ୍ଷା 'ପିଡବ୍ଲ୍ୟୁଏନ୍‌ଏସ୍ଏଟି-୨୦୨୩' (ଫିଜିକ୍ସ ୱାଲ୍ ନ୍ୟାଶନାଲ ସ୍କଲାରଶିପ କମ୍ ଆଡମିଶନ ଟେଷ୍ଟ) ସମ୍ପର୍କରେ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ପିଡବ୍ଲ୍ୟୁର ଭୁବନେଶ୍ୱର ସେଣ୍ଟର ପକ୍ଷରୁ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା। ଉକ୍ତ ସମ୍ମିଳନୀରେ ଯୋଗଦେଇ ସେଣ୍ଟର ହେଡ୍ ସୁଜା ଅହମ୍ମଦ ଏବଂ ବାଣିଜ୍ୟ ମୁଖ୍ୟ ସିଦ୍ଧାର୍ଥ ଶଙ୍କର ଛୋଟରାୟ ପ୍ରବେଶିକା ପରୀକ୍ଷା ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଉଲ୍ଲେଖଯୋଗ୍ୟ, ୨୦୨୩ ଅକ୍ଟୋବର ୧ରୁ ୧୫ ମଧ୍ୟରେ ଏହି ପ୍ରବେଶିକା ପରୀକ୍ଷା ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନ ପ୍ଲାଟ୍‌ଫର୍ମରେ ହେବ। ବିଶେଷକରି ୬ଷ୍ଠରୁ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ରମାନେ ଉକ୍ତ ପ୍ରବେଶିକା ପରୀକ୍ଷାରେ ଅଂଶ ଗ୍ରହଣ କରିପାରିବେ।

ଏ ସମ୍ପର୍କରେ ପିଡବ୍ଲ୍ୟୁର ସିଇଓ (ବିଦ୍ୟାପୀଠ ଅଫ୍‌ଲାଇନ) ଅଙ୍କିତ ଗୁପ୍ତା କହିଛନ୍ତି, ଛାତ୍ରୀଛାତ୍ରଙ୍କ ସ୍ୱପ୍ନ ପୂରଣ ସହ ଶିକ୍ଷାର ବିକାଶ ଏବଂ ଶିକ୍ଷିତ ସମାଜ ସୃଷ୍ଟି କରିବା ଲକ୍ଷ୍ୟରେ ଏଭଳି ଏକ ପଦକ୍ଷେପ ସମ୍ପର୍କରେ ଘୋଷଣା କରାଯାଇଛି। ସୂଚନାଯୋଗ୍ୟ, ଚଳିତ ବର୍ଷର ପ୍ରବେଶିକା ପରୀକ୍ଷାରେ ଶ୍ରେଷ୍ଠସ୍ଥାନ ହାସଲ କରିଥିବା କୃତୀ ଛାତ୍ରୀଛାତ୍ରମାନଙ୍କୁ ପ୍ରାୟ ୨୦୦ କୋଟି ଟଙ୍କାର ଛାତ୍ରବୃତ୍ତି ପ୍ରଦାନ ସହ ସ୍ୱପ୍ନ ପୂରଣ ପାଇଁ ଆବଶ୍ୟକ ସହଯୋଗ ମଧ୍ୟ ଅନୁଷ୍ଠାନ ପକ୍ଷରୁ ଯୋଗାଇଦିଆଯିବ। ଏପରିକି 'ପିଡବ୍ଲ୍ୟୁଏନ୍‌ଏସ୍ଏଟି-୨୦୨୩' ଉଭୟ ଅଫ୍‌ଲାଇନ ଏବଂ ଅନ୍‌ଲାଇନରେ ଅନୁଷ୍ଠିତ ହେବ। ଅଫ୍‌ଲାଇନ ପରୀକ୍ଷା ୨୦୨୩ ଅକ୍ଟୋବର ୧, ୮ ଏବଂ ୧୫ରେ ହେବାକୁ ଥିବାବେଳେ ଅନ୍‌ଲାଇନ ପରୀକ୍ଷା ୨୦୨୩ ଅକ୍ଟୋବର ୧ ଏବଂ ୧୫ ରେ ଅନୁଷ୍ଠିତ ହେବାକୁ ଥିବାବେଳେ ଅକ୍ଟୋବର ୨୦ରେ ପ୍ରବେଶିକା ପରୀକ୍ଷାର ଫଳ ପ୍ରକାଶିତ ହେବ ବୋଲି ସେଣ୍ଟର ପକ୍ଷରୁ ସୂଚନା ଦିଆଯାଇଛି।

# ୨୨ ଟେଲିକମ୍ ସର୍କଲରେ ୫ଜି ପ୍ଲସ୍ ସେବା

ଭୁବନେଶ୍ୱର, ୧୯।୮

ଦେଶର ପ୍ରମୁଖ ଘରୋଇ ଟେଲିକମ୍ କମ୍ପାନୀ ଭାରତୀ ଏୟାରଟେଲ ନିକଟରେ ଏକ ନୂତନ ମାଇଲଖୁଣ୍ଟ ହାସଲ କରିଛି ବୋଲି ଏୟାରଟେଲ ପକ୍ଷରୁ କୁହାଯାଇଛି। ଏପରିକି ଟେଲିକମ୍ ବିଭାଗ (ଡିଓଟି)ର ମାନଦଣ୍ଡ ଅନୁଯାୟୀ ଭାରତର ସମସ୍ତ ୨୨ ଟେଲିକମ୍ ସର୍କଲରେ କମ୍ପାନୀ ୨୬ ଜିଏଚ୍‌ଜେଡ୍ ସ୍ପେକ୍ଟ୍ରମ୍‌ରେ ୫ଜି ସେବା ଆରମ୍ଭ କରିବାର ସର୍ବନିମ୍ନ ରୋଲ୍‌ଆଉଟ୍ କାର୍ଯ୍ୟକୁ ସଫଳତା ସହ ସମ୍ପୂର୍ଣ୍ଣ କରିଛି। ବିଶେଷକରି ୨୬ ଜିଏଚ୍‌ଜେଡ୍ ସ୍ପେକ୍ଟ୍ରମ୍ ଦ୍ୱାରା ସକ୍ଷମ ହୋଇଥିବା ବ୍ୟାପକ ୫ଜି ସୁଯୋଗ ସହ କମ୍ପାନୀ ତା'ର ଗ୍ରାହକଙ୍କ ପାଇଁ ଉନ୍ନତମାନର ଏୟାରଟେଲ୍ ୫ଜି ପ୍ଲସ୍ ଅନୁଭୂତି ସୃଷ୍ଟି କରିବା ଲାଗି ଉଦ୍ଭାବନକୁ ନିରବଚ୍ଛିନ୍ନ ଭାବେ ପରିଚାଳନା କରିବା ପାଇଁ ପ୍ରସ୍ତୁତ ରହିଛି। ସେହିଭଳି ଭିତ୍ତିଭୂମିସ୍ତରରେ ପ୍ରଦର୍ଶନ ଉଲ୍ଲେଖନୀୟ ସମ୍ଭାବନା ଓ ୫ଜି ଗ୍ରହଣୀୟତାର ବଢୁଥିବା ବେଗକୁ ଦର୍ଶାଉଛି। ଅପରପକ୍ଷରେ ଏୟାରଟେଲ୍‌ର ୫ଜି ସେବା ବର୍ତ୍ତମାନ ଦେଶର ୫୦୦୦ରୁ ଅଧିକ ସହର ଓ ଟାଉନ୍‌ରେ ଉପଲବ୍ଧ ହୋଇଥିବାବେଳେ କମ୍ପାନୀ ଜାତୀୟ ସ୍ତରରେ ୧୦ମିଲିୟନ ସ୍ୱତନ୍ତ୍ର ଗ୍ରାହକ ଚିହ୍ନକୁ ଅତିକ୍ରମ କରିଛି। ଏପରିକି ୨୦୨୩ ସେପ୍ଟେମ୍ବର ସୁଦ୍ଧା ଏୟାରଟେଲ ୫ଜି ସେବା ସହିତ ପ୍ରତ୍ୟେକ ଟାଉନ୍ ଓ ପ୍ରମୁଖ ଗ୍ରାମାଞ୍ଚଳ କ୍ଷେତ୍ରଗୁଡିକୁ ଅନ୍ତର୍ଭୁକ୍ତ କରିବା ପାଇଁ କମ୍ପାନୀ ସୁବ୍ୟବସ୍ଥିତ ରହିଛି। କମ୍ପାନୀ ତା'ର ଗ୍ରାହକଙ୍କୁ ଏୟାରଟେଲ୍ ୫ଜି ପ୍ଲସ୍ ନେଟ୍‌ୱର୍କର ଶକ୍ତିକୁ ଅନୁଭବ କରିବା ପାଇଁ ସକ୍ଷମ କରିବା ଲକ୍ଷ୍ୟ ସହ ସେମାନଙ୍କ ପାଇଁ ଅସୀମିତ ୫ଜି ଡାଟା ଉନ୍ମୋଚନ କରିଛି। ସେହିପରି ଡାଟା ଶେଷ ହେବାର ଚିନ୍ତା ବିନା ଗ୍ରାହକମାନେ ବର୍ତ୍ତମାନ ଅଲ୍‌ଟ୍ରାଫାଷ୍ଟ, ନିର୍ଭରଯୋଗ୍ୟ ଓ ସୁରକ୍ଷିତ ୫ଜି ପ୍ଲସ୍ ସେବାଗୁଡିକର ଅନୁଭୂତି ପାଇବାକୁ ସକ୍ଷମ ହେବେ କାରଣ ଏୟାରଟେଲ୍ ସମସ୍ତ ବିଦ୍ୟମାନ ପ୍ଲାନ୍‌ରେ ଡାଟା ବ୍ୟବହାର ଉପରେ କ୍ୟାପିଙ୍ଗ୍‌କୁ ଉଚ୍ଛେଦ କରିଛି।


No.CAD-1734

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

## OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR

Tender Call Notice No.
File No.BBSR/ELECT/E-4481/23-24/ 2056 Dated:11/08/2023

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**Name of the Work:** Supply, Installation, testing & commissioning of village Electrification Works with Service Connection to Un-electrified Households under BGJY(20-21) in Village Raikota of Raghubari GP in MUNIGUDA Block in Rayagada District.

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect), IDCO, IDCO Tower, Janpath, Bhubaneswar | Bid Id No. BBSR/ELECT/ e-31/23-24 | 17.00 Hours of 22.08.2023 | 17.00 Hours of 31.08.2023 |

**Further details can be seen from the e-Procurement Portal, www.tendersorissa.gov.in.** Corrigendum or Addendum if any will not be published in newspapers and can be seen in e-Procurement portal as well as in IDCO website.

**Sd./-Divisional Head (Elect), IDCO, Bhubaneswar**
**OIPR-14003/11/0184/2324**

GOVERNMENT OF ODISHA

## OFFICE OF THE SUPERINTENDING ENGINEER, NABARANGPUR (R&B) DIVISION, NABARANGPUR

Tel & Fax: 06858-222833 (O), E-mail ID: eerbngpur@yahoo.com

**e-Procurement Notice**

Bid Identification No. S.E. (R&B) - 19/2023-24/NGP
No. 4022 Date: 14.08.2023

No. B-709: Bid documents consisting of work, estimated cost, cost of tender paper, EMD, time of completion, class of contractors and the set of terms and conditions of contract and other necessary documents can be seen in Govt. website i.e. **www.tendersodisha.gov.in**.

1. Name of the work : Civil Construction Work as mentioned in DTCN
2. No. of work : 01 No.
3. Estimated cost : Rs.69.98 lakhs
4. Period of Completion : 5 Calendar of months
5. Date & time of bidding : From 11.00 hours of 21.08.2023 upto 16.00 hours of 04.09.2023
6. Last date & time for receipt of bids in portal : 16.00 hours of 04.09.2023
7. Bids received online shall be opened on : 11.00 hours of 05.09.2023
8. Name and address of the Officer Inviting Bid : Superintending Engineer, Nabarangpur (R&B) Division, Nabarangpur

Further details can be seen from the **www.tendersodisha.gov.in**.

**Sd./- Superintending Engineer**
**Nabarangpur (R&B) Division**
**OIPR-34143/11/0015/2324**

No.CAD-1736

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

## OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR

Tender Call Notice No.
File No.BBSR/ELECT/E-4493/23-24/ 2061 Dated:11/08/2023

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**Name of the Work:** Supply, Installation, testing & commissioning of village Electrification Works with Service Connection to Un-electrified Households under BGJY(20-21) in Village Jumuka of Gumma GP in Rayagada Block in Rayagada District.

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect), IDCO, IDCO Tower, Janpath, Bhubaneswar | Bid Id No. BBSR/ELECT/ e-32/23-24 | 17.00 Hours of 22.08.2023 | 17.00 Hours of 31.08.2023 |

**Further details can be seen from the e-Procurement Portal, www.tendersorissa.gov.in.** Corrigendum or Addendum if any will not be published in newspapers and can be seen in e-Procurement portal as well as in IDCO website.

**Sd./-Divisional Head (Elect), IDCO, Bhubaneswar**
**OIPR-14003/11/0187/2324**

## WORKS DEPARTMENT
## OFFICE OF THE SUPERINTENDING ENGINEER, ROURKELA (R&B) DIVISION, UDITNAGAR, ROURKELA

No.B-707: E-Mail Id - eepwdrkl@gmail.com

**Government of Orissa "e" Procurement Notice**
**Bid Identification No.:43/ 2023-2024 Dated:14.08.2023**

1. Number of works : 2(Two) number of Works
2. Estimated cost : Rs. 10.89 Lakhs to 24.61 Lakhs
3. Period of completion : 3 (Three) calendar months
4. Date & Time of availability of bid document in the portal: : Dt. 18.08.2023 at 11.00A.M.
5. Last date/ Time for receipt of bids in the portal: : Dt 28.08.2023 up to 05.00 P.M.
6. Date of opening of Bid : Dt. 29.08.2023 at 11.00A.M.
7. Name and Address of the Officer Inviting Bid : Superintending Engineer, (R & B) Division, Rourkela, UditNagar.

Further details can be seen from the e-procurement portal **"http//tendersorissa.gov.in"**

**Sd./-Superintending Engineer**
**Rourkela (R&B) Division, Rourkela**
**OIPR-34068/11/0016/2324**

## OFFICE OF THE MUNICIPAL COUNCIL, RAYAGADA

No. 3084 Dtd.16.08.2023

**"e" - TENDER NOTICE**

**Bid Identification No. RGDA-MUN-06/2023-24**

No. C-1088: Bid documents consisting of **38 (Thirty Eight) Nos. of Civil Work** with their Estimated Cost (Work Value) Cost of Tender Paper, E.M.D., Time of Completion, Class of Contractors, Additional Performance Security Deposit and the set of Terms and Conditions applicable for the contract and other required necessary documents can be seen in the Government Website (i.e. **http://tendersodisha.gov.in**).

| | | |
|---|---|---|
| 1 | Name of the Work | Civil Works as mentioned in the website |
| 2 | No. of the Work | 38 (Thrity-eight) Nos. |
| 3 | Estimated Costs | As mentioned in the DTCN |
| 4 | Periods of the Completion | As mentioned against the work in the NIT/DTCN |
| 5 | Date & time of availability of Bid documents on the portal | From dated 17.08.2023, 11.30 A.M. Hrs. to dated 28.08.2023, 05.30 P.M. Hrs. |
| 6 | Bids received online to be opened on | Dated 29.08.2023, 11.30 P.M. Hrs. |
| 7 | Name and address of the Officer Inviting the Bid | The Executive Officer, Rayagada Municipality, Rayagada |

Further details can be seen from the Procurement Portal **http://tendersorissa.gov.in**.

**Sd./- Executive Officer**
**Rayagada Municipality**
OIPR-13150/11/0015/2324

## ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି OSACS

**ଯୁବ ଉତ୍ସବ - ୨୦୨୩-୨୪**

ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି (ଓସାକ୍ସ), ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଜିଲ୍ଲା ଓ ରାଜ୍ୟସ୍ତରରେ ବିଭିନ୍ନ ପ୍ରତିଯୋଗିତା ଯଥା- **ଗଣଦୌଡ଼, ରିଲ୍ସ ପ୍ରସ୍ତୁତି, କୁଇଜ ଓ ଡ୍ରାମା** ଅନୁଷ୍ଠିତ ହେବାକୁ ଯାଉଅଛି । ଏଥିପାଇଁ ଅନୁଗୁଳ, ଗଞ୍ଜାମ, ବଲାଙ୍ଗୀର ଓ ଖୋର୍ଦ୍ଧା ଜିଲ୍ଲାରେ ଥିବା ସ୍ଥାନୀୟ **ରେଡ୍ ରିବନ୍ କ୍ଲବ୍** (କଲେଜ) ମାନଙ୍କୁ ଯୋଗାଯୋଗ କରିବାକୁ ଅନୁରୋଧ ।



**ଏଚ୍.ଆଇ.ଭି./ଏଡ୍‌ସ ସଂକ୍ରମଣ ବିଷୟରେ ଜାଣିବା ପାଇଁ ନିଃଶୁଳ୍କ ନମ୍ବର 1097ରେ ଯୋଗାଯୋଗ କରନ୍ତୁ**

DSPL-190
OIPR-10009/13/0001/2324

## OFFICE OF THE PANCHAYAT SAMITI, BANPUR, DIST-KHORDHA, STATE-ODISHA, PIN-752031

E-mail:ori-banpur@nic.in, Tel- (06756) 253130

**INVITATION FOR BIDS (IFB)**

**Bid Identification No.02/PHC(N)/2023 Tender Call Notice No.3757, Dt.16.08.2023**

**No.i-319:**The Block Development Officer, Banpur on behalf of Governor of Odisha invites Percentage Rate bid in ONLINE MODE for the construction of Building Works as detailed in the Detailed Tender Call Notice (D.T.C.N.) from the eligible class of contractors.

| Sl. No. | Name of the Work | Approximate Value of Work (in Rs.) | Bid Security (EMD) | Class of Contractor | Cost of Documents (non-refundable) (in Rs.) | Period of Completion in calendar months | Bids opening date & time |
|---|---|---|---|---|---|---|---|
| 1 | Construction of PHC (N) at Halanda under Banpur block in the district of Khordha for the year 2022-23 | Rs.6888548/- | As per DTCN | "B" | 10000/- | 09 (Nine) | 12.09.2023 at 11 A.M. |
| 2 | Construction of PHC (N) at Niladriprasad under Banpur block in the district of Khordha for the year 2022-23 | Rs.6927105/- | | "B" | 10000/- | 09 (Nine) | |
| 3 | Construction of PHC (N) at Sunakhela of Nachuni G.P. under Banpur block in the district of Khordha for the year 2022-23 | Rs.6900070/- | | "B" | 10000/- | 09 (Nine) | |

The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any corrigendum/Addendum will be displayed in the said website. The date & time of bid documents available in website & receipt online from 3.00 P.M. of 22.08.2023 to 5.00 P.M. of 08.09.2023. The last date for any clarification will be as on 5.00 PM of 05.09.2023.

OIPR-19081/11/0001/2324 **Sd./- Block Development Officer, Banpur Block**

GOVERNMENT OF ODISHA

## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, KENDRAPARA-JAJPUR

AT/PO- NAYABAZAR, CUTTACK-753004, Tel.No.0671-2444488, Email:serw_kpd@yahoo.com

Letter No.2856, Date:17.08.23

**1st Corrigendum Notice**

**1st Corrigendum to Bid Identification No. Tender Online RCK-25/23 invited this office Letter No.2757, Dt.08.08.2023**

**No.O-682:**The changes as detailed below are hereby made in the above N.I.T.:-

**1. Clause No.-06 of NIT modified below:**

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | | Date & Time of Opening of Tender | | | |
|---|---|---|---|---|---|---|---|---|---|
| | | To | | | | Technical Bid | | Financial Bid | |
| 1 | 2 | 3 | | 5 | | 6 | | 7 | |
| | | Previously fixed on | Presently Modified on | Previously fixed on | Presently Modified on | Previously fixed on | Presently Modified on | Previously fixed on | Presently Modified on |
| Chief Construction Engineer, Rural Works Circle, Kendrapara-Jajpur | Tender RCK-25/23 | 25.08.2023 to 05.30 P.M. | 01.09.2023 to 05.30 P.M. | 25.08.2023 upto 2.00 P.M. | 01.09.2023 upto 2.00 P.M. | 28.08.2023 at 10.00 A.M. | 02.09.2023 at 11.30 A.M. | 05.09.2023 at 11.00 A.M. | Will be intimated later |

All other conditions of NIT remain unaltered.

OIPR-25129/11/0026/2324 **Sd./- Chief Construction Engineer, Rural Works Circle, Kendrapara-Jajpur**

GOVERNMENT OF ODISHA No. O-673

## OFFICE OF THE SUPERINTENDING ENGINEER, RURAL WORKS DIVISION, BARIPADA

e-mail: rw_mayurbhanj@yahoo.co.in

**e-Procurement Tender Call Notice No. Online 08/RWD/BPD/2023-24**

1. Name of the Work : Road Works
2. Total No. of Works : 94 Nos.
3. Estimated Cost : Approx. Estimated Cost Rs.5.83 lakhs to Rs.17.48 lakhs
4. Class of Contractor : 'D' & 'C'
5. EMD : EMD @ 1% of Estimated Cost put to tender
6. Period of Completion : 1 (One) Calendar Month
7. Other Details :

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & time of opening of tender in the Office of the Superintending Engineer, R.W. Division, Baripada |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Baripada | 08 (Online)/ RWD-BPD of 2023-24 | Dt.21.08.2023 at 11.00 A.M. | Dt.31.08.2023 upto 3.00 P.M. | Dt.29.08.2023 upto 05.00 P.M. | Dt.31.08.2023 at 05.00 P.M. |

Further details can be seen from the website **www.tendersorissa.gov.in**.

**OIPR-25057/11/0014/2324** **Sd./- Superintending Engineer, R.W. Division, Baripada**

GOVERNMENT OF ODISHA

## OFFICE OF THE SUPERINTENDING ENGINEER, RURAL WORKS DIVISION-I, MALKANGIRI

**NATIONAL COMPETITIVE BIDDING THROUGH e-Procurement**

**Identification No. Online Tender 07/RWD-I, MKG/2023-24 dt.14.08.2023**

**No.O-665:**01.Name of the work: - Building works [Building & Boxcell work Detailed in Annexure), 02. Total Number of Works: - 5 [Five) Numbers, 03.Estimated Cost: - Rs. 96.71 Lakhs to 97.01 lakhs, 04. Class of Contractor: - "B" Class, 05. Period of Completion: - (As Per Detailed in Annexure), 6. Other Details:

| Procurement Officer | Bid Identification No. | No. of Works | Availability of Tender on-line for bidding | | Last date & Time of seeking tender clarification | Date and time of opening of tender (Double Cover) |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Division-I, Malkangiri | Online Tender-07/RWD-I, MKG/2023-24 | 5 (Five) Nos. | 21.08.2023 from 11.00 AM | 01.09.2023 upto 5.00 PM | 31.08.2023 upto 5.00 P.M. | Tech.Bid opening 02.09.2023 at 11.00 AM & Financial Bid opening:08.09.2023 at 11.00 AM |

Further details can be seen from the website www.tendersorissa.gov.in.

**Sd./-Sujit Behera**
**Superintending Engineer, R.W.Division-I, Malkangiri**
**OIPR-25058/11/0010/2324**

## OFFICE OF THE DFO-CUM-DMU CHIEF, SUBARNAPUR FOREST DIVISION

At - Patabhadi, Post - Sonepur, Dist - Subarnapur, PIN - 767017
Email - dmuchiefsubarnapur@gmail.com

**ADVERTISEMENT FOR HIRING OF POST OF FMU CO-ORDINATOR UNDER OFSDP-II**

No. MM-124:- Divisional Forest Officer-cum-DMU Chief, OFSDP-II, Subarnapur Forest Division invites application from suitable candidates for the following Post at Field Management Unit, Subarnapur under Odisha Forestry Sector Development Project, Phase-II. The requirement of man powers may vary and decided accordingly by the DFO-cum-DMU Chief.

| Name of the Post | Vacancy | Remuneration | Qualification and Experience |
|---|---|---|---|
| FMU Coordinator (Training & Process Documentation) | 01 | Rs. 25,000/- (Consolidated) | **Essential Qualification** Graduate in any Discipline (with more than 45% in aggregate in qualifying exam). **Desired Qualification:** Post Graduate/MBA in any discipline. **Essential Experience:** 3 years' experience in the field of Training & Process Documentation in respect of Micro Planning, Natural Resource Management, community based institution building, Livelihood Support activities. **Desired Experience:** Experience in implementing Government Projects/Externally Aided Project for more than 1 year. |

Interested candidates may obtain the Application Forms and details of Remunerations, Qualifications & Experiences from O/o the Divisional Forest Officer-cum-DMU Chief, OFSDP-II, Subarnapur Forest Division, Subarnapur during office hours in any working day or may download the same from the District web Portal of Subarnapur, i.e. **www.subarnapur.nic.in** and **www.ofsds.in**. Application in sealed envelope super scribed "Application for the post of (Post Name)" complete in all respect along with self-attested photo copies of relevant documents in respect of qualifications, experiences, ID Proofs, NOC of the present employer and Bank Demand Draft of Rs. 500/- (Rupees Five Hundred) only (non-refundable) drawn on any Nationalized Bank in favour of DFO-cum-DMU Chief, OFSDP-II, Subarnapur Forest Division, payable at Subarnapur Branch, should reach O/o the Divisional Forest Officer-cum-DMU Chief, OFSDP-II, Subarnapur Forest Division, Subarnapur through Speed Post/ Registered Post/By Hand on or **before 5th September 2023 at 5.00 P.M.** The applications received after last date will not be entertained. The authority will not be responsible for any postal delay. There will be assessment of candidates for suitability and efficiency of the person. The modality of the assessment would be decided by the committee of the division office. The multi task persons would be preferred. The undersigned reserves the right to cancel any or all the applications at any stage of recruitment process without assigning any reason thereof.

**Sd./- DFO-cum-DMU Chief**
**Subarnapur Forest Division**
OIPR-08014/11/0001/2324

GOVERNMENT OF ODISHA

## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BOLANGIR

**1st Corrigendum Notice**

**No. 1707** **Dated: 18.08.2023**

No. O-676: The 1st Corrigendum to the Bid Identification No. **PMGSY-Online-BLGR-15/2023-24,** the revised date and time as follows:

| Procurement Officer | Bid Identification No. | Availability of Tender online for bidding | | Date of Submission of Original Document | Date & time of opening of tender Online | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, R.W. Circle, Bolangir | PMGSY-Online-BLGR-15/2023-24 | 21.08.2023 at 11.00 A.M. | 04.09.2023 upto 5.00 P.M. | 08.09.2023 upto 5.00 P.M. | 05.09.2023 at 11.00 A.M. | The date will be intimated to the technically qualified bidders later on |

- Further details can be seen from the website **www.pmgsytenders.gov.in**.
- Any Corrigendum/Addendum will be displayed in the above e-tender website only.

**OIPR-25118/11/0022/2324** **Sd./- Chief Construction Engineer, R.W. Circle, Bolangir**

GOVERNMENT OF ODISHA No. O-680

## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, ANGUL

Email: sencrwangul@yahoo.co.in, Ph.: 06764-236404

**e-Procurement NOTICE for Bridge Works in Odisha**
**Bid Identification No. Bridge Online AGL - 15/2023-24**

**No. 1992** **Dt.18.08.2023**

1. Name of the work : Bridge Works
2. Total No. of Work : 03 Nos.
3. Estimated Cost : Rs.347.16 to Rs.466.86 Lakhs
4. Class of Contractor : 'A' Class
5. Period of Completion : As per Annexure
6. Other Details :

| Procurement Officer | Bid Identification No. | Availability of Tender Online for Bidding | | Last date & Time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | Bridge Online AGL-15/2023-24 | 29.08.2023 at 10.00 A.M. | 12.09.2023 upto 5.00 P.M. | 09.09.2023 upto 1.00 P.M. | 13.09.2023 at 11.00 A.M. | Will be intimated Separately |

(1) For detailed Notice inviting tenders, please visit to the website **www.tendersorissa.gov.in**.

**OIPR-25180/11/0019/2324** **Sd./- Chief Construction Engineer, Rural Works Circle, Angul**

**ସଂକ୍ଷେପରେ**

## ନଦୀକୁ ଟ୍ରକ୍ ଖସି ୯ ଯବାନଙ୍କ ମୃତ୍ୟୁ

**ଲେହ, ୧୯।୮:** ଲଦାଖରେ ସୈନ୍ୟବାହିନୀର ଏକ ଟ୍ରକ୍ ନଦୀ ଗର୍ଭକୁ ଖସିପଡ଼ିବାରୁ ୯ ଜଣ ସୈନ୍ୟଙ୍କ ମୃତ୍ୟୁ ଘଟିଛି। ଲେହଠାରୁ ୧୫୦ କିଲୋମିଟର ଦୂର କିୟାରିଠାରେ ଶନିବାର ଅପରାହ୍ଣ ୪ଟାରୁ ୫ଟା ମଧ୍ୟରେ ଏହି ଦୁର୍ଘଟଣା ଘଟିଛି। କନ୍‌ଭଏରେ ୫ଟି ଗାଡ଼ି ଥିବାବେଳେ ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌ରେ ୧୦ ଜଣ ଯବାନ ଥିଲେ। ଜଣେ ଜୁନିୟର କମିଶନ୍ଡ ଅଫିସର (ଜେସିଓ) ଏବଂ ୮ ଯବାନ ପ୍ରାଣ ହରାଇଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଉଦ୍ଧାର କାର୍ଯ୍ୟ ଜାରି ରହିଛି।

## ‘ସୋସିଆଲ ମିଡିଆ ବ୍ୟବହାରକାରୀ ପରିଣାମ ପ୍ରତି ସତର୍କ ହୁଅନ୍ତୁ’

**ନୂଆଦିଲ୍ଲୀ,୧୯।୮:** ସୋସିଆଲ ମିଡିଆ ବ୍ୟବହାରକାରୀମାନେ ଏହାର ପ୍ରଭାବ ପ୍ରତି ଅଧିକ ସତର୍କ ରହିବା ଆବଶ୍ୟକ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏଥିସହ ଅଭିନେତା ତଥା ତାମିଲନାଡୁର ପୂର୍ବତନ ବିଧାୟକ ଏସ୍.ଭି. ଶେଖରଙ୍କ ଏକ ପିଟିଶନକୁ ସର୍ବୋଚ୍ଚ ଅଦାଲତ ଖାରଜ କରିଦେଇଛନ୍ତି। ଶେଖର ୨୦୧୮ରେ କେତେଜଣ ମହିଳା ଖବରଦାତାଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟ ଥିବା ଫେସ୍‌ବୁକ୍ ପୋଷ୍ଟକୁ ଶେୟାର କରି ମାମଲାର ସମ୍ମୁଖୀନ ହୋଇଛନ୍ତି। ଜୁଲାଇ ୧୪ରେ ମାଡ୍ରାସ ହାଇକୋର୍ଟ ଶେଖରଙ୍କ ଆବେଦନକୁ ଖାରଜ କରିଦେବା ପରେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଶୁଣାଣି ବେଳେ ଜଷ୍ଟିସ ବି.ଆର୍. ଗଭାଇ ଏବଂ ପି.କେ. ମିଶ୍ରାଙ୍କ ଖଣ୍ଡପୀଠ କହିଛନ୍ତି, ଯଦି ଜଣେ ସୋସିଆଲ ମିଡିଆ ବ୍ୟବହାର କରୁଛନ୍ତି, ତେବେ ତାଙ୍କୁ ଏହାର ପ୍ରଭାବ ଏବଂ ପରିଣାମ ପ୍ରତି ଅଧିକ ସତର୍କ ହେବାକୁ ପଡ଼ିବ।

## ଉଦୟପୁର-ଖଜୁରାହୋ ଏକ୍ସପ୍ରେସ୍‌ରେ ନିଆଁ



**ନୂଆଦିଲ୍ଲୀ,୧୯।୮:** ଉଦୟପୁର-ଖଜୁରାହୋ ଏକ୍ସପ୍ରେସ୍‌ର ଇଞ୍ଜିନରେ ଶନିବାର ନିଆଁ ଲାଗିଯାଇଥିଲା। ମଧ୍ୟପ୍ରଦେଶର ଗ୍ୱାଲିଅର ନିକଟରେ ଏହି ଦୁର୍ଘଟଣା ଘଟିଥିଲା। ଇଞ୍ଜିନରୁ ଧୂଆଁ ବାହାରୁଥିବାର ଜଣାପଡ଼ିବା ପରେ ଟ୍ରେନ୍‌ଟିକୁ ସିତୋଲି ଷ୍ଟେଶନରେ ଅଟକାଯାଇଥିଲା। ଟ୍ରେନଟି ଗ୍ୱାଲିଅର ଷ୍ଟେଶନ ଛାଡିବାର କିଛି ସମୟ ପରେ ଏହି ଦୁର୍ଘଟଣା ଘଟିଥିଲା। ତେବେ ଉକ୍ତ ଘଟଣାରେ କେହି ମୃତାହତ ହୋଇନାହାନ୍ତି ବୋଲି ଝାନ୍ସୀ ଲୋକ ସମ୍ପର୍କ ଅଧିକାରୀ କହିଛନ୍ତି। ଘଟଣା ପରେ ରେଳସୁରକ୍ଷା ଅଧିକାରୀମାନେ ପହଞ୍ଚିଥିଲେ। ରେଳ ଅଧିକାରୀଙ୍କ ସୂଚନାନୁସାରେ ୧୯୬୬୬ ଉଦୟପୁର-ଖଜୁରାହୋ ଇଣ୍ଟରସିଟି ଏକ୍ସପ୍ରେସ୍ ସିତୋଲି ଷ୍ଟେଶନ ନିକଟ ଦେଇ ଯାଉଥିବାବେଳେ ଏହାର ଇଞ୍ଜିନରୁ ଧୂଆଁ ବାହାରୁଥିବାର ଦେଖାଯାଇଥିଲା। ତେଣୁ ଟ୍ରେନ୍‌ଟିକୁ ସେଠାରେ ଅଟକାଯାଇଥିଲା। ଧୂଆଁ ବନ୍ଦ ହେବା ସହ ଅନ୍ୟ ଏକ ଇଞ୍ଜିନ ଲାଗିବା ପରେ ଟ୍ରେନଟି ତାର ଗନ୍ତବ୍ୟସ୍ଥଳ ଅଭିମୁଖେ ଯାତ୍ରା କରିଥିଲା। ତେବେ ଏହି ତଦନ୍ତ କରାଯିବ ବୋଲି ଉତ୍ତର ମଧ୍ୟ ରେଳପଥ ର ମୁଖ୍ୟ ଲୋକସମ୍ପର୍କ ଅଧିକାରୀ ହିମାଂଶୁ ଶେଖର ଉପାଧ୍ୟାୟ କହିଛନ୍ତି।

# ତାଇୱାନ୍‌କୁ ଘେରିଲା ଚାଇନା

## ଦ୍ୱୀପରାଷ୍ଟ୍ର ଚାରିପଟେ ପିଏଲ୍‌ଏର ଯୁଦ୍ଧାଭ୍ୟାସ



ୱିଲିୟମ ଲାଇ

**ବେଜିଂ, ୧୯।୮**

ତାଇୱାନ୍ ଉପରାଷ୍ଟ୍ରପତି ୱିଲିୟମ ଲାଇଙ୍କ ପାରାଗୁଏ ଗସ୍ତ ବେଳେ ଆମେରିକାରେ ଅବସ୍ଥାନ କରିବା ଚାଇନା କର୍ତ୍ତୃପକ୍ଷଙ୍କୁ କ୍ଷୁବ୍ଧ କରିଥିଲା। ଏହାର କଡ଼ା ଚେତାବନୀ ସ୍ୱରୂପ ଚାଇନା ସୈନ୍ୟବାହିନୀ ଶନିବାର ତାଇୱାନ ଚାରିପଟେ ଯୁଦ୍ଧାଭ୍ୟାସ ଆରମ୍ଭ କରିଛି। ତାଇୱାନ୍ ଉପରାଷ୍ଟ୍ରପତି ଆମେରିକା ଯିବାକୁ ବିଚ୍ଛିନ୍ନତାବାଦୀ ଏବଂ ବିଦେଶୀ ଶକ୍ତି ମଧ୍ୟରେ ଗୁପ୍ତ ସନ୍ଧି ବୋଲି ଚାଇନା ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି।

ଦକ୍ଷିଣ ଆମେରିକୀୟ ଦେଶ ପାରାଗୁଏ ସହ ତାଇୱାନର କୂଟନୈତିକ ସମ୍ପର୍କକୁ ପୁନଃ ସ୍ଥାପନ କରିବା ଲାଗି ତାଇୱାନ ଉପରାଷ୍ଟ୍ରପତି ସେଠାକୁ ଗସ୍ତରେ ଯାଇଥିଲେ। ଯିବା ବାଟରେ ସେ ଆମେରିକାର ସାନ୍ ଫ୍ରାନ୍ସିସ୍କୋ ଏବଂ ନ୍ୟୁୟର୍କ ସହରରେ ଅଟକିଥିଲେ। ଚାଇନାର କମ୍ୟୁନିଷ୍ଟ ଶାସକଙ୍କ କହିବା ଅନୁଯାୟୀ ଗଣତାନ୍ତ୍ରିକ ତାଇୱାନ ଏହାର ଅଂଶବିଶେଷ। ତେଣୁ ବିଦେଶୀ ସମ୍ପର୍କ ସ୍ଥାପନ କରିବା ଅଧିକାର ଏହାର ନାହିଁ। ଅନ୍ୟପକ୍ଷରେ ଯୁଦ୍ଧଜାହାଜ ଏବଂ ବିମାନ ମଧ୍ୟରେ ସମନ୍ୱୟ ବଢ଼ାଇବା ସହ ଆକାଶ ଓ ସାମୁଦ୍ରିକ ମାର୍ଗରେ ନିୟନ୍ତ୍ରଣ ସାମର୍ଥ୍ୟ ବଢ଼ାଇବା ପାଇଁ ଯୁଦ୍ଧାଭ୍ୟାସ କରାଯାଉଥିବା ଚାଇନା ଇଷ୍ଟର୍ନ ଥିଏଟର କମାଣ୍ଡ ମୁଖପାତ୍ର ଶି ୟି କହିଛନ୍ତି। ଏହା ସୈନ୍ୟବାହିନୀର ବାସ୍ତବ ଲଢୁଆ ସାମର୍ଥ୍ୟର ପରୀକ୍ଷା ବୋଲି ସେ ମତ ଦେଇଛନ୍ତି। ତେବେ ଉତ୍ତେଜନା ସୃଷ୍ଟି ପାଇଁ ଉଦ୍ୟମ କରୁଥିବା ତାଇୱାନ ସପକ୍ଷବାଦୀ ସ୍ୱାଧୀନ ଶକ୍ତି ଓ ବିଦେଶୀ ଶକ୍ତିଙ୍କୁ ଏହା ଏକ ଚେତାବନୀ ବୋଲି ସେ କହିଛନ୍ତି। ଅନ୍‌ଲାଇନରେ ପୋଷ୍ଟ ହୋଇଥିବା ଯୁଦ୍ଧାଭ୍ୟାସ ଫଟୋରୁ ସୈନ୍ୟମାନେ ଦୌଡୁଥିବା ସହ ଲଢୁଆ ବିମାନ ଓ କ୍ଷେପଣାସ୍ତ୍ର ଲୋଡ୍ ହୋଇଥିବା ବୋଟ୍ ଦେଖିବାକୁ ମିଳିଛି। ସେମାନେ ତାଇୱାନ୍‌କୁ ଚାରିପଟୁ ଘେରି ରହି ଏକସଙ୍ଗେ ଯୁଦ୍ଧାଭ୍ୟାସ ଚଳାଇଛନ୍ତି।



ତାଇୱାନ ନିକଟରେ ଚାଇନା ସୈନ୍ୟମାନେ ସମରାଭ୍ୟାସ ଚଳାଇଛନ୍ତି।

ଅନ୍ୟପକ୍ଷରେ ଚାଇନାର ଏଭଳି ପଦକ୍ଷେପକୁ ତାଇୱାନ୍ ଦୃଢ଼ ନିନ୍ଦା କରିଛି। ବେଜିଂର ଏହା ଅବାସ୍ତବ ଏବଂ ଉତ୍ତେଜନା ସୃଷ୍ଟିକାରୀ ପଦକ୍ଷେପ ବୋଲି ତାଇୱାନ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଏହାର ଜବାବରେ ଉପଯୁକ୍ତ ବଳ ମୁତୟନ କରିବା ସହ ସ୍ୱାଧୀନତା ଓ ଗଣତନ୍ତ୍ରର ସୁରକ୍ଷା ପାଇଁ ପଦକ୍ଷେପ ନେବ ବୋଲି ତାଇୱାନ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି। ଚାଇନା ସୈନ୍ୟବାହିନୀର ଆକ୍ରମଣକୁ ପ୍ରତିହତ କରିବା ନିମନ୍ତେ ଆମ ସୈନ୍ୟ ପ୍ରସ୍ତୁତ। ଜାତୀୟ ନିରାପତ୍ତାର ସୁରକ୍ଷା ପାଇଁ ସେମାନେ ସମର୍ଥ, ପ୍ରତିବଦ୍ଧ ଏବଂ ଆତ୍ମବିଶ୍ୱାସୀ ବୋଲି ତାଇୱାନ ଦୃଢ଼ୋକ୍ତି କରିଛି। ପୂର୍ବରୁ ମଧ୍ୟ ଚାଇନା ଯୁଦ୍ଧାଭ୍ୟାସ କରିଥିଲା। ଏହା ଚାଇନା ସେନାର ଯୁଦ୍ଧଖୋର ମନୋଭାବର ପ୍ରତିଫଳନ। ଗୃହଯୁଦ୍ଧ ପରେ ୧୯୪୯ରେ ଚାଇନାରୁ ତାଇୱାନ୍ ଅଲଗା ହୋଇଯାଇଥିଲା। ଶାସକ କମ୍ୟୁନିଷ୍ଟ ପାର୍ଟିର ନିୟନ୍ତ୍ରଣ କେବଳ ମୁଖ୍ୟ ଭୂଖଣ୍ଡରେ ସୀମିତ ରହିଥିଲା। ଏହି ଗଣତାନ୍ତ୍ରିକ ଦ୍ୱୀପ ଦେଶ କଦାପି ପିପୁଲ୍ସ ରିପବ୍ଲିକ୍ ଅଫ୍ ଚାଇନାର ଅଂଶବିଶେଷ ହୋଇ ରହିନାହିଁ। ତେବେ ତାଇୱାନକୁ ବେଜିଂ ଏକ ବିଖଣ୍ଡିତ ପ୍ରଦେଶ ଭାବେ ଦେଖିବା ସହ ଏହାକୁ ଅକ୍ତିଆର କରିବା ପାଇଁ ଆବଶ୍ୟକ ହେଲେ ବଳ ପ୍ରୟୋଗ କରିବ ବୋଲି କହିଛି।

## ଇମ୍ରାନ୍‌ଙ୍କୁ ଜେଲରେ ବିଷ ଦିଆଯାଇପାରେ

**ସ୍ତ୍ରୀ ବୁଶ୍ରାଙ୍କ ଆଶଙ୍କା**



**ଲାହୋର, ୧୯।୮**

ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ଜୀବନ ପ୍ରତି ବିପଦ ରହିଛି। ଆଟୋକ୍ ଜେଲରେ ତାଙ୍କୁ ବିଷ ଦିଆଯାଇପାରେ ବୋଲି ସ୍ତ୍ରୀ ବୁଶ୍ରା ବିବି ଆଶଙ୍କା ବ୍ୟକ୍ତ କରିଛନ୍ତି। ଇମ୍ରାନ୍‌ଙ୍କୁ ଉନ୍ନତ କାରାଗାର ସୁବିଧା ଯୋଗାଇଦେବାକୁ ସେ ପଞ୍ଜାବ ପ୍ରଦେଶ ଗୃହ ସଚିବଙ୍କୁ ପତ୍ର ଲେଖିଛନ୍ତି। ଆଟୋକ ଜେଲରୁ ତାଙ୍କୁ ରାୱଲପିଣ୍ଡିର ଆଡିଆଲା ଜେଲକୁ ସ୍ଥାନାନ୍ତର କରିବାକୁ ବିଶ୍ରା ନିବେଦନ କରିଛନ୍ତି। କିଛିଦିନ ପୂର୍ବରୁ ବିଶ୍ରା ଜେଲରେ ଇମ୍ରାନଙ୍କୁ ଭେଟିଥିଲେ। ତାଙ୍କୁ ତୃତୀୟ ଶ୍ରେଣୀ ଜେଲ୍ ସୁବିଧା ଦିଆଯାଉଥିବାରୁ ବିଶ୍ରା ଦୁଃଖପ୍ରକାଶ କରିଥିଲେ। ତୋଷାଖାନା ଦୁର୍ନୀତି ମାମଲାରେ ଅଗଷ୍ଟ ୫ରେ ଇସ୍‌ଲାମାବାଦର ଏକ ଅଦାଲତ ୭୦ ବର୍ଷୀୟ ଇମ୍ରାନ୍‌ଙ୍କୁ ଦୋଷୀସାବ୍ୟସ୍ତ କରିବା ସହ ଦଣ୍ଡାଦେଶ ଶୁଣାଇବା ପରେ ତାଙ୍କୁ ଲାହୋର ଘରୁ ଗିରଫ କରାଯାଇ ଜେଲ ପଠାଇଦିଆଯାଇଥିଲା।

## ପାକିସ୍ତାନ ସାଧାରଣ ନିର୍ବାଚନ ବିଳମ୍ବ ହେବ

**ଇସ୍‌ଲାମାବାଦ, ୧୯।୮**

**ନିର୍ବାଚନ ମଣ୍ଡଳୀ ସୀମା ନିର୍ଦ୍ଧାରଣ ପାଇଁ ଇସିପିର ନିଷ୍ପତ୍ତି**

ପାକିସ୍ତାନ ନ୍ୟାଶନାଲ ଆସେମ୍ବ୍ଲି ଭଙ୍ଗ ହେବାର ୯୦ ଦିନ ମଧ୍ୟରେ ସାଧାରଣ ନିର୍ବାଚନ କରାଇବାର ନିୟମ ରହିଥିଲାବେଳେ ଏହା ବିଳମ୍ବିତ ହେବ। କାରଣ ପାକିସ୍ତାନ ଇଲେକ୍ସନ କମିଶନ (ଇସିପି) ନିର୍ବାଚନମଣ୍ଡଳୀଗୁଡ଼ିକର ସୀମା ପୁନଃ ନିର୍ଦ୍ଧାରଣ ଲାଗି ନିଷ୍ପତ୍ତି ନେଇଛନ୍ତି। ନିର୍ବାଚନ ମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ କରା ନ ଗଲେ ପାର୍ଲାମେଣ୍ଟରେ ଭୋଟରମାନଙ୍କୁ ଉପଯୁକ୍ତ ପ୍ରତିନିଧିତ୍ୱ ମିଳିବ ନାହିଁ ବୋଲି ଇସିପି ପକ୍ଷରୁ କୁହାଯାଇଛି। ଗତ ୯ ତାରିଖରେ ନ୍ୟାଶନାଲ ଆସେମ୍ବ୍ଲି ଭଙ୍ଗ ହୋଇଥିଲା। ତେଣୁ ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ନଭେମ୍ବର ୯ ସୁଦ୍ଧା ସାଧାରଣ ନିର୍ବାଚନ କରାଯିବା କଥା। ସେହିପରି ସୀମା ନିର୍ଦ୍ଧାରଣ ମଧ୍ୟ ନିର୍ବାଚନ କମିଶନଙ୍କ ଆଉ ଏକ ଦାୟିତ୍ୱ। ଦେଶବ୍ୟାପୀ ଜନଗଣନା ଫଳାଫଳ ପରେ ସୀମା ପୁନଃନିର୍ଦ୍ଧାରଣ କରାଯାଇଥାଏ। ସପ୍ତମ ଜନଗଣନା ଗତ ମାର୍ଚ୍ଚ ଓ ଏପ୍ରିଲରେ ହୋଇଥିବାବେଳେ ପୂର୍ବ ସରକାର ଯିବାର ଦିନକୁକ ପୂର୍ବରୁ ଏହାର ଫଳାଫଳକୁ ଅନୁମୋଦନ କରିଥିଲେ। ନିର୍ବାଚନ କମିଶନ ଏକସଙ୍ଗେ ଦୁଇଟି ସାମ୍ବିଧାନିକ ଦାୟିତ୍ୱ ତୁଲାଇ ପାରିବେ ନାହିଁ। ଗୋଟିଏ ପାଇଁ ଅନ୍ୟଟିର ଉଲ୍ଲଂଘନ କରିବାକୁ ପଡ଼ିବ ବୋଲି ନିର୍ବାଚନ କମିଶନଙ୍କ ପକ୍ଷରୁ କୁହାଯାଇଛି।



ଉତ୍ତରାଖଣ୍ଡର ଜୋଶୀମଠ ଅନ୍ତର୍ଗତ ଯୋଗୀଧରାଠାରେ ଭୂସ୍ଖଳନ ଯୋଗୁ ଜାତୀୟ ରାଜପଥ ଅବରୋଧ ହୋଇଛି।

## ମୁସେୱାଲା ହତ୍ୟା ଯୋଜନା ୟୁପିରୁ ହୋଇଥିଲା

**ପାକିସ୍ତାନରୁ ଆସିଥିଲା ଅସ୍ତ୍ର**



ସିଦ୍ଧୁ ମୁସେୱାଲା

**ଲକ୍ଷ୍ନୌ,୧୯।୮**

ପଞ୍ଜାବୀ ଗାୟକ ତଥା ରାପର ସିଦ୍ଧୁ ମୁସେୱାଲାଙ୍କୁ ଗତବର୍ଷ ମେ’ରେ ଗୁଳିକରି ହତ୍ୟା କରାଯାଇଥିଲା। ଉତ୍ତରପ୍ରଦେଶରୁ ହତ୍ୟା ଯୋଜନା ହୋଇଥିଲା ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ହତ୍ୟାକାଣ୍ଡରେ ସମ୍ପୃକ୍ତ ବିଷ୍ଣୋଇ ଗ୍ୟାଙ୍ଗ୍‌ର ଅନେକ ସଦସ୍ୟ ଅଯୋଧ୍ୟା ଏବଂ ଲକ୍ଷ୍ନୌରେ ଅବାଧରେ ବୁଲୁଥିବା ତଦନ୍ତର ନୂଆ ଫଟୋରୁ ଜଣାପଡ଼ିଛି। ପ୍ରକୃତରେ ଏକ ବଡ଼ ଦୁର୍ନୀତିରେ ସମ୍ପୃକ୍ତ ଉତ୍ତରପ୍ରଦେଶର ଜଣେ ବିଶିଷ୍ଟ ବ୍ୟକ୍ତିଙ୍କୁ ଟାର୍ଗେଟ କରିବା ଲାଗି ବିଷ୍ଣୋଇ ଗ୍ୟାଙ୍ଗକୁ ଦାୟିତ୍ୱ ଦିଆଯାଇଥିଲା। ଉକ୍ତ ଯୋଜନାରେ ସେମାନେ ବିଫଳ ହେବା ପରେ ଲୋକପ୍ରିୟ ଗାୟକଙ୍କୁ ହତ୍ୟା କରିଥିଲେ ବୋଲି ଉକ୍ତ ସୂତ୍ରରୁ କୁହାଯାଇଛି। ମୁସେୱାଲାଙ୍କ ହତ୍ୟା ପୂର୍ବରୁ ନିଆଯାଇଥିବା ଫଟୋ ନିକଟରେ ପ୍ରକାଶ ପାଇଛି। ସେଥିରେ ବିଷ୍ଣୋଇ ଗ୍ୟାଙ୍ଗର ଶାର୍ପ ଶୁଟର ସଚିନ ବିଷ୍ଣୋଇ, କପିଲ ପଣ୍ଡିତ ଥିବା ଦେଖିବାକୁ ମିଳିଛି। ସଚିନଙ୍କୁ ଚଳିତ ମାସ ଆରମ୍ଭରେ ଆଜରବୈଜାନରୁ ପ୍ରତ୍ୟର୍ପଣରେ ଅଣାଯିବା ପରେ ପୋଲିସ ୧୦ ଦିନିଆ ରିମାଣ୍ଡରେ ନେଇଛି। ହତ୍ୟାକାଣ୍ଡରେ ବିଦେଶୀ ଅସ୍ତ୍ର ବ୍ୟବହାର କରାଯାଇଥିଲା। ଏଥିପାଇଁ ଅତ୍ୟାଧୁନିକ ପିସ୍ତଲ ସ୍ୱତନ୍ତ୍ର ଭାବେ ପାକିସ୍ତାନରୁ ଆମଦାନୀ ହୋଇଥିଲା। ମୁସେୱାଲାଙ୍କ ହତ୍ୟାରେ ବ୍ୟବହୃତ ଅସ୍ତ୍ରରେ ୧୦୦ ରାଉଣ୍ଡରୁ ଊର୍ଦ୍ଧ୍ୱ ଗୁଳି କରାଯାଇଥିଲା।

## ରତନ ଟାଟାଙ୍କୁ ‘ଉଦ୍ୟୋଗ ରତ୍ନ’ ସମ୍ମାନ

**ମୁମ୍ବାଇ,୧୯।୮**

ଶିଳ୍ପୋଦ୍ୟୋଗୀ ତଥା ଟାଟା ସନ୍ସର ଅଧ୍ୟକ୍ଷ ରତନ ଟାଟାଙ୍କୁ ମହାରାଷ୍ଟ୍ର ସରକାର ଶନିବାର ପ୍ରଥମ ‘ଉଦ୍ୟୋଗ ରତ୍ନ’ ସମ୍ମାନ ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ, ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍, ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର ପ୍ରମୁଖ ୮୫ ବର୍ଷୀୟ ରତନଙ୍କୁ ଦକ୍ଷିଣ ମୁମ୍ବାଇର କୋଲାବାଠାରେ ଥିବା ତାଙ୍କ ବାସଭବନରେ ପହଞ୍ଚି ଏହି ସମ୍ମାନ ପ୍ରଦାନ କରିଥିଲେ।



ଏହାକୁ ନେଇ ମୁଖ୍ୟମନ୍ତ୍ରୀ ଶିନ୍ଦେ କହିଛନ୍ତି, ରତନଙ୍କୁ ‘ଉଦ୍ୟୋଗ ରତ୍ନ’ ଦିଆଯିବା ପରେ ବର୍ତ୍ତମାନ ଏହି ପୁରସ୍କାରର ମାନ ବଢ଼ିଯାଇଛି। ଦେଶର ବିଭିନ୍ନ ଶିଳ୍ପ କ୍ଷେତ୍ର ପାଇଁ ଟାଟା ଗ୍ରୁପ୍‌ର ଯେଉଁ ଅବଦାନ ରହିଛି ତାହା ଅତୁଳନୀୟ ବୋଲି ସେ କହିଛନ୍ତି।

## ଗୁଜରାଟ ହାଇକୋର୍ଟଙ୍କ ନିଷ୍ପତ୍ତିରେ ସୁପ୍ରିମକୋର୍ଟ ଅସନ୍ତୁଷ୍ଟ

**ନୂଆଦିଲ୍ଲୀ, ୧୯।୮(ପି.ଟି.)**

**ବଳାତ୍କାର ପୀଡ଼ିତାଙ୍କ ଗର୍ଭପାତ ଆବେଦନ ସ୍ଥଗିତ**



୨୬ ସପ୍ତାହର ଗର୍ଭ ନଷ୍ଟ କରିବା ପାଇଁ ଜଣେ ବଳାତ୍କାର ପୀଡ଼ିତାଙ୍କ ନିବେଦନ ଉପରେ ଗୁଜରାଟ ହାଇକୋର୍ଟ ନିଷ୍ପତ୍ତି ନେବାରେ ବିଳମ୍ବ କରୁଥିବାରୁ ସୁପ୍ରିମକୋର୍ଟ ଶନିବାର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ମାମଲା ପକାଇ ରଖିବା ଦ୍ୱାରା ମୂଲ୍ୟମାନ ସମୟ ନଷ୍ଟ ହେଲା ବୋଲି ଜଷ୍ଟିସ ବି.ଭି. ନାଗରତ୍ନା ଏବଂ ଉଜ୍ଜଳ ଭୂୟାଁଙ୍କ ଖଣ୍ଡପୀଠ କହିଛନ୍ତି। ମାମଲାର ଗୁରୁତ୍ୱ ଦୃଷ୍ଟିରୁ ଖଣ୍ଡପୀଠ ଶନିବାର ଏହାର ସ୍ୱତନ୍ତ୍ର ଶୁଣାଣି କରିଥିଲେ। ପରବର୍ତ୍ତୀ ଶୁଣାଣି ସୋମବାରକୁ ଧାର୍ଯ୍ୟ କରାଯାଇଛି। ମହିଳାଙ୍କ ଆବେଦନ ଉପରେ ଖଣ୍ଡପୀଠ ଗୁଜରାଟ ସରକାର ଓ ଅନ୍ୟମାନଙ୍କୁ ଜବାବ ମାଗିଛନ୍ତି। ଶୁଣାଣି ବେଳେ ପୀଡ଼ିତାଙ୍କ ଓକିଲ କହିଥିଲେ, ଗର୍ଭପାତ ପାଇଁ ସେ ଅଗଷ୍ଟ ୭ରେ ଗୁଜରାଟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୮ ତାରିଖରେ ଏହାର ଶୁଣାଣି ବେଳେ କୋର୍ଟ ଗର୍ଭାବସ୍ଥାର ସ୍ଥିତି ଏବଂ ଆବେଦନକାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ନିଶ୍ଚିତ ହେବା ଲାଗି ଏକ ଡାକ୍ତରୀ ବୋର୍ଡ ଗଠନ ଲାଗି ନିର୍ଦ୍ଦେଶ ଦେଇଥିଲେ। ୧୦ ତାରିଖରେ ମେଡିକାଲ କଲେଜ ରିପୋର୍ଟ ଉପସ୍ଥାପନ କରିଥିଲା। ତେବେ ପୀଡ଼ିତାଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ନ ଦେଇ ହାଇକୋର୍ଟ ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୨୩କୁ ଧାର୍ଯ୍ୟ କରିଥିଲେ। ଅଥଚ ଅଗଷ୍ଟ ୧୭ରେ ପିଟିଶନକୁ ଖାରଜ କରାଯାଇଥିବା ମାମଲା ଷ୍ଟାଟସ୍‌ରୁ ଜଣାପଡ଼ିଛି ବୋଲି ପୀଡ଼ିତାଙ୍କ ଓକିଲ କହିଛନ୍ତି। ତେବେ ଖାରଜ ହେବାର କାରଣ ସମ୍ପର୍କରେ ହାଇକୋର୍ଟ ୱେବ୍‌ସାଇଟ୍‌ରେ କିଛି ଉଲ୍ଲେଖ ନାହିଁ।

## ୱାଶିଂଟନକୁ ବ୍ୟାପିଲା ବନାଗ୍ନି

**ବହୁ ଘର ଜଳିଗଲାଣି, ହଜାର ହଜାର ଲୋକ ବିସ୍ଥାପିତ**

**ସ୍ପୋକାନେ, ୧୯।୮**



ଦ୍ରୁତ ବେଗରେ ବ୍ୟାପୁଥିବା ଜଙ୍ଗଲ ନିଆଁରେ ୱାଶିଂଟନ ରାଜ୍ୟର ବହୁ ଘର ଜଳିଗଲାଣି। ଗ୍ରାମାଞ୍ଚଳରୁ ହଜାର ହଜାର ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉଛି। ଆମେରିକାରେ ଏହା ସବୁଠୁ ବଡ଼ ବନାଗ୍ନି ବୋଲି କୁହାଯାଉଛି। ତଥାକଥିତ ଗ୍ରେ ଫାୟାର ୱାଶିଂଟନ ପୂର୍ବ ଭାଗରେ ଥିବା ସ୍ପୋକାନେରେ ପହଞ୍ଚିବା ପରେ ୧୨ ବର୍ଗ କିଲୋମିଟର ଅଞ୍ଚଳ ଜଳିଗଲାଣି। ପବନର ଘଣ୍ଟାପ୍ରତି ବେଗ ୫୬ କିଲୋମିଟର ଥିବାରୁ ନିଆଁ ଦ୍ରୁତ ଗତିରେ ବ୍ୟାପୁଥିବା ୱାଶିଂଟନ ଷ୍ଟେଟ୍ ଡିପାର୍ଟମେଣ୍ଟ ପକ୍ଷରୁ କୁହାଯାଇଛି। ମେଡିକାଲ ଲେକ୍ ଅଞ୍ଚଳର କେତେକ ଘର ଜଳିଯିବା ପରେ ସେଠାରେ ରହୁଥିବା ୪,୮୦୦ ଲୋକଙ୍କୁ ତୁରନ୍ତ ଘର ଛାଡ଼ି ଚାଲିଯିବା ପାଇଁ କୁହାଯାଇଛି। ଉଦ୍ଧାର କାର୍ଯ୍ୟରେ ସହାୟତା ଲାଗି ସେନାକୁ ଡକାଯାଇଛି।

## କେରଳରେ ଆଫ୍ରିକୀୟ ସ୍ୱାଇନ୍ ଫ୍ଲୁ

**କନ୍ନୁର,୧୯।୮**

କେରଳର ଉତ୍ତର ଅଞ୍ଚଳରେ ଥିବା କାନିଚର ଗାଁରେ ଆଫ୍ରିକୀୟ ସ୍ୱାଇନ୍ ଫ୍ଲୁ ବ୍ୟାପିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ସ୍ଥାନୀୟ ଅଞ୍ଚଳରେ ଘୁଷୁରି ମାରିବା ଅଭିଯାନ ଚଳାଇବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ମଲୟମପାଡ଼ିରେ ଥିବା ଏକ ଘୁଷୁରି ଫାର୍ମରୁ ଏହି ଫ୍ଲୁ ବ୍ୟାପୁଥିବା ନେଇ ଜିଲା ପଶୁ ଚିକିତ୍ସା ଅଧିକାରୀ ଶୁକ୍ରବାର ନିର୍ଦ୍ଧାରଣ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ଜିଲା ଅଧିକାରୀମାନେ ମଲୟମପାଡ଼ି ଘୁଷୁରି ଫାର୍ମଠାରୁ ୧୦ କି.ମି. ଅଞ୍ଚଳରେ ଘୁଷୁରି ମରା ଅଭିଯାନ ଚଳାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ରୋଗ ଚିହ୍ନଟ ହୋଇଥିବା ଘୁଷୁରି ଫାର୍ମଠାରୁ ୧ କି.ମି. ପର୍ଯ୍ୟନ୍ତ ଅଞ୍ଚଳକୁ ସଂକ୍ରମିତ ଅଞ୍ଚଳଭାବେ ଘୋଷଣା କରାଯାଇଥିବାବେଳେ ୧୦ କି.ମି ବ୍ୟାସାର୍ଦ୍ଧ ଅଞ୍ଚଳକୁ ରୋଗ ନିରୀକ୍ଷଣ କ୍ଷେତ୍ର ବୋଲି ଘୋଷଣା କରାଯାଇଛି। ସେହିପରି ଏହି ଅଞ୍ଚଳରେ ଘୁଷୁରି ମାଂସ ବିକ୍ରି ଏବଂ ଘୁଷୁରି ପରିବହନ ଉପରେ ୩ ମାସ ଲାଗି ନିଷେଧାଦେଶ ଜାରି କରାଯାଇଛି। ଗତ ଦୁଇ ମାସ ମଧ୍ୟରେ ସଂକ୍ରମିତ



**ସମୂହ ଘୁଷୁରି ମରା ଅଭିଯାନ ପାଇଁ ନିର୍ଦ୍ଦେଶ**

ଫାର୍ମରୁ ଘୁଷୁରିଗୁଡ଼ିକୁ ଅନ୍ୟ କେଉଁ ଫାର୍ମକୁ ନିଆଯାଇଛି ସେନେଇ ରିପୋର୍ଟ ଦେବାକୁ ଜିଲାପାଳ ସ୍ଥାନୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି ପଞ୍ଚାୟତ ଅଞ୍ଚଳରେ ଏହି ଫ୍ଲୁର ନୂଆ ସଂକ୍ରମିତ ମାମଲା ଜଣାପଡ଼େ ତେବେ ତୁରନ୍ତ ଜିଲା ବିପର୍ଯ୍ୟୟ ଅଧିକାରୀଙ୍କୁ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଅପରପକ୍ଷେ ଏହି ସଂକ୍ରମଣ ଯେପରି ଅନ୍ୟ ଅଞ୍ଚଳକୁ ନ ବ୍ୟାପେ ସେଥିପ୍ରତି ଦୃଷ୍ଟିଦେବାକୁ ସ୍ଥାନୀୟ ପଶୁ ଚିକିତ୍ସା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ଏ ସପ୍ତାହର ପ୍ରଶ୍ନ

୧– ପୁଲି ବେକ୍ ଅଭୟାରଣ୍ୟ............ରାଜ୍ୟରେ ଅବସ୍ଥିତ ?
୨– କିରାତାର୍ଜୁନୀୟ ପୁସ୍ତକର ଲେଖକ.......... ?
୩– ଝିଝିଆ ନୃତ୍ୟ ଶୈଳୀ ଉତ୍ପତ୍ତି.......... ରାଜ୍ୟରେ ହୋଇଥିଲା ?
୪– ସ୍ୱାଧୀନ ଭାରତର ପ୍ରଥମ ଆଇନମନ୍ତ୍ରୀ ............ ?
୫– ୟୁଏନ୍ ଜେନେରାଲ୍ ଆସେମ୍ବ୍ଲିର ପ୍ରେସିଡେଣ୍ଟ ଭାବେ ଯୋଗ ଦେଇଥିବା ପ୍ରଥମ ଭାରତୀୟ ............ ?

## ଗତ ଥରର ଉତ୍ତର

୧ କଙ୍ଗୋ
୨ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ
୩ ଫୁଟ୍‌ବଲ୍
୪ ସ୍ୱିଜରଲାଣ୍ଡ
୫ ଇରାକୀ ଦିନାର

## ଉତ୍ତରଦାତା


କିଶୋର ପାଣି, ଭୁବନେଶ୍ୱର


ଦିବ୍ୟାଂଶୁ ସାହୁ, ନୟାଗଡ଼

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ସବୁଠୁ ବଡ଼ ଉତ୍ସବ

୧– ଥାଇପୁସମ୍ ...................... ମାଲେସିଆ
୨– ସୋଙ୍ଗକ୍ରାନ୍ ଫେଷ୍ଟିଭାଲ୍ ...................... ଥାଇଲାଣ୍ଡ
୩– ହୋଲି ...................... ଭାରତ
୪– ଡିଆ ଡେ ଲସ୍ ମୁଏର୍ଟସ୍ ...................... ମେକ୍ସିକୋ
୫– ସେଣ୍ଟ ପ୍ୟାଟ୍ରିକ୍ସ ଡେ' ...................... ଆୟର୍ଲାଣ୍ଡ
୬– ମାଉଣ୍ଟ୍ରେଅକ୍ସ ଜାଜ୍ ଫେଷ୍ଟିଭାଲ୍...................... ସ୍ୱିଜରଲାଣ୍ଡ
୭– ମଣ୍ଟ୍ରିଏଲ୍ ଜାଜ୍ ଫେଷ୍ଟିଭାଲ୍...................... କାନାଡ଼ା
୮– ସମରଫେଷ୍ଟ ...................... ମିଲ୍‌ୱାଉକି, ଆମେରିକା
୯– ୱାଇ ପେଙ୍ଗ୍ ଫେଷ୍ଟିଭାଲ୍ ...................... ଥାଇଲାଣ୍ଡ
୧୦– ଲଏ କ୍ରାଥଙ୍ଗ୍ ...................... ଥାଇଲାଣ୍ଡ

### ୟୁଥ୍ ଆଲର୍ଟ

# ଏମିତି ଦୂରକରନ୍ତୁ ଷ୍ଟ୍ରେଚ୍‌ମାର୍କ



**ଅନେକ ଯୁବତୀଯୁବକ ମୋଟା ହୋଇଗଲେ ସେମାନଙ୍କ ଶରୀରର କେତେକ ସ୍ଥାନରେ ଷ୍ଟ୍ରେଚ୍‌ମାର୍କ ଦେଖାଯାଏ, ଯାହାକି ଫ୍ୟାଶନେବଲ୍ ଡ୍ରେସ୍ ପିନ୍ଧିବା ବେଳେ ଖରାପ ଦେଖାଯାଏ; ଯେଉଁଥିପାଇଁ ସେମାନେ ବ୍ୟସ୍ତ ହୋଇପଡ଼ନ୍ତି। ଯଦିଓ ଏହାକୁ କମ୍ କରିବା ଲାଗି ଅଧିକ ସମୟ ଲାଗିଥାଏ, ତଥାପି କେତୋଟି ଉପାୟ ଆପଣାଇ ଷ୍ଟ୍ରେଚ୍‌ମାର୍କ ଶୀଘ୍ର ଦୂର କରିପାରିବେ...**

◀◀ ଆଜିର ପରିବର୍ତ୍ତିତ ଲାଇଫ୍ ଷ୍ଟାଇଲ୍ ଯୋଗୁ ମଧ୍ୟ ଫ୍ୟାଟ୍‌ନେସ୍ ବଢ଼ିବା କାରଣରୁ ଅନେକଙ୍କଠାରେ ଷ୍ଟ୍ରେଚ୍‌ମାର୍କ ଦେଖାଯାଉଛି। ତା'ଛଡ଼ା କମ୍ ପାଣି ପିଇବା ଦ୍ୱାରା ଶରୀରର ଜଳୀୟାଂଶ କମିଲେ ବି ଏହି ସମସ୍ୟା ଦେଖାଦିଏ। ତେଣୁ ଆବଶ୍ୟକ ପରିମାଣରେ ପାଣି ପିଇବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ତେଣୁ ସୁଷମ ଖାଦ୍ୟ ଖାଇବା ସହ ଦିନକୁ ଅତି କମ୍‌ରେ ୩–୪ ଲିଟର ପାଣି ପିଅନ୍ତୁ।

◀◀ ଡାକ୍ତରଙ୍କ ପରାମର୍ଶକ୍ରମେ କୌଣସି ଏକ ଭଲ ସ୍ପେଶିଆଲାଇଜ୍‌ଡ କ୍ରିମ୍, ଷ୍ଟ୍ରେଚ୍‌ମାର୍କ ରିକଭରି ସିରମ୍, ବଡି ଫର୍ମିଙ୍ଗ୍ ଜେଲ୍ ଆଦି ସକାଳେ ଏବଂ ସନ୍ଧ୍ୟାରେ ଲଗାନ୍ତୁ ଉପକୃତ ହେବେ। ଏସବୁ କେମିକାଲ୍ ଫ୍ରି ହୋଇଥିଲେ ଭଲ।

◀◀ ଉଷୁମ ପାଣିରେ ଗାଧୋଇବା ପରେ ଷ୍ଟ୍ରେଚ୍‌ମାର୍କ ହୋଇଥିବା ସ୍ଥାନରେ ଧୀରେ ଧୀରେ ପ୍ରାୟ ୨ ମିନିଟ୍ ପର୍ଯ୍ୟନ୍ତ ଅଏଲ୍ ମସାଜ୍ କରିବା ଦ୍ୱାରା ତାହା ନରମ ହେବା ସହ ମାର୍କ ଦୂର ହେବାରେ ସାହାଯ୍ୟ କରିଥାଏ। ଏଥିପାଇଁ ବାୟୋ ଅଏଲ୍ କିମ୍ବା ନଡ଼ିଆ ତେଲ ସବୁଠୁ ଭଲ। ଆପଣ ଚାହିଁଲେ ଏଥିପାଇଁ ଅନ୍ୟ ମସାଜ୍ ଅଏଲ୍ ମଧ୍ୟ ବ୍ୟବହାର କରିପାରିବେ।

◀◀ ଏକ କଟନ୍ ସାହାଯ୍ୟରେ ଲେମ୍ବୁ ରସ ନେଇ ଷ୍ଟ୍ରେଚ୍‌ମାର୍କ ଥିବା ସ୍ଥାନରେ ଲଗାଇ ଦଶ ମିନିଟ୍ ପର୍ଯ୍ୟନ୍ତ ରଖିବା ପରେ ନଖଉଷୁମ ପାଣିରେ ଗାଧୋଇ ପଡ଼ନ୍ତୁ। ଫଳରେ ଲେମ୍ବୁରେ ଥିବା ପ୍ରାକୃତିକ ଏସିଡ୍ ଷ୍ଟ୍ରେଚ୍‌ମାର୍କ ଦୂର କରିବାରେ ସାହାଯ୍ୟ କରିଥାଏ।

◀◀ ଶୀଘ୍ର ସ୍କିନ୍ ରିପେୟାର୍ କରିବାରେ ଏକ୍ସରସାଇଜ୍ ବେଶ୍ ସାହାଯ୍ୟ କରିଥାଏ। ଯାହା ଫୁଲିଯାଇଥିବା ଏବଂ ଷ୍ଟ୍ରେଚ୍‌ମାର୍କ ହୋଇଥିବା ସ୍ଥାନକୁ ଧୀରେ ଧୀରେ ରିପେୟାର୍ କରି ପୂର୍ବ ଭଳି ସୁନ୍ଦର କରିଥାଏ।





# ଆତ୍ମପରିଚୟ

**କାର୍ଯ୍ୟଦକ୍ଷତା, ଉତ୍ତମ ବ୍ୟବହାର ବ୍ୟକ୍ତିତ୍ୱ ଉପରେ ସକାରାତ୍ମକ ପ୍ରଭାବ ପକାଏ। ଏହି ଗୁଣ ଘରେ, ଶିକ୍ଷାନୁଷ୍ଠାନରେ, କାର୍ଯ୍ୟକ୍ଷେତ୍ରରେ ହେଉ ଅବା ସମାଜରେ ଏକ ଉତ୍ତମ ମଣିଷର ପରିଚୟ ସୃଷ୍ଟି କରେ। ତେଣୁ ଆତ୍ମପରିଚୟ ସୃଷ୍ଟି କରିବା ଲାଗି କେତେକ ବଦଗୁଣ ତ୍ୟାଗ କରିବା ସହ କେତେକ ଦିଗ ପ୍ରତି ବିଶେଷ ଧ୍ୟାନ ଦେବା ନିହାତି ଆବଶ୍ୟକ...**

ମାର୍ଜିତ ବ୍ୟବହାର ଓ ଉତ୍ତମ କାର୍ଯ୍ୟକଳାପ ମଣିଷକୁ ଅନ୍ୟମାନଙ୍କର ହୃଦୟ ଜିଣି ସଭିଙ୍କ ପ୍ରିୟପାତ୍ର କରାଇବାରେ ସାହାଯ୍ୟ କରିଥାଏ। ହେଲେ ବେଳେବେଳେ ଅଜାଣତରେ କରୁଥିବା କେତେକ ଭୁଲ ଆପଣଙ୍କ ବ୍ୟକ୍ତିତ୍ୱ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ତେଣୁ ଆତ୍ମପରିଚୟ ସୃଷ୍ଟି ପାଇଁ କେଉଁ ସବୁ ଦିଗ ପ୍ରତି ଧ୍ୟାନ ଦେବା ଆବଶ୍ୟକ ଜାଣିରଖନ୍ତୁ ସେ ସମ୍ପର୍କରେ ...

**ବାକ୍ ସଞ୍ଜମ ରକ୍ଷା ସହ ମିଷ୍ଟଭାଷୀ ହୁଅନ୍ତୁ :** ଅଧିକାଂଶ ଯୁବତୀଯୁବକ ଏକାଠି ହେବାମାତ୍ରେ ଗପସପରେ ମସ୍‌ଗୁଲ ହୋଇଯାଆନ୍ତି। ପାଠପଢ଼ା, ଜବ୍‌ଠୁ ଆରମ୍ଭ କରି ଅନ୍ୟମାନଙ୍କ ସମ୍ପର୍କରେ ମଧ୍ୟ ସେମାନଙ୍କ ମଧ୍ୟରେ ଚାଲେ ଆଲୋଚନା। ହେଲେ ବେଳେବେଳେ ସାଧାରଣ କଥାରେ ଜଣେ ଜଣେ ହଠାତ୍ ରାଗି ଯାଇ ଯୁକ୍ତିକରିବା, ବାକ୍‌ସଞ୍ଜମ ହରାଇ ଅନ୍ୟକୁ ମାନସିକ ସ୍ତରରେ ଆଘାତ ପହଞ୍ଚାଇବାକୁ ବି ପଛାନ୍ତି ନାହିଁ। ଏହାଦ୍ୱାରା ଅନ୍ୟମାନଙ୍କ ଦୃଷ୍ଟିରେ ନିଜ ପ୍ରତି କିପରି ନକାରାତ୍ମକ ଭାବନା ସୃଷ୍ଟି ହେଉଛି ସେ ଦିଗରେ ସେମାନେ ଯତ୍ନଶୀଳ ନ ଥା'ନ୍ତି। ତେଣୁ ରାଗିବା, ରାଗରେ ଏଭଳି କିଛି କଥା କହିବା ଯାହାକି ଅନ୍ୟକୁ କଷ୍ଟ ଦେବ କିମ୍ବା ନିଜର ବ୍ୟକ୍ତିତ୍ୱ ଉପରେ ଆଞ୍ଚ ଆଣିବ ଏବଂ ଆକ୍ରୋଶମୂଳକ ଆଚରଣଠାରୁ ନିଜକୁ ନିବୃତ୍ତ ରଖନ୍ତୁ ଏବଂ ମିଷ୍ଟଭାଷୀ ହୁଅନ୍ତୁ।

**ଦକ୍ଷତାର ପରିଚୟ ଦିଅନ୍ତୁ:** କର୍ମତତ୍ପର ଏବଂ ଦକ୍ଷତାସମ୍ପନ୍ନ ମଣିଷକୁ ସମସ୍ତେ ଭଲପାଆନ୍ତି। ତେଣୁ ପାଠପଢ଼ା ହେଉ ଅବା ଜବ୍ କ୍ଷେତ୍ରରେ ଅଳସୁଆ ନ ହୋଇ ନିଜର ବେଷ୍ଟ ଦେବାକୁ ଚେଷ୍ଟା କରନ୍ତୁ। ଏହା ସମସ୍ତଙ୍କ ନଜରରେ ଆପଣଙ୍କ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସାହାଯ୍ୟ କରିବ।

**ଆତ୍ମପ୍ରଶଂସାଠୁ ଦୂରେଇ ରୁହନ୍ତୁ:** ମଣିଷର ବ୍ୟକ୍ତିତ୍ୱ ଭଲ ହୋଇଥିଲେ ଆପେଆପେ ସମସ୍ତଙ୍କ ମୁଖରୁ ପ୍ରଶଂସା ବାହାରେ। ହେଲେ ଏମିତି ଅନେକ ଅଛନ୍ତି, ଯେଉଁମାନେ ନିଜର ପ୍ରଶଂସା ନିଜ ମୁହଁରେ ଗାଇ ବୁଲନ୍ତି। ଏମିତିକି ଆତ୍ମପ୍ରଶଂସାରେ ବିଭୋର ହୋଇ ସେମାନେ ଅନ୍ୟକୁ କିଛି କହିବାର ସୁଯୋଗ ମଧ୍ୟ ଦିଅନ୍ତି ନାହିଁ। ହେଲେ ବାରମ୍ବାର ଆତ୍ମପ୍ରଶଂସା କରିବା ଦ୍ୱାରା ପରିହାସର ପାତ୍ର ହେବାକୁ ପଡ଼ିପାରେ, ଏକଥା ଅନେକେ ଭୁଲିଯାଆନ୍ତି। ତେଣୁ କଥାରେ ନୁହେଁ, ବରଂ ନିଜ କାମକୁ ଏଭଳି କରନ୍ତୁ; ଯେପରି ତାହାହିଁ ଆପଣଙ୍କ ବ୍ୟକ୍ତିତ୍ୱର ପରିଚୟ ପାଲଟିବ।





**ସଚ୍ଚୋଟ ହୁଅନ୍ତୁ:** ନିଜର ଦୁର୍ବଳତାକୁ ଚିହ୍ନିବା ଏବଂ ଏହାକୁ ଘୋଡ଼ାଇବା ଲାଗି ମିଥ୍ୟାର ସାହାଯ୍ୟ ନେବା ଦ୍ୱାରା ଧୀରେ ଧୀରେ ଏହା ଅଭ୍ୟାସରେ ପରିଣତ ହୋଇଯାଏ। ଆଉ ଏହା ଯେ କେତେବେଳେ ଅନ୍ୟମାନଙ୍କ ଆଗରେ ଆପଣଙ୍କ ପର୍ସନାଲିଟିକୁ ଖରାପ କରିଦିଏ ତାହା ଜଣାପଡ଼େନି। ତେଣୁ ସବୁବେଳେ ନିଜ କାମ ଏବଂ କଥାକୁ ନେଇ ସଚ୍ଚୋଟ ହୁଅନ୍ତୁ, ଦେଖିବେ ଏହା ଆପଣଙ୍କ ଉତ୍ତମ ବ୍ୟକ୍ତିତ୍ୱର ପରିଚୟ ପାଲଟିବ।

**ଠିକ୍ ନୁହେଁ ଅନ୍ୟର ଚର୍ଚ୍ଚା :** ଅନ୍ୟର ଦୋଷ ତ୍ରୁଟି ଖୋଜି ବୁଲିବା, ପଛରେ ତାଚ୍ଛଲ୍ୟ କରିବା ଏବଂ କିଏ କ'ଣ କରୁଛି ସେ ସମ୍ପର୍କରେ ଆଲୋଚନା କରିବା ଦ୍ୱାରା ନିଜ ବ୍ୟକ୍ତିତ୍ୱ ଉପରେ ଆଞ୍ଚ ଆସିଥାଏ ଏକଥା ଅନେକେ ଭୁଲିଯାଆନ୍ତି। ସେହିପରି କାହାର ଭଲ କାର୍ଯ୍ୟରେ ପ୍ରଶଂସା କରିବା ବଦଳରେ ଏଣୁତେଣୁ କହିବା କିମ୍ବା ସହି ନ ପାରି ନିନ୍ଦା କରିବା, ନିଜର କୌଣସି ଦୋଷତ୍ରୁଟିକୁ ଅନ୍ୟ ମୁଣ୍ଡରେ ଲଦିଦେବା ଭଳି ମାନସିକତା ମଧ୍ୟ ଆପଣଙ୍କ ବ୍ୟକ୍ତିତ୍ୱ ଉପରେ ଆଞ୍ଚ ଆଣିପାରେ। ତେଣୁ ଏଭଳି ଅଭ୍ୟାସଠାରୁ ନିଜକୁ ନିବୃତ୍ତ ରଖିବା ଆବଶ୍ୟକ।

**ୟୁନିକ ହେବା ଭଲ:** ଅନ୍ୟମାନଙ୍କଠାରୁ କିଛି ଅଲଗା କରିବାକୁ ଚେଷ୍ଟା କରନ୍ତୁ। ନିଜ ଭିତରେ ଲୁଚି ରହିଥିବା ପ୍ରତିଭାକୁ ପରିପ୍ରକାଶ କରନ୍ତୁ। ଏହା ଧୀରେ ଧୀରେ ଆଦୃତ ହେବା ଦ୍ୱାରା ଆପଣଙ୍କର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇପାରିବ। ହେଲେ ମନେରଖନ୍ତୁ ୟୁନିକ ହେବା ଆଳରେ ଏଭଳି କୌଣସି କାର୍ଯ୍ୟ କରନ୍ତୁ ନାହିଁ, ଯାହା ଆପଣଙ୍କୁ ପରିହାସର ପାତ୍ର କରାଇବ ଅବା ଆପଣଙ୍କ ବ୍ୟକ୍ତିତ୍ୱ ଉପରେ ଆଞ୍ଚ ଆଣିବ।





### ୟୁଥ୍ କ୍ଲବ୍

# ଲକ୍ଷ୍ୟ ଗ୍ରାମାଞ୍ଚଳର ସର୍ବାଙ୍ଗୀନ ବିକାଶ

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଜାମୁଝାଡ଼ି ପଞ୍ଚାୟତ ଅଧୀନ ଗୌଡ଼ପଡ଼ା ଅଞ୍ଚଳରେ ୧୯୯୨ ମସିହାରେ ସ୍ଥାନୀୟ ଯୁବକମାନଙ୍କ ଦ୍ୱାରା ଗଠନ ହୋଇଥିଲା 'ନେତାଜୀ ୟୁଥ୍ କ୍ଲବ'। ବିଭିନ୍ନ ଜନହିତକର କାର୍ଯ୍ୟ ଲକ୍ଷ୍ୟ ନେଇ ମାତ୍ର କେତେଜଣ ଯୁବକଙ୍କୁ ନେଇ ଆରମ୍ଭ ହୋଇଥିବା ଏହି କ୍ଲବ୍‌ର ବର୍ତ୍ତମାନ ସଦସ୍ୟ ସଂଖ୍ୟା ୭୦। ବର୍ଷ ତମାମ ଗ୍ରାମାଞ୍ଚଳର ଉନ୍ନତି ପାଇଁ ବିଭିନ୍ନ କାର୍ଯ୍ୟ କରି ସେମାନେ ସ୍ଥାନୀୟ ଅଞ୍ଚଳରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ପ୍ରତିବର୍ଷ ଜାନୁୟାରୀ ୨୩ରେ କ୍ଲବର ବାର୍ଷିକ ଉତ୍ସବ ପାଳନ କରାଯାଇଥାଏ, ଯେଉଁଥିରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇ ସ୍ଥାନୀୟ ଲୋକଙ୍କୁ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଥାଏ। ଏହାବ୍ୟତୀତ କ୍ଲବର ସଭ୍ୟମାନଙ୍କ ଦ୍ୱାରା ରକ୍ତଦାନ ଶିବିର, ବୃକ୍ଷରୋପଣ, ଅଗ୍ନିକାଣ୍ଡ ବିପନ୍ନମାନଙ୍କୁ ସହାୟତା, ଗରିବ ପରିବାରର କନ୍ୟାମାନଙ୍କ ବିବାହ ଇତ୍ୟାଦି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥାଏ। କରୋନା ସମୟରେ କ୍ଲବ୍ ପକ୍ଷରୁ ଅସହାୟ ବ୍ୟକ୍ତିମାନଙ୍କୁ ଖାଦ୍ୟ ବଣ୍ଟନ, ରହିବା ପାଇଁ ସହାୟତା ଇତ୍ୟାଦି ସୁବିଧା ଯୋଗାଇ ଦିଆଯାଇଥିଲା ।

ପ୍ରତିବର୍ଷ ଗୌଡ଼ପଡ଼ା ଲକ୍ଷ୍ମୀପୂଜା ମଣ୍ଡପରେ ଯୁବକମାନଙ୍କ ସହଯୋଗରେ ଲକ୍ଷ୍ମୀପୂଜା ଉତ୍ସବ ୫ରୁ ୭ଦିନ ବ୍ୟାପୀ ଆୟୋଜନ କରାଯାଇଥାଏ। ଗ୍ରାମାଞ୍ଚଳର କୁନିକୁନି ପିଲାମାନଙ୍କ ଅନ୍ତର୍ନିହିତ ଗୁଣର ପରିପ୍ରକାଶ ପାଇଁ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥାଏ। ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। କ୍ଲବର ସଭାପତି ଦିଲୀପ କୁମାର ମହାକୁଡ଼ କୁହନ୍ତି, ଗତ ୩୧ ବର୍ଷ ପୂର୍ବେ ଏହି ୟୁଥ୍ କ୍ଲବ ଗଠିତ ହୋଇଥିଲା । ନିୟମ ଅନୁସାରେ ସମଗ୍ର ପଞ୍ଚାୟତର ବିକାଶ ପାଇଁ ପ୍ରତ୍ୟେକ ୱାର୍ଡରୁ ଯୁବକମାନେ ଏଥିରେ ଯୋଗ ଦେଇଥାଆନ୍ତି। ପୂର୍ବରୁ ବଡ଼ ଭାଇମାନେ ଦାୟିତ୍ୱ ନେଉଥିଲେ । ପର୍ଯ୍ୟାୟକ୍ରମେ ବର୍ତ୍ତମାନ ଆମେ ଏହାର ଦାୟିତ୍ୱ ସମସ୍ତଙ୍କ ସହଯୋଗରେ ତୁଲାଉଛୁ। ସେହିପରି ସମ୍ପାଦକ ଉମେଶ ଚନ୍ଦ୍ର ପରିଡ଼ା କୁହନ୍ତି, ଏହି କ୍ଲବରେ ଥିବା ମୋଟ ୭୦ଜଣ ସଭ୍ୟଙ୍କ ମଧ୍ୟରୁ ସକ୍ରିୟ ସଭ୍ୟ ରୂପେ ଦେବେନ୍ଦ୍ର ଜେନା, ସନ୍ତୋଷ ସେଠୀ, ଅଭୟ ବିଶ୍ୱାଳ, ହିମାଂଶୁ ପଡ଼ିହାରୀ, ଅଜୟ ବେହେରା, ସୁମିତ ପରିଡ଼ା, ରମାକାନ୍ତ ଦଳାଇ, ତପନ ସାହୁ, ଅକ୍ଷୟ ବିଶ୍ୱାଳ, ଉଜ୍ଜ୍ୱଳ ବାରିକ ପ୍ରମୁଖଙ୍କ ସମେତ ୪୦ଜଣ ଅଛନ୍ତି। ବାହାରେ ରହୁଥିବା ଯୁବକମାନେ ଆର୍ଥିକ ସହଯୋଗ ଦେଇଥାଆନ୍ତି। ତେବେ ଅଞ୍ଚଳର ସର୍ବାଙ୍ଗୀନ ବିକାଶ ଆମମାନଙ୍କର ପ୍ରାଥମିକ ଲକ୍ଷ୍ୟ ବୋଲି ସଦସ୍ୟମାନେ ପ୍ରକାଶ କାରିଛନ୍ତି।

– ସନ୍ତୋଷ କୁମାର ନାୟକ


'ନେତାଜୀ ୟୁଥ୍ କ୍ଲବ'ର ସଦସ୍ୟମାନେ।

# କର୍ଣାଟକ ଖେଳାଳିଙ୍କ ୪ ଜାତୀୟ ରେକର୍ଡ



ଆକ୍ୱାଟିକ୍ ଚାମ୍ପିୟନଶିପ୍‌ର ଚତୁର୍ଥ ଦିବସରେ ଏକ ଇଭେଣ୍ଟରେ ଭାଗନେଇଥିବା ଜଣେ ପ୍ରତିଯୋଗୀ।

## କଳିଙ୍ଗରେ ଜୁନିୟର ସନ୍ତରଣ

ଭୁବନେଶ୍ୱର,୧୯।୮(ସରୋଜ ଜେନା)

କଳିଙ୍ଗ ଷ୍ଟାଡିୟମର ନବନିର୍ମିତ ଇନ୍‌ଡୋର ଆକ୍ୱାଟିକ୍ ସେଣ୍ଟରରେ ବୁଧବାର ୩୯ତମ ସବ୍‌ଜୁନିୟର ଓ ୪୯ତମ ଜୁନିୟର ଜାତୀୟ ଆକ୍ୱାଟିକ୍ ଚାମ୍ପିୟନଶିପ୍‌ର ଚତୁର୍ଥ ଦିବସରେ କର୍ଣାଟକର ଆଧିପତ୍ୟ ଜାରି। କର୍ଣାଟକର ୪ ଜଣ ଖେଳାଳି ଜାତୀୟ ରେକର୍ଡ ନିଜ ନାମରେ କରିଛନ୍ତି। କର୍ଣାଟକର ବିଦିଥ୍ ଏସ୍ ଶଙ୍କର ପୂର୍ବରୁ ନିଜ ନାମରେ ଥିବା ଜାତୀୟ ରେକର୍ଡ ଭାଙ୍ଗିଛନ୍ତି। ଶନିବାର ବିଦିଥ୍ ୧:୦୪.୨୬ ସେକେଣ୍ଡର ସମୟ ନେଇଥିବା ବେଳେ ୧:୦୫.୦୪ ତାଙ୍କର ପୂର୍ବ ଶ୍ରେଷ୍ଠ ପ୍ରଦର୍ଶନ ରହିଥିଲା। ଝାଡ଼ଖଣ୍ଡର ରାଣା ପ୍ରତାପ ଚମତ୍କାର ପ୍ରଦର୍ଶନ କରିଥିଲେ ମଧ୍ୟ ଅଳ୍ପକେ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ।

୧୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ରେ ତାମିଲନାଡୁର ଏମ୍ ଏସ୍ ନୀତିଶ ୧:୦୮.୮୦ ସେକେଣ୍ଡର ଟାଇମିଂ ସହିତ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ମହାରାଷ୍ଟ୍ରର ଅର୍ଜିତ ସମୀର ମୋର୍ଭେକାର ୧:୧୧.୪୩ ସେକେଣ୍ଡର ଟାଇମିଂ ସହ ରୌପ୍ୟ ଓ ଗୁଜରାଟର ଆରହାନ ହର୍ଷ ୧:୧୧.୪୫ ସେକେଣ୍ଡର ଟାଇମିଂ ସହ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୨୦୦ ମିଟର ବଟର ଫ୍ଲାଏ ଇଭେଣ୍ଟରେ କର୍ଣାଟକର ଅକ୍ଷଜ ଠାକୁରିଆ ୨:୧୩.୮୨ ସେକେଣ୍ଡର ଟାଇମିଂ ସହିତ ସ୍ୱର୍ଣ୍ଣ, ଆନ୍ଧ୍ରପ୍ରଦେଶର ଯଜ୍ଞ ସାଇ ମୋଙ୍ଗାମ ୨:୧୬.୦୭ ସେକେଣ୍ଡ ସହ ରୌପ୍ୟ ଓ କର୍ଣାଟକର ହରି କାର୍ତ୍ତିକ ଭେଲୁ ୨:୧୭.୫୧ ସେକେଣ୍ଡ ସହ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ୧୦୦ ମିଟର ବାଳକ ବଟର ଫ୍ଲାଏ ଇଭେଣ୍ଟରେ ତାମିଲନାଡୁର ଅବଦୁଲ୍ ହଫିଜ୍ ୧:୦୮.୯୮ର ଟାଇମିଂ ସହ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଉତ୍ତର ପ୍ରଦେଶର ଅଜିତ୍ ଯାଦବ ୧:୧୦.୭୧ ସେକେଣ୍ଡର ଟାଇମିଂ ସହ ରୌପ୍ୟ ଓ କର୍ଣାଟକର ବେଦାନ୍ତ ଆନନ୍ଦ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

୧୦୦ ମିଟର ବାଳିକା ବଟର ଫ୍ଲାଏ ଇଭେଣ୍ଟରେ ତେଲଙ୍ଗାନାର ଭ୍ରିତି ଅଗ୍ରୱାଲ ୨:୨୩.୫୫ ସେକେଣ୍ଡର ଟାମିଂ ସହିତ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। କର୍ଣାଟକର ହାଶିକା ରାମଚନ୍ଦ୍ର ୨:୨୩.୬୪ ସେକେଣ୍ଡର ଟାଇମିଂ ସହ ଅଳ୍ପକେ ସ୍ୱର୍ଣ୍ଣରୁ ବଞ୍ଚିତ ହୋଇଥିଲେ। ମହାରାଷ୍ଟ୍ରର ଧ୍ରିତି ଯୋଗେଶ ୨:୨୮.୦୪ ସେକେଣ୍ଡର ଟାଇମିଂ ସହିତ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

୨୦୦ ମିଟର ବାଳିକା ବଟର ଫ୍ଲାଏ ଇଭେଣ୍ଟରେ କର୍ଣାଟକର ତନିଶି ଗୁପ୍ତା ଓ ଧୀନିଧି ଦେଶିଙ୍ଗୁ ଜାତୀୟ ରେକର୍ଡ ଭାଙ୍ଗିଥିଲେ। ୨୦୧୯ରୁ ଅପେକ୍ଷା ଫର୍ନାଣ୍ଡେସ୍‌ଙ୍କ ୨:୨୩.୬୭ ସେକେଣ୍ଡର ଜାତୀୟ ରେକର୍ଡ ଭାଙ୍ଗିଥିଲେ ଉଭୟ ଖେଳାଳି। ତନିଶି ୨:୨୧.୪୫ର ଟାଇମିଂ ସହ ସ୍ୱର୍ଣ୍ଣ ଓ ଧୀନିଧି ୨:୨୨.୧୮ ସେକେଣ୍ଡର ଟାଇମିଂ ସହ ରୌପ୍ୟ ପଦକ ହାସଲ କରିଥିଲେ। ମହାରାଷ୍ଟ୍ରର ସଚିନ୍ ଆମ୍ବେକ୍ତା ୨:୩୧.୯୫ ସେକେଣ୍ଡର ସମୟ ସହ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

ବାଳକ ୫୦ ମିଟର ଫ୍ରିଷ୍ଟାଇଲ ଇଭେଣ୍ଟରେ କର୍ଣାଟକର ଇଶାନ ମେହେରା ୨୪.୬୮ ସେକେଣ୍ଡର ଟାଇମିଂ ସହିତ ନିଜ ନାମରେ ଥିବା ଜାତୀୟ ରେକର୍ଡ ଭାଙ୍ଗିଥିଲେ। ଏହା ପୂର୍ବରୁ ୨୪.୭୧ ସେକେଣ୍ଡର ରେକର୍ଡ ତାଙ୍କ ନାମରେ ରହିଥିଲା। ତାମିଲନାଡୁର ନିତିସାଇ ହରିନାଥ ୨୫.୬୦ ସେକେଣ୍ଡ ସହିତ ରୌପ୍ୟ ଓ ଆସାମର ନିବିର ହଜାରିକର ୨୫.୮୯ ସେକେଣ୍ଡର ଟାଇମିଂ ସହ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

# ତୃଣମୂଳ ସ୍ତରରୁ ସୃଷ୍ଟିହେବେ ସ୍ପ୍ରିଣ୍ଟର



କୃତୀ ପ୍ରତିଯୋଗୀଙ୍କ ସହିତ ଏସ୍‌ଏସ୍‌ଆଇଏ ମୁଖ୍ୟ ଡ. ସାର୍ଥକ ପଟ୍ଟନାୟକ ଓ ଅନ୍ୟମାନେ। (ଫଟୋ: ବିକାଶ ନାୟକ)

## ଓଡ଼ିଶାରେ ଲଞ୍ଚ ହେଲା ଏସ୍‌ଏସ୍‌ଆଇଏ

ଭୁବନେଶ୍ୱର,୧୯।୮(ସରୋଜ ଜେନା)

ଭୁବନେଶ୍ୱରରେ ଶନିବାର ଲଞ୍ଚ ହୋଇଛି ସ୍ପୋର୍ଟ୍ସ ସାଇନ୍ସ ଇଣ୍ଡିଆ ଏକାଡେମୀ ଅଫ୍ ସ୍ପ୍ରିଣ୍ଟର୍ସ(ଏସ୍‌ଏସ୍‌ଆଇଏ)। ସ୍ପୋର୍ଟ୍ସ ସାଇନ୍ସ ଇଣ୍ଡିଆ(ଏସ୍‌ଏସ୍‌ଆଇ) ପକ୍ଷରୁ ସ୍ଥାପନ କରାଯାଇଥିବା ଏହି ସଙ୍ଗଠନ ତୃଣମୂଳ ସ୍ତରରୁ ସ୍ପ୍ରିଣ୍ଟରମାନଙ୍କୁ ଚୟନ କରି ସେମାନଙ୍କ ଦକ୍ଷତା ବିକାଶ ଦିଗରେ କାର୍ଯ୍ୟ କରିବ। ଆର୍ଥୋସ୍କୋପିକ୍ ସର୍ଜନ ତଥା ସ୍ପୋର୍ଟ୍ସ ସାଇନ୍ସ ବିଶେଷଜ୍ଞ ଡ. ସାର୍ଥକ ପଟ୍ଟନାୟକ ଓ ସୌମ୍ୟ ପଟ୍ଟନାୟକଙ୍କ ଦ୍ୱାରା ଏହି ସଂସ୍ଥା ପ୍ରତିଷ୍ଠିତ। ରାଜ୍ୟବ୍ୟାପୀ ବିଭିନ୍ନ ଅଞ୍ଚଳରୁ ପ୍ରତିଭା ଚିହ୍ନଟ କରାଯିବା ସହିତ ସେମାନଙ୍କ ଦକ୍ଷତା ବିକାଶ ଏହି ସଙ୍ଗଠନର ପ୍ରାଥମିକ ଲକ୍ଷ୍ୟ ରହିଥିବା ପ୍ରକାଶ କରିଛନ୍ତି ସାର୍ଥକ ପଟ୍ଟନାୟକ। ପ୍ରାଥମିକ ଭାବରେ ଦକ୍ଷତା ବିକାଶ ପାଇଁ ଏକ ପ୍ରତିଯୋଗିତାର ଆୟୋଜନ କରିଥିଲା ଏସ୍‌ଏସ୍‌ଆଇ। ଅଗଷ୍ଟ ୧୨ରୁ ୧୫ ମଧ୍ୟରେ ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳର ୭ ସ୍କୁଲର ୨୦୦ରୁ ଅଧିକ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ବୟସ ବର୍ଗ(୧୦, ୧୧ ଓ ୧୨ ବର୍ଷରୁ କମ୍)ରେ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତା ମାଧ୍ୟମରେ ୧୮ ଜଣ କୃତୀ ପ୍ରତିଯୋଗୀଙ୍କୁ ଚିହ୍ନଟ କରାଯାଇଥିବା ବେଳେ ଏମାନଙ୍କୁ ଏସ୍‌ଏସ୍‌ଆଇ ପକ୍ଷରୁ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏହା ସହିତ ବିଭିନ୍ନ ବସ୍ତି ଅଞ୍ଚଳର ଛାତ୍ରୀଛାତ୍ରମାନଙ୍କୁ ମାଗଣାରେ ପ୍ରଶିକ୍ଷଣ ଦିଆଯିବ। ଏହି ପ୍ରତିଯୋଗିତାରେ ହାଙ୍ଗଝୌରେ ହେବାକୁ ଥିବା ଏସିଆନ୍ ଗେମ୍ସ ୨୦୨୩ରେ ଭାଗନେବାକୁ ଥିବା ଭାରତୀୟ ଦଳକୁ ଶୁଭେଚ୍ଛା ଜଣାଇ ଏକ ହ୍ୱାଇଟ ବୋର୍ଡରେ ସ୍ୱାକ୍ଷର ଅଭିଯାନ କରାଯାଇଥିଲା।

ଯୁବ ପ୍ରତିଭାମାନଙ୍କୁ କିଭଳି ଆହତ ସମସ୍ୟାରୁ ଦୂରରେ ରଖାଯିବ ଏବଂ ସ୍ପୋର୍ଟ୍ସ ସାଇନ୍ସ ମାଧ୍ୟମରେ କିଭଳି ସେମାନଙ୍କ ପ୍ରଦର୍ଶନକୁ ଆହୁରି ବିକଶିତ କରାଯାଇପାରିବ ତାହା ଏକାଡେମିର ଲକ୍ଷ୍ୟ ବୋଲି କହିଥିଲେ ସାର୍ଥକ। କେବଳ ଖେଳାଳି ନୁହନ୍ତି ବରଂ କୋଚ୍ ଏବଂ ଫିଜିଓମାନଙ୍କୁ ମଧ୍ୟ ଏଠାରେ ପ୍ରଶିକ୍ଷଣ ପ୍ରଦାନ କରାଯିବ। ବର୍ତ୍ତମାନ ସୁଦ୍ଧା ସମଗ୍ର ଦେଶରେ ଏସ୍‌ଏସ୍‌ଆଇର ଦୁଇଟି ୟୁନିଟ୍ କାର୍ଯ୍ୟକ୍ଷମ ହୋଇଥିବା ବେଳେ ଆଗାମୀ ଦିନରେ ଦେଶ ତଥା ବିଦେଶରେ ଏହାର ନୂତନ ଶାଖା ଖୋଲାଯିବ। ଓଡ଼ିଶାରେ କ୍ରୀଡା ପ୍ରତିଭାର ଅଭାବ ନ ଥିବା ବେଳେ ଦୃଢ ଭିତ୍ତିଭୂମି ମଧ୍ୟ ଉପଲବ୍ଧ ରହିଛି। ଆଗାମୀ ଦିନରେ ସ୍ପ୍ରିଣ୍ଟରେ ଓଡ଼ିଶାକୁ ଏକ ସ୍ପୋର୍ଟିଂ ହବ୍ ଭାବରେ ଗଢିତୋଳିବା ଏସ୍‌ଏସ୍‌ଆଇଏର ଲକ୍ଷ୍ୟ ବୋଲି ସେ କହିଛନ୍ତି। ଏହା ସହିତ ଡୋପିଂ ମାମଲା ଉପରେ ମଧ୍ୟ ପ୍ରତିକ୍ରିୟା ରଖିଥିଲେ ସାର୍ଥକ। କୌଣସି ବି ଆଥ୍‌ଲେଟ ଉପଯୁକ୍ତ ଡାକ୍ତରଙ୍କ ବିନା ପରାମର୍ଶରେ ଔଷଧ ସେବନ କରିବା ଅନୁଚିତ। କ୍ରୀଡା ବିଶେଷଜ୍ଞ ଡାକ୍ତରଙ୍କ ପରାମର୍ଶ କ୍ରମେ ହିଁ ଆଥ୍‌ଲେଟମାନେ ଔଷଧ ସେବନ କରିବା ଉଚିତ ବୋଲି ସେ କହିଥିଲେ।

# ସିରିଜ ବିଜୟ ଲକ୍ଷ୍ୟରେ ଭାରତ

## ଦ୍ୱିତୀୟ ଟି୨୦

ଡବ୍‌ଲିନ୍,୧୯।୮(ପି.ଟି.)

ଆୟର୍ଲାଣ୍ଡ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ରବିବାର ଖେଳାଯିବ। ଏହି ମ୍ୟାଚ୍‌କୁ ଜିତିବା ସହିତ ଭାରତ ସିରିଜ ଜିତିବାକୁ ପ୍ରୟାସ କରିବ। ପ୍ରଥମ ମ୍ୟାଚରେ ଭାରତୀୟ ବୋଲର ପ୍ରଭାବୀ ବୋଲିଂ କରିଥିବା ବେଳେ ବର୍ଷା କାରଣରୁ ବ୍ୟାଟରମାନଙ୍କୁ ସୁଯୋଗ ମିଳି ନ ଥିଲା। ତେବେ ଦ୍ୱିତୀୟ ଟି୨୦ରେ ଯୁବ ଭାରତୀୟ ବ୍ୟାଟର ନିଜର ଦକ୍ଷତା ଦେଖାଇବାକୁ ପ୍ରୟାସ କରିବେ। ୧୩ ମାସ ପରେ ଷ୍ଟ୍ରେସ୍ ଫ୍ରାକ୍ଚରରୁ ପ୍ରତ୍ୟାବର୍ତ୍ତନ କରିଥିବା ଯଶପ୍ରୀତ୍ ବୁମ୍‌ରା ଚମତ୍କାର ବୋଲିଂ କରି ଆରମ୍ଭରୁ ଦୁଇ ଉଇକେଟ ନେଇଥିଲେ। ଚିରାଚରିତ ଭାବରେ ନିଜ ପେସ୍‌ରେ ବୋଲିଂ କରିବା ସହିତ ଏକ ଇନ୍‌ସୁଇଙ୍ଗ ୟର୍କର ଜରିଆରେ ବୋଲ୍ଡ କରିଥିଲେ। କେବଳ ବୁମ୍‌ରା ନୁହନ୍ତି, ଆଉ ଜଣେ ପଦାର୍ପଣକାରୀ ପ୍ରସିଦ୍ଧ କ୍ରିଷ୍ଣା ମଧ୍ୟ ଚମତ୍କାର ବୋଲିଂ କରି ଦୁଇଟି ଉଇକେଟ ନେଇଥିଲେ। ଲେଗ୍ ସ୍ପିନର ରବି ବିଷ୍ଣୋଇ ମଧ୍ୟ ଦୁଇଟି ସଫଳତା ହାସଲ କରିଥିଲେ। ଆୟର୍ଲାଣ୍ଡ ୭ ଉଇକେଟ ହରାଇ ୧୩୯ ରନ୍ ସ୍କୋର କରିଥିବା ବେଳେ ଭାରତ ୨ ଉଇକେଟ ହରାଇ ୪୭ ରନ୍ କରିଥିଲା। ଡର୍କୱର୍ଥ ଲୁଇସ୍ ନିୟମ ଅନୁସାରେ ଭାରତ ଏହି ମ୍ୟାଚ୍‌କୁ ୨ ରନ୍‌ରେ ବିଜୟୀ ହୋଇଥିଲେ ମଧ୍ୟ ଭାରତର ମିଡିଲ୍ ଅର୍ଡର ବ୍ୟାଟିଂ ସୁଯୋଗ ପାଇ ନ ଥିଲା।

ଦୀର୍ଘ ଦିନ ପରେ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା ଶିବମ ଦୁବେ ଏକ ଭଲ ଇନିଂସ ଲକ୍ଷ୍ୟରେ ରହିଥିବା ବେଳେ ଋତୁରାଜ ଗାଏକ୍ୱାଡ ଓ ରିଙ୍କୁ ସିଂ ମଧ୍ୟ ସମାନ ଆଶା ରଖିବେ। ଅନ୍ୟ ପକ୍ଷରେ ଯଶସ୍ୱୀ ଜୟସ୍ୱାଲ ଏକ ଭଲ ଆରମ୍ଭ ପାଇଥିଲେ ମଧ୍ୟ ଏହାକୁ ବଡ ସ୍କୋରରେ ରୂପାନ୍ତରିତ କରିବାରେ ବିଫଳ ହୋଇଥିଲେ। ୱେଷ୍ଟଇଣ୍ଡିଜ୍ ସିରିଜରେ ଟପ୍ ସ୍କୋରର ରହିଥିବା ତିଳକ ବର୍ମା ଖାତା ଖୋଲିବାରେ ବିଫଳ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚରେ ଭଲ ସ୍କୋରର ଆଶା ରଖିବେ। ଅନ୍ୟପକ୍ଷରେ ସଞ୍ଜୁ ସାମସନଙ୍କ ପାଇଁ ଏହା କର ଅବା ମର ସିରିଜ ରହିଥିବା ବେଳେ ଦ୍ୱିତୀୟ ଟି୨୦ରୁ ସେ ମଧ୍ୟ ଫାଇଦା ଉଠାଇବାକୁ ପ୍ରୟାସ କରିବେ। ଅନ୍ୟପକ୍ଷରେ ବୋଲିଂ ଅଲରାଉଣ୍ଡର ୱାଶିଂଟନ୍ ସୁନ୍ଦର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସ୍ଥାନ ପୂରଣ କରିବାକୁ ପ୍ରୟାସ କରିବେ। ଭାରତୀୟ ବୋଲର ପ୍ରଥମ ଟି୨୦ରେ ଚମତ୍କାର ବୋଲିଂ କରିଥିବା ବେଳେ ଅଧିନାୟକ ଯଶପ୍ରୀତ୍ ବୁମ୍‌ରା ପ୍ଲେୟର ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଥିଲେ। ଦ୍ୱିତୀୟ ଟି୨୦ରେ ଭାରତ ଟସ୍ ଜିତିଲେ ବୋଲିଂ ନିଷ୍ପତ୍ତି ନେବ ବୋଲି ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି ରବି ବିଷ୍ଣୋଇ। ଅନ୍ୟପକ୍ଷରେ ଘରୋଇ ଆୟର୍ଲାଣ୍ଡ ଦୃଢ ଭାବରେ ପ୍ରତ୍ୟାବର୍ତ୍ତନ କରିବାକୁ ପ୍ରୟାସ କରିବ। ପ୍ରଥମ ମ୍ୟାଚରେ ଆୟର୍ଲାଣ୍ଡର ଟପ୍ ଅର୍ଡର ବିଫଳ ହୋଇଥିବା ବେଳେ ବରିଷ୍ଠ ଖେଳାଳିଙ୍କୁ ପ୍ରଦର୍ଶନରେ ଉନ୍ନତି ଆଣିବାକୁ ପଡିବ। ପଲ୍ ଷ୍ଟର୍ଲିଂ, ଆଣ୍ଡ୍ର୍ୟୁ ବାଲବିରିନ୍, ଜୋଶୁଆ ଲିଟିଲ, କ୍ରେଗ୍ ୟଙ୍ଗ ଓ ଜର୍ଜ ଡକରେଲ୍‌ଙ୍କ ପରି ଖେଳାଳିଙ୍କୁ ପ୍ରଦର୍ଶନରେ ଉନ୍ନତି ଆଣିବାକୁ ପଡିବ। ଆଗାମୀ ଏସିଆ କପ୍ ତଥା ଦିନିକିଆ ବିଶ୍ୱକପ୍ ପାଇଁ ଏହା ଭାରତୀୟ ଦଳର ପ୍ରସ୍ତୁତି ସିରିଜ ହୋଇଥିବା ବେଳେ ସମସ୍ତଙ୍କ ନଜର ଏହା ଉପରେ ରହିବ।

**ମ୍ୟାଚ୍ ସ୍ଥାନ: ଦ ଭିଲେଜ୍, ଡବ୍‌ଲିନ୍**
**ସମୟ: ସନ୍ଧ୍ୟା ୭.୩୦**
**ପ୍ରସାରଣ: ସ୍ପୋର୍ଟ୍ସ ୧୮**

# ସର୍ଦ୍ଦାରଙ୍କ ନେତୃତ୍ୱରେ ୪୦ ଜଣିଆ ଟିମ୍

## ପୁରୁଷ ସବ୍‌ଜୁନିୟର ହକି କ୍ୟାମ୍ପ

ନୂଆଦିଲ୍ଲୀ,୧୯।୮(ପି.ଟି.)

ହକି ଇଣ୍ଡିଆ ପକ୍ଷରୁ ସବ୍‌ଜୁନିୟର ପୁରୁଷ ଦଳର କ୍ୟାମ୍ପ ପାଇଁ ୪୦ ଜଣିଆ କୋର୍ ଗ୍ରୁପ୍ ଘୋଷଣା କରାଯାଇଛି। ରାଉରକେଲାର ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ଏହି କ୍ୟାମ୍ପ ଅନୁଷ୍ଠିତ ହେବ। ପୂର୍ବତନ ଭାରତୀୟ ଖେଳାଳି ସର୍ଦ୍ଦାର ସିଂଙ୍କୁ ଏହି ଦଳର କୋଚ୍ ଭାବରେ ନିଯୁକ୍ତ କରାଯାଇଛି। ଯୁବ ପ୍ରତିଭାମାନଙ୍କୁ ଅନ୍ତର୍ଜାତୀୟ ଅଭିଜ୍ଞତା ପ୍ରଦାନ କରିବା ପାଇଁ ହକି ଇଣ୍ଡିଆ ପକ୍ଷରୁ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି କ୍ୟାମ୍ପ ପରେ ୟୁରୋପ ଗସ୍ତରେ ଯାଇ ଭାରତୀୟ ଦଳ ମ୍ୟାଚ୍ ଖେଳିବ।

# ବିଶ୍ୱକପ୍ ମାସ୍କଟ ଲଞ୍ଚ

ନୂଆଦିଲ୍ଲୀ,୧୯।୮(ପି.ଟି.)

ଭାରତରେ ହେବାକୁ ଥିବା ଦିନିକିଆ କ୍ରିକେଟ ବିଶ୍ୱକପ୍ ପାଇଁ ଶନିବାର ଗୁରୁଗ୍ରାମରେ ଆଇସିସି ପକ୍ଷରୁ ମାସ୍କଟ ଲଞ୍ଚ କରାଯାଇଛି। ୧୯ ବର୍ଷରୁ କମ୍ ବିଶ୍ୱକପ୍ ବିଜୟୀ ଭାରତୀୟ ପୁରୁଷ ଓ ମହିଳା ଦଳର ଅଧିନାୟକ ଯଶ ଧୂଲ ଓ ଶେଫାଳି ବର୍ମା ମାସ୍କଟର ଉନ୍ମୋଚନ କରିଥିଲେ। ଲିଙ୍ଗଗତ ସମାନତା ପାଇଁ ଚଳିତ ବର୍ଷ ଦୁଇଟି ମାସ୍କଟ ରଖାଯାଇଛି। ପୁରୁଷ ମାସ୍କଟଟି ଟର୍ବୋ ପାୱାର ବ୍ୟାଟ ସହ ବ୍ୟାଟିଂ କରୁଥିବା ବେଳେ ମହିଳା ମାସ୍କଟକୁ ବୋଲିଂର ପ୍ରତୀକ ଭାବରେ ରଖାଯାଇଛି।




# ଫିଫା ମହିଳା ବିଶ୍ୱକପ୍ | ସୁଇଡେନ୍‌କୁ ବ୍ରୋଞ୍ଜ ପଦକ



ଗୋଲ୍ ସ୍କୋର ପରେ ଖୁସି ମୁହୂର୍ତ୍ତରେ ସୁଇଡେନ ଖେଳାଳି।

ବ୍ରିସ୍‌ବେନ୍,୧୯।୮(ପି.ଟି.)

ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ ଅନୁଷ୍ଠିତ ମହିଳା ଫୁଟବଲ ବିଶ୍ୱକପ୍‌ରେ ବ୍ରୋଞ୍ଜ ପଦକ ହାସଲ କରିଛି ସୁଇଡେନ୍। ଶନିବାର ଖେଳାଯାଇଥିବା ତୃତୀୟ ସ୍ଥାନ ମୁକାବିଲାରେ ଦଳ ଘରୋଇ ଅଷ୍ଟ୍ରେଲିଆକୁ ୨-୦ରେ ପରାସ୍ତ କରିଛି। ଦଳ ପକ୍ଷରୁ ଫ୍ରିଡୋଲିନା ରୋଲ୍ଫୋ(୩୦ ମିନିଟ) ଓ କୋସୋଭେରେ ଆସଲାନି(୬୨ ମିନିଟ) ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ମହିଳା ବିଶ୍ୱକପ୍‌ରେ ସୁଇଡେନ୍‌ର ଏହା ଚତୁର୍ଥ ବ୍ରୋଞ୍ଜ ପଦକ। ପୂର୍ବରୁ ୧୯୯୧, ୨୦୧୧ ଓ ୨୦୧୯ରେ ଦଳ ତୃତୀୟ ସ୍ଥାନରେ ରହିଥିଲା। ସ୍ପେନ୍ ନିକଟରୁ ସେମିରେ ପରାଜିତ ହେବା ପରେ ସୁଇଡେନ୍ ଦୃଢ ଭାବରେ ପ୍ରତ୍ୟାବର୍ତ୍ତନ କରିଥିଲା। ଆକ୍ରମଣାତ୍ମକ ଫୁଟବଲ ଖେଳିବା ସହିତ ଦଳ ୫୪ ପ୍ରତିଶତ ସମୟ ବଲକୁ ନିୟନ୍ତ୍ରଣରେ ରଖିଥିଲା। ସ୍ପେନ୍ ପକ୍ଷରୁ ୧୮ଟି ଫାଉଲ ମରାଯାଇଥିବା ବେଳେ ଦଳକୁ ଦୁଇଟି ରେଡ୍‌କାର୍ଡ ମିଳିଥିଲା।

ପ୍ରଥମ ୨୫ ମିନିଟର ଖେଳରେ ଉଭୟ ଦଳର ପ୍ରଦର୍ଶନ ପ୍ରାୟତଃ ସମାନ ରହିଥିଲା। ତେବେ ୩୦ତମ ମିନିଟରେ ମିଳିଥିବା ପେନାଲ୍ଟି କିକ୍‌ରୁ ପ୍ରଥମ ଗୋଲ ଦେଇଥିଲା ସୁଇଡେନ। ଅଷ୍ଟ୍ରେଲିଆର ଡିଫେଣ୍ଡର କ୍ଲେୟାର ହଣ୍ଟ ସୁଇଡେନ୍‌ର ଷ୍ଟିନା ବ୍ଲାକ୍‌ଷ୍ଟେନିସଙ୍କୁ ଫାଉଲ୍ ମାରିଥିଲେ। ଭାର୍ ରେଫରାଲ ପରେ ରେଫରି ଏହାକୁ ପେନାଲ୍ଟି କିକ୍ ଦେଇଥିଲେ। ଫ୍ରିଡୋଲିନା ରୋଲ୍ଫୋ ପୋଷ୍ଟର ବାମପଟ କର୍ନରକୁ ଟାର୍ଗେଟ କରିବା ସହିତ ୧-୦ରେ ଆଗୁଆ କରିଥିଲେ। ପ୍ରଥମାର୍ଦ୍ଧରେ ୧-୦ରେ ଆଗୁଆ ରହିବା ପରେ ସୁଇଡେନ୍ ଦ୍ୱିତୀୟାର୍ଦ୍ଧରେ ଆକ୍ରମଣାତ୍ମକ ଖେଳିଥିଲା। ୬୨ ତମ ମିନିଟରେ ଷ୍ଟିନା ବ୍ଲାକ୍‌ଷ୍ଟେନିସଙ୍କ ଆସିଷ୍ଟରେ ସ୍କୋର କରିବାରେ ସମର୍ଥ ହୋଇଥିଲେ କୋସୋଭେରେ ଆସଲାନି। ୨୦ ଗଜ ଦୂରରୁ ଶଟ୍ ମାରିବା ସହିତ ଆସଲାନି ଅଷ୍ଟ୍ରେଲୀୟ ଗୋଲକିପରଙ୍କୁ ପରାସ୍ତ କରିଥିଲେ। ସୁଇଡେନ୍ ଗୋଲ୍ କିପର ଜେକିରା ମୁସୋଭିକ୍ ଗୋଟିଏ ବି ଗୋଲ ବରଣ କରି ନ ଥିବା ବେଳେ ଆଉ ଏକ କ୍ଲିନ୍ ସିଟ୍ ହାସଲ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ ରବିବାର ପ୍ରଥମ ଥର ଫାଇନାଲରେ ପ୍ରବେଶ କରିଥିବା ଇଂଲଣ୍ଡ ଓ ସ୍ପେନ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯିବ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ